# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩୦/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, March 30/2025 Page 16 ₹ 7.00 | SAMBALPUR

୫୧ଶ ଭାଗ ୧୨୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 124 ମୂଲ୍ୟ ₹୭/-


DSPL - 436

ଓଡ଼ିଶା ଶାସନ

ଅନ୍ତ୍ୟୋଦୟ ଗୃହ ଯୋଜନା



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ଶୁଭାରମ୍ଭ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀ**ଙ୍କ
କରକମଳରେ

# ଅନ୍ତ୍ୟୋଦୟ ଗୃହ ଯୋଜନା

## ପୂରଣ ହେବ ପକ୍କାଘର ଆଶା, ବିକଶିତ ହେବ ଆମ ଓଡ଼ିଶା

ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ, ଶହୀଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ, ବନ୍ୟା ବାତ୍ୟା କ୍ଷତିଗ୍ରସ୍ତ ଯୋଗ୍ୟ ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର ହେବ ।

**୩ ବର୍ଷରେ ବିନିଯୋଗ ହେବ ୭,୫୫୦ କୋଟି ଟଙ୍କା**

ଏବଂ

ସମୁଦାୟ ୭୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ

୩୦ ମାର୍ଚ୍ଚ ୨୦୨୫ । ଦିବା ୧୦.୩୦ ଘଟିକା
ଶ୍ରୀକୃଷ୍ଣ ନଗର ପଡ଼ିଆ, ରିସିଗାଁ, ଭବାନୀପାଟଣା, କଳାହାଣ୍ଡି

www.rhodisha.gov.in | ନିଃଶୁଳ୍କ ନମ୍ବର ୦୬୭୪- ୬୮ ୧୭୭୭୭

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

PRDeptOdisha | prdw_odisha | PRDWDeptOdisha

OIPR-19001/13/0015/2425

# ଭୂକମ୍ପ ମୃତ୍ୟୁ ୧୬୦୦ ଟପିଲା

ବ୍ୟାଙ୍କକ୍/ନୂଆଦିଲ୍ଲୀ,୨୯।୩

■୫୫ ଟନ୍ ରିଲିଫ୍ ସହାୟତା ପଠାଇଲା ଭାରତ
■ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍‌ର ୮୦ ଜଣିଆ ଟିମ୍

ମ୍ୟାନ୍‌ମାର ଏବଂ ଥାଇଲାଣ୍ଡରେ ସଂଘଟିତ ପ୍ରଳୟଙ୍କରୀ ଭୂକମ୍ପରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ମୃତ୍ୟୁସଂଖ୍ୟା ୧,୬୦୦ ଟପିଛି। ବିଲ୍ଡିଂଗୁଡ଼ିକର ଭଗ୍ନାବଶେଷ ତଳୁ ଅଧିକ ସଂଖ୍ୟାରେ ମୃତଦେହ ମିଳିବାରେ ଲାଗିଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ମ୍ୟାନ୍‌ମାରର ସାମରିକ ସରକାରଙ୍କ ସୂଚନା ଅନୁଯାୟୀ, ଶନିବାର ସୁଦ୍ଧା ୧,୬୪୪ ମୃତଦେହ ମିଳିବା ସହ ୩,୪୦୦ ଜଣ ଆହତ ହୋଇଛନ୍ତି। ଏହାବ୍ୟତୀତ ୩୦ ଜଣ ନିଖୋଜ ଥିବା ଜଣାପଡ଼ିଛି। ଭୂକମ୍ପ କ୍ଷତିଗ୍ରସ୍ତଙ୍କ ପାଇଁ ବିଭିନ୍ନ ଦେଶରୁ ରିଲିଫ୍ ସହାୟତା ପହଞ୍ଚିବାରେ ଲାଗିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ମ୍ୟାନ୍‌ମାର ସାମରିକ ସରକାରଙ୍କ ମୁଖ୍ୟ ମିନ୍ ଔଙ୍ଗ୍ ହ୍ଲାଇଙ୍ଗଙ୍କ ସହ କଥା ହୋଇଛନ୍ତି। ଭୂକମ୍ପ ବିପର୍ଯ୍ୟସ୍ତ ମ୍ୟାନ୍‌ମାର ଜନସାଧାରଣଙ୍କୁ ସେ ଭାରତ ତରଫରୁ ସମବେଦନା ଜଣାଇବା ସହ ସବୁ ପ୍ରକାର ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି କଠିନ ସମୟରେ ଭାରତ ମ୍ୟାନ୍‌ମାର ଲୋକଙ୍କ ସମର୍ଥନରେ ଛିଡ଼ା ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଉଦ୍ଧାର କାର୍ଯ୍ୟରେ ସହାୟତା ପାଇଁ ଭାରତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ୮୦ ଜଣିଆ ଟିମ୍ ପଠାଇଛି। ଭାରତ ପକ୍ଷରୁ 'ଅପରେଶନ ବ୍ରହ୍ମା' ନାମରେ ଭୂକମ୍ପ କ୍ଷତିଗ୍ରସ୍ତ ମ୍ୟାନ୍‌ମାର ଓ ଥାଇଲାଣ୍ଡକୁ ରିଲିଫ୍ ସହାୟତା ପଠାଯାଇଛି। ବାୟୁସେନାର ସି୧୩୦ଜେ ସାମରିକ ପରିବହନ ବିମାନ ଜରିଆରେ ମ୍ୟାନ୍‌ମାରର ୟାଙ୍ଗୁନ୍‌କୁ ୧୫ ଟନ୍ ରିଲିଫ୍ ସାମଗ୍ରୀ ପଠାଯାଇଛି। ଏଥିରେ ଟେଣ୍ଟ, ସ୍ଲିପିଂ ବ୍ୟାଗ୍, କମ୍ବଳ, ପ୍ରସ୍ତୁତ ଖାଦ୍ୟ, ଜଳ ବିଶୋଧକ, ସୋଲାର ଲ୍ୟାମ୍ପ, ଜେନେରେଟର ସେଟ୍ ଏବଂ ଅତ୍ୟାବଶ୍ୟକ ଔଷଧ ରହିଛି। ବାୟୁସେନାର ଆଉ ୨ଟି ବିମାନରେ ରିଲିଫ୍ ସାମଗ୍ରୀ ଖୁବ୍‌ଶୀଘ୍ର ହିଣ୍ଡନ ବାୟୁସେନା ଷ୍ଟେଶନରୁ ମ୍ୟାନ୍‌ମାରକୁ ପଠାଯିବ। ଏହା ବ୍ୟତୀତ ନୌସେନାର ୨ଟି ଜାହାଜ ଆଇଏନ୍‌ଏସ୍ ସାତପୁରା ଏବ ଆଇଏନ୍‌ଏସ୍ ସାବିତ୍ରୀ ୪୦ ଟନ୍ ମାନବୀୟ ସହାୟତା ନେଇ ମ୍ୟାନ୍‌ମାରର ୟାଙ୍ଗୁନ୍ ବନ୍ଦର ଅଭିମୁଖେ ଯାତ୍ରା କରିଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି।

ମ୍ୟାନ୍‌ମାରରେ ଶୁକ୍ରବାର ମଧ୍ୟାହ୍ନରେ ୭.୭ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଯୋଗୁ ବ୍ୟାପକ କ୍ଷୟକ୍ଷତି ହେବା ସହ ଏହାର ଝଟକା ଥାଇଲାଣ୍ଡ, ଚାଇନା, ଭାରତ ଓ ଲାଓସ୍ ଆଦି ପଡ଼ୋଶୀ ଦେଶରେ ଅନୁଭୂତ ହୋଇଥିଲା। ନେପିଡାଉ, ମଣ୍ଡଳୟ ଓ ସାଗାଇଙ୍ଗ୍ ସମେତ ୬ଟି ଅଞ୍ଚଳ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଉଦ୍ଧାର କାର୍ଯ୍ୟରେ ସେନା ନିୟୋଜିତ ହୋଇଛି। ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ମଧ୍ୟ ଅନେକ କ୍ଷୟକ୍ଷତି ହୋଇଛି। ଭୂକମ୍ପ ପରବର୍ତ୍ତୀ ଏକାଧିକ ଝଟକା ଅନୁଭୂତ ହେବାରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ପରାମର୍ଶ ଦିଆଯାଇଥିଲା।

ମ୍ୟାନ୍‌ମାର ରାଜଧାନୀ ନିପିଡାଉରେ ଶନିବାର ରାସ୍ତାଘାଟ ମରାମତି କାର୍ଯ୍ୟ ଜାରି ରହିଛି। ଅନେକ ସହରରେ ବିଦ୍ୟୁତ୍, ଟେଲିଫୋନ୍ ଏବଂ ଇଣ୍ଟରନେଟ୍ ସେବା ବାଧାପ୍ରାପ୍ତ ହୋଇଛି। ଥାଇଲାଣ୍ଡର ବ୍ୟାଙ୍କକ୍ ସହରରେ ଶନିବାର ସୁଦ୍ଧା ୬ ଜଣଙ୍କ ମୃତଦେହ ମିଳିଥିବାବେଳେ ୨୬ ଜଣ ଆହତ ଓ ୪୭ ଜଣ ନିଖୋଜ ରହିଛନ୍ତି।



ଏନ୍‌ଡିଆର୍‌ଏଫ୍ କର୍ମଚାରୀ ମ୍ୟାନ୍‌ମାର ଭୂକମ୍ପ ପ୍ରପୀଡ଼ିତଙ୍କ ପାଇଁ ରିଲିଫ୍ ସାମଗ୍ରୀ ନେଇ ଗାଜିଆବାଦର ହିଣ୍ଡନ ବିମାନବନ୍ଦରରୁ ବାହାରୁଛନ୍ତି।

## ବାୟୁସେନା ଇଞ୍ଜିନିୟରଙ୍କୁ ଗୁଳିକରି ହତ୍ୟା

ପ୍ରୟାଗରାଜ, ୨୯।୩


ଏସ୍. ଏନ୍. ମିଶ୍ରା

ଉତ୍ତରପ୍ରଦେଶର ପ୍ରୟାଗରାଜରେ ଏୟାରଫୋର୍ସର ସିଭିଲ ଇଞ୍ଜିନିୟର ଏସ୍. ଏନ୍. ମିଶ୍ରା (୫୧)ଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଶନିବାର ପୁରାମୁଫ୍ତୀ ଥାନା ବମରୌଲୀ ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଛି। ଜଣେ ଅଚିହ୍ନା ଆକ୍ରମଣକାରୀ ଏସ୍. ଏନ୍. ମିଶ୍ରାଙ୍କ ସରକାରୀ ବଙ୍ଗଳାର ଲନ୍ ପଟୁ ବଡ଼ ଜୋର୍‌ରେ ଚିଲ୍ଲାଇ ତାଙ୍କୁ ଡାକିଥିଲେ। ଫଳରେ ଏସ୍. ଏନ୍. ମିଶ୍ରା ଝରକା ଖୋଲିଥିଲେ। ଏହି ସମୟରେ ଅଚିହ୍ନା ଆକ୍ରମଣକାରୀ ଜଣକ ତାଙ୍କୁ ଗୁଳି କରି ସେଠାରୁ ଫେରାର ହୋଇଯାଇଥିଲେ। ଗୁଳିର ଶବ୍ଦ ଶୁଣି ପରିବାର ଲୋକେ ଦୌଡ଼ି ଆସିଥିଲେ। ସେମାନେ ମିଶ୍ରାଙ୍କୁ ତୁରନ୍ତ ସହରର ଆର୍ମି ହସ୍ପିଟାଲକୁ ନେଇ ଯାଇଥିଲେ। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କୌଣସି ଶତ୍ରୁତା ଯୋଗୁ ଏହି ହତ୍ୟାକାଣ୍ଡ ଘଟିଥାଇ ପାରେ ବୋଲି ପୋଲିସ ଅନୁମାନ କରୁଛି। ପୋଲିସ ସିସିଟିଭି ଫୁଟେଜ୍‌କୁ ତନାଘନା କରିବା ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରୁଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରିବାକୁ ପୋଲିସର ପ୍ରୟାସ ଜାରି ରହିଛି ବୋଲି ସ୍ଥାନୀୟ ଏସ୍‌ଏଚ୍‌ଓ ମନୋଜ ସିଂ କହିଛନ୍ତି।

## ୧୭ ବର୍ଷ ପରେ ପୂର୍ବତନ ହାଇକୋର୍ଟ ବିଚାରପତି ଦୋଷମୁକ୍ତ

କ୍ୟାଶ୍ ଆଟ୍ ଜଜ୍‌ସ ଡୋର୍ ମାମଲା


ନିର୍ମଳ ଯାଦବ

ଚଣ୍ଡିଗଡ଼,୨୯।୩(ପି.ଟି.)

୨୦୦୮ର କ୍ୟାଶ୍ ଆଟ୍ ଜଜ୍‌ସ ଡୋର୍ ମାମଲାରେ ୧୭ ବର୍ଷ ପରେ ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ପୂର୍ବତନ ବିଚାରପତି ନିର୍ମଳ ଯାଦବଙ୍କୁ ଶନିବାର ଦୋଷମୁକ୍ତ କରିଛନ୍ତି। ୨୦୦୮ ଅଗଷ୍ଟ ୧୩ରେ ଜଷ୍ଟିସ୍ ଯାଦବଙ୍କ ଉଦ୍ଦେଶ୍ୟରେ ଆସିଥିବା ୧୫ ଲକ୍ଷ ଟଙ୍କାର ଏକ ପ୍ୟାକେଟ୍ ଭୁଲ୍‌ରେ ଅନ୍ୟତମ ବିଚାରପତି ଜଷ୍ଟିସ୍ ନିର୍ମଳଜିତ କୌରଙ୍କ ବାସଭବନରେ ପ୍ରଦାନ କରାଯାଇଥିଲା। ଏକ ସମ୍ପତ୍ତି ମାମଲାକୁ ପ୍ରଭାବିତ କରିବା ପାଇଁ ଏହି ଲାଞ୍ଚ ପଠାଯାଇଥିବା ଅଭିଯୋଗ ହୋଇଥିଲା। ତେବେ ଏହା ଲାଞ୍ଚ ନ ଥିଲା, ଭୁଲ୍ ପ୍ରଚାର କରାଯାଇଥିଲା ବୋଲି ଜଷ୍ଟିସ୍ ଯାଦବଙ୍କ ଓକିଲ ବିଶାଲ କୋର୍ଟଙ୍କୁ ଜଣାଇଥିଲେ। ହରିୟାଣାର ପୂର୍ବତନ ଅତିରିକ୍ତ ଆଡଭୋକେଟ ଜେନେରାଲ ସଞ୍ଜୀବ ବଂଶଲ ତାଙ୍କ ପିଅନ ପ୍ରକାଶ ରାମଙ୍କ ଜରିଆରେ ଏହି ଟଙ୍କା ପଠାଇଥିବା ଜଣାପଡ଼ିଥିଲା। ପ୍ରକାଶ ବିଚାରପତି ନିର୍ମଳଜିତ କୌରଙ୍କ ବାସଭବନରେ ଟଙ୍କା ପ୍ୟାକେଟ ସହ ପହଞ୍ଚି ଦିଲ୍ଲୀର ଦସ୍ତାବିଜ୍‌ର ଏହି ପ୍ୟାକେଟ ଆସିଥିବା କହିଥିଲେ। ତେବେ ବିଚାରପତିଙ୍କ ନିର୍ଦ୍ଦେଶକ୍ରମେ ପିଅନ ଉକ୍ତ ପ୍ୟାକେଟ ଖୋଲିବାରୁ ସେଥିରୁ ଟଙ୍କା ମିଳିଥିଲା। ପିଅନ ପ୍ରକାଶଙ୍କୁ ପୋଲିସ ଅଟକ ରଖିବା ସହ ମାମଲା ରୁଜୁ କରିଥିଲା। ୨୦୧୧ରେ ଏହି ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା।

ଏହି ସମ୍ବେଦନଶୀଳ ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ବିଚାରପତି ଅଳକା ମଳିକ ଶନିବାର ରାୟ ଘୋଷଣା କରିଛନ୍ତି। ଜଷ୍ଟିସ୍ ନିର୍ମଳ ଯାଦବଙ୍କ ସମେତ ଅନ୍ୟ ୪ ଜଣଙ୍କୁ ମଧ୍ୟ ଦୋଷମୁକ୍ତ କରାଯାଇଛି। ସେମାନେ ହେଲେ ରବିନ୍ଦର ସିଂ ଭସିନ, ରାଜୀବ ଗୁପ୍ତା ଏବଂ ନିର୍ମଳ ସିଂ। ମାମଲାରେ ମୋଟ ୫ ଅଭିଯୁକ୍ତ ଥିବାବେଳେ ପୂର୍ବରୁ ସଞ୍ଜୀବ ବଂଶଲଙ୍କ ମୃତ୍ୟୁ ହୋଇଯାଇଛି। ଗୁରୁବାର ମାମଲାର ଚୂଡ଼ାନ୍ତ ଶୁଣାଣି ହୋଇଥିଲା।

## କାର୍ଯ୍ୟାନୁଷ୍ଠାନ ପାଇଁ ଜାତିସଂଘ ସଂସ୍ଥାର ଦାବି

ଜିଏନ୍‌ଏସ୍‌ଏସ୍‌ର ହସ୍ତକ୍ଷେପକୁ ବିରୋଧ

ଜେନେଭା,୨୯।୩

ଗ୍ଲୋବାଲ ନାଭିଗେଶନ ସାଟେଲାଇଟ୍ ସିଷ୍ଟମ୍ (ଜିଏନ୍‌ଏସ୍‌ଏସ୍)ର କ୍ଷତିକାରକ ହସ୍ତକ୍ଷେପ ଯୋଗୁ ବିମାନ ଚଳାଚଳ, ସାମୁଦ୍ରିକ ଯାତ୍ରା ଏବଂ ଟେଲିକମ୍ ଅପରେଶନ ପାଇଁ ଜରୁରୀ ସାଟେଲାଇଟ୍ ନେଭିଗେଶନ ସିଷ୍ଟମ୍ ପ୍ରଭାବିତ ହେଉଛି। ତେଣୁ ଜିଏନ୍‌ଏସ୍‌ଏସ୍ ବିରୋଧରେ ବୈଶ୍ୱିକ କାର୍ଯ୍ୟାନୁଷ୍ଠାନ ପାଇଁ ଜାତିସଂଘର ୩ଟି ସଂସ୍ଥା ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଂଗଠନ (ଆଇସିଏଓ), ଅନ୍ତର୍ଜାତୀୟ ଟେଲିଯୋଗାଯୋଗ ୟୁନିୟନ (ଆଇଟିୟୁ) ଏବଂ ଅନ୍ତର୍ଜାତୀୟ ମେରିଟାଇମ୍ ସଂଗଠନ (ଆଇଏମ୍‌ଓ) ପକ୍ଷରୁ ମିଳିତ ଆହ୍ୱାନ ଦିଆଯାଇଛି। ରେଡିଓ ନେଭିଗେଶନ ସାଟେଲାଇଟ୍ ସେବା (ଆର୍‌ଏନ୍‌ଏସ୍‌ଏସ୍)ର ଜାମିଂ ଏବଂ ସ୍ପୁଫିଙ୍ଗ୍ ବଢ଼ିଚାଲିଥିବା ନେଇ ଏଜେନ୍ସିଗୁଡ଼ିକ ଚିନ୍ତା ପ୍ରକଟ କରିଛନ୍ତି। ନାଭିଗେଶନ, ପୋଜିଶନିଂ ଏବଂ ଟାଇମିଂ ସିଗ୍‌ନାଲ ସାଧୁତାର ସୁରକ୍ଷା ପାଇଁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ନିବେଦନ କରିଛନ୍ତି। ଜାମିଂ ହେଉଛି ଅଦରକାରୀ ବା ସୁପରଫ୍ଲକ୍ସ୍ ସିଗ୍‌ନାଲ ପ୍ରେରଣ। ସେହିପରି ସ୍ପୁଫିଙ୍ଗ ହେଉଛି ଜିଏନ୍‌ଏସ୍‌ଏସ୍ ଭଳି ସିଗ୍‌ନାଲ ପ୍ରସାରଣ ଯାହା ଏକ ଜାହାଜ କିମ୍ବା ବିମାନର ଜିଏନ୍‌ଏସ୍‌ଏସ୍ ରିସିଭରକୁ ଭୁଲ୍ ପୋଜିଶନ ଆକଳନ କରାଇଥାଏ ଏବଂ ତ୍ରୁଟିପୂର୍ଣ୍ଣ ମାର୍ଗଦର୍ଶନ ଦେଇଥାଏ ବୋଲି ଏଜେନ୍ସିଗୁଡ଼ିକ କହିଛନ୍ତି।

## ଫି ଦେଇ ନପାରି ପରୀକ୍ଷାରୁ ବଞ୍ଚିତ ୯ମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମହତ୍ୟା

ପ୍ରତାପଗଡ଼,୨୯।୩

ଉତ୍ତରପ୍ରଦେଶ ପ୍ରତାପଗଡ଼ ଜିଲାର ଜଣେ ନବମ ଶ୍ରେଣୀ ଛାତ୍ରୀ ଫି ଦେଇ ନ ପାରିବାରୁ ତାଙ୍କୁ ବାର୍ଷିକ ପରୀକ୍ଷାରୁ ବଞ୍ଚିତ କରାଯାଇଥିଲା। ଏଥିରେ ମ୍ରିୟମାଣ ହୋଇ ଛାତ୍ରୀ ଜଣକ ଶନିବାର ନିଜ ପ୍ରକୋଷ୍ଠରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତା ୧୭ ବର୍ଷୀୟା ରିୟା ଯାଦବଙ୍କ ମାଆ ପୁନମ୍ ଦେବୀଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରିଛି। ୮୦୦ ଟଙ୍କା ଦେୟ ଦେଇ ନ ପାରିବାରୁ ରିୟାଙ୍କୁ କମଳା ଶରନ ଯାଦବ ଇଣ୍ଟରକଲେଜ ପ୍ରଶାସନ ଆଡମିଟ୍ କାର୍ଡ ଦେଇ ନ ଥିଲେ। ରିୟା ଶନିବାର ପରୀକ୍ଷା ଦେବାକୁ ଯାଇଥିବାବେଳେ କଲେଜ ପରିଚାଳକ ସନ୍ତୋଷ କୁମାର ଯାଦବ, ପ୍ରିନ୍ସିପାଲ ରାଜକୁମାର ଯାଦବ, ଷ୍ଟାଫ୍ ସଦସ୍ୟ ଦୀପକ ସରୋଜ, ପିଅନ ଧନିରାମ ଓ ଜଣେ ଶିକ୍ଷକ ତାଙ୍କୁ ଅପମାନିତ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।


ଟିକସଦାତାଗଣ ଧ୍ୟାନ ଦିଅନ୍ତୁ!

ଏହି ଆର୍ଥିକ ବର୍ଷରେ
୩୨ ଲକ୍ଷରୁ ଅଧିକ ଟିକସଦାତା
ଇତିମଧ୍ୟରେ ସେମାନଙ୍କର ଅପ୍‌ଡେଟେଡ୍
ଆୟକର ରିଟର୍ନ
ଦାଖଲ କରିସାରିଲେଣି




ଆପଣ ମଧ୍ୟ ତା୩୧।୦୩।୨୦୨୫ରିଖ ସୁଦ୍ଧା ଏ.ୱାଇ. ୨୦୨୨-୨୩, ୨୦୨୩-୨୪ ଓ ୨୦୨୪-୨୫ ପାଇଁ ଆଇଟିଆର୍-ୟୁ'ରେ ନିଜର ଅପ୍‌ଡେଟେଡ୍ ରିଟର୍ନ ଦାଖଲ କରିପାରିବେ

ନିମ୍ନଲିଖିତ କ୍ଷେତ୍ରରେ ଅପ୍‌ଡେଟେଡ୍ ରିଟର୍ନ ଦାଖଲ କରାଯାଇପାରିବ;

- ଯଦି ମୂଳ ରିଟର୍ନ ଦାଖଲ କରାଯାଇ ନ ଥାଏ ।
- ଯଦି ବିଳମ୍ବିତ ରିଟର୍ନ ଫାଇଲିଂର ଶେଷ ତାରିଖ ହାତଛଡ଼ା ହୋଇଯାଇଥାଏ ।
- ଯଦି ଆୟ ଠିକ୍ ଭାବେ ଘୋଷଣା କରାଯାଇ ନ ଥାଏ, ତେବେ ମୂଳ ରିଟର୍ନକୁ ସଂଶୋଧନ କରିବା ପାଇଁ ।
- ଯଦି ଆୟର ଭୁଲ୍ ଶୀର୍ଷକ ଚୟନ କରାଯାଇଥାଏ କିମ୍ବା ଟିକସ ଭୁଲ୍ ହାରରେ ପୈଠ କରାଯାଇଥାଏ ।
- ଯଦି ଭୁଲ୍ ବିଯୋଗ/ଛାଡ଼ ଦାବି କରାଯାଇଥାଏ ।
- ଯଦି କ୍ୟାରୀ ଫର୍‌ୱାର୍ଡ଼ କ୍ଷତି କିମ୍ବା ଅଣଅବଶୋଷିତ ମୂଲ୍ୟହ୍ରାସ କିମ୍ବା ଏମ୍‌ଏଟି/ଏଏମ୍‌ଟି କ୍ରେଡିଟ୍ ହ୍ରାସକରଣ ଆଶା କରାଯାଉଥାଏ ।
- ଯଦି ନିର୍ଦ୍ଦିଷ୍ଟ ବିଯୋଗ/ଛାଡ଼ର ଦାବି ସଂକ୍ରାନ୍ତରେ ଯୋଗାଯୋଗ ପ୍ରାପ୍ତ ହୋଇଥାଏ, ଯେଉଁଥିପାଇଁ ଆପଣଙ୍କ ନିକଟରେ କୌଣସି ଉପଯୁକ୍ତ ସ୍ପଷ୍ଟୀକରଣ/ପ୍ରମାଣ ଉପଲବ୍ଧ ନ ଥାଏ ଏବଂ ତାହାର ପରିଣତିସ୍ୱରୂପ ଟିକସଯୋଗ୍ୟ ଆୟ ବୃଦ୍ଧି ପାଇଥାଏ ।

| ଯଦି ଆପଣ ତା୩୧।୦୩।୨୦୨୫ରିଖ ସୁଦ୍ଧା ଆଇଟିଆର୍-ୟୁ ଦାଖଲ କରନ୍ତି | ପୈଠଯୋଗ୍ୟ ଅତିରିକ୍ତ ଟିକସର ପରିମାଣ |
|---|---|
| ଏ.ୱାଇ. ୨୦୨୨-୨୩ ପାଇଁ | ସର୍ବମୋଟ ପୈଠଯୋଗ୍ୟ ଟିକସ ଓ ସୁଧର ୫୦% |
| ଏ.ୱାଇ. ୨୦୨୩-୨୪ ଓ ଏ.ୱାଇ. ୨୦୨୪-୨୫ ପାଇଁ | ସର୍ବମୋଟ ପୈଠଯୋଗ୍ୟ ଟିକସ ଓ ସୁଧର ୨୫% |
| ଏ.ୱାଇ. ୨୦୨୩-୨୪ ପାଇଁ ଯଦି ଆପଣ ତା୩୧।୦୩।୨୦୨୫ରିଖ ପରେ ଆଇଟିଆର୍-ୟୁ ଦାଖଲ କରନ୍ତି | ସର୍ବମୋଟ ପୈଠଯୋଗ୍ୟ ଟିକସ ଓ ସୁଧର ୫୦% |

ସୂଚନା ଏବଂ ଯୋଗ୍ୟତା ସର୍ତ୍ତାବଳୀ ପାଇଁ
ଆୟକର ଅଧିନିୟମ, ୧୯୬୧ର ଧାରା ୧୩୯ (୮ଏ) ଏବଂ ୧୪୦ବି (୩) ଦେଖନ୍ତୁ
ବିଳମ୍ବ କରନ୍ତୁ ନାହିଁ, ଆଜି ହିଁ ଦାଖଲ କରନ୍ତୁ ।

ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ
ଅଧିକ ସୂଚନା ପାଇଁ ୱେବସାଇଟ ପରିଦର୍ଶନ କରନ୍ତୁ: www.incometax.gov.in
ଇ-ବ୍ରୋଶର୍ ପାଇଁ, କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

@incometaxindiaofficial @incometaxindia.official @IncomeTaxIndia @IncomeTaxIndia @IncomeTaxIndia.Official

cbc 15401/13/0023/2425

DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩୦/୨୦୨୫ Bhubaneswar, Sunday, March 30/2025

# କୋଟିଆରେ ପୁଣି ପଶିଲା ଆନ୍ଧ୍ର

## ଜିଲା ପ୍ରଶାସନର ଅପାରଗତା ଦେଉଛି ଅନୁପ୍ରବେଶ ସୁଯୋଗ

ଦାରିଦ୍ର୍ୟ, କୁପୋଷଣ ଓ ଅନଗ୍ରସରତାକୁ ନେଇ ରାଜ୍ୟରେ ଚର୍ଚ୍ଚିତ ଥିବା କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ୍‌ର ଆଦିବାସୀ ବହୁଳ କୋଟିଆ ଅଞ୍ଚଳକୁ ପୁଣି ଅନୁପ୍ରବେଶ କରିଛି ଆନ୍ଧ୍ରପ୍ରଦେଶ ପ୍ରଶାସନ। କୋଟିଆ ପଞ୍ଚାୟତ ସୀମାନ୍ତ ନେରିଡ଼ିବାଲସା ଗ୍ରାମରେ ଶନିବାର ପଡ଼ୋଶୀ ଆନ୍ଧ୍ରର ଅଧିକାରୀମାନେ ଆସି ସରଳ ଆଦିବାସୀମାନଙ୍କୁ ନିଜ ଯୋଜନାରେ ସାମିଲ କରିବା ପାଇଁ ସେମାନଙ୍କ ଆଧାର ଅପ୍‌ଡେଟ୍ ସହ ଇ-କେୱାଇସି (ବୈଦ୍ୟୁତିକ ମାଧ୍ୟମରେ ନୋ ୟୋର୍ କଷ୍ଟମର) ମଧ୍ୟ କରାଇଛନ୍ତି। ପୂର୍ବରୁ କୋଟିଆ ପଞ୍ଚାୟତବାସୀଙ୍କ ଇ-କେୱାଇସି ହୋଇପାରି ନ ଥିବାରୁ କେତେକ ଗ୍ରାମର ମହିଳାମାନେ ଓଡ଼ିଶା ସରକାରଙ୍କ ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏହାର ସୁଯୋଗ ନେଇ ଆନ୍ଧ୍ର ପ୍ରଶାସନ ପୁଣି ଥରେ ଏହି ଅଞ୍ଚଳକୁ ଟାର୍ଗେଟ କରିଥିବା କୁହାଯାଉଛି। ଏସବୁ ସତ୍ତ୍ୱେ ପଟ୍ଟାଙ୍ଗୀ ବ୍ଲକ୍ ଅଧିକାରୀମାନେ ଘଟଣା ସମ୍ପର୍କରେ ଅଜ୍ଞ ରହିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆନ୍ଧ୍ରପ୍ରଦେଶ ସରକାର କୋଟିଆକୁ ନିଜ ରାଜ୍ୟ ସହ ମିଶାଇବାକୁ ଯୋଜନାବଦ୍ଧ ଭାବେ ଉଦ୍ୟମ ଚଳାଇଥିବାବେଳେ ସଦ୍ୟ ଘଟଣା ଏହି ଅନୁନ୍ନତ ଅଞ୍ଚଳ ଉପରେ ଓଡ଼ିଶାର ଦାବିକୁ ଆହୁରି ଦୁର୍ବଳ କରିଦେଇଛି।



କୋଟିଆର ନେରେଡିବଲସା ଗ୍ରାମସ୍ଥିତ ଏକ ଗଛ ତଳେ ବସି ଲୋକଙ୍କ ଆଧାର ଅପ୍‌ଡେଟ୍ ଏବଂ ଇ-କେୱାଇସି କରାଉଛନ୍ତି ଆନ୍ଧ୍ର ଅଧିକାରୀ।

**ପଟ୍ଟାଙ୍ଗି, ୨୯।୩(ଶରତ କୁମାର ଧଳ)**

କୋଟିଆରେ ଓଡ଼ିଶାର କ୍ଷେତ୍ରୀୟ ଅଖଣ୍ଡତାକୁ ପୁନର୍ବାର ଆହ୍ୱାନ ଦେବା ଭଳି କାର୍ଯ୍ୟ କରିଛନ୍ତି ଆନ୍ଧ୍ରପ୍ରଦେଶର ସରକାରୀ ଅଧିକାରୀ। ଆନ୍ଧ୍ର ପ୍ରଶାସନର ଅଧିକାରୀମାନେ ନେରେଡିବଲସା ଗ୍ରାମକୁ ଆସି ଲୋକଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏତିକି ନୁହେଁ, ସେମାନେ ଏହି ଗ୍ରାମର ଏକ ଗଛ ମୂଳେ ବସି ଛାତ୍ରୀଛାତ୍ର, ବୃଦ୍ଧାବୃଦ୍ଧ, ଅଙ୍ଗନୱାଡି ପିଲାମାନଙ୍କ ଇ-କେୱାଇସି କରାଇଛନ୍ତି। ଆନ୍ଧ୍ର ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା, ପିଲାଙ୍କୁ ମିଳୁଥିବା ଆମ୍ମାୱଡି ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରି ଆର୍ଥିକ ସହାୟତା ପ୍ରଦାନ ସକାଶେ ଆଶ୍ୱାସନା ଦେଇଥିବା ମଧ୍ୟ ☞ପୃଷ୍ଠା-୮

# ଭିଆର୍‌ଏସ୍ ନେଲେ ସୁଜାତା କାର୍ତ୍ତିକେୟନ

**ଭୁବନେଶ୍ୱର, ୨୯।୩ (ରବିନାରାୟଣ ଜେନା)**



ଦୀର୍ଘବର୍ଷ ଧରି ରାଜ୍ୟ ସରକାରୀ କଳରେ ପ୍ରମୁଖ ଭୂମିକା ନେଇଥିବା ପାଣ୍ଡିଆନ ଦମ୍ପତି ଏବେ ସମ୍ପୂର୍ଣ୍ଣ ଭାବେ ଅବ୍ୟାହତି ନେଇଛନ୍ତି। ୨୦୨୩ ଅକ୍ଟୋବରରେ ଭି.କେ.ପାଣ୍ଡିଆନ ସ୍ୱେଚ୍ଛାକୃତ ଅବସର ନେଇଥିବାବେଳେ ଶୁକ୍ରବାର ୨୦୦୦ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ସୁଜାତା ରାଉତ କାର୍ତ୍ତିକେୟନ ସ୍ୱେଚ୍ଛାକୃତ ଅବସର (ଭିଆର୍‌ଏସ୍) ଗ୍ରହଣ କରିଛନ୍ତି । ଏନେଇ ଭାରତ ☞ପୃଷ୍ଠା-୮












# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଗବେଷଣା କେନ୍ଦ୍ର ପକ୍ଷରୁ 'ସମୟ ସାଗର ତୀରେ: ଓଡ଼ିଶାର ସାମୁଦ୍ରିକ ଐତିହ୍ୟ ଓ ନୀଳ ଅର୍ଥନୀତିର ଭବିଷ୍ୟତ' ଶୀର୍ଷକ କର୍ମଶାଳା, ସ୍ଥାନ: ଆଇଏମ୍ଏମ୍‌ଟି ଏସ୍ଏସ୍ ଭଟ୍ନାଗର ହଲ୍, ଆଚାର୍ଯ୍ୟ ବିହାର, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ପତ୍ରିକା 'ଶାଶ୍ୱତ ପାହାଚ' ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସାହିତ୍ୟ ପର୍ବ, ସ୍ଥାନ: ଭାରତୀୟ ବିଦ୍ୟାଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- 'ଚଲାପଥ'ର ୫୧ତମ ସାରସ୍ୱତ ମହୋତ୍ସବ ଅବସରରେ କବିତା ପାଠୋତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟ, ଇଣ୍ଡିଆ ପକ୍ଷରୁ ଶ୍ରୀମଦ୍ଦେବୀ ଭାଗବତ ମହାପୁରାଣ କାର୍ଯ୍ୟକ୍ରମ, ସ୍ଥାନ: ମା'ଖଣ୍ଡୁଆଳୀ ବୁଢ଼ୀ ଠାକୁରାଣୀ ପୀଠ, ଶହୀଦ ନଗର, ସମୟ: ଅପରାହ୍ନ ୫ଟା।
- ସୟଦ ମମତାଜ ଅଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, ନୟାପଲ୍ଲୀ, ସମୟ: ସନ୍ଧ୍ୟା ୬ଟା।
- ଏସ୍ଏନ୍ଏମ୍ ଗ୍ରୁପ୍ ପକ୍ଷରୁ ଭୁବନେଶ୍ୱର ରନ୍‌ୱେ ଉଇକ୍, ସ୍ଥାନ: ୱେଲକମ୍ ହୋଟେଲ, ସମୟ: ସନ୍ଧ୍ୟା ୬ଟା।
- ଆଇଏମ୍‌ବି ଫିଏଷ୍ଟା-୨୦୨୫, ସ୍ଥାନ: ଆଇଏମ୍‌ବି କଲେଜ ପରିସର, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଜ୍ଞାନ ବିହାର, ରସୁଲଗଡ଼, ସମୟ: ସନ୍ଧ୍ୟା ୬ଟା।

## କଟକ

- ସିଭିଲ ଜଜେସ୍ (ଜୁନିୟର ଡିଭିଜନ) ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଜୁଡିସିଆଲ ଏକାଡେମୀ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲାସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ, ସ୍ଥାନ: କଟକ ସଦର ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: କଟକ କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଗୁରୁକୁଳ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ରାମହରି ଦାସ ଓଡ଼ିଶୀ ଗୁରୁକୁଳ, ବଡ଼ହାଟ, ବୀରଗୋବିନ୍ଦପୁର, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ମା'ଜାଗୁଲାଇଙ୍କ ବାସନ୍ତୀକ ଦୁର୍ଗାପୂଜା ଓ ନବରାତ୍ରି ଦ୍ୱିତୀୟ ଦିବସରେ ବ୍ରହ୍ମଚାରିଣୀ ବେଶ, ସ୍ଥାନ: ମା'ଜାଗୁଲାଇଙ୍କ ମନ୍ଦିର, କୁଦିଆରୀ, ଜଟଣୀ, ସମୟ: ସନ୍ଧ୍ୟା ୭ଟା।
-

## ରାୟଗଡ଼ା

- ଚୈତ୍ର ନବରାତ୍ର ଉପଲକ୍ଷେ କଳସ ଯାତ୍ରା ଏବଂ ବେଦି ପୂଜା ଚଣ୍ଡୀ ପାଠ, ସ୍ଥାନ: ବିଶିରୋଡ଼, ଜେକେପୁର, ସମୟ: ସକାଳ ୭ ଟା।
- ଅନ୍ତୋଦୟ ଗୃହ ଯୋଜନାର ଜିଲାସ୍ତରୀୟ ସମ୍ମିଳନୀ ଏବଂ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ : ରାୟଗଡ଼ା ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ : ପୂର୍ବାହ୍ନ ୧୦ଟା।
- ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ, ସ୍ଥାନ: ଗୁଣପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୁଡାରି ନୂତନ ବସ୍‌ଷ୍ଟାଣ୍ଡ, ମୁନିଗୁଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାସବୀ କଳିଙ୍ଗ ବୈଶ୍ୟ ସଙ୍ଘ ତରଫରୁ ଉଗାଦି ପର୍ବ ପାଳନ, ସ୍ଥାନ: ମୁନିଗୁଡା କନିକା ପରମେଶ୍ୱରୀ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଉଗାଦି ଉତ୍ସବ କମିଟି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ରାୟଗଡ଼ା ତେଜସ୍ୱୀ ହୋଟେଲ ସମ୍ମୁଖ ପଡିଆ, ସମୟ: ଅପରାହ୍ନ ୩ଟା ୩୦।
- ଜିଲା ଉଗାଦି ଉତ୍ସବ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ତେଜସ୍ୱୀ ହୋଟେଲ ସମ୍ମୁଖ ପଡିଆ,ସମୟ: ସନ୍ଧ୍ୟା ୬ଟା ୩୦।

## ନବରଙ୍ଗପୁର

- ଅନ୍ତୋଦୟ ଗୃହ ଯୋଜନା ଶୁଭାରମ୍ଭ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ଉମରକୋଟ ଡିଏନ୍‌କେ ଖେଳ ପଡ଼ିଆ, ପାପଡ଼ାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଡାବୁଗାଁ ଶ୍ରୀନୀବାସ କଲ୍ୟାଣ ମଣ୍ଡପ, ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ୱେଷା ହଷ୍ଟେଲ ବାର୍ଷିକ ଉତ୍ସବ, ସ୍ଥାନ: ନବରଙ୍ଗପୁରସ୍ଥିତ ହଷ୍ଟେଲ ପରିସର, ସମୟ: ଅପରାହ୍ନ ୪ଟା।
- ହିନ୍ଦୁ ନବବର୍ଷ ପାଳନ ଅବସରରେ ଶୋଭାଯାତ୍ରା, ସ୍ଥାନ: ଡାବୁଗାଁ ଠାକୁରାଣୀ ମନ୍ଦିରରୁ ଆରମ୍ଭ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ: ୬ଟା।
- ଓଡ଼ିଶା ହ୍ୟୁମାନ ରାଇଟ କମିସନ ଆୟୋଜନରେ ଆଲୋଚନାଚକ୍ର, ସ୍ଥାନ : ଟାଙ୍ଗରପାଲି ସ୍ଥିତ ବନଭେନନ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ସମ୍ବଲପୁର ମହାନଗର ନିଗମ ଖବରକାଗଜ ବିକ୍ରେତା ସଂଘର ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରିୟ ନବବର୍ଷ ପାଳନ ସମିତି ଆୟୋଜନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ଅପରାହ୍ନ ୫ଟା।
- ରାଷ୍ଟ୍ରିୟ ନବବର୍ଷ ଅବସରରେ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ : ବୀର ସୁରେନ୍ଦ୍ର ସାଏ ମାର୍ଗ, ସମୟ : ଅପରାହ୍ନ ୫ଟା।
- ବିଶ୍ୱହିନ୍ଦୁ ପରିଷଦ ଓ ହନୁମାନ ଜୟନ୍ତି ସମନ୍ୱୟ ସମିତ ଆୟୋଜିତ ହିନ୍ଦୁନବ ବର୍ଷ ଉପଲକ୍ଷେ ବିବିଧ ପାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ବାସନ୍ତୀକ ନବରାତ୍ର ଉପାସନ,ସ୍ଥାନ: ଆନନ୍ଦ ନିକେତନ ଆଶ୍ରମ, ଖୁଜେନପାଲି, ବଲାଙ୍ଗୀର, ସମୟ: ସକାଳ ୮ଟା।
- ଚୈତ୍ର ଶୁକ୍ଳ ପ୍ରତିପଦା ହିନ୍ଦୁ ନବବର୍ଷ ଉପଲକ୍ଷେ ଭାରତମାତାଙ୍କ ପୂଜନ ଉତ୍ସବ, ସ୍ଥାନ: ଶ୍ରୀରାମ ଚରିତ ମାନସ ମନ୍ଦିର, ଡେଲିମାର୍କେଟ, ବଲାଙ୍ଗୀର, ସମୟ: ସକାଳ ୯ଟା।
- କୋଶଲୀ ଡେରାର ବଛରକିଆ ତିହାର, ସ୍ଥାନ: ରାଧାକୃଷ୍ଣ ମନ୍ଦିର, ଧୁମାଭଟା ରୋଡ୍, ପାଟଣାଗଡ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତ୍ୟୋଦୟ ଗୃହ ଯୋଜନା ଜିଲାସ୍ତରୀୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ପ୍ରେକ୍ଷାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ଲୋଇସିଂହା ବ୍ଲକସ୍ତରୀୟ ଅନ୍ତ୍ୟୋଗୃହ ଯୋଜନା ଶୁଭାରମ୍ଭ କାର୍ଯକ୍ରମ, ସ୍ଥାନ: ଲୋଇସିଂହା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ତୁରେକେଲା ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଉଦ୍‌ଘାଟନ, ସ୍ଥାନ: ତୁରେକେଲା ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ଚୈତ୍ର ନବରାତ୍ର ଆରମ୍ଭ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା।
- ସ୍ୱୟଂସେବକ ସଂଘ ପକ୍ଷରୁ ପ୍ରତିପଦା ଉତ୍ସବ, ସ୍ଥାନ: ସେକ୍ଟର-୨ ଦୁର୍ଗାପୂଜା, ସମୟ: ସକାଳ ୬ଟା ୩୦।
- ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ, ସ୍ଥାନ: ସେକ୍ଟର--୨ ଲକ୍ଷ୍ମୀପୂଜା ପେଣ୍ଡାଲ, ସମୟ: ସକାଳ ୮ଟା।
- ବିଶ୍ୱ ଅଟୋଷ୍ଟିମ୍ ସଚେତନତା ଦିବସ, ସ୍ଥାନ: ସେକ୍ଟର-୧୬, ଶ୍ରଦ୍ଧା, ସମୟ: ସକାଳ ୯ଟା।
- ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ପରାମର୍ଶ ଶିବିର, ସ୍ଥାନ: ସେକ୍ଟର-୩ ଖଡ୍ଗ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସ୍ୱାଭିମାନ ଦିବସ, ସ୍ଥାନ: ଲକ୍ଷ୍ମୀପୂଜା ପେଣ୍ଡାଲ, ସେକ୍ଟର-୨, ସମୟ: ମଧ୍ୟାହ୍ନ ୧୨ଟା।
- ଉଦିତନଗର ଶ୍ରୀଜଗନ୍ନାଥ ମନ୍ଦିରରେ ଖବରଦାତା ସମ୍ମିଳନୀ, ସ୍ଥାନ: ଉଦିତନଗର, ପଞ୍ଚଦେବ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ରାଉରକେଲା ଦିବସ ଉଦ୍‌ଯାପନୀ ଉତ୍ସବରେ ସୁଦେଶ ଭୋଁସଲେ ମେଲୋଡି ନାଇଟ୍, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ ଛକ, ସମୟ: ସନ୍ଧ୍ୟା ୬ଟା।
- ହିନ୍ଦୁ ନବବର୍ଷ ପାଳନ, ସ୍ଥାନ: ଅଗ୍ରସେନ ଭବନ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ,ସ୍ଥାନ:କୁଆଁରମୁଣ୍ଡା ବ୍ଲକ ପରିସର,ସମୟ:ପୂର୍ବାହ୍ନ ୧୦ଟା।

## ବରଗଡ଼

- ସମଲେଶରୀଙ୍କ ବାସନ୍ତୀକ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ବାସନ୍ତୀକ ନବ ଦିନାତ୍ମକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ବାସନ୍ତୀକ ନବରାତ୍ର ଦୁର୍ଗାପୂଜା,ସ୍ଥାନ: ଦୁର୍ଗା ମନ୍ଦିର ପରିସର, ସୋହେଲା, ସମୟ: ସକାଳ ୭ଟା।
- ଜାଗୃତି ହାଇସ୍କୁଲର ରୌପ୍ୟ ଜୟନ୍ତୀ,ସ୍ଥାନ-ଦୁଲମପୁର, ଅତାବିରା,ସମୟ:ସକାଳ ୯ଟା।
- ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ ସମାରୋହ,ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଝାରବନ୍ଧ,ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ ସମାରୋହ, ସ୍ଥାନ:ହାଇସ୍କୁଲ ପଡ଼ିଆ ପରିସର, ପାଇକମାଲ,ସାରସତ ସାଧକ ଡଃ ମାନଭଞ୍ଜନ ପ୍ରଧାନଙ୍କ ଜୟନ୍ତୀ, ସ୍ଥାନ: ମହୁଲପାଲି, ପଦ୍ମପୁର,ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ ସମାରୋହ,ସ୍ଥାନ:ଗୋରୁ ମାର୍କେଟ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା ୩୦।

## କଳାହାଣ୍ଡି

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ, ସ୍ଥାନ: ଭବାନୀପାଟଣାସ୍ଥିତ କ୍ରିଷ୍ଣାନଗର ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଲାଞ୍ଜିଗଡ ଡିଏଭି ଅନ୍ତର୍ଜାତୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବେଦାନ୍ତ ଟାଉନଶିପସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ଲାଞ୍ଜିଗଡ଼ ଏସ୍ଏସ୍‌ଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହଭାଗୀ ଅଭିଭାବକ ସମ୍ମିଳନୀ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଅନ୍ତ୍ୟୋଦ୍ୱୟ ଗୃହ ଯୋଜନାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସର , ସମୟ: ସକାଳ ୯ଟା।

## ଦେବଗଡ଼

- ମୁଖ୍ୟମନ୍ତ୍ରୀ, "ଅନ୍ତ୍ୟୋଦୟ ଗୃହ ଯୋଜନା" ଶୁଭାରମ୍ଭ, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ, "ଅନ୍ତ୍ୟୋଦୟ ଗୃହ ଯୋଜନା"ର ଶୁଭାରମ୍ଭ, ସ୍ଥାନ: ତିଲେଇବନି ବ୍ଲକ ହାଇସ୍କୁଲ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ବାସନ୍ତିକ ନବରାତ୍ର ପୂଜା ଆରମ୍ଭ ଓ ଅଖଣ୍ଡ ଦୀପ ସ୍ଥାପନ, ସ୍ଥାନ: ଗୋହରୀ ପୋଖରୀ, ଶନି ମନ୍ଦିର, ସମୟ :ସକାଳ ୯ ଠାରୁ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ:ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଜିଲାର ଚାଷିମାନଙ୍କ ପାଇଁ କୃଷକ କଲ୍ୟାଣ ଟ୍ରଷ୍ଟ, ଦେବଗଡ଼ ତରଫରୁ ଜୀବନ ବୀମା ପ୍ରଦତ୍ତ କାର୍ଯ୍ୟକ୍ରମ,ସ୍ଥାନ :ପ୍ରଧାନପାଟ ସ୍ଥିତ ବଡବଗିଚା,ଦେବଗଡ଼, ସମୟ:ସକାଳ ୯ଟା।

## ସୁବର୍ଣ୍ଣପୁର

- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳନ, ସ୍ଥାନ: ସୋନପୁର ରୟାଲ ପଡିଆ ସ୍ଥିତ ବାଲାଜୀ ମନ୍ଦିର ପରିସର, ସମୟ: ସକାଳ ୭ଟା ୪୫।
- ସୁବର୍ଣ୍ଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରତିଷ୍ଠା ଦିବସ ଅବସରରେ ୩୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାଳୟରେ ହିନ୍ଦୁ ନବବର୍ଷ ଦିବସ ପାଳ, ସ୍ଥାନ: ବିଦ୍ୟା ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଅନ୍ତ୍ୟୋଦୟ ଗୃହ ଯୋଜନାର ସୁବର୍ଣ୍ଣପୁର ଜିଲାସ୍ତରୀୟ ଶୁଭାରମ୍ଭ ଓ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ, ସ୍ଥାନ: ସୋନପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତ୍ୟୋଦୟ ଗୃହ ଯୋଜନାର ବିନିକା ବ୍ଲକସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ବିନିକା ଆରଏମ୍‌ସି ବଜାର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଆରଏମ୍‌ସି ପରିସରରେ ଡୁଙ୍ଗୁରିପାଲି ବ୍ଲକ ଆନୁକୂଲ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକ୍ରମ, ସ୍ଥାନ: ଆର୍‌ଏମ୍‌ସି ପରିସରରେ, ସମୟ: ପୂର୍ବାହ୍ନ ୧୦ ଟା।

## ନୂଆପଡ଼ା

- ମାରାଗୁଡା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ନୂଆପଡା ସଦର ବ୍ଲକ କୋଦୋମେରୀ ପଞ୍ଚାୟତ କେରମେଲି ଗାଁ, ସମୟ: ସକାଳ ୯ଟା ୧୫।
- ରଜତ ଜୟନ୍ତୀ ସମାରୋହ, ସ୍ଥାନ: ଖଡିଆଳ ବ୍ଲକ ତୁକଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ଅପରାହ୍ନ ୫ଟା।
- ହିନ୍ଦୁ ନବବର୍ଷ ଉପଲକ୍ଷେ ବିଶାଳ ଶୋଭାଯାତ୍ରା, ସ୍ଥାନ: ଦଧିବାମନ ମନ୍ଦିରଠାରୁ ଅଗ୍ରେସନ ଭବନ, ସମୟ: ଅପରାହ୍ନ ୪ଟା ୩୦।
- ହିନ୍ଦୁ ନବବର୍ଷ ପାଳନ ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଆଦ୍ୟ ସରସଂଘଚାଳକ ପ୍ରମାଣ ଓ ମାର୍ଗଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ଅଗ୍ରେସନ ଭବନ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଉଦନ୍ତୀ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ସିନାପାଲି ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୫ଟା ୩୦।
- ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡା ସଦର ବ୍ଲକ କୋଦୋମେରୀ ପଞ୍ଚାୟତ କେରମେଲି ଗାଁ, ସମୟ: ମଧ୍ୟାହ୍ନ ୧୨ଟା।
- ହିନ୍ଦୁ ନବବର୍ଷ ଉପଲକ୍ଷେ ସଂକୀର୍ତ୍ତନ ଦଳ ସହ ନଗର ପରିକ୍ରମା, ସ୍ଥାନ: କୋମନା ବ୍ଲକ ତରବୋଡ କଲୋନିପଡା, ସମୟ: ସକାଳ ୬ଟା।
- ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକ୍ରମ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଝାରସୁଗୁଡ଼ା

- ଝାରସୁଗୁଡା,ଜିଲା ପ୍ରଶାସନ ଦ୍ୱାରା ଅନ୍ତୋଦୟ ଗୃହ ନିର୍ମାଣ ଯୋଜନାର ଶୁଭାରମ୍ଭ, ସ୍ଥାନ: ଏମ୍‌ସିଏଲ୍ ଅଡିଟରିୟମ, ସମୟ :ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଓଏସ୍ଏପି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ରାମାୟଣ ପଠନ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ୨୪ ପ୍ରହରୀ ନାମ ସଂକୀର୍ତ୍ତନ, ସ୍ଥାନ: ନାମ ମଣ୍ଡପ, ସମୟ: ସକାଳ ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଏକାଧିକ ଗ୍ରହ ମଧ୍ୟରେ ଦ୍ୱାଦଶସ୍ଥ ଚନ୍ଦ୍ର ହେତୁ ଆର୍ଥିକ ଉନ୍ନତି ସହ ମାନସିକ ଅସ୍ଥିରତା ଲାଗି ରହିବ। ପର୍ଯ୍ୟଟନ, ପରିଭ୍ରମଣ, ଦୂରଯାତ୍ରା ସକାଶେ ବହୁତ ଖର୍ଚ୍ଚାନ୍ତ ହେବେ। ଆତ୍ମୀୟସ୍ୱଜନଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟର ଆଶୁ ଚିକିତ୍ସା ପାଇଁ ଚିନ୍ତା ବଢ଼ିପାରେ। କର୍ମକ୍ଷେତ୍ରରେ ନିଜର ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିବ।

**ବୃଷ**
ସହକର୍ମୀଙ୍କ ପ୍ରେରଣାରେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କୌଣସି ଅସମର୍ଥିତ ସୂତ୍ରରୁ ଶୁଣାକଥା ମନକୁ ଭାରାକ୍ରାନ୍ତ କରିବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ଆତ୍ମୀୟ ସ୍ୱଜନଙ୍କ ସ୍ୱାସ୍ଥ୍ୟହାନିର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମିଥୁନ**
ବନ୍ଧୁଙ୍କ ବ୍ୟବହାର ମନକୁ ନ ପାଇଲେ ମଧ୍ୟ ସମ୍ମୁଖରେ କିଛି କହିପାରିବେ ନାହିଁ। ବାରମ୍ବାର କ୍ଷତିର ସମ୍ମୁଖୀନ ହୋଇ ବ୍ୟବସାୟକୁ ସଙ୍କୁଚିତ କରିପାରନ୍ତି। ବିଦେଶ ଯାତ୍ରା ପ୍ରତି ଅନୁକୂଳ ସୁଯୋଗ ଆପେ ଆପେ ଜୁଟିଯିବ। ପାରିବାରିକ କ୍ଷେତ୍ରରେ ସମସ୍ୟା କେତେକାଂଶରେ କମି କମି ଆସିପାରେ।

**କର୍କଟ**
କର୍ମକ୍ଷେତ୍ରରେ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ, ଅନ୍ୟଥା ସମସ୍ୟାର ସମ୍ମୁଖୀନ ହେବେ। ପ୍ରଶାସନିକ କିମ୍ବା ଆନୁଷ୍ଠାନିକ କାମକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରି ମୁଣ୍ଡରେ ହାତ ଦେଇ ବସିବେ। ସାଂସ୍କୃତିକ କାର୍ଯ୍ୟକ୍ରମରୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ**
କର୍ତ୍ତବ୍ୟରେ ଅବହେଳାଜନିତ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଦୀର୍ଘ ଦିନର ପ୍ରତୀକ୍ଷା ପରେ ଆଜି ହଠାତ୍ କୌଣସି ଖବର ପାଇ ଖୁସି ହୋଇପାରନ୍ତି। ନିକଟ ବନ୍ଧୁମାନେ ଆବଶ୍ୟକତାକୁ ଯଥା ସମୟରେ ପୂରଣ କରିବାରେ ସମର୍ଥ ହେବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ପ୍ରଶଂସିତ ହୋଇପାରନ୍ତି।

**କନ୍ୟା**
ଉପରିସ୍ଥଙ୍କ ଆଦେଶାନୁସାରେ ବିଭିନ୍ନ କ୍ଷେତ୍ରରେ ନିଜକୁ ନିୟୋଜିତ କରିବାକୁ ବାଧ୍ୟ ହେବେ। ପ୍ରତିଯୋଗିତାରେ ସଫଳତା, କଚେରି ମାମଲାରେ ବିଜୟ, ବ୍ୟବସାୟରେ ଉନ୍ନତି ହେତୁ ମନ ଖୁସି ରହିବ। ଶତ୍ରୁତାର ଅବସାନ ଘଟାଇବା ସକାଶେ ଅନ୍ୟର ସାହାଯ୍ୟ ନେଇପାରନ୍ତି। ବନ୍ଧୁଙ୍କ କଥାରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ତୁଳା**
ସେବା ଓ ପରୋପକାର ପ୍ରବୃତ୍ତିରୁ ପଡ଼ୋଶୀଙ୍କଠାରୁ ଅନୁରକ୍ତି ଲାଭ କରିବେ। ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ। ଜମିଜମା, ମାଲିମକଦ୍ଦମା, ତର୍କବିତର୍କ ତଥା ବିବାଦୀୟ ଘଟଣାରେ ବିଜୟୀ ହେବେ। ନୂତନ କାର୍ଯ୍ୟ ପାଇଁ ହିତୈଷୀମାନଙ୍କ ନିକଟରୁ ପ୍ରେରଣା ମିଳିପାରେ।

**ବିଛା**
ଆପଣଙ୍କ କାମରେ ସହଯୋଗ ସକାଶେ ଆତ୍ମୀୟମାନେ ସ୍ୱାର୍ଥବାଦୀ ହେବା ସହ ମୁହଁ ଫେରାଇ ନେଇପାରନ୍ତି। ଅସାବଧାନବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଆଶଙ୍କାକୁ ଏଡ଼ି ଦେବା ଠିକ୍ ହେବ ନାହିଁ। ଲଘୁକ୍ରୋଧର ବଶବର୍ତ୍ତୀ ହୋଇ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସାହିତ୍ୟ ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ।

**ଧନୁ**
ବିଭିନ୍ନ ଦିଗରୁ ସମସ୍ୟା ଆସିଲେ ମଧ୍ୟ ତାହାର ସମାଧାନ କରିବାରେ ସଫଳ ହେବେ। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣାଜନିତ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବ। ବ୍ୟବସାୟିକ ଉନ୍ନତି, ଅର୍ଥପ୍ରାପ୍ତି, ସହ ବନ୍ଧୁ ମିଳନଜନିତ ଶୁଭଫଳ ମଧ୍ୟ ପାଇପାରନ୍ତି। ସ୍ୱାର୍ଥକୁ ଗୁରୁତ୍ୱ ଦେଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ମକର**
କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତିର ସମାଧାନର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। କଳା, ସାହିତ୍ୟ, ସାମ୍ବାଦିକତା ତଥା ମନୋରଞ୍ଜନ କ୍ଷେତ୍ରରୁ ସୁଫଳ ମିଳିବ। ପରିବାରର ଆବଶ୍ୟକତାନୁଯାୟୀ ଔଷଧ ପତ୍ର, ଅଳଙ୍କାର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଯୁକ୍ତିତର୍କଜନିତ ଭ୍ରାତୃସମ୍ପର୍କ କ୍ଷୁଣ୍ଣ ହୋଇପାରେ।

**କୁମ୍ଭ**
ଆଜି କେତେକ କ୍ଷେତ୍ରରେ ଭଲ କରିବାକୁ ଯାଇ ଓଲଟା ଫଳ ପାଇପାରନ୍ତି। ପାରିବାରିକ କ୍ଷେତ୍ରରେ କେତେକ ଅସ୍ୱାଭାବିକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବିଭିନ୍ନ କ୍ଷେତ୍ରରୁ ଅର୍ଥ, ସମ୍ମାନ, ପ୍ରଶଂସା, ଶୁଭେଚ୍ଛା, ସଦିଚ୍ଛା ଲାଭ କରି ଖୁସି ହେବେ। ଭୁଲ୍ ବୁଝାମଣାରୁ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ।

**ମୀନ**
ଆଜି ଆପଣଙ୍କ କଥା ଓ କାମକୁ ଅନ୍ୟମାନେ ସମର୍ଥନ ଜଣାଇପାରନ୍ତି। ଆର୍ଥିକ ଉନ୍ନତି ସାଙ୍ଗକୁ ସମସ୍ୟାର ସମାଧାନ ମନକୁ ସ୍ଥିରତା ଆଣିବାରେ ସାହାଯ୍ୟ କରିବ। ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣାରୁ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇପାରେ। ହଠାତ୍ ଜଣେ ବନ୍ଧୁଙ୍କ ଦ୍ୱାରା ଆହୂତ ଦୂରଯାତ୍ରାର ଯୋଜନା କରିପାରନ୍ତି।

ଆଜି ହିନ୍ଦୁ ନବବର୍ଷ, ସୃଷ୍ଟ୍ୟାରମ୍ଭ ଦିବସ, ଚୈତ୍ର ଶୁକ୍ଳ ପ୍ରତିପଦାଯୁକ୍ତ ଦ୍ୱିତୀୟା ରବିବାର, ମାର୍ଚ୍ଚ ୩୦ ତାରିଖ, ରମଜାନ୍ ମାସର ରୋଜାଶେଷ, ରାଶିନକ୍ଷତ୍ର-ରେବତୀ/ମୀନ, ପ୍ରତିପଦାର ଏକୋଦ୍ଦିଷ୍ଟ ଏବଂ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୫ ଗତେ ଘ.୦୯।୪୯ ମଧ୍ୟେ, ଘ.୦୧।୨୨ ଗତେ ଘ.୦୧।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୫ ଗତେ ଘ.୦୫।୫୬ ମଧ୍ୟେ ରାହୁକାଳ।

## ରାଜ୍ୟ ଖବର

# ଡିଏସ୍‌ପି ରମେଶ ଦୋରାଙ୍କ ଜାତି ପ୍ରମାଣପତ୍ର ରଦ୍ଦ ନିର୍ଦ୍ଦେଶ

### ଜାଲ୍ ଜାତି ପ୍ରମାଣପତ୍ର ବଳରେ ପୋଲିସ ଚାକିରି

**ସମ୍ବଲପୁର,୨୯।୩(ଭବାନୀ ଶଙ୍କର ଭୋଇ)**

କ୍ରାଇମବ୍ରାଞ୍ଚର ପୂର୍ବତନ ଡିଏସ୍‌ପି ତଥା ବର୍ତ୍ତମାନର ଢେଙ୍କାନାଳ ଏସ୍‌ଡିପିଓ ରମେଶ ଦୋରା ଜାଲ୍‌ଏସ୍‌ଟି ପ୍ରମାଣପତ୍ର ବଳରେ ପୋଲିସ ଚାକିରି କରୁଥିବା ନେଇ ପ୍ରମାଣିତ ହୋଇଛି। ଉତ୍ତରାଞ୍ଚଳ ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟସ୍ତରୀୟ ଯାଞ୍ଚ କମିଟ ଦୋରା ଭୁଲ୍ ତଥ୍ୟ ଦେଇ ହାସଲ କରିଥିବା ଜନଜାତି ପ୍ରମାଣପତ୍ର ରଦ୍ଦ କରିବାକୁ ଆଦେଶ ଦେଇଛନ୍ତି।

୨୦୨୧ରେ ସମ୍ବଲପୁର ଟାଉନ ଥାନା ଅଧିକାରୀ ଥିବା ସମୟରେ ଦୋରାଙ୍କ ନାଁରେ ହାଇକୋର୍ଟରେ ଆଇନଜୀବୀ ସୁରେନ୍ଦ୍ର ମହାପାତ୍ର ଜାତି ପ୍ରମାଣପତ୍ର ଜାଲିଆତି ଅଭିଯୋଗ ଆଣିଥିଲେ। ଏହାପରେ ଉତ୍ତରାଞ୍ଚଳ ଆର୍‌ଡିସିଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟସ୍ତରୀୟ ଯାଞ୍ଚ କମିଟି ଏହାର ତଦନ୍ତ କରିଥିଲା। ବରଗଡ଼ ଜିଲାର ମୂଳନିବାସୀ ଦୋରା ତେଲେଙ୍ଗା ଜାତିର ହୋଇଥିବାବେଳେ ସେ ନିଜର ଜାତି 'କୋଣ୍ଡାଦୋରା' ଦର୍ଶାଇ ଜନଜାତି ପ୍ରମାଣପତ୍ର ହାସଲ କରିଥିଲେ।

**ପ୍ରାଥମିକ ବିଦ୍ୟାଳୟ ରେକର୍ଡ ତେଲେଙ୍ଗା ବୋଲି ପ୍ରମାଣିତ କଲା**

ରମେଶ ଦୋରା ପାଠ ପଢ଼ିଥିବା ରଙ୍ଗପଡ଼ା ପ୍ରାଥମିକ ବିଦ୍ୟାଳୟର ସ୍କୁଲ ପ୍ରବେଶ ରେଜିଷ୍ଟାରରେ କ୍ରମିକ ନମ୍ବର ୧୩୪ରେ ଜାତି ତେଲେଙ୍ଗା ବୋଲି ରେକର୍ଡ କରାଯାଇଛି। ପୁଣି ତାଙ୍କ ପିତାଙ୍କ ନାମରେ ଥିବା ଜମି ପଟ୍ଟାରେ ଜାତି ତେଲେଙ୍ଗା ମଧ୍ୟ ରହିଛି। ତେବେ ପରେ ସେ ସରକାରୀ ସୁବିଧା ହାସଲ କରିବା ପାଇଁ କୋଣ୍ଡାଦୋରା ଜନଜାତି ପ୍ରମାଣପତ୍ର ହାସଲ କରିଥିଲେ। ଏହି ପ୍ରମାଣପତ୍ର ବଳରେ ସେ ପୋଲିସ ଚାକିରି ପାଇ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ହାତେଇଥିଲେ। ଦୋରାଙ୍କ ଜାତି ସମ୍ପର୍କୀୟ, ବନ୍ଧୁ ଏବଂ ପଡ଼ୋଶୀମାନଙ୍କ ବୟାନ ଏବଂ ତାଙ୍କ ପରିବାରର ପରମ୍ପରା, ରୀତିନୀତି ଇତ୍ୟାଦି ତଦନ୍ତ କରିବା ପରେ ସେ ତେଲେଙ୍ଗା ଜାତିର ହୋଇଥିବା ପ୍ରମାଣିତ ହୋଇଛି।

**ରାଜ୍ୟସ୍ତରୀୟ ଯାଞ୍ଚ କମିଟିର ଆଦେଶ**

ଉତ୍ତରାଞ୍ଚଳ ଆରଡିସି ଯାଦବଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟସ୍ତରୀୟ ଯାଞ୍ଚ କମିଟିରେ ଉପନିର୍ଦ୍ଦେଶକ ଅଶ୍ୱନୀ କୁମାର ଦାଶ, ଏସ୍‌ସି ଏସ୍‌ଟି ବିଭାଗ ସହକାରୀ ନିର୍ଦ୍ଦେଶକ ମଧୁସୂଦନ ସାହୁ, ବରଗଡ ଏଡିଏମ୍ ମଧୁଛନ୍ଦା ସାହୁ ସଦସ୍ୟ ରହିଥିଲେ। ତେଲେଙ୍ଗା ଜନଜାତି ବର୍ଗରେ ଆସୁ ନ ଥିବାରୁ କମିଟି ତାଙ୍କ ଜନଜାତି ପ୍ରମାଣପତ୍ର ରଦ୍ଦ ପାଇଁ ଆଦେଶ ଦେଇଛି। ଏଭଳି ସ୍ଥିତିରେ ରମେଶ ଚାକିରି ହରାଇବା ସହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ବି ସମ୍ମୁଖୀନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏସ୍‌ଟି ପ୍ରମାଣପତ୍ର ବଳରେ କିଣିଥିବା ଜମି, ହାତେଇଥିବା ସୁବିଧାର ଯାଞ୍ଚ କରାଯାଇ ଭରଣା ଦେବାକୁ ନିର୍ଦ୍ଦେଶ ହୋଇଛି। ରମେଶ ପୂର୍ବରୁ ବ୍ୟକ୍ତିଗତଭାବେ ରାଜ୍ୟସ୍ତରୀୟ ଯାଞ୍ଚ କମିଟି ସମ୍ମୁଖରେ ହାଜର ହୋଇ ନିଜ ପକ୍ଷ ରଖିଥିଲେ। ଗତ ୧୮ତାରିଖରେ ରାଜ୍ୟସ୍ତରୀୟ ଯାଞ୍ଚ କମିଟି ବୈଠକ ବସିଥିଲା। ତେବେ ଯାଞ୍ଚ କମିଟି ଅଧ୍ୟକ୍ଷ ଉତ୍ତରାଞ୍ଚଳ ଆରଡିସି ଯାଦବ ଉକ୍ତ ଦିନ ମାମଲାର ରାୟ ସଂରକ୍ଷିତ ରଖିଥିଲେ। ଶୁକ୍ରବାର ଯାଞ୍ଚ କମିଟି ରାୟ ପ୍ରକାଶ ପାଇଛି।

# ୭ ବର୍ଷ ପରେ ମା' କୋଳକୁ ଫେରିଲେ ଝିଅ

### ଜିଲା ପ୍ରଶାସନର ପ୍ରୟାସକୁ ସାଧୁବାଦ ଜଣାଇଲେ ଅଞ୍ଚଳବାସୀ



ପରିବାର ନିକଟରେ ବେବି ଓ ମୟୂରଭଞ୍ଜ ଜିଲା ପ୍ରଶାସନିକ ଅଧିକାରୀମାନେ।

**ବାରିପଦା,୨୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବଜରଙ୍ଗୀ ଭାଇଜାନ ଚଳଚ୍ଚିତ୍ରର କାହାଣୀ ସଦୃଶ ହଜିଲା ୬ ବର୍ଷର ବେବି ପାତ୍ର ଘଟଣା ଝାଡ଼ଖଣ୍ଡ ରାଜ୍ୟ ଜାମ୍‌ଶେଦପୁର ଅଞ୍ଚଳରେ ଚହଳ ପକାଇ ଦେଇଛି। ୭ ବର୍ଷ ଧରି ହଜିଯାଇ ମୟୂରଭଞ୍ଜ ଜିଲା ଶିଶୁ ଯତ୍ନ ଅନୁଷ୍ଠାନରେ ପାଠ ପଢୁଥିବା ବେବିଏବେ ମା' କୋଳକୁ ଫେରିଛନ୍ତି। ପରିବାର ଲୋକେ ଝିଅକୁ ପାଇ ଆନନ୍ଦରେ ଆତ୍ମବିଭୋର ହୋଇପଡ଼ିଛନ୍ତି। ଏଭଳି ଘଟଣାକୁ ନେଇ ଜିଲା ପ୍ରଶାସନର ପ୍ରୟାସକୁ ନେଇ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।

ପ୍ରକାଶ ଯେ, ୨୦୧୮ରେ ମୟୂରଭଞ୍ଜ ଜିଲା ଝରାଡ଼ିହୀ ପୋଲିସ ଏକ ଝିଅକୁ ଉଦ୍ଧାର କରି ଚାଇଲ୍ଡଲାଇନ ସବ୍ ସେଣ୍ଟରକୁ ହସ୍ତାନ୍ତର କରିଥିଲା। ଚାଇଲ୍ଡଲାଇନ ପକ୍ଷରୁ ଝିଅଟିକୁ ମୟୂରଭଞ୍ଜ ଶିଶୁ ମଙ୍ଗଳ ସମିତିରେ ହାଜର କରାଇବା ପରେ ବାରିପଦାର ଏକ ଶିଶୁଯତ୍ନ ଅନୁଷ୍ଠାନରେ ରଖାଯାଇଥିଲା। ନିକଟସ୍ଥ ବିଦ୍ୟାଳୟରେ ନାମ ଲେଖାଇ ପଢ଼ିବାର ସୁଯୋଗ ସୃଷ୍ଟି କରିଥିଲେ। ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ପାଠ ପଢ଼ିବା ମଧ୍ୟରେ ଅନୁଷ୍ଠାନ ପକ୍ଷରୁ ବାରମ୍ବାର ଆଲୋଚନା କରାଯାଇ ଠିକଣା ସମ୍ପର୍କରେ ବୁଝିବାକୁ ଚେଷ୍ଟା କରାଯାଇଥିଲା। ତେବେ କିଛିଦିନ ପୂର୍ବରୁ ସେ ନିଜ ଅଞ୍ଚଳକୁ ନେଇଗଲେ ଘର ପରିବାରକୁ ଦେଖାଇପାରିବେ ବୋଲି କହିଥିଲେ। ଏହାକୁ ନେଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଶିଶୁ ମଙ୍ଗଳ ସମିତିର ସୁରକ୍ଷା ଅଧିକାରୀ ମଧୁସୂଦନ ରଥ ଓ ଚାଇଲ୍ଡ ହେଲ୍ପଲାଇନ୍‌ର ପରାମର୍ଶଦାତ୍ରୀ ରଶ୍ମିତା ପାଣି ତତ୍ପର ହୋଇ ଗତ ଗୁରୁବାର ବେବିକୁ ସାଙ୍ଗରେ ଧରି ତାଙ୍କ ଗ୍ରାମ ଅଭିମୁଖେ ବାହାରିଥିଲେ। ସୂଚନାକୁ ନେଇ ଝାଡ଼ଖଣ୍ଡ ରାଜ୍ୟ ଜାମଶେଦପୁର ସହରରେ ପହଞ୍ଚି ଠିକଣା ଜାଣିବାକୁ ଚେଷ୍ଟା କରିଥିଲେ। ମାତ୍ର କୌଣସି ଠିକ୍ ଠିକଣା ନ ପାଇବାରୁ ଅଧିକାରୀମାନେ ନିରାଶ ହୋଇଥିଲେ। ନୂଆଘର, ନୂଆରାସ୍ତା ଦେଖି ବେବି ବାଟବଣା ହୋଇଯାଇଥିଲେ। ସେ କହୁଥିବା ସଙ୍କେତକୁ ଆଧାର କରି ଅଧିକାରୀମାନେ ସ୍ଥାନୀୟ ଲୋକଙ୍କୁ ପଚାରିଥିଲେ ମଧ୍ୟ କେହି ଠିକ୍ ସୂଚନା ଦେଇପାରି ନ ଥିଲେ। ପ୍ରଥମେ ତାଙ୍କ ବଡଭାଇ କାମ କରୁଥିବା ସ୍ଥାନର ସନ୍ଧାନ ମିଳିବା ପରେ ସମ୍ପୂର୍ଣ୍ଣ ଠିକଣା ପାଇଥିଲେ। ପରେ ବେବିକୁ ଧରି ତାଙ୍କ ଘରେ ପହଞ୍ଚିବା ପରେ ମାଆକୁ ଦେଖି ସେ ଆତ୍ମହରା ହୋଇପଡ଼ିଥିଲେ। ମା' ମଧ୍ୟ ଏତେ ବର୍ଷ ପରେ ଝିଅକୁ ପାଇ ଖୁସିରେ ଆତ୍ମବିଭୋର ହୋଇପଡ଼ିଥିଲେ। ଏତେଦିନ ପରେ ହଜିଥିବା ଶିଶୁ ପରିବାରକୁ ଫେରିପାଇଥିବାରୁ ଅଞ୍ଚଳବାସୀ ସାଧୁବାଦ ଜଣାଇଥିଲେ। ମାଆ କୋଳକୁ ବେବି ଫେରିଥିବାରୁ ଜିଲାପାଳ ହେମକାନ୍ତ ସୟ ପରିବାରକୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟକଲା ଛଉନୃତ୍ୟ



ବିଭିନ୍ନ ଦେଶରୁ ଆସିଥିବା ଟୁର୍ ଅପରେଟରଙ୍କ ସହ ଛଉ ନୃତ୍ୟଶିଳ୍ପୀ ଓ ରାଜ ପରିବାରର ସଦସ୍ୟମାନେ।

**ବାରିପଦା,୨୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ବେଲଗଡ଼ିଆସ୍ଥିତ ରାଜପ୍ରାସାଦ ପରିସରରେ ୩ ଦିନ ଧରି ଛଉ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜଜେମା ମୃଣାଳିକା ମଞ୍ଜରୀ ଭଞ୍ଜଦେଓ ଏବଂ ଅକ୍ଷିତା ମଞ୍ଜରୀ ଭଞ୍ଜଦେଓଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ଦେଶ ବିଦେଶରୁ ଟୁର ଅପରେଟର ଯୋଗଦେଇଥିଲେ। ବିଦେଶର ଟୁର୍ ଅପରେଟରଙ୍କୁ ଛଉନୃତ୍ୟ ବହୁତ ଆକୃଷ୍ଟ କରିଥିଲା।

ପ୍ରଥମ ସନ୍ଧ୍ୟାରେ ପୁରୁଲିଆର ଭଗବାନ ବିର୍ସାମୁଣ୍ଡା ଛଉନୃତ୍ୟ କଳାକେନ୍ଦ୍ର, ଦ୍ୱିତୀୟ ସନ୍ଧ୍ୟାରେ ଶ୍ରୀ ଶ୍ରୀ ଶିବଶମ୍ଭୁ ଛଉନୃତ୍ୟ କଳାମନ୍ଦିର ଓ ତୃତୀୟ ସନ୍ଧ୍ୟାରେ ବାରିପଦାର ପ୍ରୋଜେକ୍ଟ ଛାଉଣି ପକ୍ଷରୁ ଛଉନୃତ୍ୟ ପରିବେଷଣ କରାଯାଇଥିଲା। ଏହିଅବସରରେ ଆମେରିକା, ଅଷ୍ଟ୍ରେଲିଆ, ଆୟର୍ଲାଣ୍ଡ, ଇଟାଲି ଓ ଡେନମାର୍କରୁ ଆସିଥିବା ଟୁର୍ ଅପରେଟରମାନେ ସବୁଜ ବନାନୀ ଶିମିଳିପାଳ ସମେତ ଶୁଳିଆପଦା ବ୍ଲକ୍‌ର ସାଲୋସାହିସ୍ଥିତ ସବାଇ କ୍ଲଷ୍ଟର, କୁଳିଅଣା ଅଞ୍ଚଳର ଡୋକ୍ରା କ୍ଲଷ୍ଟର ଏବଂ ଅନ୍ୟାନ୍ୟ ଅଞ୍ଚଳ ପରିଦର୍ଶନ କରିଥିଲେ। ଗ୍ରାମାଞ୍ଚଳର ଛଉନୃତ୍ୟ ଦଳଗୁଡ଼ିକର ଆଖଡ଼ାକୁ ଯାଇ ନୃତ୍ୟାଭ୍ୟାସ ଦେଖିଥିଲେ। ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପକୁ ସମୃଦ୍ଧ କରିବାକୁ ଟୁର୍ ଅପରେଟରଙ୍କୁ ଆସିବାକୁ ଅନୁରୋଧ କରାଯାଇଥିବା ରାଜପ୍ରାସାଦ ପକ୍ଷରୁ କୁହାଯାଇଛି। ବିଭିନ୍ନ କାରଣରୁ ମୟୂରଭଞ୍ଜ ଜିଲାରେ ବୃହତ୍ ଶିଳ୍ପମାନ ପ୍ରତିଷ୍ଠା କରାଯାଇ ପାରୁ ନ ଥିବା ବେଳେ ପର୍ଯ୍ୟଟନ ଶିଳ୍ପର ଅନେକ ସମ୍ଭାବନା ରହିଛି। ଏହି ଶିଳ୍ପ ଜରିଆରେ ଅନେକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ରୋଜଗାର ସୃଷ୍ଟି କରାଯାଇପାରିବ। ଏହାକୁ ବ୍ୟାପକ ରୂପ ଦେବା ପାଇଁ ଉଦ୍ୟମ ଜାରି ରହିଛି ଏବଂ ଆଗକୁ ମଧ୍ୟ ଜାରି ରହିବ ବୋଲି ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩୦/୨୦୨୫ | Bhubaneswar, Sunday, March 30/2025 



ଲୋକସେବା ଭବନରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା।

# ଗୋପାଳ ପଟ୍ଟନାୟକ 'ରେରା' ଅଧ୍ୟକ୍ଷ

**ଭୁବନେଶ୍ୱର,୨୯।୩(ରବିନାରାୟଣ ଜେନା)**

ଗୋପାଳ ଚନ୍ଦ୍ର ପଟ୍ଟନାୟକ ଓଡ଼ିଶା-ରିଅଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି(ଓରେରା)ର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ଏନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତିରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଦର୍ଶାଇଛନ୍ତି, 'ରେରା'ର ସଦସ୍ୟ ଗୋପାଳ ପଟ୍ଟନାୟକଙ୍କୁ ଅଧ୍ୟକ୍ଷ ପଦରେ ସରକାର ନିଯୁକ୍ତ କରିଛନ୍ତି। ଯେ ପର୍ଯ୍ୟନ୍ତ 'ରେରା'ର ନିୟମିତ ଅଧ୍ୟକ୍ଷ ନିଯୁକ୍ତ ହୋଇ ନାହାନ୍ତି ସେପର୍ଯ୍ୟନ୍ତ ସେ ଅଧ୍ୟକ୍ଷ ଦାୟିତ୍ୱ ☞ପୃଷ୍ଠା-୮

SIKSHA 'O' ANUSANDHAN
SAAT-2025
Empowering students for a brighter future
CORE B.TECH PROGRAMMES IN COMPUTING
Computer Science and Engineering
Computer Science and Information Technology
APPROVAL & RECOGNITIONS
Approved by UGC and AICTE
Re-accredited by NAAC with A++ Grade
Granted with Category-1 Graded Autonomy by UGC
NBA Accredited Programmes
NIRF INDIA RANKINGS 2024
14th Best in University Category
26th Best in Engineering Category
INTERNATIONAL RANKINGS 2025
Ranked in QS World Rankings 2025
Ranked in Times World Rankings 2025
To apply for admission through SAAT, Please visit: www.soa.ac.in

# ସୁକ୍‌ମା ଏନ୍‌କାଉଣ୍ଟରର: ୧୮ ମାଓବାଦୀ ନିହତ

## ୪ ଯବାନ ଆହତ

**ମାଲକାନଗିରି, ୨୯।୩ (ଦୁର୍ଯ୍ୟୋଧନ ପାତ୍ର), ସୁକ୍‌ମା (ପି.ଟି.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ଅଧୀନ କେରାଲପାଲ ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଶନିବାର ସକାଳେ ଗୁଳି ବିନିମୟ ଘଟିଛି। ସୁରକ୍ଷା କର୍ମୀଙ୍କ ଗୁଳିରେ ୧୭ ମାଓବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ୪ ଜଣ ଯବାନ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଡିଆର୍‌ଜି ବାହିନୀର ୩ଜଣ ଓ ସିଆର୍‌ପିଏଫ୍‌ର ଜଣେ ଯବାନ ଥିବା ସୂଚନା ମିଳିଛି। ସେହିପରି ବିଜାପୁର ଜିଲାରେ ଅନ୍ୟ ଏକ ଏନ୍‌କାଉଣ୍ଟରରେ ଜଣେ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀଙ୍କୁ ସମ୍ପୂର୍ଣ୍ଣ ମୂଳପୋଛ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବାବେଳେ ଶନିବାର ଏନ୍‌କାଉଣ୍ଟର ଏହି ମିଶନ ଦିଗରେ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଛତିଶଗଡ଼ ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଏହା ପୂର୍ବରୁ ସୁରକ୍ଷା ବଳ ସୁକମା ଅଞ୍ଚଳରେ ତଲାସି ଅଭିଯାନକୁ ଜୋର୍‌ଦାର କରିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସୁକମ୍ ଏନ୍‌କାଉଣ୍ଟରର ପ୍ରଶଂସା କରିଛନ୍ତି। ପାଖରେ ଅସ୍ତ୍ର ରଖି ହିଂସାର ସାହାରା ନେଉଥିବା ଲୋକେ ପରିବର୍ତ୍ତନ ଆଣିପାରିବେ ନାହିଁ। ଶାନ୍ତି ଓ ବିକାଶ ଦ୍ୱାରା ପରିବର୍ତ୍ତନ ଆସିପାରିବ ବୋଲି ଶାହା କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସୁକ୍‌ମା ଜିଲା କେରାଲପାଲ ଥାନା ଅଞ୍ଚଳ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ବନ୍ଧରେ ସୂଚନା ପାଇ ଡିଆର୍‌ଜି ଓ ସିଆର୍‌ପିଏଫ୍ ବାହିନୀ ମିଳିତ ଭାବେ ଉକ୍ତ ଅଞ୍ଚଳରେ କମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଶନିବାର ସକାଳ ପ୍ରାୟ ୮ଟାରୁ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଦୀର୍ଘ ୪ ଘଣ୍ଟା ଗୁଳି ବିନିମୟ ହୋଇଥିଲା। ଏହାପରେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି। ସନ୍ଧ୍ୟା ସୁଦ୍ଧା ୧୭ ଜଣ ମାଓବାଦୀଙ୍କ ମୃତଦେହ ଠାବ ହୋଇଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ୧୧ ମହିଳା ଓ ୬ ପୁରୁଷ ମାଓବାଦୀ ଅଛନ୍ତି। ନିହତ ୭ ଜଣ ମାଓବାଦୀଙ୍କ ପରିଚୟ ମିଳିଥିବା ବେଳେ ଅନ୍ୟମାନଙ୍କ ପରିଚୟ ଜାଣିବାକୁ ଉଦ୍ୟମ ଜାରି ରହିଛି। ମୃତ ମାଓବାଦୀ କୁହଡମି ଜଗଦୀଶଙ୍କୁ ଧରାଇଦେଲେ ୨୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ପୂର୍ବରୁ ପୋଲିସ ଘୋଷଣା କରିଥିଲା। ୨୦୧୩ର ଝିରମ ଉପତ୍ୟକା ଆକ୍ରମଣ ସମେତ ଡଜନେରୁ ଊର୍ଦ୍ଧ୍ୱ ମାଓବାଦୀ ଆକ୍ରମଣରେ ଜଗଦୀଶ ସମ୍ପୃକ୍ତ।

ଗୁରୁତର ଆହତ ୨ ଯବାନଙ୍କ ଉନ୍ନତ ଚିକିତ୍ସା ନିମନ୍ତେ ହେଲିକପ୍ଟର ଯୋଗେ ରାୟପୁର ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରୁ ଏକେ ୪୭, ଏସ୍‌ଏଲ୍‌ଆର୍, ଇନ୍‌ସାସ୍ ରାଇଫଲ୍, ୩୦୩ ରାଇଫଲ, ରକେଟ ଲଞ୍ଚର, ବିଜିଏଲ୍ ଲଞ୍ଚର, ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିବା ସୁକ୍‌ମା ଏସ୍‌ପି. କିରଣ ଚୌହାନ ସୂଚନା ଦେଇଛନ୍ତି। ଯବାନମାନେ ସର୍ଚ୍ଚ ଅପରେଶନ ସାରି ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ଚୌହାନ କହିଛନ୍ତି। ସୂଚନାଯୋଗ୍ୟ, ବସ୍ତର ଅଞ୍ଚଳର ବିଜାପୁର ଏବଂ କଙ୍କର ଜିଲାରେ ୧୦ ଦିନ ପୂର୍ବରୁ ହୋଇଥିବା ୨ଟି ଏନ୍‌କାଉଣ୍ଟରରେ ୩୦ ମାଓବାଦୀ ନିହତ ହୋଇଥିଲେ।

**ଆଜିର ସମ୍ପାଦକୀୟ**

ଧର୍ମୀୟ ସ୍ୱାଧୀନତା ଓ ଭାରତ

**ଆଜିର ମନ୍ତବ୍ୟ**

"ପାଖରେ ଅସ୍ତ୍ର ରଖି ହିଂସା ଭିଆଉଥିବା ଲୋକେ ପରିବର୍ତ୍ତନ ଆଣିପାରିବେ ନାହିଁ। କେବଳ ଶାନ୍ତି ଓ ବିକାଶ ଦ୍ୱାରା ପରିବର୍ତ୍ତନ ଆସିପାରିବ।

-ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

# ଦୁଇଦିନରେ ୨ ଡିଗ୍ରୀ ବଢ଼ିବ ତାପମାତ୍ରା

**ଭୁବନେଶ୍ୱର,୨୯।୩ (ଅନୁରାଧା ମହାରଣା)**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଶନିବାର ସମ୍ବଲପୁରରେ ଦିନ ତାପମାତ୍ରା ସର୍ବାଧିକ ୪୨ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ସେହିପରି ହୀରାକୁଦରେ ପାରଦ ୪୧.୭ ଡିଗ୍ରୀ ଛୁଇଁଥିବାବେଳେ ଝାରସୁଗୁଡାରେ ୪୧.୬, ରାଉରକେଲାରେ ୩୯.୫, ଭୁବନେଶ୍ୱରରେ ୩୮.୬,



ଭୁବନେଶ୍ୱରରେ ଶନିବାର ତାତିରୁ ରକ୍ଷା ପାଇଁ ଯୁବତୀମାନେ ମୁଣ୍ଡରେ ଓଢ଼ଣି ଘୋଡ଼ାଇ ଯାଉଛନ୍ତି। (ଫଟୋ: ବିକାଶ ନାୟକ)

କେନ୍ଦୁଝରରେ ୩୮, ଚାନ୍ଦବାଲିରେ ୩୮ ଓ ବାଲେଶ୍ୱରରେ ୩୭.୨ ଡିଗ୍ରୀ ରହିଥିଲା। ତେବେ ଆସନ୍ତା ୨ଦିନ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ। ରବିବାର ଓ ସୋମବାର ହିଟ୍‌ୱେଭ୍ ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରବିବାର ପାଇଁ ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ଅନୁଗୋଳ ଏବଂ ଢେଙ୍କାନାଳ ☞ପୃଷ୍ଠା-୮

# ୨ ବର୍ଷରେ ତୁଟିବ ଜଗନ୍ନାଥ ଜମି ବିବାଦ

ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେଙ୍କ ନାମରେ ରାଜ୍ୟର ୨୪ ଜିଲାରେ ୬୦,୪୨୬.୯୪୩ ଏକର ଜମି ରହିଛି। ଏଥିରୁ ୩୭, ୦୬୧.୮୯୨ ଏକର ସଂଶୋଧିତ ସ୍ୱତ୍ୱଲିପି ଶ୍ରୀମନ୍ଦିର ପ୍ରଶାସନକୁ ପ୍ରାପ୍ତ ହୋଇଛି। ବଳକା ଜମି ଜବରଦଖଲରେ ରହିଛି। ବିଶେଷକରି ପୁରୀ, ଖୋର୍ଦ୍ଧା ଜିଲାରେ ମହାପ୍ରଭୁଙ୍କ ଅଧିକାଂଶ ଜମି ଜବରଦଖଲରେ ରହିଛି। କେତେକ ସ୍ଥାନରେ ଜମି ଜବରଦଖଲ ସହିତ ଅନ୍ୟାନ୍ୟ ସମସ୍ୟା ରହିଛି। ଏଥିପାଇଁ ରାଜ୍ୟ ସରକାର ଆସନ୍ତା ୩ ମାସ ମଧ୍ୟରେ ନୂଆ ୟୁନିଫର୍ମ ଲ୍ୟାଣ୍ଡ ପିଲିସି ଆଣିବାକୁ ଯାଉଛନ୍ତି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

## ୩ ମାସରେ ଆସିବ ନୂଆ ନୀତି: ଆଇନମନ୍ତ୍ରୀ

**ଭୁବନେଶ୍ୱର,୨୯।୩ (ରବିନାରାୟଣ ଜେନା)**

ଶନିବାର ବିଧାନସଭାର ପ୍ରଶ୍ନକାଳରେ ଭାଜପା ସଦସ୍ୟ ଦୁର୍ଗାଚରଣ ତନ୍ତିଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ମହାପ୍ରଭୁଙ୍କ ପାଇଁ ଆସିବାକୁ ଥିବା ଲ୍ୟାଣ୍ଡ ପଲିସିକୁ କ୍ୟାବିନେଟ ବୈଠକରେ ଅନୁମୋଦନ ଦିଆଯିବ। ରାଜ୍ୟବ୍ୟାପୀ ଥିବା ଜଗନ୍ନାଥଙ୍କ ଜମି ବିବାଦ ଦୁଇ ବର୍ଷରେ ତୁଟିବ। ମହାପ୍ରଭୁଙ୍କ ସମସ୍ତ ଜମିର ଡିଜିଟାଇଜେଶନ ପ୍ରକ୍ରିୟା



ଜାରି ରହିଛି। ୨୨ ହଜାର ଏକର ଜମିର ସ୍ୱତ୍ୱର ଯୋଗାଡ଼ ଚାଲିଛି। ରାଜ୍ୟ ବାହାରେ ୬ଟି ରାଜ୍ୟରେ ୩୯୫.୨୫ ଏକର ଜଗନ୍ନାଥ ଜମି ରହିଛି। ଯେଉଁମାନେ ଅଧିକ ବର୍ଷ ଜଗନ୍ନାଥଙ୍କ ଜମି ଜବରଦଖଲ କରିଥିବେ, ସେମାନଙ୍କୁ ୧୦୦ ଡିସିମିଲ ଜାଗା ରିହାତି ଦରରେ ରାଜ୍ୟ ସରକାର ଯୋଗାଇ ଦେବେ। ଏହାପରେ ଅବଶିଷ୍ଟ ଜମି ବେଞ୍ଚମାର୍କ ଭାଲୁଏଶନ ଅନୁସାରେ ରାଜସ୍ୱ ସଂଗ୍ରହ କରାଯିବ। ବିଜେଡି ସଦସ୍ୟ ଅଶ୍ୱିନୀ କୁମାର ପାତ୍ର ପ୍ରଶ୍ନ କରିଥିଲେ ଯେ, ପୁରୀରେ କେତେ ଜମି ଅବରୋଧ ଅଛି। ଏହାର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୧୭ହଜାର ଏକର ☞ପୃଷ୍ଠା-୮

KiiT International School
"Selfless Service Endless Learning"
IB WORLD SCHOOL
ADMISSIONS OPEN Apply Now
FOR ADMISSIONS IN CLASS XI - 2025-26 www.kiitis.ac.in
KAST KIITIS ADMISSION CUM SCHOLARSHIP TEST (CLASS XI)
Test Date : 30th March 2025
TIME : 10:00 A.M. - 11:30 A.M.
Science, Commerce, Humanities (CBSE)
International Baccalaureate Diploma Programme (IBDP)
Test Centre : KiiT International School, Bhubaneswar, Odisha
OUR ACADEMIC EXCELLENCE
SCHOLARSHIP UP TO 100% ON TUITION FEE*
Our JEE Main Qualifier (Session-1) 2025
13 STUDENTS ABOVE 99%ile
HANS DARUKA 99.96%ile
SWAYAM KRISHNA MANOHARI 99.95%ile
RASHMI RANJAN BASITA 99.95%ile
SAMMAN PODDAR 99.91%ile
ADITYA NAYAK 99.84%ile
SHREYAS SAMANTRAY 99.79%ile
PRABHUDUTTA PRUSTI 99.75%ile
KRISHNANSU MOHANTY 99.74%ile
AMRUTANSHU DASH 99.59%ile
RIGVED SAI MAHARATHI 99.43%ile
SAI SARVESH THATOI 99.4%ile
ASTU NAYAK 99.2%ile
OM PRAKASH KAR 99.07%ile
RAZARYAN SAHOO 98.52%ile
AYUSH NANDA 98.49%ile
ARCHIT PASAYAT 98.48%ile
NISHANT NAIK 98.43%ile
SUSHREE MANISHA 98.38%ile
AMLAANDEEP SAHOO 98.28%ile
SUBHANG DIDWANIA 98.26%ile
AYUSH PATRA 97.99%ile
HARSHVARDHAN 97.81%ile
ALKA PANDA 97.45%ile
TVISHAA PATNAIK 97.1%ile
& many more...
SALIENT FEATURES
School Timings: (7:45 a.m. to 3:30 p.m.).
Supervised remedial sessions for all Science students (day-boarders and full-boarders from 3:30 p.m to 5:00 p.m.) .
For Full Boarders supervised self-study & doubt clearing session from Monday- Friday (6:00 p.m to 8:00 p.m). for Com. & Humanities.
Integrated Program for JEE (Main & Advance) / NEET (UG) by our own skilled faculty team of National repute for competitive exams.
Tie up with ALLEN for Study materials and All India Test Series.
Special SPARK Batch (Excellent performers will appear) for VSTs on Saturdays.
Coaching for Commerce & Humanities:
• Common Law Admission Test (CLAT)
• Intergrated Masters of Business Administration (CA)
• Common University Entrance Test (CUET)
• Chartered Accountant Foundation (CA)
Ideal teacher student ratio is 1:10
Leadership development program (MUN, Bizclave)
Indian and Foreign university career counselling support programme.
Transportation (Covering Bhubaneswar & Cuttack) •AC vehicle with a female attendant
Breakfast, Lunch, 2 snacks (For all Students & Dinner for Full Boarders)
AC boarding facilities with Two/Four bed sharing.
Indoor & Outdoor sports activities.
9777061572, 7205761572 (for CBSE), 9937220263 (for IGCSE & IBDP)
www.kiitis.ac.in admission@kiitis.ac.in Campus-9, KIIT, Patia, Bhubaneswar-751024

# ଧର୍ମୀୟ ସ୍ୱାଧୀନତା ଓ ଭାରତ



ଆକାର ପଟେଲ

ପ୍ରତିବର୍ଷ ୟୁନାଇଟେଡ୍ ଷ୍ଟେଟ୍‌ସ କମିଶନ ଅନ୍ ଇଣ୍ଟରନ୍ୟାଶନାଲ ରିଲିଜିଅସ ଫ୍ରିଡମ୍ (ୟୁଏସ୍‌ସିଆଇଆର୍‌ଏଫ୍) ବିଶ୍ୱରେ ଧର୍ମୀୟ ସ୍ୱାଧୀନତା ଉଲ୍ଲଂଘନରେ ଜଡ଼ିତ କିମ୍ବା ଏହାକୁ ଅନୁମତି ଦେଉଥିବା ଦେଶଗୁଡ଼ିକର ତାଲିକା ପ୍ରସ୍ତୁତ କରିଥାଏ। ସେହି ସବୁ ରାଷ୍ଟ୍ରକୁ 'କଣ୍ଟ୍ରିଜ ଅଫ୍ ପର୍ଟିକୁଲାର କନସର୍ନ'(ସିପିସି) ବା ବିଶେଷ ଭାବେ ଚିନ୍ତାଜନକ ଦେଶ ବର୍ଗରେ ନାମିତ କରାଯାଏ। ସେମାନଙ୍କ ସହ କିଛି ସଂସ୍ଥା ବିରୋଧରେ କଟକଣା ଲଗାଇବା ପାଇଁ ଆମେରିକାର ପରରାଷ୍ଟ୍ର ବିଭାଗକୁ ୟୁଏସ୍‌ସିଆଇଆର୍‌ଏଫ୍ ପରାମର୍ଶ ଦେଇଥାଏ। ଚଳିତ ବର୍ଷ କଟକଣା ସାମ୍ନା କରିଥିବା ଦେଶଗୁଡ଼ିକ ମଧ୍ୟରେ ଅଛନ୍ତି ଆଫ୍‌ଗାନିସ୍ତାନ, ବର୍ମା, ଚାଇନା, କ୍ୟୁବା, ଇରିଟ୍ରିଆ, ଭାରତ, ଇରାନ, ନିକାରାଗୁଆ, ନାଇଜେରିଆ, ଉତ୍ତର କୋରିଆ, ପାକିସ୍ତାନ, ରୁଷିଆ, ସାଉଦି ଆରବ, ତାଜିକିସ୍ତାନ, ତୁର୍କମେନିସ୍ତାନ ଏବଂ ଭିଏତ୍‌ନାମ। ଭାରତ ପ୍ରଥମେ ୨୦୨୦ରେ ଏହି ତାଲିକାରେ ଥିଲା ଏବଂ ସେବେଠାରୁ ପ୍ରତିବର୍ଷ ଏଥିରେ ରହିଆସୁଛି। ୨୦୨୦ରେ ୟୁଏସ୍‌ସିଆଇଆର୍‌ଏଫ୍ ପ୍ରକାଶ କରିଥିଲା, ୨୦୧୯ରେ ଭାରତର ଧର୍ମୀୟ ସ୍ୱାଧୀନତାରେ ଅତ୍ୟଧିକ ଅଧୋଗତି ଘଟିଥିଲା। ଭାରତ ସରକାର ସାରା ଦେଶରେ ବିଶେଷକରି ମୁସଲମାନଙ୍କ ବିରୋଧରେ ଧର୍ମୀୟ ସ୍ୱାଧୀନତା ଉଲ୍ଲଂଘନ କରୁଥିବା ଜାତୀୟ ସ୍ତରୀୟ ନୀତିଗୁଡ଼ିକ ଆରମ୍ଭ କରିଥିଲା। ଏହା ମଧ୍ୟ କହିଥିଲା ଯେ ନାଗରିକତା ଆଇନ, ଗୋହତ୍ୟା, କଶ୍ମୀର ଓ ଧର୍ମାନ୍ତରୀକରଣ ଉପରେ ଭାରତର ପଦକ୍ଷେପରୁ ମୋଦି ସରକାରଙ୍କ ମୁସଲମାନ ପକ୍ଷପାତ ସ୍ପଷ୍ଟ ହେଉଥିଲା। ଏହା ସହ ଜାରି ରହିଥିବା ଭୟଙ୍କର ଧର୍ମୀୟ ସ୍ୱାଧୀନତା ଉଲ୍ଲଂଘନ (ଯାହା ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା ଆଇନ ଦ୍ୱାରା ନିର୍ଦ୍ଧାରିତ)କୁ ସମର୍ଥନ କରୁଥିବାରୁ ଭାରତକୁ ସିପିସି ଭାବେ ନାମିତ କରିବାକୁ ୟୁଏସ୍‌ସିଆଇଆର୍‌ଏଫ୍ ସେତେବେଳର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସୁପାରିସକରି ଭାରତ ବିରୋଧରେ କଟକଣା ଲଗାଇବାକୁ ଦାବି କରିଥିଲା। ଏହା ଉପରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପ୍ରତିକ୍ରିୟା ରଖି କହିଥିଲା,'' ଭାରତ ଉପରେ ଅନୁଧ୍ୟାନ ସମ୍ବଳିତ ୟୁଏସ୍‌ସିଆଇଆର୍‌ଏଫ୍ ରିପୋର୍ଟକୁ ଆମେ ଅଗ୍ରାହ୍ୟକରୁ। ଭାରତ ବିରୋଧରେ ଏହାର ପକ୍ଷପାତ ଓ ବିବାଦୀୟ ମନ୍ତବ୍ୟ ନୂଆ ନୁହେଁ, କିନ୍ତୁ ଏହି ଘଟଣାରେ ଏହା ଏକ ନୂଆ ଧରଣର ଭୁଲ୍ ତଥ୍ୟ ଉପସ୍ଥାପନ କରିଛି ଯେଉଁଥିରେ ତାହାର ନିଜର କମିଶନରମାନଙ୍କ ମତକୁ ଗ୍ରହଣ କରିନାହିଁ। ଆମେ ଏହାକୁ ଏକ ବିଶେଷ ଚିନ୍ତାଜନକ ସଂସ୍ଥା ଭାବେ ନାମିତ କରୁଛୁ ଏବଂ ଆମେ ତାକୁ ସେହିଭଳି ବ୍ୟବହାର କରିବୁ ବା ଜବାବ ଦେବୁ।'' ଭାରତ କୌଣସି ତଥ୍ୟକୁ ସ୍ୱୀକାର କରି ନ ଥିଲା। ତେବେ ନିଜ କମିଶନରଙ୍କ ବିଚାରକୁ ଗ୍ରହଣ ନ କରିବା କଥା ଯାହା ଭାରତ କହିଥିଲା ତାହା ପଛରେ କାରଣ ରହିଛି। ଭାରତରେ ସ୍ଥିତି ସମସ୍ୟାଜନକ ଥିଲା ବୋଲି ଏହାର ୭ଜଣ କମିଶନରଙ୍କ ମନ୍ତବ୍ୟକୁ ଅନ୍ୟ ୨ଜଣ ଗ୍ୟାରି ବୌରେ ଏବଂ ତେନଜିନ ଡୋରଜି ଗ୍ରହଣ କରିଥିଲେ ବି ଦୁହେଁ ଭାରତକୁ ସିପିସି ଭାବେ ନାମିତ କରିବାକୁ ଚାହିଁ ନ ଥିଲେ।

ପର ବର୍ଷ ଅର୍ଥାତ୍ ୨୦୨୧ରେ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା ଯେ ସରକାରୀ କର୍ମଚାରୀଙ୍କ ସମେତ ଭାରତ ପକ୍ଷରୁ ଦିଆଯାଇଥିବା ମିଥ୍ୟା ତଥ୍ୟ ଓ ଘୃଣା ମନ୍ତବ୍ୟ ବହୁ ସମୟରେ ଧର୍ମୀୟ ସଂଖ୍ୟାଲଘୁଙ୍କ ବିରୋଧରେ ଥିଲା ଏବଂ କୋଭିଡ୍ ମହାମାରୀ ସମୟରେ ଏହା ଜାରି ରହିଥିଲା। ହେଲେ ଭାରତ ପକ୍ଷରୁ ଏଥର ଦୃଢ଼ ବିରୋଧ କରାଯାଇ ନ ଥିଲା । ୨୦୨୧ଠାରୁ ରାଷ୍ଟ୍ରପତି ବାଇଡେନ୍‌ଙ୍କ ଶାସନର ପ୍ରତ୍ୟେକଟି ବର୍ଷରେ ବି ଭାରତ ବିରୋଧୀ କଡ଼ା ମନ୍ତବ୍ୟ ସାମ୍ନାକୁ ଆସି ନ ଥିଲା। ଦେଖିବାକୁ ଗଲେ ଭାରତ ବେଳେବେଳେ ରିପୋର୍ଟକୁ ବିରୋଧ କରିଛି ଏବଂ ଅନେକ ସମୟରେ ନୀରବ ରହିଛି। ବାଇଡେନ୍‌ଙ୍କ ଶାସନ ପରେ ୨୫ ମାର୍ଚ୍ଚରେ ପ୍ରକାଶିତ ୟୁଏସ୍‌ସିଆଇଆର୍‌ଏଫ୍‌ର ୨୦୨୫ ରିପୋର୍ଟରେ କୁହାଯାଇଛି, ଟ୍ରମ୍ପ ପ୍ରଶାସନ ଧର୍ମୀୟ ଉଲ୍ଲଂଘନ ପାଇଁ ବ୍ୟକ୍ତି ଓ ସଂସ୍ଥା ଯଥା ବିକାଶ ଯାଦବ ଓ ର'କୁ ଦାୟୀ କରିବା ସହ ସେମାନଙ୍କ ସମ୍ପତ୍ତି ଜବତ କରିବା ଏବଂ ଆମେରିକାରେ ସେମାନଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ଉଚିତ। ଏହା ପ୍ରକାଶ ପାଇବାରେ ମାତ୍ର କେଇଘଣ୍ଟା ମଧ୍ୟରେ ଆମ ବହିର୍ବ୍ୟାପାର ମନ୍ତ୍ରଣାଳୟ ବିବୃତି ରଖି କହିଥିଲା, ''ଏହି ରିପୋର୍ଟ ପକ୍ଷପାତି ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଭାରତ ପକ୍ଷରୁ ଆଉ ମଧ୍ୟ କୁହାଯାଇଛି ଯେ, ୟୁଏସ୍‌ସିଆଇଆର୍‌ଏଫ୍‌କୁ ଏକ ଚିନ୍ତାଜନକ ସଂସ୍ଥା ଭାବେ ନାମିତ କରାଯିବା ଉଚିତ। ''

ଏହା ସତ୍ୟ ଯେ, ୟୁଏସ୍‌ସିଆଇଆର୍‌ଏଫ୍ ପକ୍ଷପାତ ମୁକ୍ତ ନୁହେଁ ଏବଂ ଏହି କାରଣରୁ ଭାରତ ସରକାର ଏହାକୁ ଔପଚାରିକ ଭାବେ ଏକ ଚିନ୍ତାଜନକ ସଂସ୍ଥା ଭାବେ ନାମିତ କରି କଟକଣା ଲଗାଉ ବୋଲି ଆଶା କରାଯାଏ। ଉଲ୍ଲେଖନୀୟ, ୟୁଏସ୍‌ସିଆଇଆର୍‌ଏଫ୍ ନିଜକୁ ଏକ ଦ୍ୱିଦଳୀୟ ସଂସ୍ଥା ବୋଲି ସୂଚିତକରେ ଅର୍ଥାତ୍ ଏଥିରେ ଉଭୟ ରିପବ୍ଲିକାନ ଓ ଡେମୋକ୍ରାଟ୍‌ମାନେ ରହିଛନ୍ତି ଏବଂ ଏହା ଆମେରିକାର ପରରାଷ୍ଟ୍ର ବିଭାଗକୁ ପରାମର୍ଶ ଦେଇଥାଏ। କିନ୍ତୁ ଅନ୍ୟପକ୍ଷରେ ଦେଖିଲେ ଏହା ପକ୍ଷପାତି। ୟୁଏସ୍‌ସିଆଇଆର୍‌ଏଫ୍ ରିପୋର୍ଟରେ ଗାଜା ଗଣହତ୍ୟା ଏବଂ ପାଲେଷ୍ଟିନୀୟ ତଥା ଖ୍ରୀଷ୍ଟିଆନଙ୍କ ଉପରେ ଇସ୍ରାଏଲ ପ୍ରକାଶ କରୁଥିବା ବର୍ଣ୍ଣବୈଷମ୍ୟ ଭାବନାକୁ ପ୍ରକାଶ କରିନାହିଁ। କାରଣ ଏହା ଆମେରିକା ସରକାରଙ୍କ ପାଇଁ ଅସୁବିଧାଜନକ। ଭାରତ ଏହି ନିର୍ଦ୍ଦିଷ୍ଟ ଅଭିଯୋଗ ଉପରେ ତାହାର ପ୍ରତିକ୍ରିୟା ରଖିଥିଲେ ଭଲ ହୋଇଥାଆନ୍ତା। କିନ୍ତୁ ଆମ ପକ୍ଷରୁ ଯିଏ ଯାହା କହୁଛି ତାହା ଗୁରୁତ୍ୱପୂର୍ଣ୍ଣ ହୋଇଯାଉଛି। ଆମେ ନିର୍ଦ୍ଦିଷ୍ଟ ତଥା ସ୍ୱତନ୍ତ୍ର ଭାବେ ପ୍ରତିକ୍ରିୟା ରଖିବାର ଥିଲା।

ବିଶ୍ୱର ସବୁ ଦେଶ ମଧ୍ୟରେ ଭାରତ ବିଶେଷ ଚିନ୍ତାଜନକ ଦେଶ ହେବା ଉଚିତ ନୁହେଁ। ଏହା ବିଶ୍ୱର ସବୁଠୁ ବଡ଼ ଗଣତାନ୍ତ୍ରିକ ଦେଶ ଏବଂ ଏହାର ଶାସନ ସମ୍ବିଧାନ ଅନୁଯାୟୀ ଚାଲେ। ଏହା ବିବିଧତାର ଦେଶ । ଭାରତର ଧର୍ମୀୟ ସତ୍ତାର ଏକ ବିରାଟ ଐତିହାସିକ ଆଶୀର୍ବାଦ। ତଥାପି ଭାରତ ଦୋଛକିରେ ରହିଥିବା ଭଳି ମନେହେଉଛି। ଏହାର ଗଣତନ୍ତ୍ର ଏବେ ବି ଅପରିପକ୍ୱ ଅବସ୍ଥାରେ ଅଛି। ତେବେ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ପାଇଁ ଆଗକୁ ବଢ଼ିବା ଦରକାର। ଭାରତ ସଦାସର୍ବଦା ଧର୍ମୀୟ ଉତ୍ତେଜନା ଦ୍ୱାରା ସୃଷ୍ଟି ହେଉଥିବା ରାଜନୈତିକ ଓ ଆନ୍ତଃ ସାମ୍ପ୍ରଦାୟିକ ବିବାଦକୁ ପ୍ରତିରୋଧ କରିବା ଆବଶ୍ୟକ। ସାମଜିକ ସଦ୍‌ଭାବ ବଜାୟ ରଖିବା ଏବଂ ପ୍ରତ୍ୟେକଙ୍କ ଅଧିକାର ସୁରକ୍ଷା କରିବା ଦ୍ୱାରା ଭାରତ ସରକାର ଓ ଏହାର ନାଗରିକମାନେ ସବୁକିଛି ହାସଲ କରିପାରିବେ ଏବଂ ହରାଇବାର କିଛି ବି ନାହିଁ। ଭାରତ ଏହା କରିପାରିବ ଏବଂ କରିବା ବି ଉଚିତ।

Email:aakar.patel@gmail.com

# ଜଳ ସଂରକ୍ଷଣ ଓ ନଦୀ ପ୍ରଦୂଷଣ



ଡ. ପ୍ରଫୁଲ୍ଲ କୁମାର ସାହୁ

ସବୁ ଦେଶରେ ଓ ସବୁ କାଳରେ ଜୀବନ ପାଇଁ ଜଳ ବାଣ୍ଟିଛି ନଦୀ। ଆମ ଜଳ ଆବଶ୍ୟକତାର ୬୫ ପ୍ରତିଶତ ପୂରଣ କରେ ନଦୀ। ତେଣୁ ବଡ଼ ବଡ଼ ନଦୀଗୁଡ଼ିକ ନିର୍ଦ୍ଦିଷ୍ଟ ଅଞ୍ଚଳର ଜୀବନ ରେଖା ଭାବରେ ପରିଚିତ ଏବଂ ସେସବୁ ନଦୀର ସୁସ୍ଥତାରୁ ଜଣାପଡେ ସଭ୍ୟତାର ସ୍ଥିତି। ଶାସ୍ତ୍ର କହେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଧମନୀରେ ଯେମିତି ଶୁଦ୍ଧ ରକ୍ତ ପ୍ରବାହିତ ହେବା ଉଚିତ, ସେମିତି ନଦୀର ସ୍ୱାସ୍ଥ୍ୟ ରକ୍ଷା ପାଇଁ ଆବଶ୍ୟକ ତା'ର ଜଳ ପ୍ରବାହରେ ସ୍ୱଚ୍ଛତା। ମାତ୍ର ବିଡ଼ମ୍ବନାର ବିଷୟ ଆମ ଦେଶର ବଡ଼ ବଡ଼ ସହର ପାର୍ଶ୍ୱରେ ପ୍ରବାହିତ ପ୍ରତ୍ୟେକ ନଦୀର ଜଳ ଏବେ ଭୀଷଣ ଭାବେ ପ୍ରଦୂଷିତ।

ନଦୀର ଦେଶ ଭାରତ। ପ୍ରାୟତଃ ଦଶ ହଜାରରୁ ଅଧିକ ଛୋଟ ବଡ଼ ନଦୀ ବିଛେଇ ହୋଇ ରହିଛି ସାରାଦେଶରେ। କେତେକ ନଦୀ ପଛରେ ଧାର୍ମିକ ମହତ୍ତ୍ୱ ଥିବାରୁ ତାହା ପବିତ୍ର ଓ ସମ୍ଭ୍ରାନ୍ତ। ଭାରତୀୟ ଦର୍ଶନରେ ଗଙ୍ଗା କେବଳ ଏକ ନଦୀ ନୁହେଁ, ଉଦ୍‌ବେଳିତ ଶ୍ରଦ୍ଧା ଭକ୍ତି ଓ ବିଶ୍ୱାସର ଏକ ଅଖଣ୍ଡ ପ୍ରବାହ। ସେଥିପାଇଁ ତାକୁ ନଦୀ ପରିବର୍ତ୍ତେ ଗଙ୍ଗାମାତା ବୋଲି ସମ୍ବୋଧନ କରାଯାଇଛି ଆମ ଶାସ୍ତ୍ର ପୁରାଣରେ। ମାତ୍ର ଯେଉଁ ଗଙ୍ଗାମାତା ଲୋକଙ୍କୁ ପବିତ୍ର କରିଥାଏ,ସେ ନିଜେ ଏବେ ଆବର୍ଜନାରେ ପୂର୍ଣ୍ଣ। ଭାରତର ଧର୍ମୀୟ ରାଜଧାନୀ କୁହାଯାଉଥିବା ବାରାଣସୀ ସହର ନିକଟରେ ରହିଛି ହରିଶ୍ଚନ୍ଦ୍ର ଓ ମଣିକର୍ଣ୍ଣିକା ଘାଟ। ଏହି ଦୁଇଟି ଘାଟରୁ କୁଆଡେ ବାର୍ଷିକ ହାରାହାରି ୩୩ ହଜାର ମୃତଦେହ, ତିନି ହଜାର ଟନ୍ ଅର୍ଦ୍ଧଦଗ୍ଧ ମୃତଦେହ ଓ ଷୋହଳ ହଜାର ଟନ୍ ପାଉଁଶ ଓ ଅନ୍ୟାନ୍ୟ ସାମଗ୍ରୀ ବହନ କରିବାକୁ ବାଧ ହୁଏ ଗଙ୍ଗାମାତା। କେନ୍ଦ୍ର ପ୍ରଦୂଷଣ ବୋର୍ଡ ତଥ୍ୟ ଅନୁସାରେ ମହାନ ତୀର୍ଥକ୍ଷେତ୍ର ହରିଦ୍ୱାରରୁ ପ୍ରତିଦିନ ଗଙ୍ଗାକୁ ଯାଏ ଦୁଇକୋଟି ଲିଟର ମଳଯୁକ୍ତ ପାଣି। କାନପୁରର ବୃହତ ଚମଡା ଶିଳ୍ପକୁ ନେଇ ଗଙ୍ଗାମାତା ଯେଉଁଭଳି ଅତ୍ୟାଚାରିତ ହେଉଛି, ତାହା ଅତ୍ୟନ୍ତ ଦୁଃଖଦ। କେବଳ ଗଙ୍ଗାନଦୀ ନୁହେଁ, ଭାରତର ସବୁ ବଡ଼ ବଡ଼ ନଦୀ ଏବେ ଭୋଗୁଛନ୍ତି ପ୍ରଦୂଷଣ ଯନ୍ତ୍ରଣା।

ପଶ୍ଚିମବଙ୍ଗ ସୀମାଠାରୁ ଆରମ୍ଭ କରି ଉତ୍ତରରେ ସୁବର୍ଣ୍ଣରେଖା ଓ ଦକ୍ଷିଣରେ ଋଷିକୁଲ୍ୟା ନଦୀ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳକୁ କୁହାଯାଏ ଓଡ଼ିଶାର ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ। ତାହା ହେଉଛି ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ସାଳନ୍ଦୀ, ବୈତରଣୀ, ବ୍ରାହ୍ମଣୀ, ମହାନଦୀ ଓ କାଠଯୋଡ଼ି ଆଦି ବିଭିନ୍ନ ନଦୀ ଦ୍ୱାରା ଗଠିତ ଅନେକ ଆକାର ଓ ଆକୃତିର ତ୍ରିକୋଣଭୂମି। ମହାନଦୀ ଉପରେ



ନିର୍ମିତ ହୀରାକୁଦ ନଦୀବନ୍ଧ ଯୋଜନା ଥିଲା ଓଡ଼ିଶା ପ୍ରଗତିର ମାଇଲଖୁଣ୍ଟ। ଏହି ବହୁମୁଖୀ ଯୋଜନା କାର୍ଯ୍ୟକାରୀ ହେବା ପରେ ଶସ୍ୟଶ୍ୟାମଳା ହୋଇଥିଲା ତା'ର ଅବବାହିକାରେ ଥିବା ୬୫ ହଜାର ୬୨୭ ବର୍ଗ କିମି ପରିମିତ କୃଷିକ୍ଷେତ୍ର। ମାତ୍ର ଏହି ନଦୀବନ୍ଧର ଅସ୍ତିତ୍ୱକୁ ନେଇ ସୃଷ୍ଟି ହେଲାଣି ପ୍ରଶ୍ନବାଚୀ। ଜଳଭଣ୍ଡାରକୁ ପ୍ରବେଶ କରୁଥିବା ପଟୁମାଟି ଓ କାରଖାନା ବର୍ଜ୍ୟ ଯୋଗୁ ଦିନକୁ ଦିନ ହ୍ରାସ ପାଉଛି ତା'ର ଜଳଧାରଣ କ୍ଷମତା। ତଥ୍ୟ କହେ ହୀରାକୁଦରୁ ୩୩ଟି ଶିଳ୍ପ ଦୈନିକ ଶୋଷି ନେଉଛନ୍ତି ପାଖାପାଖି ଶହେକୋଟି ଲିଟର ଜଳ। ହୀରାକୁଦ ଜଳଭଣ୍ଡାରରେ ପଡ଼ିବା ପୂର୍ବରୁ ମହାନଦୀକୁ ଏବେ ଅତିକ୍ରମ କରିବାକୁ ପଡୁଛି ଛତିଶଗଡ଼ ସରକାରଙ୍କ ଦ୍ୱାରା ନିର୍ମିତ ୧୨ଟି ବନ୍ଧ, ଚେକ୍ ଡ୍ୟାମ୍ ଓ ବ୍ୟାରେଜ। ଫଳରେ ବର୍ଷା ଋତୁକୁ ଛାଡ଼ିଦେଲେ ଅନ୍ୟ ସମୟରେ ତା'ର ଖଣ୍ଡ ବିଖଣ୍ଡିତ ଜଳଧାରାକୁ ବଳିଗଲାଣି ପୋତି ହୋଇପଡିଥିବା ବାଲିପଠାର ବିସ୍ତୃତି।

ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀ। ତା'ର ଆଶୀର୍ବାଦ ପାଇ ସବୁଜିମାରେ ଭରପୂର ହୋଇଛି ରାଜ୍ୟର ବିସ୍ତୃତ ଅଞ୍ଚଳ। ମାତ୍ର ପ୍ରକାଣ୍ଡକାୟ ଶିଳ୍ପ ସଂସ୍ଥାଗୁଡିକର ବର୍ଜ୍ୟରେ ବ୍ରାହ୍ମଣୀ ଏବେ ବିଷାକ୍ତ। ପୁଣ୍ୟତୋୟା ଚିରସ୍ରୋତା ବୈତରଣୀକୁ କୁହାଯାଏ ଓଡ଼ିଶାର ଗଙ୍ଗା। ତାକୁ ମୃତ୍ୟୁମୁଖକୁ ଠେଲି ଦେବାକୁ ବସିଲାଣି ମନଇଚ୍ଛା ଶିଳ୍ପାୟନ, ଖଣିଖନନ ଓ ବର୍ଜ୍ୟବସ୍ତୁର ବେପରୁଆ ପରିଚାଳନା। ବର୍ଷାଦିନରେ ତା'ର କୂଳ ଉଛୁଳୁଛି, ଅଥଚ ଅନ୍ୟ ଋତୁରେ ଶୁଖିଲା ପଡୁଛି ପଠା। ଖଣି ବର୍ଜ୍ୟବସ୍ତୁ ଦ୍ୱାରା ଶଯ୍ୟା ପୋତି ହୋଇ ପଡ଼ିବା ଫଳରେ ହ୍ରାସ ପାଉଛି ନଦୀର ଜଳସ୍ତର। ଜନବହୁଳ ଅଞ୍ଚଳ ଦେଇ ପ୍ରବାହିତ ନଦୀକୁ ଯଦି ନର୍ଦ୍ଦମା ଭାବରେ ବ୍ୟବହାର କରାଯାଏ, ତେବେ ତାହା ପ୍ରଦୂଷଣ ଯନ୍ତ୍ରଣାରେ ଜର୍ଜରିତ ହେବା ସ୍ୱାଭାବିକ। ସେହି କାରଣରୁ ପ୍ରଦୂଷଣ ବିରୋଧରେ ଲଢ଼େଇ କରୁଛନ୍ତି ଉତ୍ତର ଓଡ଼ିଶାର ଦୁଇ ପ୍ରମୁଖ ନଦୀ ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା। ସବୁଠାରୁ ବେଶି ଆଘାତ ପାଇଛି ଭଦ୍ରକ ଗଳାର ହାର ସାଲ୍ମନନ୍ଦିନୀ ସାଳନ୍ଦୀ। ସାରା ସହରର ଆବର୍ଜନାକୁ ଗର୍ଭରେ ଧାରଣ କରି ସାଳନ୍ଦୀ ଏବେ ଶ୍ରୀହୀନା। ସାଳନ୍ଦୀ ସଂସ୍କାର ନାମରେ ବିପୁଳ ଅର୍ଥ ହରିଲୁଟ ପରେ ନଦୀ ପାର୍ଶ୍ୱରେ ଅବରୋଧ ଓ ମୃତ୍ତିକା ଖନନ କାରଣରୁ ମୁଣ୍ଡରେ ହାତ ଦେଲେଣି ସାଳନ୍ଦୀ ଜଳ ଉପରେ ନିର୍ଭର କରୁଥିବା ହଜାର ହଜାର ଲୋକ।

ବଲାଙ୍ଗୀର ଜିଲାର ପ୍ରମୁଖ ନଦୀ ସୁକତେଲ ଶଯ୍ୟାରେ ଆରମ୍ଭ ହେଲାଣି ଚାଷବାସ। ଫୁଲବାଣୀ ସହରର ଜୀବନରେଖା ଭାବରେ ପରିଚିତ ପିଲାସାଲୁଙ୍କି ନଦୀର ଅସ୍ତିତ୍ୱକୁ ନେଇ ସୃଷ୍ଟି ହେଲାଣି ପ୍ରଶ୍ନବାଚୀ। ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ ନିର୍ଦ୍ଦିଷ୍ଟ ନିୟମ ଅଭାବରୁ ପୋତିହେବାକୁ ବସିଲାଣି ନଦୀର ଶଯ୍ୟା। ପ୍ରଦୂଷଣ ଯନ୍ତ୍ରଣାରେ ଅଣନିଃଶ୍ୱାସୀ ହେଲାଣି ରାୟଗଡ଼ା ଗୁଣପୁର ଉପଖଣ୍ଡର ଜୀବନରେଖା ବଂଶଧାରା ଓ ନାଗାବଳୀ। ଦିନକୁ ଦିନ କ୍ଷୀଣ ହେବାରେ ଲାଗିଛି ଗଞ୍ଜାମର ଋଷିକୁଲ୍ୟା। ଓଡ଼ିଶାର ଯମୁନା ଭାବେ ପରିଚିତ ଜିରା ନଦୀର ଜଳ ଏବେ କର୍ଦ୍ଦମାକ୍ତ ଓ ଆବର୍ଜନାମୟ। ଶେଷ ନିଃଶ୍ୱାସ ଅପେକ୍ଷାରେ କେନ୍ଦ୍ରାପଡ଼ାର ଗୁପ୍ତଗଙ୍ଗା ଗୋବରୀ। ରାଜଧାନୀ ଉପକଣ୍ଠରେ ଅସ୍ତିତ୍ୱକୁ ବଞ୍ଚେଇବା ପାଇଁ ସଂଘର୍ଷ କରୁଛି ଧଉଳି ପାହାଡ଼ ତଳେ ପ୍ରବାହିତ ଇତିହାସ ପ୍ରସିଦ୍ଧ ଦୟାନଦୀ। ଦୈନିକ ଦୟାନଦୀ ଜଳରେ ମିଶୁଛି ହଜାର ହଜାର ଟନ୍ ମଇଳା ଆବର୍ଜନା। ଗଙ୍ଗୁଆ ଶଯ୍ୟା ଏବେ ଲୋକଙ୍କ ଦ୍ୱାରା ଅଧିକୃତ। ଏପଟେ ମହାନଦୀ ଶଯ୍ୟା ପରି କାଠଯୋଡ଼ି ପଠାରେ ସୃଷ୍ଟି ହେଲାଣି ବାଲିପଡିଆର ଭ୍ରମ। ବିଭିନ୍ନ ଶିଳ୍ପ କାରଖାନା, ହୋଟେଲ, ଡାକ୍ତରଖାନା ଓ ଶିକ୍ଷାନୁଷ୍ଠାନର ହଜାର ହଜାର ଲିଟର ବର୍ଜ୍ୟଜଳ ଗଙ୍ଗୁଆ ବାଟ ଦେଇ ମିଶୁଛି କୁଆଖାଇ ନଦୀରେ। ସେଥିପାଇଁ ଦୟା ଓ କୁଆଖାଇ ନଦୀର ଜଳ ଏବେ ଗାଧୁଆ ପାଇଁ ଅନୁପଯୁକ୍ତ। ଏହି ପରିପ୍ରେକ୍ଷୀରେ ସୂଚନାଯୋଗ୍ୟ ଯେ ଇଂରେଜ ରାଜତ୍ୱ କାଳରେ ନଦୀଜଳ ସୁରକ୍ଷା ନିମନ୍ତେ କାର୍ଯ୍ୟକାରୀ ହେଉଥିଲା କଡାକଡି ଆଇନ। ୧୯୩୪ ମସିହାରେ କାଠଯୋଡ଼ି ନଦୀର ସୁସ୍ଥତାକୁ ନେଇ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ଚାରିଘରିଆଠାରୁ ରାଜାବଗିଚା ପର୍ଯ୍ୟନ୍ତ କାଠଯୋଡି ନଦୀଜଳ ସଂରକ୍ଷିତ ଥିଲା ପିଇବା, ଗାଧୋଇବା ଓ ରନ୍ଧନ ପାଇଁ। ପଶୁମାନଙ୍କୁ ଗାଧୋଇ ଦେବା, ମଇଳା ଲୁଗା ସଫା କରିବା ଓ ଶୌଚ କର୍ମ ଉପରେ ଜାରିହୋଇଥିଲା କଟକଣା। ଆଇନ ଅମାନ୍ୟ କଲେ ଦଣ୍ଡ ବିଧାନ କରାଯାଉଥିଲା ବିହାର-ଓଡ଼ିଶା ମ୍ୟୁନିସିପାଲିଟି ଆଇନ ୨୨୭ ଧାରା ଅନୁସାରେ। ୯୧ ବର୍ଷ ତଳର ସେ ସଚେତନତା ଓ ଆଜି ମଧ୍ୟରେ ଆକାଶ ପାତାଳ ଫରକ।

ନଦୀର ସ୍ୱାସ୍ଥ୍ୟ ରକ୍ଷା ପାଇଁ ତା'ର ଜଳ ପ୍ରବାହରେ ସ୍ୱଚ୍ଛତା ଆଣିବା ଦିଗରେ ସଚେତନତା ସୃଷ୍ଟି ହେବା ଦରକାର। ସରକାର ଦୃଢ଼ ପଦକ୍ଷେପ ନେଲେ ନଦୀଗୁଡ଼ିକରେ ପୁନଃ ପ୍ରବାହିତ ହେବ ଅମୃତର ଧାରା। ନଦୀ ସୁସ୍ଥ ରହିବ, ସୁସ୍ଥ ରହିବ ସମଗ୍ର ଜୀବଜଗତ।

**ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ଲିଙ୍ଗ ସମାନତା ପାଇଁ କାର୍ଯ୍ୟଗତି



ଡ. ଦେବବ୍ରତ ଦାଶ

ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ରହିଥିବା ଅସମାନତାକୁ ଦୂର କରିବା ପାଇଁ ଶୀଘ୍ର ଏବଂ ପ୍ରଭାବଶାଳୀ ପଦକ୍ଷେପ ନେବା ଅତ୍ୟାବଶ୍ୟକ। ଯଦିଓ କିଛି ପ୍ରଗତି ହୋଇଛି, ତଥାପି ଲିଙ୍ଗ ସମାନତା ହାସଲ କରିବା ପାଇଁ ଆବଶ୍ୟକ ହୋଇଥିବା ପରିବର୍ତ୍ତନର ଗତି ଅତ୍ୟନ୍ତ ଧୀର। ବର୍ତ୍ତମାନର ଗତି ଅନୁସାରେ, ଏହି ଲକ୍ଷ୍ୟ ୨୧୫୮ ସାଲରେ ପୂରଣ ହେବ ବୋଲି ଅନୁମାନ କରାଯାଇଛି। ଆନ୍ତର୍ଜାତିକ ଶ୍ରମ ସଂଗଠନ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ବିଶ୍ୱ ଶ୍ରମଶକ୍ତିରେ ମହିଳାମାନେ ୪୭% ଏବଂ ପୁରୁଷମାନେ ୫୩% ଅଂଶଗ୍ରହଣ କରନ୍ତି। ଅନେକ ଦେଶରେ ମହିଳାମାନଙ୍କର ଅଂଶଗ୍ରହଣ ଅନୌପଚାରିକ ଏବଂ ଅଳ୍ପ-ମଜୁରି ଦେଉଥିବା କ୍ଷେତ୍ରରେ ସୀମିତ, ଯେଉଁଠି କାମର ନିରାପତ୍ତା ଏବଂ ସୁବିଧା ଅତ୍ୟନ୍ତ ଉପେକ୍ଷିତ। ଉଚ୍ଚ-ଆୟ ସମ୍ପନ୍ନ ଦେଶଗୁଡ଼ିକରେ ପୁରୁଷ ଏବଂ ମହିଳାଙ୍କ ଶ୍ରମଶକ୍ତି ଅଂଶଗ୍ରହଣ ମଧ୍ୟରେ ଥିବା ଅନ୍ତର କମିଛି। ତଥାପି ଅନେକ ଅଧିକ ଆୟ ଏବଂ ମଧ୍ୟମ ଆୟ ସମ୍ପନ୍ନ ଦେଶରେ ସାମାଜିକ ରୀତି-ନୀତି, ଶିକ୍ଷାର ଅଭାବ ଏବଂ ଅର୍ଥନୈତିକ ବାଧା ହେତୁ ମହିଳାମାନଙ୍କର ଅଂଶଗ୍ରହଣ ଅପେକ୍ଷାକୃତ କମ୍।

ପୁରୁଷମାନେ ନିର୍ମାଣ, ଉତ୍ପାଦନ ଏବଂ ପ୍ରଯୁକ୍ତି କ୍ଷେତ୍ରରେ କାମ କରିଥାନ୍ତି, ଯେଉଁଠି ଏକ ଉଚ୍ଚ ଆୟର ସୁଯୋଗ ରହେ। ଅପରପ୍ରକାରେ ମହିଳାମାନେ ଅଧିକାଂଶ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସେବାମୂଳକ କ୍ଷେତ୍ରରେ ଏକାଠି ହୋଇଥାନ୍ତି। ବିଶ୍ୱସ୍ତରରେ ମହିଳାମାନେ କେବଳ ୩୦% ପର୍ଯ୍ୟନ୍ତ ବୈଜ୍ଞାନିକ ଏବଂ ପ୍ରାଯୁକ୍ତିକ କ୍ଷେତ୍ରରେ ରହିଛନ୍ତି। କର୍ପୋରେଟ ନେତୃତ୍ୱରେ ମହିଳାମାନେ ଏକ ଅତ୍ୟନ୍ତ ସୀମିତ ସଂଖ୍ୟାରେ ଉପସ୍ଥିତ ଥିବା ଦେଖାଯାଏ । ବିଶ୍ୱ ସ୍ତରରେ କେବଳ ୭% ମହିଳା ସିଇଓ ଏବଂ ୯% ବୋର୍ଡ ଚେୟାରପର୍ସନ ଅଛନ୍ତି।

ମହିଳାମାନେ ସମାନ କାର୍ଯ୍ୟ ପାଇଁ ପୁରୁଷମାନଙ୍କ ତୁଳନାରେ କମ୍ ବେତନ ପାଉଛନ୍ତି। ତଥ୍ୟ ଅନୁଯାୟୀ, ଲିଙ୍ଗଭିତ୍ତିକ ବେତନ ଅନ୍ତର ପ୍ରାୟ ୨୦% । ଏହା ଅର୍ଥ, ଗୋଟିଏ ଡଲାର ପ୍ରତି ମହିଳାମାନେ ସାଧାରଣତଃ ୮୦ ସେଣ୍ଟ ଅର୍ଜନ କରନ୍ତି। ଉଚ୍ଚ-ଆୟ ସମ୍ପନ୍ନ ଦେଶଗୁଡ଼ିକରେ ଏହି ଅନ୍ତର କମ୍ ଥିବା ଦେଖାଯାଏ, ଯଦିଓ ଏହା ପୂର୍ଣ୍ଣରୂପେ ଦୂର ହୋଇନାହିଁ। ଉଦାହରଣ ସ୍ୱରୂପ, ଯୁକ୍ତରାଷ୍ଟ୍ରରେ ଏହି ବେତନ ଅନ୍ତର ଅନ୍ୟ କ୍ଷେତ୍ର ଏବଂ ଅଭିଜ୍ଞତା ଅନୁଯାୟୀ ୧୬-୧୮% । ଏହି ବିଷୟରେ ସୁଇଡେନ, ନରୱେ ଏବଂ ଫିନ୍‌ଲାଣ୍ଡ ପରି ଦେଶଗୁଡ଼ିକ ଅତ୍ୟନ୍ତ କମ୍ ବେତନ ଅନ୍ତର ରଖିବାରେ ସଫଳ ହୋଇଛନ୍ତି। ୟୁରୋପୀୟ ସଂଘ ଦେଶଗୁଡ଼ିକରେ ମଧ୍ୟମ ଲିଙ୍ଗଭିତ୍ତିକ ବେତନ ଅନ୍ତର ପ୍ରାୟ ୧୩% , ଯଦିଓ ଇସ୍ତୋନିଆ ଏବଂ ଜର୍ମାନୀ ପରି କିଛି ଦେଶରେ ଏହି ଅନ୍ତର ଅଧିକ ଅଟେ ଏବଂ ବେଲଜିୟମ ଏବଂ ଇଟାଲୀ ପରି କିଛି ଦେଶ ଏହି ଅନ୍ତର କମ୍ କରିବାରେ ଅଗ୍ରଗତି କରିଛନ୍ତି। ଅନେକ ଅଧିକ ଏବଂ ମଧ୍ୟମ ଆୟ ସମ୍ପନ୍ନ ଦେଶରେ ଲିଙ୍ଗଭିତ୍ତିକ ବେତନ ଅନ୍ତର ୩୦-୪୦% ଅଥବା



ତାହାଠାରୁ ଅଧିକ ହୋଇପାରେ। ଭାରତରେ ଏହି ବେତନ ଅନ୍ତର ୧୯-୨୦%। ଏହି ତଥ୍ୟରୁ ଦେଖାଏ ଯେ, ଯଦିଓ ଗତିବିଧି ତ୍ୱରାନ୍ୱିତ ହୋଇଛି, ତଥାପି ବେତନ ଭିନ୍ନତା ଏବଂ ନେତୃତ୍ୱ ଭିତ୍ତିକ ଅସମାନତା ଦୂର କରିବା ପାଇଁ ଅଧିକ ଅଗ୍ରସର ହେବା ଆବଶ୍ୟକ।

ଲିଙ୍ଗ ସମାନତା ପାଇଁ କାର୍ଯ୍ୟଗତି ତ୍ୱରାନ୍ୱିତ କରିବା ଅତ୍ୟନ୍ତ ଆବଶ୍ୟକ, ଏହା ଅପେକ୍ଷା କରିପାରିବ ନାହିଁ। ଏହି ପ୍ରସଙ୍ଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ତ୍ୱରାନ୍ୱିତ କାର୍ଯ୍ୟ ଆବଶ୍ୟକ। ବର୍ତ୍ତମାନ ଥିବା ଗତିବିଧି ଯଦି ଅବ୍ୟାହତ ରହିଥାଏ, ତେବେ ଏକ ଶତାବ୍ଦୀରୁ ଅଧିକ ସମୟ ନେବ ଲିଙ୍ଗ ସମାନତା ହାସଲ କରିବାକୁ। କାର୍ଯ୍ୟସ୍ଥଳରେ ବିଭିନ୍ନତା ଏବଂ ସମାନ ଅଂଶଗ୍ରହଣ କରିଥିବା ଦଳଗୁଡ଼ିକ ଅଧିକ ଭଲ ନିଷ୍ପତ୍ତି ନେବା, ଅଧିକ ଉତ୍ପାଦନଶୀଳତା ଏବଂ ନୂତନ ଉପାୟ ଦେବାରେ ସମର୍ଥ ହୋଇଥାନ୍ତି। ଅନୁସନ୍ଧାନ ଦେଖାଇଛି ଯେ, ଲିଙ୍ଗ ବିଭିନ୍ନତା ରହିଥିବା ଟିମ୍ ଅନ୍ୟ ଟିମ୍ ତୁଳନାରେ ଉନ୍ନତ ଫଳାଫଳ ଦେଖାଇଥାନ୍ତି। ଯେତେବେଳେ ମହିଳାମାନେ ଶକ୍ତିଶାଳୀ ହୁଅନ୍ତି, ଅର୍ଥନୀତି ଉନ୍ନତି କରେ, ସମାଜ ଉନ୍ନତି କରେ ଏବଂ ଗୋଟିଏ ନ୍ୟାୟସଙ୍ଗତ ଏବଂ ସମାନ ସମାଜ ଗଠିତ ହୁଏ। ଲିଙ୍ଗ ସମାନତା ହାସଲ କରିବାର ଅର୍ଥ ହେଉଛି ବିଶ୍ୱ ଜନସଂଖ୍ୟାର ଅର୍ଦ୍ଧକୁ ନିଜର ସମ୍ପୂର୍ଣ୍ଣ ସମ୍ଭାବନା ଉନ୍ମୋଚନ କରିବା, ଯାହା ଅନ୍ୟ ସମସ୍ତଙ୍କ ପାଇଁ ମଧ୍ୟ ଲାଭଦାୟୀ।

ଏହି ସଂକଟର ସବୁଠାରୁ ସ୍ପଷ୍ଟ ଏବଂ ଅବ୍ୟାହତ ଚିହ୍ନ ହେଉଛି ଲିଙ୍ଗଭିତ୍ତିକ ବେତନ ଅନ୍ତର। ଏହା ଦୂର କରିବା ପାଇଁ ସମାନ କାମ ପାଇଁ ସମାନ ବେତନ ଦେବା ଉପରେ ଗୁରୁତ୍ୱ ଦେବା ଏବଂ ଏହି ଅସମାନତାକୁ ଜନ୍ମ ଦେଇଥିବା ବୃତ୍ତିଗତ ବିଭାଜନକୁ ଦୂର କରିବା ଆବଶ୍ୟକ। ସରକାର ଏବଂ କମ୍ପାନୀମାନେ ଏହି ସମସ୍ୟା ଦୂର କରିବା ପାଇଁ ବେତନ ସ୍ୱଚ୍ଛତା ଏବଂ ଦାୟିତ୍ୱ ଦେଇଥିବା ନୀତିଗୁଡ଼ିକୁ କଠୋର ଭାବରେ ଅନୁଷ୍ଠାନ କରିବା ଦରକାର। ମହିଳାମାନେ ନିଷ୍ପତ୍ତି ନେବାର ସ୍ଥାନରେ ଅବସ୍ଥାନ ଗ୍ରହଣ କରିବା ଅତ୍ୟନ୍ତ ଆବଶ୍ୟକ। ଏଥିପାଇଁ ମହିଳା ନେତୃତ୍ୱକୁ ପ୍ରୋତ୍ସାହନ ଦେବା ଏବଂ ନିଯୁକ୍ତିରେ ବିବିଧ ନୀତି ଗ୍ରହଣ କରିବା ଦରକାର।

ମହିଳାମାନଙ୍କ ଅର୍ଥନୈତିକ ସଶକ୍ତୀକରଣ ଲିଙ୍ଗ ସମାନତା ଲକ୍ଷ୍ୟ ନିମନ୍ତେ ଅତ୍ୟନ୍ତ ଆବଶ୍ୟକ। ଏହାର ଅର୍ଥ ଆର୍ଥିକ ସଂସାଧନର ଅଭିଗମ୍ୟତା ବୃଦ୍ଧି କରିବା, କୌଶଳ ବିକାଶ ଏବଂ ଚାକିରି ପ୍ରଶିକ୍ଷଣ ପ୍ରଦାନ କରିବା। ଏହି ପ୍ରୟାସଗୁଡ଼ିକ କେବଳ ସଂଗଠନମାନେ ନୁହଁ, ଉନ୍ନତି କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ମଧ୍ୟ ଦାୟିତ୍ୱ ଅନୁଭବ କରିବା ଦରକାର। ପୁରୁଷ ଏବଂ ମହିଳା ଦୁହେଁ ଏହି ଯାତ୍ରାର ସାଥୀ। ଏବେ ପଦକ୍ଷେପ ନେବାର ସମୟ। ଏହି ସୁଯୋଗ ଦୁର୍ବଳ କରନ୍ତୁ ନାହିଁ, ଆଗକୁ ବଢ଼ନ୍ତୁ ଏବଂ ଏକ ନ୍ୟାୟସଙ୍ଗତ ଓ ସମାନ ସମାଜ ଗଠନ କରିବା ପାଇଁ ଏକତ୍ର ହୁଅନ୍ତୁ।

**ପଟିଆ, ଭୁବନେଶ୍ୱର**
**ମୋ: ୯୦୪୦୦୮୬୦୦୨**

## ଏଇ ଭାରତରେ

ବାୟୋଟେକ୍ନୋଲୋଜିରେ ସହକାରୀ ପ୍ରାଧ୍ୟାପକ ଭାବେ ଦାୟିତ୍ୱ ନିର୍ବାହ କରିବା ସହ ଛତୁଚାଷ କରୁଛନ୍ତି ହରିୟାଣାର ସୋନିଆ ଦହିୟା। ଏହି ଚାଷରେ ସେ ୧୫ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ଏହା ସହ ତାଙ୍କ ଅଞ୍ଚଳର ମହିଳା ଚାଷୀମାନଙ୍କୁ ଛତୁଚାଷ କରିବା ଲାଗି ଉତ୍ସାହିତ କରୁଛନ୍ତି। କୋଭିଡ୍ ମହାମାରୀ ସମୟରେ ସୋନିଆ ଘରେ ରହିଥିବା ସମୟରେ ୨୦୨୦ରେ ଛତୁଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ଏଥିରେ ୪୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ଏବେ ସେ ପ୍ରତିମାସରେ ୧୦ ଟନ୍ ଛତୁ ଉତ୍ପାଦନ କରିପାରୁଛନ୍ତି ଏବଂ ଏହାକୁ ବିକ୍ରି କରି ମୋଟ ୧ ଲକ୍ଷ ଟଙ୍କା ଲାଭ ପାଉଛନ୍ତି। ସେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କୁ ଛତୁ ବିକ୍ରି କରିବା ସହ ଅଧିକ ଉତ୍ପାଦନକୁ ଦିଲ୍ଲୀର ଆଜାଦପୁର ମଣ୍ଡିକୁ ପଠାଇ ଦେଉଛନ୍ତି। ବଡ଼ କଥା ହେଉଛି ସେ ନଡାଖୁଣ୍ଟା, କୁକୁଡ଼ା ଖତ ଏବଂ ଗହମ ଧୁଷକୁ ମିଶାଇ ଏକ ପ୍ରକାର ଖତ ପ୍ରସ୍ତୁତ କରି ତାହାକୁ ବ୍ୟବହାର କରୁଛନ୍ତି। ସୋନିଆ ମସ୍‌ରୁମ ଲେଡି ଭାବେ ହରିୟାଣାରେ ବେଶ୍ ଜଣାଶୁଣା।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ମାର୍ଚ୍ଚ ୧୯୭୬

- କଟକ ମ୍ୟୁନିସିପାଲିଟି ପକ୍ଷରୁ ବକେୟା ଟିକସ ନ ଦେବା ଅଭିଯୋଗରେ ୫୫୦୦ ଲୋକଙ୍କ ବିରୁଦ୍ଧରେ ମୋକଦ୍ଦମା ରୁଜୁ କରାଯାଇଛି।
- ପେରୁ ପାଇଁ ମନୋନୀତ ଭାରତୀୟ ରାଷ୍ଟ୍ରଦୂତ ମନୋରମା ଭାଲା ଏକାଧିକ୍ରମେ ଇକ୍ୱେଡରରେ ଭାରତର ରାଷ୍ଟ୍ରଦୂତ ନିଯୁକ୍ତ।
- ସି.ସି. ଗଣପତିଙ୍କ ଅଧ୍ୟକ୍ଷତାରେ ଭାରତ ସରକାର ଗୋଟିଏ ଉଚ୍ଚ ଶକ୍ତିସମ୍ପନ୍ନ ଆୟକର ସ୍ଥିରୀକରଣ କମିଶନ ଗଠନ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | | | | 3 |
| | | 6 | 8 | | | | | |
| 8 | 3 | | | 4 | | | | |
| | | | | | | 4 | | |
| 4 | 8 | 7 | | 9 | | 5 | | |
| | | 2 | | | | | 7 | |
| | | | | 7 | 9 | | 1 | |
| 5 | | | 1 | 6 | | 3 | | |
| | 7 | | 4 | 3 | | 9 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 5 | 7 | 9 | 4 | 1 | 3 | 6 |
| 1 | 9 | 4 | 8 | 6 | 3 | 2 | 7 | 5 |
| 7 | 6 | 3 | 2 | 1 | 5 | 4 | 9 | 8 |
| 3 | 1 | 7 | 5 | 2 | 6 | 8 | 4 | 9 |
| 9 | 4 | 2 | 3 | 8 | 7 | 6 | 5 | 1 |
| 8 | 5 | 6 | 1 | 4 | 9 | 3 | 2 | 7 |
| 5 | 2 | 1 | 9 | 3 | 8 | 7 | 6 | 4 |
| 6 | 7 | 8 | 4 | 5 | 2 | 9 | 1 | 3 |
| 4 | 3 | 9 | 6 | 7 | 1 | 5 | 8 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବିଶ୍ୱତାପନ ରୋକାଯାଉ

ମହାଶୟ,

ବିଶ୍ୱ ତାପନ ଦିନକୁ ଦିନ ବଢ଼ି ଚାଲିଛି ଏବଂ ଲୋକଙ୍କ ଅଜ୍ଞାନତା ଲାଗି ଆଜି ପୂରା ବିଶ୍ୱରେ ତାପମାନର ସମସ୍ୟା ଦେଖିବାକୁ ମିଳୁଛି । ବିଶ୍ୱ ତାପନ ବୃଦ୍ଧି ପାଇଁ ଜଳବାୟୁର ପରିବର୍ତ୍ତନ ଦେଖିବାକୁ ମିଳୁଛି, ଯାହା ଜୀବଜଗତ ପାଇଁ ବିପଦ ଘଣ୍ଟି । ଆଜି ମଣିଷ ଭିତରେ ଯେଉଁ ଅମଣିଷପଣିଆ ଦେଖିବାକୁ ମିଳୁଛି ତାହା ଆମର ଏହି ପରିବେଶ ପାଇଁ ନୁହେଁ ତ ? ବିଶ୍ୱର ତାପମାତ୍ରା ବୃଦ୍ଧି ହେବା ପଛରେ ମନୁଷ୍ୟ କୃତ କାରଣ ହେଲା ଜଙ୍ଗଲ ନଷ୍ଟ, ଗଛ କାଟିବା, ଯାନବାହନ ବ୍ୟବହାର କରିବା ଓ ଫସିଲ ଫୁଏଲର ଦୁରୁପଯୋଗ କରିବା । ଅଗ୍ନିକାଣ୍ଡ, ଗ୍ୟାସ୍ ଏବଂ କୋଇଲା ଜଳେଇବା ଯୋଗୁ ବିଶ୍ୱ ତାପନର ବଢିବା ଦେଖିବାକୁ ମିଳୁଛି । ବିଶ୍ୱ ତାପମାନର ମୁଖ୍ୟ କାରଣ ହେଲା ଗ୍ରୀନ୍ ହାଉସ ଇଫେକ୍ଟ । ବିଶ୍ୱ ତାପମାନର ବୃଦ୍ଧି ପାଇଁ ସମସ୍ତେ ଚିନ୍ତିତ । ଏହି ସମସ୍ୟାର ସମାଧାନର ଏକ ମାତ୍ର ରାସ୍ତା ହେଲା ବୃକ୍ଷ ରୋପଣ ଓ ଜାଙ୍ଗଲ ସୁରକ୍ଷା। ଜୀବଜଗତକୁ କେମିତି ବଞ୍ଚାଇ ହବ ତାହା ଆମ ପାଠ୍ୟକ୍ରମର ମୁଖ୍ୟ ବିଷୟ ହେବା କଥା । ବିଶ୍ୱ ଏବେ ବିନାଶର ଦ୍ୱାରରେ ଠିଆ ହୋଇଛି । ଏହି ସମୟରେ ଆମେ ବିଶ୍ୱ ତାପନକୁ ରୋକିପାରିଲେ ଜଳବାୟୁ ପରିବର୍ତ୍ତନକୁ ସହଜରେ ମୁକାବିଲା କରିପାରିବା।

**-କାଳି ଦାସ, ବ୍ରହ୍ମପୁର, ଖୋଡାସିଙ୍ଗ କଳିଙ୍ଗନଗର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କପୋତ ଡାକେ ଡାହୁକ ଡାକେ
ଡାକଇ ସାରୀ ଶୁକ,
ତଥାପି ଧରା ଲାଗଇ କିବା
ରହିଛି ପଡ଼ି ମୂକ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଅଂଶୁଘାତରେ ଟଳି ପଡ଼ିଲେ ବୃଦ୍ଧ

ବଲାଙ୍ଗୀର,୨୯।୩ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ତୁଳସୀନଗର ଆୟୁର୍ବେଦ କଲେଜ ନିକଟରେ ଶନିବାର ଜଣେ ବ୍ୟକ୍ତି ଅଂଶୁଘାତରେ ଟଳି ପଡ଼ିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ରାଜୀବନଗର ନିବାସୀ ନିମାଇଁ ଚରଣ ଦାସ (୬୫)। ତୁଳସୀନଗର ଆୟୁର୍ବେଦିକ କଲେଜ ନିକଟ ରାସ୍ତା କଡ଼ରେ ଥିବା ଏକ ଠେଲା ଗାଡ଼ିରେ ନିମାଇଁ ଶୋଇଥିବା ବେଳେ ମୃତ୍ୟୁବରଣ କରିଥିବା ଜଣାପଡ଼ିଥିଲା। ସେ ରାଜୀବନଗରରେ ଏକ ଭଡ଼ା ଘର ନେଇ ପରିବାର ସହ ରହୁଥିଲେ। ତେବେ କୌଣସି କାରଣରୁ ସେ କିଛିଦିନ ହେଲା ଘରକୁ ଯାଉ ନ ଥିଲେ। ଅଧିକାଂଶ ସମୟରେ ଭୋକ ଉପାସରେ ରହୁଥିବା ନିମାଇଁ ରାସ୍ତା କଡ଼ରେ ଥିବା ଏକ ଠେଲା ଗାଡ଼ିରେ ଶୋଉଥିଲେ। ତାଙ୍କର ମୃତ୍ୟୁ ଘଟିଥିବା ଖବର ପ୍ରଚାରିତ ହେବା ପରେ ଏହା ଅଂଶୁଘାତରୁ ହୋଇଥିବା ସନ୍ଦେହ କରାଯାଇଥିଲା। ଖବର ପାଇ ବଲାଙ୍ଗୀର ପୌରଧ୍ୟକ୍ଷା ଲିକା ସାହୁ ଓ ସ୍ଥାନୀୟ କାଉନସିଲର ଗଙ୍ଗାଧର ଚାନ୍ଦ ଘଟଣାସ୍ଥଳରେ ପହଞ୍ଚି ପଚରାଉଚରା କରିଥିଲେ। ମୃତକଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ସ୍ଥାନୀୟ ଟାଉନ ଥାନା ପୋଲିସ ସେଠାରେ ପହଞ୍ଚି ନିମାଇଁଙ୍କ ମୃତଦେହ ଜବତ କରି ଭୀମଭୋଇ ମେଡିକାଲ୍ କଲେଜ ଓ ହସ୍ପିଟାଲକୁ ପଠାଇଥିଲା। ଗତ କିଛିଦିନ ହେଲା ଟାଣ ଖରା ହେଉଥିବାରୁ ଅଂଶୁଘାତର ଶିକାର ହୋଇଥିବା ପରିବାର ଲୋକେ ସନ୍ଦେହ ପ୍ରକଟ କରୁଛନ୍ତି। ମୃତ ନିମାଇଁଙ୍କ ସ୍ତ୍ରୀ ସେଠାକୁ ଆସି ସେମାନେ କେତେ ଅସହାୟ ଅବସ୍ଥାରେ ଅଛନ୍ତି କହିଥିଲେ। ଏହାର ତଦନ୍ତ କରି ପୀଡ଼ିତ ପରିବାରକୁ ଉଚିତ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି। ଅଂଶୁଘାତ ଅଭିଯୋଗର ତଦନ୍ତ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଶୁକ୍ରବାର ଟିଟିଲାଗଡ଼ ରେଲୱେ ଷ୍ଟେଶନ ନିକଟରେ ଜଣେ ବ୍ୟକ୍ତିଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।

# ରାଜ୍ୟ ପରିବହନ ପ୍ରାଧିକରଣର ମାର୍ଗଦର୍ଶିକା | 'ଗ୍ରୀଷ୍ମରେ ଯାତ୍ରୀ, ଚାଳକଙ୍କ ସୁରକ୍ଷା ଆଗ'

କଟକ,୨୯।୩(କାର୍ତ୍ତିକ ସାହୁ)

- ବସ୍‌ରେ ରହିବ ବିଶୁଦ୍ଧ ପାନୀୟ ଜଳ, ବରଫ ପ୍ୟାକ, ପ୍ରାଥମିକ ଚିକିତ୍ସା କିଟ୍
- ଅତ୍ୟଧିକ ଭିଡ଼ ରୋକିବାକୁ ନିଆଯିବ ଦୃଢ଼ ପଦକ୍ଷେପ

ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ମାର୍ଗଦର୍ଶିକା ଜାରି କରିଛି। ଏ ସମ୍ପର୍କରେ ଏସ୍‌ଟିଏର ବରିଷ୍ଠ ଅଧିକାରୀ ସମସ୍ତ ଆର୍‌ଟିଓ ଏବଂ ଏଆର୍‌ଟିଓଙ୍କ ସହିତ ବୈଠକ କରି ଯାତ୍ରୀ ଓ ଗାଡ଼ି ଚାଳକଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ଆଲୋଚନା କରିଛନ୍ତି। ଗ୍ରୀଷ୍ମପ୍ରବାହରେ ଯାତ୍ରୀ ଓ ଗାଡ଼ି ଚାଳକଙ୍କ ସୁରକ୍ଷା ଆଗ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି।

ଗ୍ରୀଷ୍ମପ୍ରବାହ ସମୟରେ ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବା ପାଇଁ ସମସ୍ତ ବସ୍‌ରେ ବିଶୁଦ୍ଧ ପାନୀୟଜଳ, ବରଫପ୍ୟାକ୍, ପ୍ରାଥମିକ ଚିକିତ୍ସା କିଟ୍ ଏବଂ ଓଆରଏସ୍ ରହିବ। ଅତ୍ୟଧିକ ଗରମରୁ ରକ୍ଷା ପାଇବା ପାଇଁ ବସ୍ ଷ୍ଟପ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ବିଶ୍ରାମସ୍ଥାନ ଯୋଗାଇ ଦିଆଯିବ। ସାର୍ବଜନୀନ ପରିବହନ ଯାନରେ ଯାତ୍ରୀ ସୁରକ୍ଷା ଏବଂ ଆରାମ ପାଇଁ ନିର୍ଦ୍ଧାରିତ ଅନୁମତିକୁ ଉଲ୍ଲଂଘନ କରିବା ସହ ଆବଶ୍ୟକଠାରୁ ଅଧିକ ଯାତ୍ରୀ ନେଲେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ। ଦୂର ସ୍ଥାନକୁ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ରାଜପଥରେ ଜଳ କିଓସ୍କ ସ୍ଥାପନ କରି ପାନୀୟଜଳ ଯୋଗାଇ ଦିଆଯିବ। ଓଭରଲୋଡିଂ, ବସ୍ ଛାତ ଉପରେ ବସି ଯାତ୍ରା କରିବା ଏବଂ ଝୁଲନ୍ତା ଅବସ୍ଥାରେ ଯାତ୍ରୀ ନେଉଥିବା ଯାନଠାରୁ ଜରିମାନା ଆଦାୟ କରାଯିବ। ଆରଟିଓ କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିବ। ଏଥିସହ ଭର୍ଚ୍ଚୁଆଲ ମାଧ୍ୟମରେ ଓଡ଼ିଶା ଯାତ୍ରୀ ଯାଉଥିବା ପଡ଼ୋଶୀ ରାଜ୍ୟକୁ ଗ୍ରୀଷ୍ମପ୍ରବାହ ପରିସ୍ଥିତିର ମୁକାବିଲା ପାଇଁ ଏଭଳି କିଛି ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି।

ବ୍ୟାପକ ସଚେତନତା ପାଇଁ ବସ୍ ଏବଂ ଟ୍ରକ୍ ମାଲିକ ସଂଘ ସହଭାଗିତାରେ ହେଲ୍ପଲାଇନ୍ ନମ୍ବର ଯୋଗାଇ ଦିଆଯିବ। ଗ୍ରୀଷ୍ମପ୍ରବାହ ଜନିତ ସୁରକ୍ଷା ଉପରେ ଜନସଚେତନତା ଅଭିଯାନ କରାଯାଇ ବସ୍ ଏବଂ ଟ୍ରକ୍ ମାଲିକ ସଂଘ, ସ୍ଥାନୀୟ ଏନ୍‌ଜିଓମାନଙ୍କୁ ସାମିଲ କରାଯିବ। ଆବଶ୍ୟକ ସ୍ଥଳେ ବିଭିନ୍ନ ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ସହାୟତା ଯୋଗାଇଦେବାକୁ ଏନ୍‌ଫୋର୍ସମେଣ୍ଟ ଟିମ୍ ସହ ଡାକ୍ତରଙ୍କୁ ପଠାଯିବ। ଗ୍ରୀଷ୍ମପ୍ରବାହ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ଉପରେ ଆଲୋଚନା ଏବଂ କାର୍ଯ୍ୟ ପରିଚାଳନା ପାଇଁ ନିୟମିତ ବୈଠକ ଅନୁଷ୍ଠିତ ହେବ। ଅତ୍ୟଧିକ ଗ୍ରୀଷ୍ମପ୍ରବାହ ସମୟ ଯଥା ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଶେଷ ଧ୍ୟାନ ଦିଆଯିବ। କୌଣସି ପ୍ରତିକୂଳ ପରିସ୍ଥିତିରେ ଆର୍‌ଟିଓ, ଏଆର୍‌ଟିଓଗୁଡ଼ିକୁ ଜିଲା ପ୍ରଶାସନ ଏବଂ ଏସ୍‌ଟିଏ ସହ ଯୋଗାଯୋଗ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଗନ୍ଧମାର୍ଦ୍ଦନ ପାହାଡ଼ରେ ମାଓବାଦୀ-ପୋଲିସ ଗୁଳି ବିନିମୟ

କୋମ୍ବିଂ ଅପରେଶନ ଜୋରଦାର

ଖପ୍ରାଖୋଲ,୨୯।୩(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ସୀମାନ୍ତ ଗନ୍ଧମାର୍ଦ୍ଦନ ପାହାଡ଼ରେ ମାଓବାଦୀ ଓ ପୋଲିସ ମଧ୍ୟରେ ଶନିବାର ସକାଳେ ଗୁଳି ବିନିମୟ ହୋଇଥିବା ସୂଚନା ମିଳିଛି। ନାନ୍ଦୁପଲା ପଞ୍ଚାୟତ କନ୍ଦରାଭଟା ନୂଆପାଲି ନିକଟ ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ଏହି ଗୁଳି ବିନିମୟ ହୋଇଥିବା ବେଳେ କୌଣସି କ୍ଷୟକ୍ଷତି ହୋଇଥିବା ସୂଚନା ମିଳିନାହିଁ। ଏହାପରେ ପୋଲିସ ଓ ଡିଭିଏଫ୍‌ର ମିଳିତ କୋମ୍ବିଂ ଅପରେଶନ ଜୋରଦାର ହୋଇଛି। ଏନେଇ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତରଙ୍କୁ ପଚାରିବାରେ କୋମ୍ବିଂ ଅପରେଶନ ଜାରି ରହିଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଦୁଇମାସ ତଳେ ମଧ୍ୟ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଭାନପୁର ପଞ୍ଚାୟତ ହନୁପାଲି ଗାଁ ନିକଟରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିବା ପୋଲିସ ସୂଚନା ଦେଇଥିଲା।






# ଯୁବକଙ୍କଠୁ ଝାମ୍ପିନେଲେ ୮ଲକ୍ଷ ୪୦ହଜାର

ବସ୍ତା,୨୯।୩(ହରିଶଙ୍କର ପାଢ଼ୀ)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ମଛଡ଼ିହା ନିକଟରୁ ଶନିବାର ଜଣେ ଯୁବକଙ୍କଠାରୁ ୮ଲକ୍ଷ ୪୦ ହଜାର ଟଙ୍କା ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ଧପାକନ୍ଦ ଗ୍ରାମର ହେମନ୍ତ କୁମାର ବିଶ୍ୱାଳ ଏସ୍‌ବିଆଇ, ଶ୍ରୀରାମପୁର ଶାଖାକୁ ଅପରାହ୍ନ ୨ଟା ସମୟରେ ଆସିଥିଲେ। ସେ ବ୍ୟାଙ୍କରୁ ୮ଲକ୍ଷ ୪୦ହଜାର ଟଙ୍କା ଉଠାଇ ଯାଉଥିବା ବେଳେ ମଛଡିହା ନିକଟରେ ଦୁଇଟି କଳା ପଲସର୍‌ରେ ୩ଜଣ ଦୁର୍ବୃତ୍ତ ମୁହଁରେ କଳାକନା ବାନ୍ଧି ମାରଣାସ୍ତ୍ର ଦେଖାଇ ତାଙ୍କ ନିକଟରୁ ସମସ୍ତ ଟଙ୍କା ନେଇ ଚମ୍ପଟ ମାରିଥିଲେ। ବସ୍ତା ପୋଲିସ ସେଠାରେ ପହଞ୍ଚିଥିଲା। ଘଟଣାର ତଦନ୍ତ କରାଯାଉଛି ବୋଲି ଆଇଆଇସି ରଣଜିତ୍ କୁମାର ସାହୁ ସୂଚନା ଦେଇଛନ୍ତି।

# ଶ୍ରମ କୋଡ୍ ବାତିଲ ଦାବି: ମେ' ୨୦ରେ ସାଧାରଣ ଧର୍ମଘଟ

ଭୁବନେଶ୍ୱର,୨୯।୩ (ବନ୍ଦନା ସେଠୀ)

ଶ୍ରମ କୋଡ୍ ବାତିଲ ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେଶନ ସମୂହ ପକ୍ଷରୁ ମେ ୨୦ରେ ସାଧାରଣ ଧର୍ମଘଟ ଅନୁଷ୍ଠିତ ହେବ। ଏନେଇ ଶନିବାର ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ କିଶୋର ଜେନାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦିଲ୍ଲୀଠାରେ ମାର୍ଚ୍ଚ ୧୮ରେ ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟ ସମ୍ମିଳନୀରେ ୧୭ ଦଫା ଦାବି ଯଥା ଶ୍ରମକୋଡ୍ ବାତିଲ, ଶ୍ରମିକ ଛଟେଇ ବନ୍ଦ, ସର୍ବନିମ୍ନ ମଜୁରି ବୃଦ୍ଧି, ପୁରୁଣା ପେନ୍‌ସନ ସ୍କିମ୍ ଲାଗୁ, କୃଷକଙ୍କ ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନ ପରିସରଭୁକ୍ତ କରିବା ଆଦି ଦାବି ନେଇ ରାଜ୍ୟ ତଥା ଜିଲା, ବିଭିନ୍ନ ଶିଳ୍ପାଞ୍ଚଳରେ ସମ୍ମିଳନୀ, ପଦଯାତ୍ରା, ମୋଟରସାଇକେଲ ଶୋଭାଯାତ୍ରା ସହିତ ମେ ୩ ମଧ୍ୟରେ ବିଭିନ୍ନ ଅନୁଷ୍ଠାନକୁ ସାଧାରଣ ଧର୍ମଘଟ ଲାଗି ନୋଟିସ ପ୍ରଦାନ କରାଯିବ। ଏଥିସହ ଏପ୍ରିଲ ୧୮ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମ୍ମିଳନୀ କରାଯାଇ ରାଜ୍ୟରେ ହେବାକୁଥିବା ଧର୍ମଘଟକୁ ସଫଳ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଏଆଇଟିୟୁସିର ସାଧାରଣ ସମ୍ପାଦକ ବିଜୟ ଜେନା, ନେତା ଜୟନ୍ତ ଦାସ, ଏଚ୍‌ଏମ୍‌ଏସ୍‌ର ନେତା ଭୁବନାନନ୍ଦ ମହାପାତ୍ର, ସିଆଇଟିୟୁର ଦୁଷ୍ମନ୍ତ ଦାସ, ଏଆଇୟୁଟିୟୁସିର ନିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।












| Entry | Educational Qualification |
|---|---|
| AGNIVEER SSR (Senior Secondary Recruit) | Qualified in 10+2 with Mathematics & Physics from Boards of School Education recognized by Ministry of Education, Govt of India, with minimum 50% marks in aggregate<br>OR<br>Passed Three years diploma course in Engineering (Mechanical/ Electrical/ Automobiles/ Computer Science/ Instrumentation Technology/ Information Technology) from Central, State and UT recognized Polytechnic Institute with 50% marks in aggregate<br>OR<br>Passed Two years Vocational Course with Non-vo-cational subject viz, Physics and Mathematics from Education Boards recognized by Central, State and UT with 50% marks in aggregate |
| AGNIVEER MR (Matric Recruit) | Matriculation Examination with minimum 50% marks in aggregate from the Board of School Education recognised by Ministry of Education, Govt of India |
| SSR (Medical) | Qualified in 10 +2 examination with Physics, Chemistry, Biology (PCB) from the Boards of School Education recognised by Ministry of Education, Govt. of India with 50% marks in aggreate and minimum 40% in each subject. |

www.joinindiannavy.gov.in

## ସଂକ୍ଷେପରେ

### ବାଦିବାହାଲ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଲୋଇସିଂହା, ୨୯।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟା ଲିଲିମା ବେହେରା ମୁଖ୍ୟଅତିଥି, ସମିତି ସଭ୍ୟ ଅଜିତ କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ଦାଶ, ପରିଚାଳନା କମିଟି ସଭାପତି ପବିତ୍ର ଧରୁଆ ସମ୍ମାନିତ ଅତିଥି, ସ୍ଥାନୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକ ବେଣୁଧର ଭୋଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ପ୍ରଧାନ ଶିକ୍ଷକ ବେଲାର ସାହୁ ବିବରଣୀ ପଠନ କରି ସ୍କୁଲର ସଫଳତା ଏବଂ ଲାଗି ରହିଥିବା ସମସ୍ୟା ଉପରେ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିକ୍ଷକ ଶିବଶଙ୍କର ରଣା ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ରାହିମା ପଧାନ, ଶିକ୍ଷକ ମନୋଜ ଘିବେଲା, ରବୀନ୍ଦ୍ର କୁମାର ସାହୁ ଓ ସୁରୁଧନ ଦୀପ ସହଯୋଗ କରିଥିଲେ ।

### କଣ୍ଟାବାଞ୍ଜି ମହିଳା ମହାବିଦ୍ୟାଳୟର ଛାତ୍ରୀ ପ୍ରଥମ

**ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ପାର୍ଲାମେଣ୍ଟ ୨୦୨୫ ପ୍ରତିଯୋଗିତା**

କଣ୍ଟାବାଞ୍ଜି, ୨୯।୩(ଗୁରୁ ଦୟାଳ ହଂସ)

କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଏବଂ ଓଡିଶା ସରକାରଙ୍କ ନେହେରୁ ଯୁବକ ସଂଘ, ଏନଏସଏସ ଯୁବ ସେବା ଓ କ୍ରୀଡା ବିଭାଗ ମିଳିତ ଆନୁକୂଲ୍ୟରେ ଓଡିଶା ବିଧାନସଭା କନଫରେନ୍ସ ହଲରେ ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ପାର୍ଲାମେଣ୍ଟ -୨୦୨୫ ଉପରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହା ଗତ ୨୫ ଓ ୨୬ ତାରିଖ ଦୁଇ ଦିନ ଧରି ହୋଇଥିବା ବେଳେ ଏଥିରେ ରାଜ୍ୟର ବିଭିନ୍ନ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ବିଧାନସଭାର ବାଚସ୍ପତି, ଉପବାଚସ୍ପତି , ବିଭିନ୍ନ ବିଭାଗୀୟ ମନ୍ତ୍ରୀ ଓ ବିଧାୟକମାନେ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାରେ ରାଜ୍ୟର ୩ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କ ମଧ୍ୟରୁ କଣ୍ଟାବାଞ୍ଜି ମହିଳା ମହାବିଦ୍ୟାଳୟର ଛାତ୍ରୀ ଏନ.ଜାହ୍ନବୀ ଡୋରା ସର୍ବଶ୍ରେଷ୍ଠ ବିବେଚିତ ହୋଇଥିବା ଜଣାପଡିଛି । ଏଥିପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତ, ଅର୍ଥନୀତି ବିଭାଗ ମୁଖ୍ୟ ସୁନନ୍ଦା ରଥ , ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀମାନେ ଶୁଭେଚ୍ଛା ଜଣାଇଛନ୍ତି । ଆସନ୍ତା ୧ ରୁ ୩ ତାରିଖ ମଧ୍ୟରେ ନୂଆଦିଲ୍ଲୀସ୍ଥିତ ସଂସଦ ଭବନରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଜାହ୍ନବୀ ଅଂଶଗ୍ରହଣ କରିବେ ବୋଲି ସୂଚନା ମିଳିଛି ।

# ନାଟକ ମାଧ୍ୟମରେ ସମାଜ ସଂସ୍କାର ସମ୍ଭବ

**ରାଜ୍ୟସ୍ତରୀୟ କୋଶଲୀ ନାଟବାଦୀ-ନାଟଯାତ୍ରା**

ବଲାଙ୍ଗୀର, ୨୯।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଉପକଣ୍ଠ ସଦାଇପାଲି ସ୍ଥିତ ରାମଜୀ ଯୁବକ ସଂଘ ପକ୍ଷରୁ ପଲ୍ଲୀଶ୍ରୀ ବିହାରସ୍ଥିତ ରାଧାକୃଷ୍ଣ ମଣ୍ଡପ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କୋଶଲୀ ନାଟବାଦୀ-ନାଟଯାତ୍ରାର ତୃତୀୟ ସନ୍ଧ୍ୟାରେ ବଲାଙ୍ଗୀରର ଅନ୍ୱେଷଣ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଓଡିଆ ନାଟକ ପ୍ରକାଶ ଓ ଛାୟା ମଞ୍ଚସ୍ଥ ହୋଇଥିଲା। ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ମୂଳ ଲେଖା ଏବଂ ନାଟ୍ୟକାର ପ୍ରକାଶ ଚନ୍ଦ୍ର ଥନାପତିଙ୍କ ନାଟ୍ୟ ରୂପାନ୍ତରିତ ଏବଂ ନିର୍ଦ୍ଦେଶିତ ନାଟକରେ କଳାକାରମାନେ ଚମତ୍କାର ଅଭିନୟ କରିଥିଲେ। ପ୍ରେମ ସତ୍ୟ, ଶାଶ୍ୱତ ଓ ଚିରନ୍ତନ ବୋଲି ନାଟକ ବାର୍ତ୍ତା ଦେଇଥିଲା। ଓଡିଆ ନାଟକ ପରେ ଦ୍ୱିତୀୟ ନାଟକ ଭାବେ ଦେଓଗାଁ ବ୍ଲକ ବରକାନୀର ରାମଜୀ କଳା ପରିଷଦ ପକ୍ଷରୁ ଲୀଳା ନାଟକ ମହୀରାବଣ ବଧ ମଞ୍ଚସ୍ଥ ହୋଇଥିଲା। ରାମଜୀ ଯୁବକ ସଂଘ ସଭାପତି ଡା. ପ୍ରମୋଦ କୁମାର ମିଶ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବନ ବିଭାଗ ରେଞ୍ଜ ଅଫିସର ନବୀନ କୁମାର ପଣ୍ଡା ଅତିଥି ଭାବେ ଯୋଗଦାନ କରି ନାଟକ ମାଧ୍ୟମରେ ସମାଜ ସଂସ୍କାର ସମ୍ଭବ ବୋଲି କହିଥିଲେ। ଏହି ଅବସରରେ ଅଶୋକ କୁମାର ପଧାନ, ବିକାଶ ରଞ୍ଜନ ବାଗ ଓ କୀର୍ତ୍ତି ରଞ୍ଜନ ସିଂଙ୍କୁ ନାଟକ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ସାମାଜିକ କର୍ମୀ ସୁଲୋଚନା ମିଶ୍ର ମା' ସମଲେଶ୍ୱରୀଙ୍କ ଠାରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଆଜିର ମଞ୍ଚକୁ ଲୀଳା ନାଟକ କଳାକାର ଶ୍ରୀରାମ ଚାଉଳିଆଙ୍କ ସ୍ମୃତିରେ ସମର୍ପଣ କରାଯାଇଥିଲା। ରାମଜୀ ଯୁବକ ସଂଘ ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସୁଶ୍ରୀ ଆଇଟିଆଇ ଅଧ୍ୟକ୍ଷ ସନ୍ତୋଷ ବ୍ରହ୍ମା ଧନ୍ୟବାଦ ଦେଇଥିଲେ। ଗୁରୁବାର ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଭାବେ ଲିକା ସାହୁ, ବଲାଙ୍ଗୀର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ ଓ ସଙ୍ଗଠକ ବୁଲୁ ବେହେରା ମଞ୍ଚାସୀନ ଥିଲେ। ଏହି ଅବସରରେ ଲୀଳା ନାଟକ କଳାକାର ଡା. ରୁଦ୍ର ନାରାୟଣ ପଟେଲ, ସତ୍ୟବାଦୀ ନାଏକ, ନିରାକାର ସାଏ, ଶତ୍ରୁଘ୍ନ ବେହେରା, ଶରତ ଚନ୍ଦ୍ର ପୁଟେଲ, ରମାକାନ୍ତ ମିଶ୍ର ଏବଂ ଅଂଶୁମାନ ଠାକୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସୋନପୁର ଜିଲା ବଡକର୍ଲେ ଗ୍ରାମର ବୀଣାପାଣି ସାହିତ୍ୟ କଳା ସଂସଦର କଳାକାରମାନେ ସୁମନ୍ତ ଭୋଇଙ୍କ ରଚିତ ତଥା ସମୀର ସାହୁଙ୍କ ନିର୍ଦ୍ଦେଶିତ କୋଶଲୀ ନାଟକ ବଳଦ ପରିବେଷଣ କରିଥିଲେ।


ନାଟକ ପ୍ରକାଶ ଓ ଛାୟାର ଏକ ଦୃଶ୍ୟ ।

# ଟିଟିଲାଗଡ଼ ଓକିଲ ସଂଘ ନିର୍ବାଚନ

**ସଞ୍ଜୟ ସଭାପତି, ମହେଶ ସମ୍ପାଦକ ନିର୍ବାଚିତ**

ଟିଟିଲାଗଡ, ୨୯।୩(ଶରତ ମିଶ୍ର)

ଶନିବାର ଟିଟିଲାଗଡ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସଞ୍ଜୟ କୁମାର ବେହେରା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିକାଶ ଭୋଇଙ୍କୁ ୧୦ ଖଣ୍ଡ ଭୋଟରେ ପରାସ୍ତ କରି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ମହେଶ କୁମାର ମହାନ୍ତି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବେଦପ୍ରକାଶ ବେହେରାଙ୍କୁ ୧୭ ଖଣ୍ଡ ଭୋଟରେ ପରାସ୍ତ କରି ସଂପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବରେ ପ୍ରୀତମ ରଞ୍ଜନ ପଣ୍ଡା ନିର୍ବାଚିତ ହୋଇଛନ୍ତି। ସହ ସଂପାଦକ ମକରଧ୍ୱଜ ବାଗ ଓ କୋଷାଧ୍ୟକ୍ଷ ଭାବେ ପୃଥୀରାଜ କୁମାର ସିଂ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟ ଭାବରେ ଆଲୋକ କୁମାର ନାୟକ, ଅରବିନ୍ଦ ଲାଲ ମହତୋ, ଦେବେନ୍ଦ୍ର କୁମାର ମିଶ୍ର, କାଳୀ ପ୍ରସାଦ ମୁଖାର୍ଜୀ, କମ୍ବୁପାଣି ପାଢ଼ୀ, ଲଳିତ ମୋହନ ତାଣ୍ଡି, ମୋହନ ଲାଲ ଜୈନ, ପ୍ରଦୀପ ମହାନ୍ତି, ପ୍ରୀତିମନ ନାଗ ଓ ରଘୁନାଥ ରଥ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହେଇଛନ୍ତି। ଆଜିର ନିର୍ବାଚନକୁ କିଶୋର ଚନ୍ଦ୍ର ପଣ୍ଡା ପରିଚାଳନା କରିଥିବା ବେଳେ ପ୍ରଫୁଲ୍ଲ କୁମାର ବିଶି, ସୁଧାଂଶୁ ଶେଖର ମହାନ୍ତି ଓ କାର୍ତ୍ତିକେଶ୍ୱର ମାଝି ସହଯୋଗ କରିଥିଲେ ।




# ବଲାଙ୍ଗୀର ଜିଲା ଓକିଲ ସଂଘ ନିର୍ବାଚନ

ବଲାଙ୍ଗୀର, ୨୯।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଓକିଲ ସଂଘର କାର୍ଯ୍ୟକର୍ତ୍ତା ନିର୍ବାଚନ ଶନିବାର ସ୍ଥାନୀୟ ସିଭିଲ କୋର୍ଟ ବାର ହଲ୍ ଠାରେ ଅନୁଷ୍ଠିତ ହୋଇଛି। ନିର୍ବାଚନରେ ଜିଲା ଓକିଲ ସଂଘ ସଭାପତି ଭାବେ ଆଡଭୋକେଟ୍ ବାସୁଦେବ ରଥ ଓ ସମ୍ପାଦକ ଭାବେ ଆଡଭୋକେଟ୍ ସଞ୍ଜୟ କୁମାର ବରଗଡ଼ି ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଆଡଭୋକେଟ୍ ଗୋପାଳ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୨୦୨୫-୨୬ ବର୍ଷ ପାଇଁ ହୋଇଥିବା ନିର୍ବାଚନରେ ସଭାପତି ଭାବେ ବାସୁଦେବ ରଥ, ଉପସଭାପତି ଭାବେ ସୁଧାଂଶୁ ଶେଖର ଦେଓ, ସମ୍ପାଦକ ଭାବେ ସଞ୍ଜୟ କୁମାର ବରଗଡ଼ି, ସହସମ୍ପାଦକ ଭାବେ ସୁମିତ କୁମାର ଖୁଆସ, କୋଷାଧ୍ୟକ୍ଷ ଭାବେ ସମୀର କୁମାର ମିଶ୍ର ନିର୍ବାଚିତ ହୋଇଛନ୍ତି। ସଂଘ କାର୍ଯ୍ୟକାରୀ ସଦସ୍ୟ ଭାବେ ଆଡଭୋକେଟ ଆର୍ତ୍ତତ୍ରାଣ ପୁରୋହିତ, ପ୍ରମୋଦ କୁମାର ତ୍ରିପାଠୀ, ସରୋଜ କୁମାର ଗୁପ୍ତା, ଶଙ୍କର କୁମାର ମିଶ୍ର, ରାଜେନ୍ଦ୍ର ମିଶ୍ର, ମଳୟ ରଞ୍ଜନ ଗଡତିଆ, ଦୀପ୍ତି ଶର୍ମା, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ଶିବଦତ୍ତ ଦ୍ୱିବେଦୀ, ଭବାନୀ ଶଙ୍କର ଭୋଇ, ସବିତା ରାଣୀ ମିଶ୍ର ଓ ପ୍ରଦୀପ କୁମାର ମହାପାତ୍ର ନିର୍ବାଚିତ ହୋଇଥିବା ସୂଚନା ଦିଆଯାଇଛି। ସମସ୍ତ ଓକିଲଙ୍କ ସହଯୋଗରେ ଆଗାମୀ ଦିନରେ ବଲାଙ୍ଗୀର ଓକିଲ ସଂଘର ସାଙ୍ଗଠନିକ କାର୍ଯ୍ୟକୁ ଆଗକୁ ନିଆଯିବ ବୋଲି ସଭାପତି ରଥ ଓ ସମ୍ପାଦକ ବରଗଡ଼ି କହିଛନ୍ତି। ନବ ନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କୁ ସଂଘର ସଦସ୍ୟାମାନେ ଅଭିନନ୍ଦନ ଜଣାଇଛନ୍ତି।


ବାସୁଦେବ ସଭାପତି


ସଞ୍ଜୟ ସମ୍ପାଦକ

# ଏଡସ ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା, ୨୯।୩(ସୁଶାନ୍ତ ବାରିକ)

ଶନିବାର ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ କଲେଜ ରେଡ ରିବନ କ୍ଲବ ଓ ୟୁଥ ରେଡକ୍ରସ ତରଫରୁ ଏଚ.ଆଇ.ଭି/ଏଡସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧୀରେନ୍ଦ୍ର କୁମାର ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଜୀବବିଜ୍ଞାନ ବିଭାଗର ମୁଖ୍ୟ ଡ. ଅନ୍ତର୍ଯ୍ୟାମୀ ନାଏକ ମୁଖ୍ୟବକ୍ତା, ଓଡ଼ିଆ ବିଭାଗର ମୁଖ୍ୟ ପ୍ରମୋଦ କୁମାର ଦାଶ ଓ ଇଂରାଜୀ ବିଭାଗର ମୁଖ୍ୟ ଆର୍ଯ୍ୟେନ୍ଦୁ କୁମାର ମେହେର ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ଅତିଥିମାନେ ଏଚ.ଆଇ.ଭି/ଏଡସର କାରଣ ଓ କିପରି ସଚେତନ ରହିବ ସେ ସମ୍ପର୍କରେ କହିଥିଲେ । ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ବିରେନ୍ଦ୍ର ପ୍ରତାପ ତ୍ରିପାଠୀ, ଅଙ୍କିତା ନାଏକ, ସୁକେଶ ପଟେଲ ଓ କୁଇଜ ପ୍ରତିଯୋଗିତାରେ ସୁମିତ ସାହୁ, ବିରେନ୍ଦ୍ର ତ୍ରିପାଠୀ, ଅମିସା ନାଏକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ୟୁଥ ରେଡକ୍ରସର ସଂଯୋଜକ ଡ. ଲିଙ୍ଗରାଜ ମେହେର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ଶୋଭାଯାତ୍ରା କରାଯାଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା।

# ଲୋଇସିଂହା ଓକିଲ ସଂଘର ନୂତନ କର୍ମକର୍ତ୍ତା


ନବନିର୍ବାଚିତ କର୍ମକର୍ତ୍ତାଙ୍କ ସହ ବାର୍ ସଦସ୍ୟ ।

**ପ୍ରଦୀପ ସଭାପତି ଓ ଜ୍ୟୋତି ସାଧାରଣ ସମ୍ପାଦକ**

ଲୋଇସିଂହା, ୨୯।୩(ସୁଶାନ୍ତ ବାରିକ)

ଶନିବାର ବଲାଙ୍ଗୀର ଜିଲା ଲୋଇସିଂହା ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ସଭାପତି ଭାବେ ପ୍ରଦୀପ ତ୍ରିପାଠୀ ମନୋନୀତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ଜ୍ୟୋତି ରଞ୍ଜନ ପଟେଲ, ଉପସଭାପତି ସଞ୍ଜୟ ଷଡ଼ଙ୍ଗୀ, ଯୁଗ୍ମସମ୍ପାଦକ କ୍ଷେତ୍ରପାଳ ସାହୁ, କୋଷାଧ୍ୟକ୍ଷ ଗୌରୀଶଙ୍କର ସାହୁ ଓ ଗ୍ରନ୍ଥାଗାରିକ ଭାବେ ରଘୁମଣି ସେଠ ମନୋନୀତ ହୋଇଛନ୍ତି। ଏହାଛଡା କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଆଇନଜୀବୀ ରାଜେନ୍ଦ୍ର ନାଏକ, ପ୍ରଶାନ୍ତ ବେହେରା, ରମାକାନ୍ତ ନାଏକ, ରାଜକିଶୋର ମିଶ୍ର, ଶଶାଙ୍କ ଶେଖର ଭୋଇ ମନୋନୀତ ହୋଇଥିବା ଜଣାଯାଇଛି। ବରିଷ୍ଠ ଆଇନଜୀବୀ ଶୁଭେନ୍ଦୁ ସାହୁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ଶାନ୍ତନୁ ସଭାପତି, ପ୍ରଭଞ୍ଜନ ସମ୍ପାଦକ

**ଜିଲା ଟ୍ୟାକ୍ସ ବାର୍ ସଂଘ ନିର୍ବାଚନ**

ବଲାଙ୍ଗୀର, ୨୯।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଟ୍ୟାକ୍ସ ବାର ସଂଘର କାର୍ଯ୍ୟକର୍ତ୍ତା ନିର୍ବାଚନ ଶନିବାର ସ୍ଥାନୀୟ ବାଣିଜ୍ୟକର ଅଫିସ ପରିସରସ୍ଥ ବାର ହଲ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ଜିଲା ଟ୍ୟାକ୍ସବାର ସଂଘ ସଭାପତି ଭାବେ ଆଡଭୋକେଟ୍ ଶାନ୍ତନୁ କୁମାର ଭୋଇ ଓ ସମ୍ପାଦକ ଭାବେ ଆଡଭୋକେଟ୍ ପ୍ରଭଞ୍ଜନ ହୋତା ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଆଡଭୋକେଟ୍ ମାନସ ରଞ୍ଜନ ବହିଦାରଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ହୋଇଥିଲା। ୨୦୨୫-୨୬ ବର୍ଷ ପାଇଁ ହୋଇଥିବା ନିର୍ବାଚନରେ ସଭାପତି ଭାବେ ଶାନ୍ତନୁ କୁମାର, ଉପସଭାପତି ଭାବେ ଶଶାଙ୍କର ପଟ୍ଟନାୟକ, ସମ୍ପାଦକ ଭାବେ ପ୍ରଭଞ୍ଜନ, ସହସମ୍ପାଦକ ଭାବେ ରାଜକିଶୋର ଜେନା, କୋଷାଧ୍ୟକ୍ଷ ଭାବେ ସରୋଜ କୁମାର ମାଝି ନିର୍ବାଚିତ ହୋଇଛନ୍ତି। ସଂଘ କାର୍ଯ୍ୟକାରୀ ସଦସ୍ୟ ଭାବେ ଦୁଲିଚାନ୍ଦ ଅଗ୍ରୱାଲ, ନକୁଲ ଅଗ୍ରୱାଲ, ଅଶୋକ କୁମାର ଦାସ, ଗଣେଶ ପ୍ରସାଦ ଦୀକ୍ଷିତ, ଚିତ୍ତରଞ୍ଜନ ଦାଶ, ନିଲେଶ କୁମାର ଅଗ୍ରୱାଲ ନିର୍ବାଚିତ ହୋଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ନବ ନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କୁ ସଂଘର ସଦସ୍ୟାମାନେ ଅଭିନନ୍ଦନ ଜଣାଇଛନ୍ତି।


ଶାନ୍ତନୁ କୁମାର ଭୋଇ


ପ୍ରଭଞ୍ଜନ ହୋତା

# ପ୍ରଫୁଲ୍ଲ ସଭାପତି, ମନୋଜ ସାଧାରଣ ସମ୍ପାଦକ

**କଣ୍ଟାବାଞ୍ଜି ଓକିଲ ସଂଘ ନିର୍ବାଚନ**

କଣ୍ଟାବାଞ୍ଜି, ୨୯।୩(ଗୁରୁଦୟାଳ ହଂସ)

ଶନିବାର ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଓକିଲ ସଂଘର ନିର୍ବାଚନ ଓକିଲ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ସଂଘର ମୋଟ ୮୩ଜଣ ଓକିଲଙ୍କ ମଧ୍ୟରୁ ୭୮ ଜଣ ଅଂଶଗ୍ରହଣ କରିଥିଲେ। ୫୧ଟି ଭୋଟ ପାଇ ପ୍ରଫୁଲ୍ଲ କୁମାର ନାୟକ ସଭାପତି ଓ ୪୮ଟି ଭୋଟ ପାଇ ମନୋଜ କୁମାର ଦାଶ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଅଭିମନ୍ୟୁ ନାଗ ୪୮ଟି ଭୋଟ ପାଇ ଉପ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନକୁ ବରିଷ୍ଠ ଆଇନଜୀବୀ ଜଗନ୍ନାଥ ନାୟକ, କାନନ କିଶୋର ପଣ୍ଡା ଓ ବିଷ୍ଣୁପ୍ରସାଦ ଶର୍ମା ପରିଚାଳନା କରିଥିଲେ। ପ୍ରକାଶଥାଉକି ନାୟକ ପୁନର୍ବାର ଓକିଲ ସଂଘର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସଂଘର ବିଭିନ୍ନ ଗଠନମୂଳକ କାର୍ଯ୍ୟ ଆଗାମୀ ଦିନରେ ସୂଚାରୁ ରୂପେ ତୁଲାଇବେ ବୋଲି ସେ ପ୍ରକାଶ କରିଛନ୍ତି।


ପ୍ରଫୁଲ୍ଲ କୁମାର ନାୟକ ।


ହିନ୍ଦୁ ନବବର୍ଷ ଅବ୍ୟବହିତ ପୂର୍ବରୁ ଭାରତମାତା ପୂଜନ ଉତ୍ସବ ପାଇଁ ଶନିବାର ସନ୍ଧ୍ୟାରେ ବଲାଙ୍ଗୀର ସହର ପରିକ୍ରମା କରୁଥିବା ଶୋଭାଯାତ୍ରା । (ଫଟୋ: ସୁନୀଲ, ବଲାଙ୍ଗୀର)

# ଓକିଲ ସଂଘ ନିର୍ବାଚନ

**ସଭାପତି ଭାବରେ ସୁବୋଧ ଓ ସମ୍ପାଦକ ଭାବରେ ଫିରୋଜ ନିର୍ବାଚିତ**

ସଇଁତଲା, ୨୯।୩(ରାଖାଲ ପ୍ରସାଦ ଶତପଥି)

ରାଜ୍ୟ ଓକିଲ ସଂଘର ନିର୍ଦ୍ଦେଶକ୍ରମେ ସଇଁତଲା ଓକିଲ ସଂଘର ନିର୍ବାଚନ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଭାବରେ ଦ୍ୱିତୀୟ ଥର ପାଇଁ ସୁବୋଧ କୁମାର ମିଶ୍ର ୩୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସତ୍ୟ ନାରାୟଣ ସାହୁ ୧୧ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଯୁଗ୍ମ ସମ୍ପାଦକ ଭାବରେ ମନୋଜ କୁମାର ପୃଷେଠ ୩୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ସୋମନାଥ ପଧାନ ୧୧ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ଉପ-ସଭାପତି ଭାବରେ ହିମାଂଶୁ ଶେଖର ଦାଶ, ସମ୍ପାଦକ ଭାବରେ ଫିରୋଜ କୁମାର ବରଗଡ଼ି, କୋଷାଧ୍ୟକ୍ଷ ଭାବରେ ପ୍ରଦୀପ କୁମାର ମାଝୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନକୁ ବରିଷ୍ଠ ଆଇନଜୀବୀ ରାଧେଶ୍ୟାମ ସାହୁ ଓ ଆଇନଜୀବୀ ଶିବ ପ୍ରସାଦ ବାରିକ ପରିଚାଳନା କରିଥିଲେ। ଓକିଲ ଦ୍ରୌପଦୀ ପାତ୍ର, ଜ୍ୟୋସ୍ନାରାଣୀ ବାଗ, ମନୋରଞ୍ଜନ ପୃଷେଠ, ମାନସ ରଞ୍ଜନ ରଣା ଓ ଗୁନୁ ରାଜପାଲିଆ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ମନୋନୀତ ହୋଇଛନ୍ତି।

# ଶିକ୍ଷାର୍ଥୀ ପୋଲିସ ବାହିନୀର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବେଲପଡା, ୨୯।୩(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ଦିନ ରଘୁ ମେହେର ଉଚ୍ଚ ବିଦ୍ୟାଳୟର (ଏସପିସି) ଶିକ୍ଷାର୍ଥୀ ପୋଲିସ ବାହିନୀର ଛାତ୍ରମାନେ ସ୍ଥାନୀୟ ନବୋଦୟ ଛକରେ ଅଭିନବ ଢ଼ଙ୍ଗରେ ସଡ଼କ ସୁରକ୍ଷା ସଚେତନତା କରିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପଣ୍ଡାଙ୍କ ପରାମର୍ଶ ଓ ଶିକ୍ଷକ ଗିରିଶ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରମାନେ ପ୍ରଥମେ ସ୍କୁଲ ପରିସରରୁ ପ୍ଲାକାର୍ଡ ଧରି ସଡ଼କ ସୁରକ୍ଷା ଜୀବନ ରକ୍ଷା ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ପରେ ସ୍ଥାନୀୟ ନବୋଦୟ ଛକ ମୁଖ୍ୟରାସ୍ତାରେ ଯିବା ଆସିବା କରୁଥିବା ଦୁଇଚକିଆ ଏବଂ ଚାରିଚକିଆ ଗାଡିକୁ ଅଟକାଇ ହେଲମେଟ ଓ ସିଟବେଲ୍ଟ ପିନ୍ଧିବାକୁ ଅନୁରୋଧ କରିଥିଲେ। ଯେଉଁ ଗାଡ଼ି ଚାଳକମାନେ ହେଲମେଟ ପରିଧାନ କରିଥିଲେ ତାଙ୍କୁ ଗୋଲାପ ଫୁଲ ଓ ଚକଲେଟ ଦେଇ ଧନ୍ୟବାଦ ଜଣାଇଥିଲେ। ବେଲପଡା ଥାନାଧିକାରୀ ଅନନ୍ତ ପଧାନ ଉପସ୍ଥିତ ରହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେ କହିଥିଲେ ଦୈନିକ ଦୁର୍ଘଟଣା ଘଟୁଛି। ଯାହା ଫଳରେ ଅମୂଲ୍ୟ ଜୀବନ ଯାଉଛି । ଏଥିପାଇଁ ହେଲମେଟ ପିନ୍ଧି ନିଜ ଜୀବନ ସୁରକ୍ଷିତ ରଖନ୍ତୁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଆଶିଷ କୁମାର ସାମଲ, ଜିତୁ ମେହେର, ପ୍ରଭାକର ସାହୁ ଓ ଅମ୍ବୁଜ ଆନନ୍ଦ ମେହେର ପ୍ରମୁଖ ସହଯୋଗ କରିଥିଲେ ।


ଶିକ୍ଷାର୍ଥୀ ପୋଲିସ ବାହିନୀ ସଡ଼କ ସୁରକ୍ଷା ନେଇ ସଚେତନ କରୁଛନ୍ତି ।

# ବୀରମହାରାଜପୁରକୁ ହରାଇଲା ସମ୍ବଲପୁର

**ମହାରାଜ ଆରଏନ୍ ସିଂଦେଓ ସ୍ମାରକୀ ଫୁଟବଲ**


ଦୁଇ ଦଳର ଖେଳାଳିଙ୍କ ସହ ଅତିଥି ଓ ଅନ୍ୟମାନେ ।

ବଲାଙ୍ଗୀର, ୨୯।୩(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ମହାରାଜା ଆରଏନ୍ ସିଂଦେଓ ଫୁଟବଲ ଟୁର୍ନାମେଣ୍ଟର ସପ୍ତମ ଦିବସ ମ୍ୟାଚରେ ସମ୍ବଲପୁର ଦଳ ୩-୦ ଗୋଲରେ ବୀରମହାରାଜପୁରକୁ ପରାସ୍ତ କରି ବିଜୟୀ ହେବା ସହ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଶନିବାର ମ୍ୟାଚରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ଓ ସମ୍ମାନିତ ଅତିଥି ଭାବେ ପୁଇଁତଲା ବ୍ଲକ ଅଧ୍ୟକ୍ଷ ସରୋଜ ପ୍ରଧାନ, ଡେପୁଟିକଲେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର, ରାଜେନ୍ଦ୍ର ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ଆଲୋକ କୁମାର ମଙ୍ଗରାଜ, ପାର୍ଥ ମହାପାତ୍ର ଓ କମିଟି ସଦସ୍ୟା ତଥା ପୂର୍ବତନ ପୌରାଧ୍ୟକ୍ଷା ଦମୟନ୍ତୀ ବାଗ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଖେଳକୁ ସଞ୍ଜନ କୁଦେଇ, ଜିତେନ୍ଦ୍ର ପାତ୍ର, ଦେବାଶିଷ ବାଗ ଓ ଜିତୁ ଦଲାଇ ପରିଚାଳନା କରିଥିଲେ । କ୍ରୀଡା ସଂସଦର ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ପୂର୍ବତନ ଖେଳାଳି ବିଭୁତି ଭୂଷଣ ପଣ୍ଡା ଓ ବଳରାମ ବିଷୋୟୀଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ସମ୍ବଲପୁର ଦଳର ଅଜୟ ଓରାମଙ୍କୁ ପୁରସ୍କୃତ କରାଯାଇଥିଲା। ରବିବାର ବରଗଡ ୟୁନାଇଟେଡ୍ ଏବଂ ସମ୍ବଲପୁର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି କମିଟି ସଦସ୍ୟ ସନ୍ତୋଷ କୁମାର ଦନ୍ତା ସୂଚନା ଦେଇଛନ୍ତି।

# ଶିକ୍ଷକ ଓ ଅଭିଭାବକ ବୈଠକ

ଲାଠୋର, ୨୯।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ପ୍ରସ୍ତୁତ ନିୟମାବଳୀ ଅଭିଭାବକମାନଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଛାତ୍ରୀଛାତ୍ର ବିଦ୍ୟାଳୟକୁ ବାଇକ୍ ଏବଂ ମୋବାଇଲ ନ ଆଣିବା ପାଇଁ ନିଆଯାଇଥିବା ନିଷ୍ପତ୍ତି ନେଇ ଅଭିଭାବକମାନଙ୍କୁ ଅବଗତ କରାଯାଇଥିଲା। ଅଧ୍ୟାପକ ହରେଶ କୁମାର ସାହୁ, ଡ. ନାରାୟଣ ପ୍ରଧାନ, ଶିକ୍ଷାବିତ୍ ସଦାନନ୍ଦ ବେହେରା ଛାତ୍ରୀଛାତ୍ରଙ୍କ ଜୀବନକୁ ସରସ ସୁନ୍ଦର କରି ଗଢି ତୋଳିବାରେ ମାତାପିତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ନେଇ କହିଥିଲେ। ଅଧ୍ୟାପକ ଗୁନୁ ମେହେର ବୈଠକ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ର ନିୟମିତ ବିଦ୍ୟାଳୟକୁ ଆସିବା, ଶୃଙ୍ଖଳା ପ୍ରଦର୍ଶନ କରିବା, ଅଧ୍ୟାପିକା ଅଧ୍ୟାପକଙ୍କୁ ଉପଯୁକ୍ତ ସମ୍ମାନ ଦେବା, ଅପାର ଆଇଡି ପଞ୍ଜୀକରଣ କରିବା ଆଦି ଆଲୋଚନା ହୋଇଥିଲା। ବୈଠକରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗ ଦେଇଥିଲେ। ଅଧ୍ୟାପକ ରାମନାରାୟଣ ବେଦବାକ, ନମିତା ସାହୁ, ସତ୍ୟ ଶରଣ ସାହୁ, ଗୁନମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ପ୍ରଦୀପ କୁମାର ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଗଞ୍ଜେଇ ମାମଲାରେ ୨ ଅଭିଯୁକ୍ତ ନିର୍ଦ୍ଦୋଷ

ବୌଦ୍ଧ,୨୯।୩(ଅଜିତ କୁମାର ବାରିକ)

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ସରୋଜିନୀ ପତି ଶନିବାର ଏକ ଗଞ୍ଜେଇ ମାମଲାର ବିଚାର କରି ପ୍ରମାଣ ଅଭାବରୁ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରକାଶ ଯେ, ଗତ ୨୬।୧।୨୦୧୩ ରିଖରେ ତତ୍କାଳୀନ ବୌଦ୍ଧ ଥାନାଧିକାରୀ ଅକ୍ଷୟ କୁମାର ମିଶ୍ର ବଘିଆପଡା ଫାଣ୍ଡି ଅଧୀନ ସାଲେଇସିଙ୍ଗ ଗ୍ରାମରେ ଗଞ୍ଜେଇ ଚାଲାଣ ପାଇଁ ରଖାଯାଇଥିବା ବିଶେଷ ସୂତ୍ରରୁ ଖବର ପାଇ ଚଢାଉ କରିଥିଲେ। ଏହି ସମୟରେ ସାଲେଇସିଙ୍ଗ ଗ୍ରାମର ଧରଣୀ ସାହୁଙ୍କ ଘରେ ଗଞ୍ଜେଇ ଥିବା ସହ ଚାଲାଣ ପାଇଁ ବଘିଆପଡା ଗ୍ରାମର ସୁଶାନ୍ତ କୁମାର ସାହୁ ସେଠାରେ ଥିଲେ। ପୋଲିସ ଧରଣୀ ସାହୁଙ୍କ ଘରୁ ୨୦ କେଜି ୩୦୦ ଗ୍ରାମ୍ ଗଞ୍ଜେଇ ଜବତ କରିଥିଲା। ଏ ନେଇ ବୌଦ୍ଧ ଥାନାରେ ଏକ ମାମଲା (ନଂ. ୧୦/୧୩) ରୁଜୁ କରି ପୋଲିସ ଧରଣୀ ଓ ସୁଶାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲାଟି ଅତିରିକ୍ତ ଜିଲା ଦୌରାଜଜଙ୍କ ଅଦାଲତରେ (ସ୍ପେଶାଲ କେସ ନଂ.୧/୧୩) ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୨ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଦାଲତ ପ୍ରମାଣ ଅଭାବରୁ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଅଶୋକ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

### ବାସନ୍ତୀ ପୂଜା ପାଇଁ କଳସ ଶୋଭାଯାତ୍ରା

ସୋନପୁର,୨୯।୩(ମୃତ୍ୟୁଞ୍ଜୟ ଶତପଥୀ)

ବୀରମହାରାଜପୁର ତ୍ରିବେଣୀ ଛକଠାରେ ନବଦିନାତ୍ମକ ବାସନ୍ତିକ ପୂଜା ପାଇଁ ଶନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ରଜାବନ୍ଧଠାରୁ କଳସ ଶୋଭାଯାତ୍ରା ବାହାରି ଜଗନ୍ନାଥ ମନ୍ଦିର ଛକ, ମୁଖ୍ୟ ଛକ ଓ ନନ୍ଦିଘୋଷ ଛକ ଦେଇ ଦୁର୍ଗା ମନ୍ଦିରରେ ପହଞ୍ଚିଥିଲା। ଚଳିତଥର ବାସନ୍ତୀ ଓ ଶ୍ରୀନିବାସ ରଥ ମୁଖ୍ୟକର୍ତ୍ତା ଭାବେ କାର୍ଯ୍ୟ ତୁଲାଇଛନ୍ତି। ଶନିବାର ବିଳମ୍ବିତ ରାତିରୁ ହୋମଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହେବ ବୋଲି ମନ୍ଦିର କମିଟି ସଭାପତି ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି।

### ମାଟି ସେବାରେ ଯତ୍ନବାନ ହେବାକୁ ପରାମର୍ଶ

ଗାଇସିଲେଟ,୨୯।୩(ଦୁର୍ଗା ପ୍ରସାଦ ତ୍ରିବେଦୀ)

ଗାଇସିଲେଟ ଇଂଲିଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗାଇସିଲେଟ ସ୍ଥିତ ଇଂଲିଶ ମାଧ୍ୟମ ପହେଚାନ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଜନକ କଲେତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରନୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କୃତ ପାଇକମାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପଧାନ, ସମ୍ମାନନୀୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ଗାଇସିଲେଟ ସରପଞ୍ଚ ଶରତକାଲୋ, ୟୁଥ କ୍ଲବ ସଭାପତି ରଞ୍ଜନ କୁମାର ପଣ୍ଡା, ଡାଇରେକ୍ଟର ସରୋଜ କୁମାର ପରିଡ଼ା, ଅଧ୍ୟକ୍ଷ ବସନ୍ତ କୁମାର ସାହୁ ଓ ଉପ-ଅଧ୍ୟକ୍ଷ ଅଣାକାର ଭୋଇ ମଞ୍ଚାସୀନ ଥିଲେ। ମୁଖ୍ୟ ବକ୍ତା ଶିଶୁମାନଙ୍କୁ ମୋବାଇଲ ଫୋନ, ବାଇକ୍, ମଦ, ମାଂସଠାରୁ ଦୂରେଇରଖିବା ସହ ଗୋମାତା, ମାତୃଭୂମି ଓ ମାତୃଭାଷାର ସେବା ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନର ଭାଇସ୍‌ପ୍ରିନ୍ସିପାଲ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ବାପୁଜୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଝାରବନ୍ଧ,୨୯।୩(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବାପୁଜୀ ପ୍ରାଥମିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ପାଳନ ହୋଇଛି। ପୁରନ୍ଦର କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଏବିଇଓ ଦୟାନିଧି କୈବର୍ତ୍ତ, ମୁଖ୍ୟ ବକ୍ତା ସିଆର୍‌ସିସି ଗୋପାଳ ହରିଜନ, ସହକାରୀ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ବାଗ, ସାମାଜିକ କର୍ମୀ ଗୋବିନ୍ଦ ପଟେଲ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନେପାଳ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୋଖରାଜ ଧରୁଆ ମଞ୍ଚ ପରିଚାଳନା, ଯଶୋଦା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ନରେଶ କୁମ୍ଭାର ଓ ସୁଶାନ୍ତ ମୁନାଙ୍କ ସଂଯୋଜନାରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ଶୋଭାଯାତ୍ରା, ଦଣ୍ଡନୃତ୍ୟରେ କମ୍ପିଲା ବୀରମହାରାଜପୁର

ସୋନପୁର,୨୯।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିସରରେ ଚାରି ଶମ୍ଭୁଙ୍କ ମିଳନ ପର୍ବ ସହିତ ଦଣ୍ଡନୃତ୍ୟ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଡ୍ରାଇଭର ସଂଘ ପକ୍ଷରୁ ଆୟୋଜିତ ଏହି ମହାମିଳନ ପର୍ବରେ କେଶଲଗା ବଡମାଳର ଦଣ୍ଡନୃତ୍ୟ ଦଳ, ପୁରୁଣାକଟକ ତିଲେଶ୍ୱରର ଦଣ୍ଡ ପାର୍ଟି, ଖଣ୍ଡହତା ମୟୂରକଟାର ଦଣ୍ଡନାଚ ଦଳ ଏବଂ ପିତାମହୁଲ ବୁରୋମାଳର ଦଣ୍ଡନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଏହି ଚାରି ଦଳ ବୀରମହାରାଜପୁର ମିନି ଷ୍ଟାଡିୟମରେ ଏକତ୍ରିତ ହୋଇଥିଲେ। ସେଠାରୁ ସାଂସ୍କୃତିକ ଶୋଭାଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ୮୦୦ରୁ ଊର୍ଦ୍ଧ୍ୱ କଳାକାର ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରୋଷଣୀ, ଛତି ଛତ୍ର, ଆଲଟ ଚାମର ସହିତ ବିଭିନ୍ନ ବେଶ ପୋଷାକରେ ସଜ୍ଜିତ ହୋଇ ନୃତ୍ୟ ଗୀତର ତାଳରେ ବୀରମହାରାଜପୁର ସହର ପ୍ରକମ୍ପିତ ହୋଇଥଲା। ମୁଖ୍ୟଛକ ଦେଇ ଶୋଭାଯାତ୍ରା ଦୋଳମଣ୍ଡପ ସ୍ଥାନରେ ପହଞ୍ଚିଥିଲା। ପାଦଧୌତ ସେବା କରିଥିଲେ ନୀଳକଣ୍ଠ ପଧାନ। ଏହି ଦଣ୍ଡଯାତ୍ରାରେ ଯେଉଁମାନେ ଭାଗ



ବୀରମହାରାଜପୁର ଜଗନ୍ନାଥ ମନ୍ଦିର ନିକଟରେ ଏକତ୍ରିତ ହୋଇଥିବା ଚାରିଶମ୍ଭୁ।

ନିଅନ୍ତି ସେମାନଙ୍କୁ ଭୋକ୍ତା କୁହାଯାଏ। ଭୋକ୍ତାମାନେ ଶିବ, ପାର୍ବତୀ, କାଳୀ, କଳସ, ବେତ, ଛତ୍ର, ବାନା, ଆଲଟ, ଚାମର, ଘଣ୍ଟ, ଢୋଲ, ମହୁରୀ, ଶଙ୍ଖ ଓ ତୁରୀ ଧରି ଚାଲନ୍ତି। ମାନସିକ କରିଥିବା ବ୍ୟକ୍ତି ସେମାନଙ୍କୁ ନିମନ୍ତ୍ରଣ କରନ୍ତି। ଷୋହଳ ସୁଆଙ୍ଗ ହେଉଛି ଦଣ୍ଡନାଚର ମୁଖ୍ୟ ଆକର୍ଷଣ। ଯଜମାନଙ୍କ ମନସ୍କାମନାପୂର୍ଣ୍ଣ ପାଇଁ ପ୍ରାର୍ଥନା କରି ପାଣିଦଣ୍ଡ, ଧୂଳି ଦଣ୍ଡ, ବଜ୍ର ଦଣ୍ଡ, ଅଗ୍ନି ଦଣ୍ଡ, ନୃତ୍ୟଦଣ୍ଡ ଆଦି ବରଣ କରନ୍ତି। ପ୍ରଚଣ୍ଡ ଖରାରେ ତତଲା ବାଲି ଉପରେ ଗଡ଼ି ଗଡି ଭୋକ୍ତାମାନେ ପାଣିଦଣ୍ଡ ନୃତ୍ୟ ପରିବେଷଣ କରନ୍ତି। ଶିବ ପାର୍ବତୀ, ଯୋଗି ଯୋଗିଆଣୀ, କେଳା କେଲୁଣୀ, ଶବର ଶବରୁଣୀ, ହାଡ଼ି ହାଡ଼ିଆଣୀ, ଚଢ଼େୟା ଚଢ଼େୟାଣୀ, ବୀଣାକାର ଇତ୍ୟାଦି ସୁଆଙ୍ଗ ଦର୍ଶକମାନଙ୍କୁ ଆକୃଷ୍ଟ କରେ। ସୁଆଙ୍ଗ ବେଳେ ଚରିତ୍ରକୁ ଚାହିଁ ବେଶ ପୋଷାକ ପିନ୍ଧିଥାନ୍ତି।

**ଚାରିଶମ୍ଭୁ ମିଳନ ପର୍ବ, ଦଣ୍ଡନୃତ୍ୟ**

ଏହିକ୍ରମରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅପରାହ୍ନରେ ପ୍ରଥମେ ପାଣିଦଣ୍ଡ ହୋଇଥିଲା। ସନ୍ଧ୍ୟାରେ ପ୍ରଥମେ ନିଆଁ ଉପରେ ଚାଲିବା ପରେ ଦଣ୍ଡ ନୃତ୍ୟ ପରିବେଷଣ ହୋଇଥିଲା। ସୁବ୍ରତ ପୁରୋହିତ, ତରଣୀ ମେହେର, ଶମ୍ଭୁ ଦେହେରୀ, ନଟ ମେହେର, ବିମଳ ପଣ୍ଡା, ଭାଗିରଥି ମିଶ୍ର, ଲମ୍ବୋଦର ବେହେରା,ବିଶ୍ୱେଶ୍ୱର ବେହେରା,ପ୍ରକାଶ ମହାପାତ୍ର, ଏବଂ ବାଳକ ପଣ୍ଡା ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ହଜାର ହଜାର ଶ୍ରଦ୍ଧାଳୁ ଦଣ୍ଡ ନୃତ୍ୟ ଉପଭୋଗ କରିଥିଲେ।

# ଡିମିରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ବାଉଁଶୁଣୀ,୨୯।୩(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଛକ ଡିମିରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଧର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସିଆର୍‌ସିସି ସରୋଜ କୁମାର ଝାଙ୍କର ମୁଖ୍ୟ ଅତିଥି, ରଞ୍ଜିତ କୁମାର ତ୍ରିପାଠୀ, ରାଜକୁମାର ସେଠୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ମନୋଜ କୁମାର ଝାଙ୍କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷକ ମନୋଜ କୁମାର ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ସୋନପୁର,୨୯।୩(ମୃତ୍ୟୁଞ୍ଜୟ ଶତପଥୀ)

ବୀରମହାରାଜପୁର ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଓ ମେରିଡିଏନ ଭେଲି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ବିକ୍ରମ ପୁରୋହିତ ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଭୂଷଣ କୁମାର ପାତ୍ର, ସମ୍ମାନୀତ ଅତିଥି ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ପୁରନ୍ଦର ପୁରୋହିତ, ବାଗବର ହାଇସ୍କୁଲ ପ୍ରଧାନଶିକ୍ଷକ ସୁରେଶ ପଣ୍ଡା ଓ ମୁଖ୍ୟବକ୍ତାଭାବେ ସତ୍ୟବାନ ପୁରୋହିତ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ପାରିଦର୍ଶିତା ହାସଲ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ଅଚ୍ୟୁତାନନ୍ଦ ସେଠୀ ଅତିଥି ପରିଚୟ ଓ ଶିକ୍ଷକ ମଣ୍ଟୁ ରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ମେରିଡିଏନ ଭେଲି ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତାରାଣୀ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ।

### ରାମଲୀଳା ଶୋଭାଯାତ୍ରାକୁ ବୌଦ୍ଧ ଷ୍ଟାଡିୟମ ମନା

# ପ୍ରତିବାଦ କଲା ରାମଲୀଳା ନାଟ୍ୟ ସଂସଦ

ବୌଦ୍ଧ,୨୯।୩(ଅଜିତ କୁମାର ବାରିକ)

ବୌଦ୍ଧର ଗଣପର୍ବ ଶ୍ରୀରାମଲୀଳା ଯାତ୍ରାକୁ ନେଇ ଅପ୍ରୀତିକର ପରିସ୍ଥିତ ଉପୁଜିଛି। ରାମଲୀଳା ଉପଲକ୍ଷେ ସମର ଶୋଭାଯାତ୍ରା ଦିନ ୧୦ଟି ରାବଣ ରଥ ଓ ଶ୍ରୀରାମଙ୍କ ବାନର ସେନା ମଧ୍ୟରେ ପ୍ରଥମ ସମ୍ମୁଖ ଯୁଦ୍ଧ ଜିଲା ଷ୍ଟାଡିୟମଠାରେ ହୋଇଥାଏ। ଏଠାରେ ମାନସିକଧାରୀଙ୍କ ପ୍ରଦତ୍ତ ଆତସବାଜୀ କାର୍ଯ୍ୟକ୍ରମ ଦେଖିବାକୁ ହଜାର ହଜାର ଲୋକଙ୍କ ଭିଡ ଜମିଥାଏ। କିନ୍ତୁ ଆଗାମୀ ଶ୍ରୀରାମଲୀଳା ଯାତ୍ରାର ଶେଷ ଦିବସ ଶୋଭଯାତ୍ରା କାର୍ଯ୍ୟକ୍ରମକୁ



ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ହନୁମାନ ଚାଳିଶା ପାଠ କରାଯାଉଛି।

ଜିଲା ଷ୍ଟାଡିୟମରେ କରାଯିବାକୁ ପ୍ରଶାସନ ପକ୍ଷରୁ ଅନୁମତି ମିଳୁନାହିଁ। ଏହାକୁ ନେଇ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଅଭିନବ ଉପାୟରେ ପ୍ରତିବାଦ ଆରମ୍ଭ ହୋଇଛି। ନାଟ୍ୟ ସଂସଦ ପକ୍ଷରୁ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ଶନିବାର ସନ୍ଧ୍ୟାରେ ହନୁମାନ ଚାଳିଶା ପାଠ କରାଯିବା ସହିତ ଅଖଣ୍ଡ ଦୀପ ସ୍ଥାପନ କରାଯାଇଛି। ଏହି ଘଟଣାକୁ ନେଇ ସହରରେ ଚର୍ଚ୍ଚା ଜୋର୍ ଧରିଛି। ଆଗାମୀ ଦିନରେ ଶୋଭାଯାତ୍ରା ଷ୍ଟାଡିୟମରେ ହେବା ନେଇ ଆହୁରି ଆନ୍ଦୋଳନ କରିବାକୁ ନାଟ୍ୟ ସଂସଦ ପଛାଇବ ନାହିଁ ବୋଲି ସଂସଦ ସଭାପତିମୃତ୍ୟୁଞ୍ଜୟ ମିଶ୍ର ପ୍ରକାଶ କରିଛନ୍ତି।

# ନାଳନ୍ଦା ପ୍ରାଚୀନ ଭାରତ ଶିକ୍ଷାର ପ୍ରାଣକେନ୍ଦ୍ର ଥିଲା

ସୋନପୁର,୨୯।୩(ମୃତ୍ୟୁଞ୍ଜୟ ଶତପଥୀ)

ପ୍ରାଚୀନ ଭାରତରେ ନାଳନ୍ଦା ବିଶ୍ୱବିଦ୍ୟାଳୟ ଶିକ୍ଷାର ପ୍ରାଣକେନ୍ଦ୍ର ଥିଲା। ସେଠାରେ ଦଶହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନରତ ଥିଲେ। ଦେଶୀୟ ଛାତ୍ରମାନଙ୍କ ବ୍ୟତୀତ ଜାପାନ, ଚୀନ, କାମ୍ବୋଡିଆ, ଫିଲିପାଇନସ ପ୍ରଭୃତି ଦେଶରୁ ଛାତ୍ରମାନେ ଜ୍ଞାନ ଆହରଣ କରିବାକୁ ଆସୁଥିଲେ। ନାଳନ୍ଦା ତତ୍କାଳୀନ ସମୟର ସର୍ବବୃହତ୍ ଆବାସିକ ବିଦ୍ୟାଳୟ ଏହା ଅସୀକାର କରାଯାଇ। ବୀରମହାରାଜପୁର ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଆୟୋଜିତ ନାଳନ୍ଦା ଏନ ଏପିଟୋମ ଅଫ ଇଣ୍ଡିଆନ ଏଜୁକେଶନାଲ ସିଷ୍ଟମ ଶୀର୍ଷକ ଆଲୋଚନାଚକ୍ରରେ ନିମନ୍ତ୍ରିତ ଅତିଥିଗଣ ମତବ୍ୟକ୍ତ କରିଛନ୍ତି।

ଏହି ଆଲୋଚନାଚକ୍ରରେ ଅଧ୍ୟକ୍ଷ ଡ.ହିମାଂଶୁ ଶେଖର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଶିକ୍ଷା ବିଭାଗ ଅଧ୍ୟାପକ





ଯୁକ୍ତ ୩ଶେଷ ବର୍ଷର ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥି ଓ ଅଧ୍ୟାପକ।

**ବୀରମହାରାଜପୁର ମହାବିଦ୍ୟାଳୟ ଇତିହାସ ବିଭାଗରେ ପାଠଚକ୍ର**

ଡ.ଶିଶିର ବଣିଆ ମୁଖ୍ୟ ଅତିଥି ତଥା ବିଷୟ ବିଶାରଦ ଭାବେ ଯୋଗଦେଇଥିଲେ। ଅଧ୍ୟାପକ ସତ୍ୟ ନାରାୟଣ ଦାଶ, ଅଧ୍ୟାପିକା ଡ. ବନ୍ଦିତା ବିଶ୍ୱାଳ ପ୍ରସଙ୍ଗଭିତ୍ତିକ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଯାମିନୀ ଦାଶ, ଅଧ୍ୟାପକ ସ୍ମୃତିରଞ୍ଜନ ଭରାସାଗର, ପ୍ରଭାତ ପୁରୋହିତ ପ୍ରମୁଖ ଆଲୋଚନା କରିଥିଲେ। ଛାତ୍ରୀ ସୃତି ଭରାସାଗର, ବାସନ୍ତି ଭୋଇ, ସରିତା ଭୋଇ ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଏହି ଅବସରରେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଛାତ୍ରମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୋନାଲି ମେହେର, ଲକ୍ଷ୍ମୀ ଦେହୁରୀ ଓ ସଲୋନୀ ପଧାନ ବିଦାୟକାଳିନୀ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ଶାଶ୍ୱତୀ ପଣ୍ଡା ସଭା ପରିଚାଳନାଶ୍ ଓ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ।

# ସୁବାସଚନ୍ଦ୍ର ଭୋଇ ସଭାପତି ନିର୍ବାଚିତ

ଡୁଙ୍ଗୁରିପାଲି, ୨୯।୩ (ଦୀନବନ୍ଧୁ ସୁନା)

**ଡୁଙ୍ଗୁରିପାଲି ଓକିଲ ସଂଘ ନିର୍ବାଚନ**



ସୁବାଷ ଚନ୍ଦ୍ର ଭୋଇ, ସଭାପତି।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଓକିଲ ସଂଘର ବିଭିନ୍ନ ପଦବୀ ନେଇ ଶନିବାର ନିର୍ବାଚନ ହୋଇ ଫଳାଫଳ ଘୋଷଣା ହୋଇଛି। ସଂଘ ସଭାପତି ପଦବୀ ପାଇଁ ସୁବାସଚନ୍ଦ୍ର ଭାଇ ଓ ସୁଦାମ ଖମାରୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ମୋଟ ୩୪ଜଣ ଓକିଲ ନିଜର ମତଦାନ ସାବ୍ୟସ୍ତ କରିଥିଲେ। ସୁଦାମ ଖମାରୀ ୯ଖଣ୍ଡ ଭୋଟ ପାଇଥିବା ବେଳେ ସୁବାଷଚନ୍ଦ୍ର ଭୋଇ ୨୫ଖଣ୍ଡ ଭୋଟ ପାଇ ସଭାପତି ଭାବେ ବିଜୟୀ ହୋଇଛନ୍ତି। ସେହିପରି ଉପସଭାପତି ଜଗନ୍ନାଥ ମିଶ୍ର, ସମ୍ପାଦକ ମିତେନ୍ଦୁ ଅଭିନାଶ ଗୌତମ, ସହସମ୍ପାଦକଭାବେ ହରେକୃଷ୍ଣ ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀଭାବେ ବରିଷ୍ଠ ଆଇନଜୀବୀ ଜୟପ୍ରକାଶ ନନ୍ଦ, ସହ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ଖଗେଶ୍ୱର ପାଳ ନିର୍ବାଚନ ପରିଚାଳନା କରିଥିଲେ। ପୁରୁଣା ଡାକବଙ୍ଗଳା ପରିସରରେ ଥିବା ଓକିଲ ସଂଘ କାର୍ଯ୍ୟାଳୟରେ ମତଦାନ ହୋଇଥିଲା।

# ପ୍ରତାପ ସଭାପତି, ଗଦାଧର ସମ୍ପାଦକ



ବିଜୟୀ ସଭାପତି, ସମ୍ପାଦକ, ଉପସଭାପତି ଓ ଯୁଗ୍ମ ସମ୍ପାଦକ।

ସୋନପୁର,୨୯।୩(ମୃତ୍ୟୁଞ୍ଜୟ ଶତପଥୀ)

୨୦୨୫-୨୬ବର୍ଷ ପାଇଁ ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭା ଗୃହରେ ମତଦାନ ପାଇଁ ବ୍ୟବସ୍ଥା ହୋଇଥିଲା। ସଂଘର ମୋଟ ୨୧୩ ଜଣ ପଞ୍ଜିକୃତ ସଭ୍ୟାସଭ୍ୟ ମତଦାନ କରିଥିଲେ। ଭୋଟ ଗଣତି ପରେ ବିଧିବଦ୍ଧଭାବେ ଫଳାଫଳ ଘୋଷଣା କରାଯାଇଛି। ସଭାପତି ପଦ ପାଇଁ ବରିଷ୍ଠ ଓକିଲ ପ୍ରତାପ ଚନ୍ଦ୍ର ପୁରୋହିତ ଓ ବିଧାନ ଚନ୍ଦ୍ର ପାଣିଗ୍ରାହୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ପ୍ରତାପଙ୍କୁ ୧୧୭ ଭୋଟ ଓ ବିଧାନଙ୍କୁ ୯୩ ଭୋଟ ମିଳିଥିଲା। ୩ଟି ଭୋଟ ନାକଚ ହୋଇଥିଲା। ପ୍ରତାପ ୨୪ ଖଣ୍ଡ ଭୋଟ ବ୍ୟବଧାନରେ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ତଥା ୧୦ ଥର ସଂଘର ସଭାପତି ଥିବା ବିଧାନଙ୍କୁ ପରାସ୍ତ କରିଛନ୍ତି।

ସେହିପରି ସମ୍ପାଦକ ପଦ ପାଇଁ ବରିଷ୍ଠ ଓକିଲ ଗଦାଧର ନେଗୀ ଓ ରଜେନ୍ଦ୍ର ନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଗଦାଧରଙ୍କୁ ୧୧୦ ଭୋଟ ଓ ରାଜେନ୍ଦ୍ରଙ୍କୁ ୧୦୦ ଭୋଟ ମିଳିଥିଲା। ୩ଟି ଭୋଟ ନାକଚ ହୋଇଥିଲା। ସଂଘର ଉପସଭାପତି ଭାବେ ଦାଶରଥୀ ମିଶ୍ର ବିଜୟୀ ହୋଇଛନ୍ତି। ଦାଶରଥିଙ୍କୁ ୧୨୦ ଭୋଟ ଓ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ପ୍ରଫୁଲ୍ଲ କୁମାର ସାହୁଙ୍କୁ ୮୭ ଖଣ୍ଡ ଭୋଟ ମିଳିଛି। ୬ ଖଣ୍ଡ ଭୋଟ ନାକଚ ହୋଇଥିଲା। ଯୁଗ୍ମ ସମ୍ପାଦକଭାବେ ପ୍ରିୟଜିତ୍ ମିଶ୍ର ବିଜୟୀ ହୋଇଛନ୍ତି। ପ୍ରିୟଜିତ୍‌ଙ୍କୁ ୧୪୬ଖଣ୍ଡ ଭୋଟ ମିଳିଥିବା ବେଳେ ଶରତ କୁମାର ମେହେରଙ୍କୁ ୬୧ଖଣ୍ଡ ଭୋଟ ମିଳିଥିଲା। ଯୁଗ୍ମ ସମ୍ପାଦକ ଫର୍ମ ଆଣ୍ଡ ଆକାଉଣ୍ଟସ୍ ପ୍ରଣତି କୁମ୍ଭାର, କାର୍ଯ୍ୟକାରୀ ସଦସ୍ୟ ଭାବେ ଦାସଦୀପ୍ତ ମହାପାତ୍ର, ଶମ୍ଭୁ ପ୍ରସାଦ ବିଶି ଓ ସନ୍ତୋଷ କୁମାର ନନ୍ଦ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଓମ୍‌କାର ପ୍ରଧାନଙ୍କୁ ମନୋନିତ କରାଯାଇଛି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ସୁଧ ନାରାୟଣ ସାହୁ ଏହି ନିର୍ବାଚନକୁ ପରିଚାଳନା କରିଥିଲେ।

**ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ**

# ରାଧାକାନ୍ତ ସଭାପତି, ଉମାଶଙ୍କର ସମ୍ପାଦକ

**ବୀରମହାରାଜପୁର ଓକିଲ ସଂଘ ନିର୍ବାଚନ**



ରାଧାକାନ୍ତ ମହାକୁଡ



ଉମାଶଙ୍କର ପଣ୍ଡା



ସନ୍ତୋଷ ଚାନ୍ଦ।

ସୋନପୁର,୨୯।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓକିଲ ସଂଘର ନିର୍ବାଚନ ଶନିବାର ସରିଛି। ତିନୋଟି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତିଭାବେ ଓକିଲ ସଂଘର ପ୍ରାକ୍ତନ ସଭାପତି ରାଧାକାନ୍ତ ମହାକୁଡ଼ ଓ ସତ୍ୟବ୍ରତ ମିଶ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ରାଧାକାନ୍ତ ୪୨ଖଣ୍ଡ ଭୋଟ ପାଇଥିବା ବେଳେ ସତ୍ୟବ୍ରତ ୩୭ ଖଣ୍ଡ ଭୋଟ ପାଇଥିଲେ। ଫଳରେ ରାଧାକାନ୍ତ ୫ଖଣ୍ଡ ଭୋଟ ପାଇ ଅଷ୍ଟମ ଥର ପାଇଁ ଓକିଲ ସଂଘ ସଭାପତିଭାବେ ନିର୍ବାଚିତ ହୋଇଛନ୍ତି। ଉପ ସଭାପତି ଭାବେ ସନ୍ତୋଷ ଚାନ୍ଦ ଓ ଶେଷଦେବ ବାରିକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସନ୍ତୋଷ ୫୬ ଖଣ୍ଡ ଭୋଟ ପାଇଥିବା ବେଳେ ଶେଷଦେବଙ୍କୁ ମିଳିଥିଲା ୨୨ ଖଣ୍ଡ ଭୋଟ। ସନ୍ତୋଷ ୩୪ ଖଣ୍ଡ ଭୋଟରେ ବିଜୟ ଲାଭ କରିଛନ୍ତି। ସମ୍ପାଦକ ଭାବରେ ଉମାଶଙ୍କର ପଣ୍ଡା ଓ ପୂର୍ବତନ ସମ୍ପାଦକ ଭରତ ଲାଲ ଅଗ୍ରୱାଲଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଉମାଶଙ୍କର ୪୩ ଖଣ୍ଡ ଭୋଟ ପାଇଥିବା ବେଳେ ଭରତ ଲାଲ ଅଗ୍ରୱାଲ ୩୪ ଖଣ୍ଡ ଭୋଟ ପାଇଥିଲେ। ଉମାଶଙ୍କର ୯ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ସମ୍ପାଦକ ଭୋଟରେ ଦୁଇଟି ଭୋଟ ନାକଚ ହୋଇଥିବା ବେଳେ ଉପ ସଭାପତି ପଦବୀରେ ଗୋଟିଏ ଭୋଟ ନାକଚ ହୋଇଛି। ସଂଘର ସମସ୍ତ ୭୯ ସଦସ୍ୟ ସେମାନଙ୍କର ମତଦାନ ସାବ୍ୟସ୍ତ କରିଥିଲେ। ଏହା ସହିତ ଯୁଗ୍ମ ସମ୍ପାଦକ ବିଭୂତି ଭୂଷଣ ହୋତା, ଆସିଷ୍ଟାଣ୍ଟ ସେକ୍ରେଟାରୀ ସବିତା ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଚିତ୍ତ ରଞ୍ଜନ ମିଶ୍ର, ଧର୍ମେନ୍ଦ୍ର ମେହେର ଓ ରାଧାକାନ୍ତ ବାଗ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ ପ୍ରଦୀପ କୁମାର ରଥ ପ୍ରକାଶ କରିଛନ୍ତି।

## ସ୍ତ୍ରୀକୁ ମାରପିଟ ଅଭିଯୋଗ: ସ୍ୱାମୀ ଗିରଫ

ଲହୁଣୀପଡା,୨୯।୩(ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଡଲେଇସରା ପଞ୍ଚାୟତ ରେଙ୍ଗାଲୀ ଗ୍ରାମର ଜଣେ ଯୁବକ ନିଜ ସ୍ତ୍ରୀଙ୍କୁ ମାରପିଟ କରିବା ଓ ହାତଗୋଡ଼ ବାନ୍ଧି ଶାରୀରିକ, ମାନସିକ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରେଙ୍ଗାଲୀ ଗ୍ରାମର ବଳରାମ ବାରିକ (୨୪)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ବଳରାମ ସ୍ତ୍ରୀ ଗାୟତ୍ରୀ ବାରିକଙ୍କୁ କୌଣସି କଥାକୁ କେନ୍ଦ୍ରକରି ନିଛୁକ ମାଡ ମାରିଥିଲେ। ଗାୟତ୍ରୀ ତଳେ ପଡି ଯିବାରୁ ବଳରାମ ତାଙ୍କ ହାତ ଗୋଡ଼କୁ ବାନ୍ଧି ଦେଇ ଅଟୋରେ ଅନ୍ୟତ୍ର ନେବା ପାଇଁ ଚେଷ୍ଟା କରୁଥିବା ବେଳେ ପଡିଶା ଲୋକ ଜାଣିପାରି ମହୁଲପଦା ଥାନାକୁ ଖବର ଦେଇଥିଲେ। ଖବରପାଇ ମହୁଲପଦା ଥାନା ଅଧିକାରୀ ସୁରେଶ ଚନ୍ଦ୍ର ପ୍ରଧାନ ସହକର୍ମୀଙ୍କ ସହିତ ପହଞ୍ଚି ଗାୟତ୍ରୀଙ୍କୁ ଉଦ୍ଧାର କରିଥିଲେ।

# ମାଧବୀଲତାଙ୍କୁ ଆଜୀବନ କାରାଦଣ୍ଡ

### ରମେଶ ସିଂ ହତ୍ୟା ମାମଲା

ସୁନ୍ଦରଗଡ,୨୯।୩(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଟାଉନଥାନା ଅନ୍ତର୍ଗତ ଭବାନୀପୁରରେ ୨୦୨୧ରେ ଘଟିଥିବା ବହୁ ଚର୍ଚ୍ଚିତ ରମେଶ ସିଂ ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ସୁନ୍ଦରଗଡ ଅତିରିକ୍ତ ଜିଲା ଓ ଦୌରାଜଜ ଚିନ୍ମୟ ଗୋଚ୍ଛାୟତ ଏହି ରାୟର ଶୁଣାଣି କରି ମାଧବୀ ଲତା ସିଂଦେଓଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ତାଙ୍କ ଶ୍ୱାଇଁ ଭଜୋ ଓରାମ୍‌ଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି। ମାଧବୀଲତାଙ୍କୁ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ପାଇଁ ବିଚାରପତି ତାଙ୍କ ରାୟରେ ଆଦେଶ କରିଛନ୍ତି। ଘଟଣାର ରାୟ ବିବରଣୀରୁ ପ୍ରକାଶ, ମାଧବୀଲତାଙ୍କ ସହିତ ମୃତ ରମେଶ ସିଂଙ୍କ ଅନୈତିକ ସମ୍ପର୍କ ରହିଥିଲା। ହେଲେ ପରବର୍ତ୍ତୀ ସମୟରେ ମାଧବୀଲତା ଏହାକୁ ବାରଣ କରୁଥିଲେ। ମାତ୍ର ରମେଶ ସମ୍ପର୍କ ରଖିବାକୁ ବାଧ କରୁଥିବାରୁ ମାଧବୀ ତାଙ୍କୁ ରାସ୍ତାରୁ ସଫା କରିବାକୁ ଯୋଜନା କରିଥିଲେ। ଘଟଣା ଦିନ ରମେଶ ଭଜୋ ସହ ମିଶି ଭୋଜି କରିଥିଲେ। ରମେଶ ରାତିରେ ମଦ୍ୟପାନ କରି ମାଧବୀଲତାଙ୍କ ଘରକୁ ଆସିଥିଲେ। ଏହି ସମୟରେ ପୂର୍ବ ଯୋଜନା ଅନୁଯାୟୀ ମାଧବୀ ତାଙ୍କୁ ଭୁଜାଲିରେ ହାଣୀ ହତ୍ୟା କରିଥିଲେ। ପରେ ମୃତଦେହକୁ ୬ଖଣ୍ଡ କରିଦେଇଥିଲେ। ପ୍ରମାଣ ନଷ୍ଟ ପାଇଁ ଶ୍ୱାଇଁ ସହ ମିଶି ଭବାନୀପୁର ପୋଖରୀରେ ପକାଇଦେଇଥିଲେ। ପୋଖରୀକୁ ନେବା ସମୟରେ ରାସ୍ତାରେ ଯୁବକଙ୍କ କଟା ହାତ ଓ ଗୋଡ ଖସି ପଡିଥିଲା। ରମେଶ ଭୋଜି କରିବାକୁ ଯାଇ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ନ ପାଇବା ପରେ ୧୪ତାରିଖ ସକାଳେ ନିଖୋଜ ଥିବା ନେଇ ଟାଉନଥାନାରେ ରିପୋର୍ଟ କରିଥିଲେ। ପୋଲିସ ପ୍ରଥମେ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିଦିନ ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲ ପଛ ପାଖରୁ ପୋଲିସ ଏକ ବ୍ୟକ୍ତିଙ୍କ କଟା ହାତ ପାଇଥିଲା। ୧୫ ତାରିଖରେ ପୁଣି ଏକ କଟା ଗୋଡ ପାଇବା ପରେ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ପରେ ଭବାନୀପୁର ପୋଖରୀରାରୁ ଅଗ୍ନିଶମ ଟିମ ସହାୟତାରେ ନିଖୋଜ ଯୁବକଙ୍କ ମୁଣ୍ଡ, ଗଣ୍ଡି ଓ ଶରୀର ଅନ୍ୟ ଅଂଶ ଉଦ୍ଧାର କରିଥିଲା। ତଦନ୍ତ ପରେ ଏହାଏକ ଯୋଜନା ବଦ୍ଧ ହତ୍ୟାକାଣ୍ଡ ବୋଲି ପୋଲିସ ଜାଣି ପାରିଥିଲା। ୧୮ ତାରିଖରେ ଟାଉନଥାନାରେ ପୋଲିସ ଏକ ହତ୍ୟା ମାମଲା ଓ ଏହାର ପ୍ରମାଣ ନଷ୍ଟ କରିବା ଅପରାଧରେ ମାମଲା ରୁଜୁ କରି ଉଭୟ ଶାଶୁ ଓ ଶ୍ୱାଇଁଙ୍କୁ କୋର୍ଟ ଚାଲାଣ କରିଥିଲା। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ଭୁଜାଲି ପୋଲିସ ଜବତ କରିଥିଲା। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଟାଉନଥାନାର ତତ୍କାଳୀନ ସବ ଇନ୍ସପେକ୍ଟର ଲକ୍ଷ୍ମୀ କାନ୍ତ ପ୍ରଧାନ ଥିଲାବେଳେ ମାମଲାଟିକୁ ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ପ୍ରଶାନ୍ତ କୁମାର ପଟେଲ ପରିଚାଳନା କରୁଥିଲେ।

## ପୂର୍ବତନ ରାଜସ୍ୱ ନିରୀକ୍ଷକଙ୍କୁ ୩ବର୍ଷ ଜେଲ

ସୁନ୍ଦରଗଡ,୨୯।୩(ଜୟ ନାରାୟଣ ମେଣ୍ଡୁଲି)



ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଶୁକ୍ରବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ବୀରମିତ୍ରପୁର ତହସିଲ ହାତୀବାରି ଆର୍‌ଆଇ ସର୍କଲର ପୂର୍ବତନ ତଥା ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ନୃସିଂହ ଚରଣ ତ୍ରିପାଠୀ(୭୭)ଙ୍କୁ ଦୋଷୀସାବ୍ୟସ୍ତ କରି ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୬ମାସ ଜେଲଦଣ୍ଡ ପାଇଁ ବିଚାରପତି ତାଙ୍କ ରାୟରେ ଆଦେଶ କରିଛନ୍ତି। ଏକ ମ୍ୟୁଟେଶନ ମାମଲାରେ ବୀରମିତ୍ରପୁର ତହସିଲଦାରଙ୍କୁ ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହି ମାମଲାରେ ରାଉରକେଲା ଭିଜିଲାନ୍ସ ୟୁନିଟର ପୂର୍ବତନ ଇନ୍ସପେକ୍ଟର ତ୍ରିନାଥ ପଟେଲ ମାମଲାର ତଦନ୍ତ କରିଥିଲେ ଏବଂ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମ ସୁନ୍ଦର ମିଶ୍ର ଏହି ମାମଲାକୁ ପରିଚାଳନା କରିଥିଲେ। ସହାୟକ ପବ୍ଲିକ ପ୍ରସିକ୍ୟୁଟର ସନ୍ଦୀପ ପଣ୍ଡା ସହାୟତା କରିଥିଲେ।

## ସୁନ୍ଦରଗଡ଼ ଜିଲା ଓକିଲ ସଂଘ ନିର୍ବାଚନ
## ଧର୍ମେଶ ସଭାପତି, ବିଭୋର ସମ୍ପାଦକ

ସୁନ୍ଦରଗଡ,୨୯।୩(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମେଶ କୁମାର ପଟେଲ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ମୋଟ ୨୧୬ଖଣ୍ଡ ଭୋଟ ମଧ୍ୟରୁ ସେ ୧୬୨ ଖଣ୍ଡ ଭୋଟ ପାଇଥିଲାବେଳେ ତାଙ୍କ ପ୍ରତିଦ୍ୱନ୍ଦୀ ଗଜେନ୍ଦ୍ର ପାତ୍ର ୫୪ଖଣ୍ଡ ଭୋଟ ପାଇଛନ୍ତି। ଉମାଶଙ୍କର ପଟେଲ ୧୫୬ଖଣ୍ଡ ଭୋଟ ପାଇ ଉପସଭାପତି ଭାବେ ନିର୍ବାଚିତ ହୋଇଥିଲା ବେଳେ ତାଙ୍କ ସହିତ ପ୍ରତିଦ୍ୱନ୍ଦିତା କରୁଥିବା ସରିତା ପଟେଲ ୬୦ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ସେହିପରି ସମ୍ପାଦକଭାବେ ବିଭୋର ଆନନ୍ଦ ପଟେଲ ୧୧୫ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲା ବେଳେ ତାଙ୍କ ସହିତ ପ୍ରତିଦ୍ୱନ୍ଦିତା କରୁଥିବା ସତ୍ୟଜିତ ପଣ୍ଡା ୧୦୧ଖଣ୍ଡ ଭୋଟ ପାଇଛନ୍ତି। କୋଷାଧ୍ୟକ୍ଷଭାବେ ସୁଶାନ୍ତ କୁମାର ପାଣ୍ଡେ ମୋଟ ୨୧୫ଖଣ୍ଡ ମଧ୍ୟରୁ ୧୧୦ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ତାଙ୍କ ସହିତ ପ୍ରତିଦ୍ୱନ୍ଦିତା କରୁଥିବା ସୁପ୍ରଭା ପଟେଲ ୧୦୫ ଖଣ୍ଡ ଭୋଟ ପାଇଛନ୍ତି। ଏହି ପଦବୀରେ ଗୋଟିଏ ଭୋଟ ନାକଚ ହୋଇଛି। ଅନ୍ୟ ପଦବୀ ଗୁଡିକ ମଧ୍ୟରେ ଯୁଗ୍ମ ସମ୍ପାଦକଭାବେ ସନ୍ତୋଷ ଆଚାର୍ଯ୍ୟ ନିର୍ଦ୍ୱନ୍ଦ ଭାବେ ନିର୍ବାଚିତ ହୋଇଥିଲା ବେଳେ କାର୍ଯ୍ୟକାରୀ କମିଟିର ସଦସ୍ୟଭାବେ ଅକ୍ଷୟ କୁମାର ବୀର ଗଣ୍ଡିଆ, ବିଦ୍ୟୁତ ସିଂନାଏକ, ଗୌତମ କୁମାର ହାତୀ, ପ୍ରେମ କୁମାର, ରାଜେନ୍ଦ୍ର କୁମାର ବେକ ମଧ୍ୟ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସେହିପରି ୱେଲଫେୟାର କମିଟିର ସଦସ୍ୟଭାବେ ଚୈତନ୍ୟ ମହାନ୍ଦିଆ, ନମିତା ନାଏକ, ସତ୍ୟନାରାୟଣ ଦାସ, ସୁନିତା ପଟେଲ ଓ ତୃପ୍ତି ମୟୀ ନାଏକ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଧର୍ମେନ୍ଦ୍ର କୁମାର ପଟେଲ ନିର୍ବାଚନ ଅଧିକାରୀଭାବେ ନିର୍ବାଚନ ପରିଚାଳନା କରିଥିଲେ।



ମନୋନୀତ ହୋଇଥିବା ସଭାପତି ଓ ଅନ୍ୟମାନେ।

## ରୋଭର ରେଞ୍ଜର ଦୁଃସାହସିକ କ୍ୟାମ୍ପ ଉଦ୍‌ଯାପିତ




ଅତିଥିଙ୍କ ସମ୍ବର୍ଦ୍ଧିତ କରାଯାଉଛି।

କୁତ୍ରା,୨୯।୩(ଦେବାଶିଷ ସାହୁ)

ଭାରତ ସ୍କାଉଟ ଗାଇଡ ଆଞ୍ଚଳିକ ତାଲିମକେନ୍ଦ୍ର କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଭାରତ ସ୍କାଉଟ ଓ ଗାଇଡ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳିପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ପାଞ୍ଚଦିନାତ୍ମକ ସ୍କାଉଟ ଗାଇଡ ରୋଭର ରେଞ୍ଜର ଦୁଃସାହସିକ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷାଅଧିକାରୀ ଅମୂଲ୍ୟ କୁମାର ପଧାନ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ଜିଲା ସ୍କାଉଟ କମିଶନର ଡ.ବିଭୀଷଣ ବାରିକ, ରାଜ୍ୟ ତାଲିମ କମିଶନର ସୁରଜିତ ସେନ, ରାଜ୍ୟ ସାଧନ କର୍ମୀ ଅନିଲ ମହାନ୍ତି, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ଡିଓସି ଗାଇଡ ଦୀପିକା କେର୍କେଟା, ଡିଟିସି ଗାଇଡ ଖିଲାନ୍ଦ୍ରି ପଟେଲ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଡିଟିସି ସ୍କାଉଟ ଜନସନ ଖାଖା ସଭା ପରିଚାଳନା କରିଥିବାବେଳେ ଡିଓସି ସ୍କାଉଟ ବ୍ରିଧିଚନ୍ଦ୍ର ବିଲୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ୟାମ୍ପରେ ରାଜ୍ୟର ବିଭିନ୍ନ ଜିଲାରୁ ମୋଟ ୩୦୨ ଜଣ ରୋଭର ରେଞ୍ଜର ପାଞ୍ଚଦିନ ଧରି ଦୁଃସାହସିକ ଅଭିଯାନରେ ସାମିଲ ହୋଇଥିଲେ। ଏହାସହିତ ବିଭିନ୍ନ ପାହାଡ ପର୍ବତ ବୁଲି ଦୁଃସାହସିକ କାର୍ଯ୍ୟକଳାପ ବିଷୟରେ ଶିକ୍ଷା ଲାଭ କରିଥିଲେ। ଏହି ଅବସରରେ ଅଗ୍ନି ନିରାପତ୍ତା, ପ୍ରାଥମିକ ଚିକିତ୍ସା,ଏଡସ, ଜଙ୍ଗଲରେ କିପରି ପତ୍ରରେ ରୋଷେଇ କରାଯାଇପାରିବ ତାର ସବୁ ତାଲିମ ପ୍ରଦାନ କରାଯାଇଥିଲା। ପ୍ରତିଦିନ ସନ୍ଧ୍ୟା ସମୟରେ କ୍ୟାମ୍ପ ଫାୟାର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଧୃତିସୁନ୍ଦର ସାହୁ, ଅବିନାଶ କର, ସ୍ମୃତିସ୍ୱରୁପ ଦାସ, ଦିଲିପ ବେହେରା, ମଞ୍ଜୁ ଏକ୍କା, ରୋହିତ ଜୟପୁରିଆ, କାହ୍ନୁଚରଣ ସେଠ ପ୍ରମୁଖ ସହଯୋଗ କରିଥିଲେ।

## କାରକୁ ଧକ୍କା ଦେଲା ଟ୍ରକ: ଚାଳକ ମୃତ

ଲହୁଣୀପଡା,୨୯।୩(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଚୂନା ଘାଟିଠାରେ ଶୁକ୍ରବାର ରାତିରେ କାର ପଛକୁ ଟ୍ରକ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ଅଞ୍ଚଳର ଛଟାନ ସେକ। ଦୁର୍ଘଟଣାରେ ଅନ୍ୟ ୩ଜଣ ଆହତ ହୋଇଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। କେ. ବଲାଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ମର୍ଗ ହାଉସରେ ରଖିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବଡ଼ବିଲ ଅଞ୍ଚଳରୁ ଗୋଟିଏ ପରିବାରର ଲୋକେ ୨ଟି କାର ଯୋଗେ ରାଉରକେଲା ସିଭିଲ ଟାଉନଶିପ୍‌କୁ ଯାଉଥିଲେ। ଗୋଟିଏ କାରକୁ ଚୂନା ଘାଟିଠାରେ ଏକ ଟ୍ରକ ଧକ୍କା ଦେଇଥିଲା। ଫଳରେ ଉକ୍ତ କାର ଆଗରେ ଥିବା ଅନ୍ୟ କାର ସହ ଧକ୍କା ହୋଇଥିଲା। ଫଳରେ ଉଭୟ କାରର ଯାତ୍ରୀମାନେ ଆହତ ହୋଇଥିଲେ। ହେଲେ ଧକ୍କା ଦେଇଥିବା ଟ୍ରକଟି କାରକୁ ଧକ୍କା ଦେବା ପରେ ଅନ୍ୟ ଏକ ଟ୍ରକକୁ ଧକ୍କା ଦେଇ ଗୁରୁତର ଆହତ ହୋଇଥିଲା। କେ. ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଚାଳକ ଓ ଅନ୍ୟମାନଙ୍କୁ ଲହୁଣୀପଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ପ୍ରାଥମିକ ଚିକିତ୍ସାପରେ ଟ୍ରକ ଚାଳକଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ରାଜଗାଙ୍ଗପୁର: ସଭାପତି ଅଶୋକ ପାଣି



ମନୋନୀତ ସଭାପତି ଓ ଅନ୍ୟମାନେ।

ରାଜଗାଙ୍ଗପୁର,୨୯।୩(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଓକିଲସଂଘ ନିର୍ବାଚନ ଶନିବାର ଓକିଲସଂଘର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦବୀ ପାଇଁ ଅଶୋକ ପାଣି, ପ୍ରଳୟ ହାଜରା ଓ ସମରେନ୍ଦ୍ର ସରୋନିଆ ପ୍ରତିଯୋଗିତା କରିଥିଲେ। ଅଶୋକ ପାଣି ସର୍ବାଧିକ ୪୬ ଖଣ୍ଡ ଭୋଟପାଇ ଚଳିତ ବର୍ଷ ବିଜୟ ହୋଇଛନ୍ତି। କ୍ରମାଗତ ଭାବେ ୩ ଥର ସଭାପତିଭାବେ ବିଜୟ ହୋଇ ହାଟ୍ରିକ ବିଜୟ ଲାଭ କରିଛନ୍ତି। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ପ୍ରଳୟ ହାଜରା ୨୩ ଖଣ୍ଡ ଓ ସମରେନ୍ଦ୍ର ସରୋନିଆ ୨ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ଉପସଭାପତିଭାବେ ଅର୍ଚ୍ଚନା ମୁଦୁଲି, ସାଧାରଣ ସମ୍ପାଦକଭାବେ ବିକାଶ ସରପଟିଆ, ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ଗିରି, ସହ ସମ୍ପାଦକ ରବିନ୍ଦ୍ର କିଶାନ, କୋଷାଧ୍ୟକ୍ଷ ମିଲଖା ଲାକ୍ରା, ପାଠାଗାର ସମ୍ପାଦକ ସୁଶିଲ ତିର୍କୀ, ଏକ୍ସିକ୍ୟୁଟିଭ ମେମ୍ବର ଭାବେ ଦିବାକର ପ୍ରଧାନ, ମୁରଲିଧର ଦାସ, ପ୍ରଦୀପ କେଶରୱାନି, ସନ୍ତୋଷ ସାହୁ, ରବିନ୍ଦ୍ର ଦାସ ଅପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚିତ ହୋଇଛନ୍ତି। ଚଳିତ ବର୍ଷ ୭୧ ଜଣ ସଂଘର ସଦସ୍ୟ ଭୋଟ ଦେଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ସୁଧାଂଶୁ ନାଏକ ରହି ନିର୍ବାଚନକୁ ପରିଚାଳନା କରିଥିଲେ। ବିଜୟୀ ସଭାପତି ତଥା ଅନ୍ୟାନ୍ୟ ପଦାଧିକାରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ବୀରମିତ୍ରପୁର : ପୁଣି ସଭାପତି ହେଲେ ଅମରନାଥ

କୁଆଁରମୁଣ୍ଡା,୨୯।୩(ମହେନ୍ଦ୍ର କୁମାର ସାହୁ)

ବୀରମିତ୍ରପୁର କୋର୍ଟ ଓକିଲ ସଂଘ ପକ୍ଷରୁ ଶନିବାର ବିଭିନ୍ନ ପଦ ପାଇଁ ସଭାପତିଙ୍କ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ପଦ ପାଇଁ ଭୋଟିଂ କରାଯାଇ ମନୋନୀତ କରାଯାଇଛି। ଏହି ପ୍ରକ୍ରିୟାରେ ଚଳିତବର୍ଷ ସଭାପତିଭାବେ ପୁଣି ଅମରନାଥ ଝା ମନୋନୀତ ହୋଇଛନ୍ତି। ଝା ଦୀର୍ଘ ୪ ଥର ହେଲା ଅର୍ଥାତ ୨୦୨୨ ମସିହାରୁ ଏହି କୋର୍ଟ ଓକିଲ ସଂଘ ସଭାପତି ପଦ ବଜାୟ ରଖି ଆସୁଛନ୍ତି। ସେହିପରି ଉପସଭାପତିଭାବେ ଏସକେଏସ ବାର୍ଲା ଓ ଅଶୋକ କୁମାର ସାହୁ, ସାଧାରଣ ସମ୍ପାଦକ ଜୟନ୍ତ କୁମାର ଦାସ, କୋଷାଧ୍ୟକ୍ଷ ଅମରଦାନ ଲୁଗୁନ ଓ ଅଡିଟରଭାବେ ପ୍ରଶାନ୍ତ କୁମାର ସିହ୍ନା ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି।



ବୀରମିତ୍ରପୁର ଓକିଲ ସଂଘ ପକ୍ଷରୁ ସର୍ବସମ୍ମତିକ୍ରମେ ମନୋନୀତ ପ୍ରାର୍ଥୀମାନେ।

## ଆତ୍ମ ରକ୍ଷା ଶିବିର ଉଦ୍‌ଯାପନୀ ସମାରୋହ

ରାଜଗାଙ୍ଗପୁର,୨୯।୩(ଅଶୋକ ପାଣି)



ଉଦ୍‌ଯାପନୀ ସମାରୋହରେ ଅଧ୍ୟାପିକା ଅଧ୍ୟାପକଙ୍କ ଗହଣରେ ଛାତ୍ରୀମାନେ।

ରାଜଗାଙ୍ଗପୁର ସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ଶନିବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଲେଙ୍କା ସଭାପତିତ୍ୱ କରି ଛାତ୍ରୀମାନଙ୍କୁ ଦୈନନ୍ଦିନ ଜୀବନରେ ଆତ୍ମରକ୍ଷା କୌଶଳ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ସପନ କୁମାର ପଣ୍ଡା ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ସମ୍ବୋଧିତ କରିଥିଲେ। ଯୁକ୍ତ ୩ ପ୍ରଥମ ବର୍ଷର କଳା ଏବଂ ବିଜ୍ଞାନର ଛାତ୍ରୀ ଦୁର୍ଗା ମାଝୀ, ଆନିରୋଜ କେରକେଟ୍ଟା,ପୂଜା ଏକ୍କା ଏବଂ ଅନୁପମା କିଶାନ ଆତ୍ମ ରକ୍ଷା ଶିବିରରେ ସେମାନଙ୍କର ଅଭିଜ୍ଞତା ବିଷୟରେ କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଓ ସଂଯୋଜକ ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଆତ୍ମରକ୍ଷା ଶିବିରର ସଂଯୋଜିକା ସସ୍ମିତା ଦଣ୍ଡସେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ କ୍ରୀଡା ଶିକ୍ଷୟିତ୍ରୀ ପୁଷ୍ପଲତା ଷଡ଼ଙ୍ଗୀ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ଗତ ୨୧ରୁ ୨୯ ପର୍ଯ୍ୟନ୍ତ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ତାଲା ଭାଙ୍ଗି ଘରୁ ଟଙ୍କା, ସୁନାଗହଣା ଚୋରି

ବଡ଼ଗାଁ, ୨୯।୩(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳରେ ଚୋରି ବଢ଼ି ଚାଲିଛି। ଶୁକ୍ରବାର ରାତିରେ ଥାନା ଅନ୍ତର୍ଗତ ଚଳନାମୁଣ୍ଡାପଡ଼ାରେ ରହୁଥିବା ସାମରିକ ବିଭାଗରେ କାର୍ଯ୍ୟରତ ଜିତେନ୍ଦ୍ର ମାଝୀଙ୍କ ଘରୁ ଚୋରି ହୋଇଛି। ଚୋରମାନେ ତାଲା ଭାଙ୍ଗି ତାଙ୍କ ଘରେ ପଶିଥିଲେ। ଆଲମିରାରେ ଥିବା ପ୍ରାୟ ୫୦ ହଜାର ଟଙ୍କାର ସୁନାଗହଣା ଓ ନଗଦ ୫ହଜାର ଟଙ୍କା ଚୋରିକରି ନେଇଥିବା ଅଭିଯୋଗ ହୋଇଛି। କୁରେଇବଗା ଗ୍ରାମର ଜିତେନ୍ଦ୍ର ସାମରିକ ବିଭାଗରେ କାମ କରୁଥିବାରୁ ବାହାରେ ରହନ୍ତି। ତାଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ମାଝୀ ଓ ୨ ଝିଅ ଚଳନାମୁଣ୍ଡା ପଡାର ଜଣେ ସମ୍ପର୍କୀୟଙ୍କ ଘରେ ଭଡ଼ାରେ ରହୁଥିଲେ। କୌଣସି କାମରେ ସନ୍ଧ୍ୟାରାଣୀ ଓ ୨ ଝିଅ କୁରେଇବଗାକୁ ଯାଇଥିଲାବେଳେ ଚୋରି ହୋଇଛି। ଏ ନେଇ ଶନିବାର ସନ୍ଧ୍ୟାରାଣୀ ବଡ଼ଗାଁ ଥାନାରେ ଅଭିଯୋଗ କରିଛନ୍ତି। ଏସ୍‌ଆଇ ବିଜୟ କୁମର କର ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ସେହିପରି ବଡ଼ଗାଁ ବସ୍ତିର ଶିବଶଙ୍କର ସେଠଙ୍କ ଘର ପାଖରେ ରଖିଥିବା ଟ୍ରାକ୍ଟରର ବ୍ୟାଟେରି ଓ ଅଲ୍ଟରନେଟରକୁ ଚୋରମାନେ ନେଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି।

# ନାଟକ ଅର୍ଥାତ ଦର୍ଶକଙ୍କୁ ବାନ୍ଧି ରଖିଲା

### ନବଜୀବନ ବସନ୍ତ ମହୋତ୍ସବ ଉଦ୍‌ଘାଟିତ

ସୁନ୍ଦରଗଡ,୨୯।୩(ଜୟ ନାରାୟଣ ମେଣ୍ଡୁଲି)



ନାଟକ ଅର୍ଥାତ୍ ମଞ୍ଚସ୍ଥ ହେଉଛି।

ସୁନ୍ଦରଗଡ଼ର ଅନ୍ୟତମ ପୁରାତନ ସାଂସ୍କୃତିକ ଅନୁଷ୍ଠାନ ନବଜୀବନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବସନ୍ତ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଜିଲା ସଂସ୍କୃତି ଭବନରେ ଆୟୋଜିତ ଏହି ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ସମ୍ବଲପୁରର ସାଂସ୍କୃତିକ ଅନୁଷ୍ଠାନ କଖଗ ତରଫରୁ ନାଟକ ଅର୍ଥାତ୍ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଓଡ଼ିଶାର ସୁନାମ ଧନ୍ୟ ନାଟ୍ୟକାର, ନିର୍ଦ୍ଦେଶକ, ପ୍ରଯୋଜକ ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ମାନସପୁତ୍ର ଏହି "ବସନ୍ତ ମହୋତ୍ସବ" ଦୀର୍ଘ ପଚିଶି ବର୍ଷ ତଳେ ଆରମ୍ଭ ହୋଇଥିଲା। ସୁନ୍ଦରଗଡର ସାଂସ୍କୃତିକ ଚେତନା ଓ କଳାର ଅଭିବୃଦ୍ଧି ପାଇଁ ସ୍ୱର୍ଗତ ଭୋଳଙ୍କ ଏହି ଅଭିନବ ପ୍ରୟାସକୁ ତାଙ୍କ ଆବର୍ତ୍ତମାନରେ ଆଗକୁ ବଢ଼ାଇବା କାମ କରୁଛି ନବଜୀବନ ଅନୁଷ୍ଠାନ। ଉଦ୍‌ଘାଟନୀ ସନ୍ଧ୍ୟାରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ, ଡିଆଇପିଆରଓ ନନ୍ଦିନୀ ସେଠୀ, ବରିଷ୍ଠ ଭାଜପା ନେତା ସନ୍ତୋଷ ଅମାତ, ବରିଷ୍ଠ ନାଗରିକ ବେଣୁ ମାଧବ ତ୍ରିପାଠୀ ଉପସ୍ଥିତ ରହି ଉଦ୍‌ଘାଟିତ କରିଥିଲେ। ଏହି ଅବସରରେ ସ୍ଥାନୀୟ ମାଦ୍ରୀ କାଲୋ ଭବନର ନାଟ୍ୟ ମଞ୍ଚକୁ ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ନାମରେ ନାମିତ କରିବାକୁ ଦାବି ହୋଇଥିଲା। ସେଠାରେ ଏକ ସ୍ମାରକୀ ତୋରଣ ନିର୍ମାଣ ପାଇଁ ଜିଲା ପ୍ରଶାସନକୁ ଅତିରିକ୍ତ ଜିଲାପାଳଙ୍କ ମାଧ୍ୟମରେ ପ୍ରସ୍ତାବ ଆଗତ କରାଯାଇଥିଲା। ଏହାପରେ ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶିକା ତଥା ଗୁରୁ ସୁଶ୍ରୀ ରୀତା ସାହୁ ଏହି ମହୋତ୍ସବର ଯାତ୍ରା ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହାପରେ କଣ୍ଠଶିଳ୍ପୀ ସୁଜାତା ପରିଡ଼ା ଜଗନ୍ନାଥ ଜଣାଣ ଗାନ କରିଥିଲେ। ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ଆଦୃତ ପରମ୍ପରାକୁ ପାଥେୟ କରି ସ୍ଥାନୀୟ କଳାକାରଙ୍କ କଳା ନୈପୁଣ୍ୟକୁ ପ୍ରଦର୍ଶିତ ଓ ପ୍ରୋତ୍ସାହିତ କରିବା ଦିଗରେ ବିଭାପା ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଅମରେଶ ସାମଲଙ୍କ ଭାଓଲିନ ବାଦନ ଓ ଆୟୁଶ୍ରୀ ତ୍ରିପାଠୀଙ୍କ ସୁଲଳିତ ହିନ୍ଦୀ ସଙ୍ଗୀତ ପରିବେଷଣରେ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ ଉପସ୍ଥିତ ଦର୍ଶକ। ପଶ୍ଚାତ ନୃତ୍ୟ ନିର୍ଦ୍ଦେଶକ ବିଭୁ ରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଅଙ୍କିତା ମୁଣ୍ଡା, ପ୍ରତ୍ୟାଶା ପଣ୍ଡା, ଇଚ୍ଛା ବାସନ୍ତୀ ସାହୁ, ସ୍ମୃତିଶ୍ରୀ ପଟ୍ଟନାୟକ, ମଧୁସ୍ମିତା ନାୟକ, ସୋନାଲ ଅମାତ, ଆଦିତି ଦାଶ, ସୁଦୀକ୍ଷା ନାଏକ, ବିନିତା ଓରାମ ଓ ରିଦ୍ଧିଶା ପଟ୍ଟନାୟକ, ସ୍ୱର ସାମ୍ରାଜ୍ଞୀ ସ୍ୱର୍ଗତା ଲତା ମଙ୍ଗେସକରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ପରିବେଷଣ କରିଥିଲେ "ସ୍ୱରାଗିନୀ" ଏକ ନୃତ୍ୟ। ଏହାପରେ ଆରମ୍ଭ ହୋଇଥିଲା ସମ୍ବଲପୁରର ସାଂସ୍କୃତିକ ଅନୁଷ୍ଠାନ 'କଖଗ' ଦ୍ୱାରା "ଅର୍ଥାତ" ନାଟକ। ବିଖ୍ୟାତ ଲେଖକ, ନିର୍ଦ୍ଦେଶକ ତଥା ସଙ୍ଗୀତକାର ବ୍ରଜେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏହି ନାଟକରେ ମନୋଜ ବେହେରା, ସୌମେନ୍ଦ୍ର ପୂଜାରୀ, ସନ୍ତୋଷ ମିଶ୍ର, ସୁଶିଲ ଦାସ, ମହେଶ ତ୍ରିପାଠୀ, ସଞ୍ଜୟ ମିଶ୍ର, ହୃଦାନନ୍ଦ ଗଡତିଆ, ବାଲଗୋପାଳ ହୋତା, ରାଜୁ ବାଗ, ପ୍ରଭାସ ଦାସ, ବ୍ରଜେନ୍ଦ୍ର ନାଏକ, ବିଭୂରଞ୍ଜନ ମହାନ୍ତି, ମହମ୍ମଦ କାସିମ, କମଳ କୁମାର ରାଉତ, ସଂଯୁକ୍ତା ପଣ୍ଡା, ମିନାକ୍ଷୀ ସୂପକାର, ପ୍ରୀତିନନ୍ଦା ମିଶ୍ର ପ୍ରମୁଖ ତାଙ୍କ ଅଭିନୟରେ ସମସ୍ତଙ୍କୁ ବିମୋହିତ କରିଥିଲେ। ବଙ୍ଗାଳୀ ଡାକ୍ତର ଭୂମିକାରେ ଅଭିନୟ କରିଥିବା ମହେଶ ତ୍ରିପାଠୀଙ୍କ ବଳିଷ୍ଠ ତଥା ଜୀବନ୍ତ ଅଭିନୟ ଦର୍ଶକଙ୍କ ମନକୁ ବେଶ ଛୁଇଁ ପାରିଥିଲା। ନବଜୀବନ ସଭାପତି ପ୍ରଭାତ କୁମାର ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଣନିଧି ମହାନ୍ତି, ରାଜକିଶୋର ମହାରଣା, ଅଜୟ ବହିଦାର, ଚନ୍ଦ୍ରମଣି ମିଶ୍ର, ଶ୍ୟାମ ନନ୍ଦନ ସହାୟ ପ୍ରମୁଖ ସହଯୋଗ କରିଥିଲେ। ବିଶ୍ୱରଞ୍ଜନ ହୋତା ସଭା ସଞ୍ଚାଳନ କରିଥିଲେ। ଏହି ମହୋତ୍ସବରେ ନାଲକୋ, ଦାମନଯୋଡି ପଞ୍ଚାପଟ୍ଟମାଳୀ ନାଟ୍ୟ ଉତ୍ସବର ନାଟକ "କଳା ମଲ୍ଲୀ" ଓ ନବଜୀବନର ନାଟକ " କାଉଁର " ଅନୁଷ୍ଠିତ ହେବା ନେଇ ସଭାପତି ଭୋଳ ସୂଚନା ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### କୁକୁଡ଼ା ପାଳନ ପ୍ରଶିକ୍ଷଣ ଶିବିର

ରେଢ଼ାଖୋଲ,୨୯।୩(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ଗୋଷ୍ଠୀ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ପରିସରରେ ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ବ୍ରୟଲର କୁକୁଡ଼ା ପାଳନ ସମ୍ପର୍କିତ ଦକ୍ଷତା ବୃଦ୍ଧି ନିମନ୍ତେ ତିନି ଦିନିଆ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାଣୀସମ୍ପଦ ବିକାଶ ବିଭାଗ ସମ୍ବଲପୁର ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ରେଢ଼ାଖୋଲ ବ୍ଲକର ୨୦ ଜଣ କୁକୁଡ଼ା ଚାଷୀ ପ୍ରଶିକ୍ଷଣ ନେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶିବ ପ୍ରସାଦ ଦାସ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁ, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶୁଭ ପ୍ରକାଶ ସୋରେନ ବ୍ରଏଲର ଚାଷର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶେଷରେ ଚାଷୀ ମାନଙ୍କୁ ଲଇଣ୍ଡାମାଳ ଏବଂ ବଡ଼ବାହାଲ ଇକ୍ଷୀ ଫାର୍ମକୁ ପରିଦର୍ଶନ ନିମନ୍ତେ ନିଆଯାଇଥିଲା।

### ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ

ନାକଟିଦେଉଳ,୨୯।୩(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ମୁଚୁରୁମୁଣ୍ଡା ଆଶ୍ରମ ବିଦ୍ୟାଳୟରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଶନିବାର ଅଭିଭାବକ ଆମ ଅଂଶୀଦାର (ଆମେ ଜାଣିବା, ଆମେ ଜିଣିବା ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଣବ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡଙ୍ଗଚା ସିଆରସିସି ନେପୋଲିୟନ ବେହେରା, ମୁଖ୍ୟବକ୍ତା ଡଙ୍ଗଚା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର କର, ସମ୍ମାନିତ ଅତିଥି ତେରବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜଲିରାଣୀ ଧଳ, ସହକାରୀ ଶିକ୍ଷକ ପୁରୁଷୋତ୍ତମ ସାମଲ, ସରୋଜ କୁମାର ସାହୁ, ଫୁଲମାନୀ ତିର୍କୀ, ଶିକ୍ଷୟିତ୍ରୀ ପ୍ରଭାସିନୀ ସାହୁ ଯୋଗଦେଇଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପକ୍ଷରୁ ସମ୍ପୃକ୍ତ ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ରମାନଙ୍କ ପାଇଁ ରହିଥିବା ଯୋଜନାଗୁଡିକର ଫାଇଦା ନେବାକୁ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ପ୍ରଧାନ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅଭିଭାବକ, ଅଭିଭାବିକା ମାନେ ବିଦ୍ୟାଳୟ ସମ୍ପର୍କରେ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। ଛାତ୍ରୀମାନେ ବିଦ୍ୟାଳୟର ଶିକ୍ଷାଦାନ ଏବଂ ଛାତ୍ରବାସରେ ରହଣିର ଅନୁଭୂତି ବଖାଣିଥିଲେ। ଏଥି ସହିତ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଅବସରରେ ହୋଇଥିବା ରଚନା, ତର୍କ, ସଙ୍ଗୀତ ଏବଂ ରଙ୍ଗୋଲି ପ୍ରତିଯୋଗିତାର କୃତି ପ୍ରତିଯୋଗୀ ସମେତ ଚଳିତ ବାର୍ଷିକ ପରୀକ୍ଷାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଏବଂ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ସୋନାଲି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଧରିତ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଭୁଷୁଡ଼ି ପଡ଼ିଲା ଅସୁରକ୍ଷିତ କୋଠା, ଶ୍ରମିକ ଆହତ

ଝାରସୁଗୁଡ଼,୨୯।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ବଂଜାରୀ ଓ ବେଲପାହାଡ଼ ଥାନା ଅର୍ନ୍ତଗତ ପିପିଲିମାଲ ପଞ୍ଚାୟତ ଅଞ୍ଚଳରେ ଏକ ନୂତନ ପ୍ରକାର କୋଠା ନିର୍ମାଣରେ ଜାଲିଆତି କରାଯାଇଥିବା ଦେଖିବାକୁ ମିଳିଛି। ଏହି ଅଞ୍ଚଳରେ ବେଦାନ୍ତ କମ୍ପାନୀ ତାର କୋଇଲା ଖଣି ଆରମ୍ଭ କରିବାକୁ ଯାଉଥିବା ବେଳେ ଏଥିପାଇଁ ଜନ ଶୁଣାଣି ହୋଇ ଜମି ଅଧିଗ୍ରହଣ ପାଇଁ ୪–୧ ନୋଟିସ ହୋଇସାରିଛି । କିନ୍ତୁ କେତେଜଣ ଅସାଧୁ ଲୋକ ଏହି ଜମିରେ ବେଆଇନ ଭାବରେ କୋଠା ନିର୍ମାଣ କରି କମ୍ପାନୀଠାରୁ ଘର ତିଆରି ଟଙ୍କା ମାଗିବାକୁ ପଛଉ ନାହାନ୍ତି। ଏହି ଜମିଗୁଡ଼ିକ କେତେକ ଦଲାଲ ମାଧ୍ୟମରେ ବାହାର ଲୋକଙ୍କୁ ବିକ୍ରି କରାଯାଇଛି। ଚାଷ ଜମିକୁ ଘରବାରି ନକରି ଏଠାରେ ଅନେକ ବେନିୟମ କୋଠା ତିଆରି କରାଯାଉଛି। ଏହି କୋଠା ଗୁଡ଼ିକ କେବଳ ୫ ଇଞ୍ଚ ଇଟାରେ ତିଆରି କରାଯାଉଛି। କମ୍ପାନୀକୁ ଘର ଦେଖାଇବା


ଭୁଷୁଡ଼ି ଥିବା କୋଠା।

ଉଦ୍ଦେଶ୍ୟରେ ଏହିପରି ନିମ୍ନମାନର କୋଠା ନିର୍ମାଣ କରାଯାଇଛି। ଶୁକ୍ରବାର ପିପିଲିମାଲରେ ସକାଳ ୯ଟାରେ ଘର ନିର୍ମାଣ ପାଇଁ ୧୦ରୁ ଅଧିକ ଶ୍ରମିକ କାର୍ଯ୍ୟ କରୁଥିବାବେଳେ ହଠାତ ଘରଟି ଭୁଷୁଡ଼ି ପଡ଼ିଥିଲା। ଫଳରେ କେତେକ ଶ୍ରମିକ ସାମାନ୍ୟ ଆହତ ମଧ ହୋଇଥିବା ବେଳେ ଏକ ବଡ଼ ଧରଣର ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ସେହିପରି ଶନିବାର ସକାଳେ ମଧ ବଂଜାରୀରେ ଏମିତି ଏକ ଦୁଇ ମହଲା କୋଠା ନିର୍ମାଣ କରାଯାଉଥିବା ସମୟରେ କୋଠାଟି ଭୁଷୁଡ଼ି ପଡ଼ିଥିଲା।

ପ୍ରକାଶ ଯୋଗ୍ୟ, ପିପିଲିମାଲ ପଞ୍ଚାୟତ ଅଞ୍ଚଳ କୁଡାଲୋଇ ନର୍ଥ–ଏ କୋଲ ବ୍ଲକ ଅଧୀନରେ ଆସୁଛି। କୋଲ

**ଟଙ୍କା ପାଇବା ଆଶାରେ ନିମ୍ନମାନ କାମ**

ବ୍ଲକରେ ଜମି ଏବଂ ଘର ଅଧିଗ୍ରହଣ ହେଲେ ମୋଟା ଅଙ୍କର ଟଙ୍କା ପାଇବା ଆଶାରେ ବାହାର ଅଞ୍ଚଳରୁ ଅନେକ ଲୋକ ଏଠାରେ ବେଆଇନ ଭାବେ ଘର ନିର୍ମାଣ କରୁଛନ୍ତି। ଏହି ଘରଟିକୁ କିଏ ନିର୍ମାଣ କରୁଥିଲେ ତାହା ସ୍ଥାନୀୟ ଲୋକେ ଜାଣି ନଥିଲେ ମଧ ଟଙ୍କା ପାଇବା ଆଶାରେ ଏହିପରି ନିମ୍ନମାନ କାମ କରାଯାଇ ଶ୍ରମିକମାନଙ୍କୁ ବିପଦର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଅନ୍ୟପଟରେ ଭୁଷୁଡ଼ି ପଡ଼ିଥିବା ଏହି କୋଠାର ନିର୍ମାଣାଧୀନ କାର୍ଯ୍ୟ ପାଇଁ ପ୍ରକୃତରେ ଘରବାରି ଜମି ପଟ୍ଟା ରହିଛି କି ନାହିଁ, ଏନେଇ ରାଜସ୍ୱ ତଥା ବିଭାଗୀୟ ଅନୁମତି ମିଳିଛି କି ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜସ୍ୱ ବିଭାଗ ଏନେଇ ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ସଚ୍ଚିକାନ୍ତ ସଭାପତି, ସିଦ୍ଧେଶ୍ୱର ସମ୍ପାଦକ

ଦେବଗଡ,୨୯।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ସଚ୍ଚିକାନ୍ତ ଦାଶ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦୀ ପ୍ରମଥେଶ ଗୁରୁଙ୍କୁ ୫୧–୪୪ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ପୂର୍ବରୁ ସଂଘର ଉପ ସଭାପତି ଭାବେ ପୃଥ୍ୱୀରାଜ ପଟ୍ଟନାୟକ, ସମ୍ପାଦକ ଭାବେ ସିଦ୍ଧେଶ୍ୱର ଗୁରୁ, ସହ ସମ୍ପାଦକ ବିରେନ କୁମାର ପ୍ରଧାନ ଓ କୋଷାଧକ୍ଷଭାବେ ରାଜକିଶୋର ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ସେହିପରି କାର୍ଯ୍ୟକାରୀ କମିଟି

**ଦେବଗଡ଼ ଜିଲା ଓକିଲ ସଂଘ ନିର୍ବାଚନ**


ସିଦ୍ଧେଶ୍ୱର ଗୁରୁ


ସଚ୍ଚିକାନ୍ତ ଦାଶ

ସଦସ୍ୟଭାବେ ଅନନ୍ତ ନାରାୟଣ ଦାଶ, ପ୍ରଣବ କୁମାର ସ୍ୱାଇଁ ଓ ଆଲୋକ କୁମାର ମିଶ୍ର ମଧ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଶନିବାର କେବଳ ସଭାପତି ପଦ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୯୭ ଜଣ ସଦସ୍ୟ ମତଦାନ କରିଥିବା ବେଳେ ସଚ୍ଚିକାନ୍ତ ଦାଶ ୫୧ଟି ଭୋଟ ପାଇ ବିଜୟୀ ହୋଇଥିବା ବେଳେ ପ୍ରମଥେଶ ଗୁରୁ ୪୪ଟି ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନ୍ୟ ୨ଟି ଭୋଟ ନାକଚ ହୋଇଯାଇଥିଲା। ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀଭାବେ ରିଙ୍କୁ ନାଥ ପରିଚାଳନା କରିଥିଲେ।

# ତ୍ରିନାଥ ସଭାପତି ଓ ନୀଳାଦ୍ରି ସମ୍ପାଦକ

ଝାରସୁଗୁଡା,୨୯।୩(ଆଶିଷ ରଞ୍ଜନ ଦାଶ)

**ଝାରସୁଗୁଡ଼ା ଓକିଲ ସଂଘ ନିର୍ବାଚନ**

ଝାରସୁଗୁଡ଼ା ଜିଲା ଓକିଲ ସଂଘ ନିର୍ବାଚନ ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ଏଥିରେ ସଭାପତି ଭାବରେ ତ୍ରିନାଥ ଗୁଆଳ ଓ ସମ୍ପାଦକ ଭାବେ ନୀଳାଦ୍ରି ବିହାରୀ ପଣ୍ଡା ନିର୍ବାଚିତ ହୋଇଛନ୍ତି। ଶନିବାର ସକାଳ ୮ ଟାରୁ ଓକିଲ ସଂଘ ନିର୍ବାଚନର ନିର୍ବାଚନ ଅଧିକାରୀ କିଶୋର ପଟେଲ ଓ ତାଙ୍କ ନିର୍ବାଚନୀ ଟିମ୍ ମିଶି ଭୋଟ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହା ପ୍ରାୟ ଅପରାହ୍ନ ୩ଟା ଯାଏ ଚାଲିଥିଲା। ଅପରାହ୍ନ ୪ଟାରୁ ଭୋଟ ଗଣତି ଆରମ୍ଭ ହୋଇଥିଲା। ସଭାପତି ପଦ ପାଇଁ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ତ୍ରିନାଥ ସର୍ବାଧିକ ୧୨୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ବିଶ୍ୱନାଥ ନାୟକ ୮୧ ଖଣ୍ଡ ଭୋଟ ପାଇ ୨ୟ ସ୍ଥାନରେ ରହିଥିବା ବେଳେ ପ୍ରମୋଦ ସେନାପତି ୬୫ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ଓ ରାଧାକାନ୍ତ ସା ୫୫ ଖଣ୍ଡ ଭୋଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲେ। ସେହିପରି ସମ୍ପାଦକ ପଦ ପାଇଁ ନୀଳାଦ୍ରି ବିହାରୀ ପଣ୍ଡା ସର୍ବାଧିକ ୧୬୩ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦୀ ମନୀଷ ଭଜପାଳ ୧୬୦ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ।


ନିର୍ବାଚିତ ସଭାପତି ଓ ସମ୍ପାଦକଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଉଛି।

ଅନ୍ୟ ପଦଗୁଡ଼ିକରେ ଉପସଭାପତି ଭାବେ ଅମୀୟ କୁମାର ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଭାବେ ମାନସ ରଞ୍ଜନ ପାଢ଼ୀ ଓ ଲାୱା ସଂଘାଇ, କୋଷାଧକ୍ଷ ଭାବେ ବିକାଶ ପଣ୍ଡା ନିର୍ବାଚିତ ହୋଇଥିବା ବେଳେ ଏକ୍‌ଜିକ୍ୟୁଟିଭ କମିଟି ସଭ୍ୟ ଭାବରେ ଅନାମିକା ପଣ୍ଡା, ବୀରେନ୍ଦ୍ର ଶତପଥି, ନୃପମଣୀ ମେହେର, ରାଜେଶ କୁମାର ମହାପାତ୍ର ଓ ଶକ୍ତିଭୂଷଣ ସେଠି ସ୍ଥାନ ପାଇଛନ୍ତି। ପ୍ରକାଶଥାଉକି, ଝାରସୁଗୁଡ଼ା ଜିଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଳ ଆଗରୁ ମଧ ଜିଲା ଓକିଲ ସଂଘର ସଭାପତି ଥିଲେ।

# ଦ୍ୱିତୀୟ ସେମିଫାଇନାଲରେ ସାରସମାଲ ବୀର ସିଂ କ୍ଲବ ବିଜୟୀ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ଝାରସୁଗୁଡା,୨୯।୩(ଆଶିଷ ରଞ୍ଜନ ଦାଶ)

**ଫୁଟବଲ ପ୍ରତିଯୋଗିତା**

ଝାରସୁଗୁଡ଼ା ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଶନିବାର ଅପରାହ୍ନ ୪ଟାରେ ୨ୟ ଓଏସଏପି ଷ୍ଟାଡିୟମ୍‌ରେ ଆନ୍ତଃ କ୍ଲବ କ୍ରୀଡ଼ା ପ୍ରତିଯୋଗିତାର ନବମ ଦିନର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ବଇେମୁଣ୍ଡା ଏନ୍‌ୟାଏଏସ୍ କ୍ଲବ ଓ ସାରସମାଲ ବୀର ସିଂ କ୍ଲବ ମଧ୍ୟରେ ଖେଳା ଯାଇଥିଲା। ମ୍ୟାଚରେ ସାରସମାଲ ବୀର ସିଂ କ୍ଲବ ବଇେମୁଣ୍ଡା ଏନ୍‌ୟାଏଏସ କ୍ଲବକୁ ୪–୨ ଗୋଲରେ ପରାସ୍ତ କରି ବିଜୟ ଲାଭ କରିଛି। ରବିବାର ପ୍ରଗତିକ୍ଲବ ଓ ବୀର ସିଂ କ୍ଲବ ସାରସମାଲ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ। ଏହି ଫୁଟବଲ ମ୍ୟାଚକୁ ଜିଲା ଆଥ୍‌ଲେଟିକ ସଂଘର ସମ୍ପାଦକ ତାପସ ରାୟ ଚୌଧୁରୀ, ବିଜୟ ଦାସ, ସଞ୍ଜୟ ଦାସ, ଗଣେଶ ନାଇକ ଓ ସୁଶାନ୍ତ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଖେଳକୁ ଗିରିଶ ପ୍ରଧାନ, ଲେନିନ ପଟେଲ, ଅଗସ୍ତି ହାତୀପଟ୍ଟା, ପରିଚାଳନା କରିଥିବା ବେଳେ ଝାରସୁଗୁଡ଼ା ଜିଲା ଆଥ୍‌ଲେଟିକ ଆସୋସିଏଶନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଦେବଗଡ଼,୨୯।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କରେଇ ପାଣପକ୍ଷି ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟ ପୁରୁକୁଣ୍ଡାର ପ୍ରଧାନ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚଞ୍ଚଳା ସାହୁଙ୍କ ଅଧ୍ୟକ୍ଷତାରେ ବିଦାୟୀ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ ବିଭିନ୍ନ ବିଦ୍ୟାଳୟରେ ଦୀର୍ଘ ୩୫ ବର୍ଷ ଶିକ୍ଷକତା କରି ଛାତ୍ରୀଛାତ୍ର ମହଲରେ ଖୁବ୍ ଆଦୃତ ହୋଇପାରିଥିଲେ। କରେଇ ପାଣପକ୍ଷି ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟରେ ପୂର୍ବେ ସହକାରୀ ଶିକ୍ଷକ ଥିଲେ। ଗତ ୪ବର୍ଷ ପ୍ରଧାନ ଶିକ୍ଷକ ଭାବେ ଅବସ୍ଥାପିତ ଥିଲେ। ମଞ୍ଚରେ ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟାବାଳି ମଞ୍ଜରୀ ନନ୍ଦ, ପ୍ରମୋଦ କୁମାର ପ୍ରଧାନ, ଖଗେନ୍ଦ୍ର ପୁଥାଳ ଓ କେତକୀ ବେହେରା ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରମାନେ ଭାବବିହ୍ୱଳ ହୋଇ ବିଦାୟୀ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀଶିକ୍ଷକମାନେ ବିଦାୟୀ ଶିକ୍ଷକଙ୍କ ଭଲ ଗୁଣ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ପ୍ରଧାନ ଶିକ୍ଷକଙ୍କୁ ଉତ୍ତରୀୟ ସହ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଗୁରୁଜୀମାନେ ସମ୍ବର୍ଦ୍ଧନା ଦେଇଥିଲେ। ବିଦାୟୀ ଗୁରୁଜୀ ସୁରେଶ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ପାଇଁ ଶୈକ୍ଷିକ ଓ ବୌଦ୍ଧିକ ଆଲୋଚନା କରି ଉପଦେଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତଥା ବହୁ ଅଭିଭାବକ ଯୋଗଦାନ କରି ବିଦାୟ ଦେଇଥିଲେ। ବିଦାୟ କାଳୀନ ଉତ୍ସବରେ ସହକାରୀ ଶିକ୍ଷୟିତ୍ରୀ ବିକାଶଲତା କିରୋ, ଲୀଳାବତୀ ସାମଲ, ପଞ୍ଚାଳୀ ସାହୁ ଓ ତପନ କୁମାର ସାହୁ ସହଯୋଗ କରିଥିଲେ। ଶେଷରେ ତପନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି ଝାରସୁଗୁଡ଼ାରେ ହିନ୍ଦୁ ନବବର୍ଷ

ଝାରସୁଗୁଡା,୨୯।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ହିନ୍ଦୁ ସେବା ସମିତି ପକ୍ଷରୁ ଝାରସୁଗୁଡ଼ାରେ ରବିବାର(୩୦ ତାରିଖ) ହିନ୍ଦୁ ନବ ବର୍ଷ ପାଳନ କରାଯିବ। ଏ ନେଇ ଶନିବାର ପୂର୍ବାହ୍ନ ୧୨ଟାରେ ଏକ ଘରୋଇ ହୋଟେଲରେ ଖବରଦାତା ସମ୍ମିଳନୀ କରି ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ଝାରସୁଗୁଡ଼ା ବିଟିଏମ୍ ସ୍ଥିତ ହନୁମାନ ମନ୍ଦିରରୁ ଏକ ବିରାଟ ବାଇକ୍ ରାଲି ବାହାରି ଝାରସୁଗୁଡ଼ା ସହର ପରିକ୍ରମା କଲାପରେ ଝାରସୁଗୁଡ଼ା ମନମୋହନ ସ୍କୁଲରେ ସମାପ୍ତ ହେବ। ସନ୍ଧ୍ୟାରେ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବ। ଏହି ଶୋଭାଯାତ୍ରାରେ ରାମଲାଲ ଝାଙ୍କି,



ଖବରଦାତା ସମ୍ମିଳନୀର ସୂଚନା ଦିଆଯାଉଛି।

ହନୁମାନ ଝାଙ୍କୀ, ଶିବ ଜି ଝାଙ୍କୀ,ଦୁର୍ଗା ମାତା ଝାଙ୍କି ପ୍ରମୁଖ ସାମିଲ ଥିବା ବେଳେ ଝାଡ଼ଖଣ୍ଡରୁ ଆସିଥିବା ଝୁମାଲ ବାଣ୍ଡ୍ ପାର୍ଟି, ଦୂଲ୍ ଦୁଲି ବାଜା, ପୁରାଲିଆରେ ଛଉ ନୃତ୍ୟ ପ୍ରମୁଖ ସାମିଲ ହେବେ। ଖବରଦାତା ସମ୍ମିଳନୀରେ ହିନ୍ଦୁ ଜାଗରଣ ମଞ୍ଚ ତରଫରୁ ସଞ୍ଜୀବ ଝା,ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ କିଶୋର ମହାନ୍ତି, ହିନ୍ଦୁ ସେବା ସମିତି ତରଫରୁ ପୁରୁଷୋତ୍ତମ ଥିରାନି, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଲକ୍ଷ୍ମଣ ଦେହୁରୀ ଓ ରଞ୍ଜିତ ଦେହୁରୀ ଯୋଗ ଦେଇଥିବା ବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ତରଣ ଗିଡୱାନି ପ୍ରମୁଖ ଉପସ୍ଥିତ ଥିଲେ।

# ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ


ଅତିଥିଙ୍କ ଗହଣରେ ଛାତ୍ରୀମାନେ।

ଦେବଗଡ଼,୨୯।୩(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଅନ୍ତର୍ଗତ ଗୟଳମରା ଆଶ୍ରମ ବିଦ୍ୟାଳୟରେ ଶନିବାର ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଅନ୍ତର୍ଗତ 'ଆମେ ଜାଣିବା, ଆମେ ଜିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର କିସାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାରକୋଟ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ଓ ସମ୍ମାନୀତ ଅତିଥିଭାବେ ବମ୍ପରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁଶ୍ରୀଶୀଳା ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ଚିନ୍ତାମଣି ରଣା, ଅମିତ କୁମାର ଗଡନାୟକ, ଶିକ୍ଷୟିତ୍ରୀ ସିସ୍ମାଶ୍ରୀ ବେହେରା, ସୁବାଷିନୀ ପ୍ରଧାନ ଓ ସ୍ୱାଗତିକା ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଶିବିରରେ ୯୦ ୟୁନିଟ୍ ରକ୍ତ ସଂଗୃହୀତ



ଶିବିରରେ ରକ୍ତ ସଂଗୃହୀତ କରାଯାଉଛି।

ଦେବଗଡ,୨୯।୩(ଶଶାଙ୍କ ଶେଖର ଝାଙ୍କର)

ପୋଲିସ ପକ୍ଷରୁ ଦେବଗଡ ଆଦର୍ଶ ଥାନାରେ ଶନିବାର ଏକ ବୃହତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଦେବଗଡ ଆଦର୍ଶ ଥାନା ଅଧିକାରୀ ସବ୍ୟସାଚୀ ଶତପଥିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଦେବଗଡ ପୌର ପରିଷଦର ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଦେବଗଡ ଜିଲା ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧିରଜ ଚୋପଦାର ଓ ଡିଏସପି ପବିତ୍ର କିସାନ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ମୋଟ ୯୦ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତ ଅଭାବକୁ ଦୂର କରିବା ସହ ଲୋକଙ୍କର ବିଶ୍ୱାସ ଭାଜନ ହେବା ପାଇଁ ପୋଲିସ ପକ୍ଷରୁ ଏଭଳି ରକ୍ତଦାନ ଶିବିର ଆୟୋଜିତ ହୋଇଥିବା ଜିଲା ଆରକ୍ଷୀ ଅଧିକ୍ଷକ ମିଶ୍ର ପ୍ରକାଶ କରିଛନ୍ତି। ଦେବଗଡ ରକ୍ତଭଣ୍ଡାରରେ ରକ୍ତର ଅଭାବ ଲାଗି ରହିଥିବା ବେଳେ ପୋଲିସର ଏଭଳି ଏକ ପଦକ୍ଷେପ ଦ୍ୱାରା ଅନେକ ରୋଗୀ ଲାଭବାନ ହୋଇପାରିବେ ବୋଲି କୁହାଯାଇଛି। ଶିବିରରେ ଦେବଗଡ ରକ୍ତଭଣ୍ଡାରର ଟେକ୍‌ନିସିଆନ ମାନେ ରକ୍ତ ସଂଗ୍ରହ କରିଥିଲେ।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଅଧାରିତ ଆଲୋଚନାଚକ୍ର

ଦେବଗଡ,୨୯।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଜିଲାର ତିନୋଟି ବ୍ଲକର ମୋଟ ୩୭ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ, ସି. ଆର. ସି. ସି.ଙ୍କୁ ନେଇ ୨ଦିନ ଧରି ଜାତୀୟ ଶିକ୍ଷାନୀତି ୨୦୨୦ ପରିପ୍ରେକ୍ଷୀରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମୌଳିକ ସ୍ତର ନିମନ୍ତେ ପରିବର୍ତ୍ତିତ ବିଦ୍ୟାଳୟ ପାଠ୍ୟକ୍ରମ ଆଧାରିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରଥମ ଦିବସରେ ଅନୁଷ୍ଠାନର ଅଧକ୍ଷ ସନ୍ତୋଷ କୁମାର ଗୌଡ଼ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ଦ୍ୱୀପ ପ୍ରଜ୍ୱଳନ କରି ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ସଚେତନ ହେବା ପାଇଁ ବାର୍ତ୍ତା ଦେଇଥିଲେ। ଅଧକ୍ଷ ଗୌଡ଼ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରାଇଥିଲେ। ଆଦର୍ଶ



ଆଲୋଚନାଚକ୍ରରେ ନିୟୁଜ ଲେଟର ଓ ପ୍ରାଚୀର ପତ୍ର ନିର୍ଝରିଣୀ ଉନ୍ମୋଚନ କରାଯାଉଛି।

ମହାବିଦ୍ୟାଳୟ ସହକାରୀ ପ୍ରଫେସର ମାନସ କୁମାର ବେକ କି ନୋଟ ସ୍ପିକର ଓ ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷିକା ଅନିମା ତୀର୍କୀ, ନିବେଦିତା ବେହେରା ଉପସ୍ଥିତ ରହି ତାଙ୍କର ଗଠନମୂଳକ ମତ ପ୍ରଦାନ କରିଥିଲେ। ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ବୋଦ୍ରା ମଞ୍ଚ ସଂଯୋଜନା କରିଥିବା ବେଳେ ପ୍ରଶିକ୍ଷିକା ପାର୍ଥିବୀ ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଅନୁଷ୍ଠାନ ଅଧକ୍ଷ ସନ୍ତୋଷ କୁମାର ଗୌଡ଼ଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ଅଂଶଗ୍ରହଣକାରୀଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିବା ସହ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଛାତ୍ରୀଛାତ୍ରଙ୍କର ଭବିଷ୍ୟତ ନିର୍ମାଣ ଦିଗରେ ଯତ୍ନବାନ ହେବା ନିମନ୍ତେ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଯୋଗଦେଇ ଶିଶୁଙ୍କ ମୌଳିକ ସ୍ତର ଉପରେ ଗୁରୁତ୍ୱାରୋପ କରିବା ସହ ବୈଦିକ ଶିକ୍ଷା ଓ ଆଧୁନିକ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମହିଳା ମହାବିଦ୍ୟାଳୟ ଅଧାପକ ତୁଷାରକାନ୍ତ ଧଳ କି ନୋଟ ସ୍ପିକର ଭାବେ ଯୋଗଦେଇ ଆଲୋଚନାଚକ୍ର ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ସହକାରୀ କି ନୋଟ ସ୍ପିକର ଭାବେ ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ବୋଦ୍ରା ଓ ବରିଷ୍ଠ ପ୍ରଶିକ୍ଷିକା ମନ୍ଦାକିନୀ ଟୁଡୁ ସହଯୋଗ କରିଥିଲେ। ଅନୁଷ୍ଠାନର ନିୟୁଜ ଲେଟର ଓ ପ୍ରାଚୀର ପତ୍ର ନିର୍ଝରିଣୀ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅନୁଷ୍ଠାନ ତରଫରୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମକୁ ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ବୋଦ୍ରା ସଂଯୋଜନା କରିଥିବା ବେଳେ ବରିଷ୍ଠ ପ୍ରଶିକ୍ଷିକା ଅନିମା ତୀର୍କୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଟେକ୍ନିକାଲ ବିଭାଗର କମ୍ପ୍ୟୁଟର ଅନୁଦେଷ୍ଟା ଶାଶ୍ୱତ ଚିନ୍ମୟ ବିଶ୍ୱାଳ, ପ୍ରଶିକ୍ଷିକା ସୁରମା ମିର୍ଦ୍ଧା, ପବନ ଅଗ୍ରୱାଲ, ଭବାନୀ ଶଙ୍କର ପ୍ରଧାନ, ତନୁଜ ସାହୁ, ଗଙ୍ଗାଧର ସାହୁ ସମେତ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ଆଜି

ଭବାନୀପାଟଣା,୨୯।୩(ଉତ୍ତମ କୁମାର ଦାଶ)– କଳାହାଣ୍ଡି ଜିଲାକୁ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଛି। ପୂର୍ବାହ୍ନ ୧୦ଟା ୩୦ରେ ସେ ଜିଲାର ଭବାନୀପାଟଣାସ୍ଥିତ କ୍ରିଷ୍ଟାନଗର ପଡ଼ିଆଠାରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ 'ଅନ୍ତ୍ୟୋଦୟ ଗୃହ ଯୋଜନା'ର ଶୁଭାରମ୍ଭ କରିବେ। ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାରେ ରାଜ୍ୟର ୫୦ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହେବ। ଏହାସହ କଳାହାଣ୍ଡି ଜିଲାର ୩୨ ଶହ ହିତାଧିକାରୀ ଉପକୃତ ହେବେ। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ ପ୍ରାୟ ୫ ଶହ କୋଟି ଟଙ୍କାର ନୂତନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଏହା ପ୍ରଥମ କଳାହାଣ୍ଡି ଗସ୍ତ ହୋଇଥିବାରୁ ଜିଲା ଭାଜପା କାର୍ଯ୍ୟକର୍ତ୍ତାଙ୍କ ମଧ୍ୟର ଉତ୍ସାହ ଦେଖିବାକୁ ମିଳିଛି।

### କୋନାବିରା ସରପଞ୍ଚ ନିଲମ୍ବିତ

କୋମନା,୨୯।୩(ସୋବିନ ଛତ୍ରିଆ): ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ କୋନାବିରା ଗ୍ରାମପଞ୍ଚାୟତର ସରପଞ୍ଚ ମିଥିଲା ନାଏକଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ତାଙ୍କ ଅଜାଣତରେ ସରପଞ୍ଚ ବାର୍ଦ୍ଧକ୍ୟ ଭତ୍ତା ଆକାଉଣ୍ଟରୁ ଏକଲକ୍ଷ ୩୦ହଜାର ଟଙ୍କା ଉଠାଣ କରି ଆତ୍ମସାତ୍ କରିଥିବା ନେଇ ପଞ୍ଚାୟତର ନିର୍ବାହୀ ଅଧିକାରୀ ବିଡିଓଙ୍କୁ ଅଭିଯୋଗ କରିଥିଲେ। ବିଡିଓ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ଅଭିଯୋଗର ସତ୍ୟତା ଥିବା ଲକ୍ଷ୍ୟ କରି ନୂଆପଡା ଜିଲାପାଳଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଅବଗତ କରିଥିଲେ। ତଦନ୍ତ ରିପୋର୍ଟ ଆଧାରରେ ଜିଲାପାଳ ମଧୁସୂଦନ ଦାଶ ସରପଞ୍ଚଙ୍କୁ ନିଲମ୍ବନ ପାଇଁ ସୁପାରିଶ କରିଥିଲେ। ଉକ୍ତ ସୁପାରିଶ ଭିତ୍ତିରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ କୋନାବିରା ସରପଞ୍ଚଙ୍କୁ ନିଲମ୍ବନ କରିଥିବା ଜଣାପଡିଛି।

### ୧୭ ଚୋରି ବାଇକ୍ ଜବତ, ୩ ଗିରଫ

ନୂଆପଡ଼ା,୨୯।୩ (ମକାରୁ ବେମାଲ) ନୂଆପଡ଼ା ସଦର ଥାନା ପୋଲିସ ଶନିବାର ବିଭିନ୍ନ ସ୍ଥାନରେ ଚଢାଉ କରି ୧୭ ଚୋରି ବାଇକ୍ ଜବତ କରି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସିନାପାଲି ଥାନା କଏଟପଦର ପଞ୍ଚାୟତ ହଳଦିମୁଣ୍ଡା ଗାଁର ବନମାଳି କୋଲଥିଆ (୩୮), ପର୍ଶୁରାମ ମାଝି (୩୨) ଓ ଘାଟମାଲ ପଞ୍ଚାୟତ ତାଳାକୋଟ ଗାଁର ବାସୁଦେବ ନାଏକ (୨୪)। ବାଇକ୍ ମାଲିକ ଆସି ଉପଯୁକ୍ତ କାଗଜାତ ଦେଲେ ଫେରସ୍ତ କରିବୁ ବୋଲି ସଦର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ଗୁଦାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ନୂଆପଡା ସଦର ବ୍ଲକ ଭୁମେରପାଣି ପଞ୍ଚାୟତ ହଳଦି ଗାଁର ଗୋବିନ୍ଦ ପାଣ୍ଡେ ତାଙ୍କ ସ୍ତ୍ରୀଙ୍କୁ ଅସ୍ତ୍ରୋପଚାର ପାଇଁ ୨୪ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ୨୫ ତାରିଖ ସନ୍ଧ୍ୟାରେ ସେ ହସ୍ପିଟାଲ କ୍ୟାମ୍ପସରେ ବାଇକ୍ ରଖି ସ୍ତ୍ରୀଙ୍କ ପାଖକୁ ଯାଇ ଆସିଲା ବେଳକୁ ଗାଡି ନ ଥିଲା। ଗୋବିନ୍ଦ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୬୬/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏ ନେଇ ଏକ ଟିମ ଗଠନ କରାଯାଇଥିଲା। ଟିମ ସିନାପାଲି ଥାନା ଅଞ୍ଚଳକୁ ଯାଇଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ହଳଦିମୁଣ୍ଡା ଗାଁରେ ଚଢାଉ କରି ମାଷ୍ଟର ମାଇଣ୍ଡ ବନମାଳିଙ୍କୁ ଧରିଥିଲା। ପରେ ବାସୁଦେବ ଓ ପର୍ଶୁରାମଙ୍କୁ ଧରି ଜେରା କରିବା ପରେ ସବୁ ରହସ୍ୟ ପଦାକୁ ଆସିଥିଲା। ସିନାପାଲି ଥାନା ଓ ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଞ୍ଚଳରୁ ପୋଲିସ ଟିମ୍ ମୋଟ ୧୭ ବାଇକ୍ ଉଦ୍ଧାର କରିଛି।

### ବିଦ୍ୟାଳୟର ବାର୍ଷିକୋତ୍ସବ

ରିଷିଡ଼ା,୨୯।୩ (ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ରିଷିଡ଼ା କନ୍ଧପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉତ୍ସବରେ ସରପଞ୍ଚ ସେବତୀ ରଣା ମୁଖ୍ୟ ଅତିଥି, ସାଗର ରଣା ମୁଖ୍ୟବକ୍ତା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋପମଣି ସାହୁ, ସ୍କୁଲ ସଭାପତି ହର ରଣା, ସମିତି ସଭ୍ୟ ସିନୁ ବେହେରା, ମୋହନ ଲାଲ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରିଷିଡ଼ା ସିଆର୍‌ସିସି ବିଶିକେଶନ ସୁନା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ମାଳିପର୍ବରେ ସାମିଲ ଆଦିବାସୀ ମହିଳାପୁରୁଷ।

## ଖଣ୍ଡୁଆଳ ମାଳିପର୍ବ ମହାଆଡ଼ମ୍ବରରେ ସମ୍ପନ୍ନ

ଲାଞ୍ଜିଗଡ଼,୨୯।୩ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲାର ଲାଞ୍ଜିଗଡ ଓ ଥୁଆମୂଳ ରାମପୁର ବ୍ଲକ ସୀମାନ୍ତରେ ଥିବା ଖଣ୍ଡୁଆଳ ମାଳି ଶିଖରରେ ପ୍ରତିବର୍ଷ ମାର୍ଚ୍ଚ ୨୮ ଓ ୨୯ରେ ପାଳନ କରାଯାଉଥିବା ମାଳିପର୍ବ ମହାଆଡମ୍ବର ସହକାରେ ସମ୍ପନ୍ନ ହୋଇଛି। ଖଣ୍ଡୁଆଳ ମାଳି ପାହାଡ଼ରେ ଖଣିଜ ପଦାର୍ଥ ଭରପୂର ରହିଥିବା ଯୋଗୁ ସରକାର ଓ ବହୁରାଷ୍ଟ୍ରୀୟ କମ୍ପାନୀ ଲୋଲୁପ ଦୃଷ୍ଟି ଏହା ଉପରେ ରହିଛି। ସରକାର ଶିଳ୍ପ ପ୍ରତିଷ୍ଠା ଓ ଖଣି ଖନନ ପାଇଁ ସବୁ ପ୍ରକାର କୋହଳ ନୀତି ଜାରି କରିଥିବା ବେଳେ ଖଣ୍ଡୁଆଳ ମାଳିର ଖଣି ଖନନକୁ ତୀବ୍ର ବିରୋଧ ଜାରି ରହିବ ବୋଲି ଆଦିବାସୀମାନେ ଶପଥ ନେଇଥିଲେ। ଆରାଧ୍ୟ ଦେବତାଙ୍କୁ ସାକ୍ଷୀ ରଖି ନିଜ ଜୀବନ ଜୀବିକା ଖଣ୍ଡୁଆଳ ମାଳିକୁ ସୁରକ୍ଷିତ ରଖିବାକୁ ପଣ କରିଥିଲେ। ଜୀବନ ଥିବା ପର୍ଯ୍ୟନ୍ତ ଖଣ୍ଡୁଆଳ ମାଳି ସୁରକ୍ଷା ହିଁ ଏକମାତ୍ର ନିଷ୍ପତ୍ତି। ସରକାର, ପ୍ରଶାସନ ଓ ବହୁରାଷ୍ଟ୍ରୀୟ କମ୍ପାନୀ ଯେତେ ଚେଷ୍ଟାକଲେ ବି ଖଣ୍ଡୁଆଳ ମାଳି ଛାଡ଼ିବୁନି ବୋଲି ସେମାନେ ମିଳିତ ଭାବରେ ଆହ୍ୱାନ ଦେଇଥିଲେ। ଏହି ପର୍ବରେ ଆଦିବାସୀ ସମ୍ପ୍ରଦାୟ ବ୍ୟତୀତ ଜିଲା ତଥା ଜିଲା ବାହାରୁ ଶତାଧିକ ଜନସାଧାରଣ, ପରିବେଶବିତ୍ ସାମିଲ ହୋଇଥିଲେ। ପର୍ବ ପାଇଁ ସାହାଯ୍ୟ ସହଯୋଗ କରି ଆସୁଥିବା ବୁଦ୍ଧିଜୀବୀ, ପରିବେଶବିତ, ବିଭିନ୍ନ ଗଣ ସଂଗଠନକୁ ଖଣ୍ଡୁଆଳ ମାଳି ସ୍ଥାୟୀ ସୁରକ୍ଷା ସମିତି ସଂଗ୍ରାମୀ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭାପତି କାର୍ତ୍ତିକ ମାଝୀ, ସମ୍ପାଦକ ବ୍ରିଟିଶ କୁମାର, ସଦସ୍ୟ ବୈଦ୍ୟନାଥ ନାଏକ, ଦାମୋଦର ବେହେରା, ବିର ବଜରଙ୍ଗ ନାଏକ, ଗାର୍ଗୀ ଶତପଥୀ,ଧନେଶ୍ୱରମାଝୀଉପସ୍ଥିତଥିଲେ।

# ଆମ୍ବ ପରେ ଦୁବାଇ ଚାଖିବ କଳାହାଣ୍ଡିର କଦଳୀ

**ପ୍ରଥମ ପର୍ଯ୍ୟାୟରେ ୩ ଚାଷୀଙ୍କ ୧୨ଟନ୍ କ୍ରୟ**

ଭବାନୀପାଟଣା,୨୯।୩(ଉତ୍ତମ କୁମାର ଦାଶ)



ଚାଷୀଙ୍କ କଦଳୀ କ୍ରୟ ସମୟରେ ବିଭାଗୀୟ ଅଧିକାରୀ, କମ୍ପାନୀ କର୍ତ୍ତୃପକ୍ଷ।

କଳାହାଣ୍ଡି ଜିଲାରୁ ଗତବର୍ଷ ଜୁନ୍ ମାସରେ ଆମ୍ରପାଲି ଆମ୍ବ ଦୁବାଇକୁ ରପ୍ତାନୀ ହୋଇଥିଲା। ଏହାକୁ ନେଇ ଜିଲାର ଆମ୍ବ ଚାଷୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଏବେ ଆମ୍ବ ପରେ ଦୁବାଇ ଚାଖିବ କଳାହାଣ୍ଡିର କଦଳୀ। ଶନିବାର ଜିଲାର ଜୁନାଗଡ ବ୍ଲକ କରଚଲା ଗ୍ରାମର ସ୍ମୃତି ରଞ୍ଜନ ମୁଣ୍ଡ, ନୀଳମଣି ଲହଜଲ, ନାରାୟଣ ସାହୁ ପ୍ରମୁଖ ୩ ଚାଷୀଙ୍କଠାରୁ ଉଦ୍ୟାନ ବିଭାଗ ଓ କଲମପୁର ତ୍ରିଲୋକେଶ୍ୱର ଫାର୍ମର ପ୍ରଡ୍ୟୁସର କମ୍ପାନୀ ଏଲଟିଡି ସହାୟତା କ୍ରମେ ପେଲେଡିୟମ୍ ନାମକ ଏକ କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ୧୨ ଟନ୍‌ଜିନାଇନ୍‌କିସମର କଦଳୀ କିଣିଛି। ଏହି କଦଳୀକୁ କିଣି ଅପରାହ୍ନରେ କମ୍ପାନୀ ଏକ ଟ୍ରକ ସାହାଯ୍ୟରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛି। ସେଠାରୁ ଏହା ଦୁବାଇକୁ ରପ୍ତାନୀ ହେବ ବୋଲି ଜଣାପଡିଛି। ପ୍ରଥମଥର ପାଇଁ ବିଦେଶକୁ କଳାହାଣ୍ଡିର କଦଳୀ ରପ୍ତାନୀ ହୋଇଥିବାରୁ ଜିଲାର କଦଳୀ ଚାଷୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଚାଷୀଙ୍କ କଦଳୀ କ୍ରୟ ସମୟରେ ରାଜ୍ୟ ଉଦ୍ୟାନ ଓ କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ କିଶୋର ମହାଲିଙ୍ଗ, କଳାହାଣ୍ଡି ଜିଲା ଉଦ୍ୟାନ ଓ କୃଷି ଉପନିର୍ଦ୍ଦେଶକ ବିଷ୍ଣୁ ଚରଣ ସେଠୀ, ଧର୍ମଗଡ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ମଳୟ କୁମାର ସିଂହ, ଜୁନାଗଡ ସହକାରୀ ଉଦ୍ୟାନ ଅଧିକାରୀ ତନ୍ମୟ ମିଶ୍ର, କଲମପୁରର ରଜନୀକାନ୍ତ ବନ୍ଧିଛୋଡ, ଭବାନୀପାଟଣାର ବିମଳ କୁମାର ନାଏକ, ସହକାରୀ କୃଷି ଉଦ୍ୟାନଯନ୍ତ୍ରୀ ମନୋଜ କୁମାର ହୋତା, ତ୍ରିଲୋକେଶ୍ୱର ଫାର୍ମର ପ୍ରଡ୍ୟୁସର କମ୍ପାନୀର ଏମ୍‌ଡି ଶରତ ଚନ୍ଦ୍ର ମୁଣ୍ଡ, ବିଓଡି ଆଶୁତୋଷ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କଳାହାଣ୍ଡି ଜିଲାରେ କଦଳୀ ଚାଷକୁ ଆଗକୁ ନେବା ପାଇଁ କଲମପୁର ତ୍ରିଲୋକେଶ୍ୱର ଫାର୍ମର ପ୍ରଡ୍ୟୁସର କମ୍ପାନୀ ପକ୍ଷରୁ ଜିଲାର ଜୁନାଗଡ ସମେତ କଲମପୁର, ଜୟପାଟଣା ଆଦି ବ୍ଲକରେ କଦଳୀ ଚାଷୀମାନଙ୍କୁ ନେଇ ୧୫୦ ଏକର ସ୍ଥାନରେ ଜି ନାଇନ୍ କିସମର କଦଳୀ ଚାଷ କରାଯାଇଛି।

## ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ଓ ଆଧାର ସଂଶୋଧନ ନେଇ ବୈଠକ



ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ଉପରେ ଆଲୋଚନା କରାଯାଉଛି।

ନୂଆପଡ଼ା,୨୯।୩(ମକାରୁ ବେମାଲ)

ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ଶିକ୍ଷା ବିଭାଗ ଓ ନୀତିଶିକ୍ଷା ଆୟୋଗର ବିକାଶ ସହଯୋଗୀ ତଥା ପିରାମଲ ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ଓ ଆଧାର ସଂଶୋଧନକୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଯୋଗେଶ୍ୱର ଭୋଇ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଧରଣୀଧର ସେନାପତି, ଜିଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ, ଅଗ୍ରଣୀ ଜିଲା ପ୍ରବନ୍ଧକ ସୀତାରାମ ମେହେର, ତହସିଲଦାର ନୂଆପଡ଼ା ପ୍ରଣବ ସାହୁ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡାକ ସମୀକ୍ଷକ ଦେବବ୍ରତ ବେହେରା, ପିରାମଲ ଫାଉଣ୍ଡେଶନ କାର୍ଯ୍ୟକ୍ରମ ପ୍ରବନ୍ଧକ ଭବାନୀ ଶଙ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ୨୦୨୪-୨୫ ଶିକ୍ଷାବର୍ଷର ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତିର ବିବରଣୀ ଓ ଉପଲବ୍ଧି ବିଷୟରେ ଜିଲାପାଳ ସମୀକ୍ଷା କରିଥିଲେ। ଆଧାର ସଂଶୋଧନ ନେଇ ଜିଲାପାଳ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଜିଲାସ୍ତରୀୟ ନିପୁଣ ଓଡ଼ିଶା ମେଳା

ଭବାନୀପାଟଣା,୨୯।୩ (ଉତ୍ତମ କୁମାର ଦାଶ)



ନିପୁଣ ମେଳାରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ଶତବାର୍ଷିକୀ ପ୍ରକୋଷ୍ଠରେ ଶନିବାର ସମଗ୍ର ଶିକ୍ଷା ପକ୍ଷରୁ କଳାହାଣ୍ଡି ଜିଲାସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟବକ୍ତା ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ ଓ ଶୁଭଲକ୍ଷ୍ମୀ ନାୟକ, ବିଏମ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କର, ଭବାନୀପାଟଣା ବିଇଓ ଆଚାରୀ ଶବର, ଡିଆଇଇଟି ଶିକ୍ଷକ ପ୍ରଶିକ୍ଷକ ଦିଗମ୍ବର ନାଏକ, ଏବିଇଓ ଜୟ କୁମାର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ସମଗ୍ର ଶିକ୍ଷାର ଶୈକ୍ଷିକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ବିବରଣୀ ପଠନ କରିଥିଲେ। ସିଆର୍‌ସିସି ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିବାବେଳେ ଭବାନୀପାଟଣା ବିଇଓ ଶବର ଧନ୍ୟବାଦ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଛତ୍ରି ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିପୁଣ ଓଡ଼ିଶା ଶପଥ ପାଠ କରାଇଥିଲେ। ଏଥିରେ ଜିଲାର ୧୩ ବ୍ଲକରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ। ସାକ୍ଷରତା, ସଂଖ୍ୟାଜ୍ଞାନ, ସୃଜନାତ୍ମକ ଓ ମତାମତ ଷ୍ଟଲରେ ଛାତ୍ରୀଛାତ୍ର ନିଜ ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଏ ଅବସରରେ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର ଦେବାଶିଷ ସାହୁ ନିପୁଣ ଓଡ଼ିଶା ବକ୍ତୃତା ଦେଇଥିବା ବେଳେ ସିଆର୍‌ସିସି ପ୍ରଫୁଲ୍ଲ ଠାକୁର, ସ୍ୱାଧିନୀ ସାହୁ, ଅଜିତ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ।

## ଶିଶୁବାଟିକା ତାଲିମ ନେଲେ ୧୩୫ ଶିକ୍ଷୟିତ୍ରୀଶିକ୍ଷକ

କୋକସରା,୨୯।୩ (ଦୁଷ୍ମନ୍ତ କୁମାର ପାଟଯୋଷୀ)

ରାଜ୍ୟ ସରକାରଙ୍କ ନୂତନ ଶିକ୍ଷାନୀତି ଅନୁସାରେ ଚଳିତ ଶିକ୍ଷାବର୍ଷରୁ ଶିଶୁ ବାଟିକା ବିଦ୍ୟାଳୟ ଆରମ୍ଭ ହେବ। ଏଥିରେ ୫ ବର୍ଷ ଶିଶୁଙ୍କୁ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ କରାଯିବ। ଏଥିପାଇଁ କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ କୋକସରା ଜବାହର ଉଚ୍ଚ ବିଦ୍ୟାଳୟ, ଡଙ୍ଗରିଗୁଡା ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ଓ କାଉଡୋଳା ଉଚ୍ଚ ବିଦ୍ୟାଳୟରେ ୧୩୫ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। କୋକସରା ବିଇଓ ମହେଶ କୁମାର ଭାଟି, ବିଆର୍‌ସିସି ତୋଫାନ ମାଝୀ, ନୋଡାଲ ସିଆର୍‌ସିସି ବୈକୁଣ୍ଠ ଜାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମ ଶିବର ଆୟୋଜିତ ହୋଇଯାଇଛି। ଶିବରରେ ସାଧନା କର୍ମୀ ଗୋବର୍ଦ୍ଧନ ବେମାଲ, ଲୋକନାଥ ଶବର, ରତ୍ନାକର ବେମାଲ, ସୁବାସ ଚନ୍ଦ୍ର ଶବର, ଅମିୟ କୁମାର ଜେନା, ଉମାଶଙ୍କର ସତନାମୀ, ସୁମନ୍ତ କୁମାର ଠାକୁର ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## ବିନା ଛୁଟିରେ ଶିକ୍ଷକ ଅନୁପସ୍ଥିତ

କଲମପୁର,୨୯।୩(ଗଣେଶରାମ ବାଗ)

**ବିଇଓଙ୍କ ଦୃଷ୍ଟି ଆକର୍ଷଣ କଲେ ଗ୍ରାମବାସୀ**

କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ମିନଗୁର ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବିନା ଛୁଟିରେ ଅନୁପସ୍ଥିତ ରହିବାରୁ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏ ନେଇ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ (ବିଇଓ)ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଇଓଙ୍କ ନିର୍ଦ୍ଦେଶ କ୍ରମେ ସିଆର୍‌ସିସି ଉଦୟ ମାଝି ବିଦ୍ୟାଳୟକୁ ଯାଇ ତାଲା ଭାଙ୍ଗି ଖୋଲିଥିଲେ। ଅଭିଯୋଗ ଅନୁସାରେ ପ୍ରଧାନ ଶିକ୍ଷକ ଗତ ଶୁକ୍ରବାର ଓ ଶନିବାର ଅନୁପସ୍ଥିତ ରହିଥିଲେ। ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ ସହକାରୀ ଶିକ୍ଷକ ଛୁଟିରେ ଅଛନ୍ତି। ଏକମାତ୍ର ଶିକ୍ଷକ ଭାବେ ପ୍ରଧାନଶିକ୍ଷକ ବିଦ୍ୟାଳୟରେ ନିୟୋଜିତ ଥିଲେ। ଶନିବାର ସକାଳ ୮ଟା ସୁଦ୍ଧା ସେ ଉପସ୍ଥିତ ହେଲେ ନାହିଁ। ଏ ନେଇ ଅଭିଯୋଗ ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀଙ୍କ ନିର୍ଦ୍ଦେଶରେ ସିଆର୍‌ସିସି ମାଝି ତାଲା ଭାଙ୍ଗି ସ୍କୁଲ ଖୋଲି ପାଠ ପଢାଇଥିଲେ। ଏ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ନାଏକଙ୍କୁ ପଚାରିବାରୁ ସେ ଏହି ଘଟଣାକୁ ସ୍ୱୀକାର କରିବା ସହିତ ପ୍ରଧାନ ଶିକ୍ଷକଙ୍କ ନାମରେ ପୂର୍ବରୁ ଅନେକ ଅଭିଯୋଗ ହୋଇଛି, ଆମେ ତାଙ୍କୁ ଏ ଘଟଣାକୁ ନେଇ କୈଫିୟତ ତଲବ କରିବୁ ଓ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବୁ, ଯାହା ନିର୍ଦ୍ଦେଶ ଆସିବ ସେ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି କହିଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କଲମପୁର,୨୯।୩(ଗଣେଶରାମ ବାଗ): କଳାହାଣ୍ଡି ଜିଲା କଲମପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦେବରାଜ ବେମାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନାଏକ ମୁଖ୍ୟ ଅତିଥି, ଏବିଇଓ ହେମନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଓ ଏବିଇଓ ଦିଲୀପ କୁମାର ବେହେରା, ଶିକ୍ଷକ ସନ୍ତୋଷ କୁମାର ଚୌଧୁରୀ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ନେପାଳ ବାରିକ ସମ୍ମାନିତ ଅତିଥି ଥିଲେ।

# ବିଭିନ୍ନ ସ୍ଥାନରେ ଓକିଲ ସଂଘ ନିର୍ବାଚନ

### କଳାହାଣ୍ଡି: ସୁଧାଂଶୁ ପୁଣି ସଭାପତି ନିର୍ବାଚିତ

ଭବାନୀପାଟଣା,୨୯।୩ (ଉତ୍ତମ କୁମାର ଦାଶ): କଳାହାଣ୍ଡି ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଧାଂଶୁ କୁମାର ନନ୍ଦ ଦ୍ୱିତୀୟ ଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ଭାବେ ଅଶୋକ କୁମାର ପଟ୍ଟନାୟକ, ଉପସଭାପତି ଗଣେଶ୍ୱର ପଟ୍ଟନାୟକ, ସହକାରୀ ସମ୍ପାଦକ ସାରଣୀ ବେମାଲ, କୋଷାଧ୍ୟକ୍ଷ ମହେଶ କୁମାର ମହାପାତ୍ର ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ସେହିପରି ଏକଜିକ୍ୟୁଟିଭ୍ ବଡି ମେମ୍ବର (ସିନିୟର) ଜୟନ୍ତ କୁମାର ମୁଣ୍ଡ, ପ୍ରଶାନ୍ତ କୁମାର ବାରିକ, ସୌମେନ୍ଦ୍ର ଚାନ୍ଦ ଓ ଲୋକନାଥ ନାଏକ ନିର୍ବାଚିତ ହୋଇଥିବାବେଳେ (ଜୁନିୟର) ଇଲା ସେଲମା, ନୀଳାଞ୍ଚଳ ସ୍ୱାଇଁ ଓ ପ୍ରବୀଣ କୁମାର ବିହାରୀ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ମାନସ ରଞ୍ଜନ ମହାନ୍ତି ଓ ସହକାରୀ ନିର୍ବାଚନ ଅଧିକାରୀ ଭାବେ ପ୍ରତାପ ଚନ୍ଦ୍ର ପ୍ରଧାନ, ମନୋଜ କୁମାର ତାଣ୍ଡି, ପ୍ରଦୀପ କୁମାର ପାତ୍ର ଓ ଈଶ୍ୱର କୁମାର ଦାୟିତ୍ୱ ତୁଲାଇଥିଲେ। ନିର୍ବାଚିତ ସମସ୍ତ କର୍ମକର୍ତ୍ତାଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି।



କଳାହାଣ୍ଡି ଜିଲା ଓକିଲସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଉଛି।

### ଖଡ଼ିଆଳ: ପ୍ରତାପ ଜଗତ ସଭାପତି

ଖଡ଼ିଆଳ, (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବାର୍ ଆସୋସିଏଶନ ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାରଦା ପ୍ରସାଦ ପଣ୍ଡା ନିର୍ବାଚନ ଅଧିକାରୀ ଓ ରବୀନ୍ଦ୍ର କୁମାର ସହକାରୀ ନିର୍ବାଚନ ଅଧିକାରୀ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ। ସନ୍ତୋଷ କୁମାର ମିଶ୍ରଙ୍କୁ ହରାଇ ପ୍ରତାପ ଜଗତ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ରୂପେ ଭବେଶ କୁମାର ପାଣିଗ୍ରାହୀ, ସମ୍ପାଦକ ଶଙ୍କର୍ଷଣ ପଣ୍ଡା, ଯୁଗ୍ମ ସମ୍ପାଦକ ବାଞ୍ଛାନିଧି ବେହେରା ଓ କୋଷାଧ୍ୟକ୍ଷ ରୂପେ ଟେକେଶ୍ୱର ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

### ଧର୍ମଗଡ: କୃପାସିନ୍ଧୁ ସଭାପତି, ବସନ୍ତ ସମ୍ପାଦକ

ଧର୍ମଗଡ (ଆକାଶ କୁମାର ଜଗତ): କଳାହାଣ୍ଡି ଜିଲା ଧର୍ମଗଡ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ କୃପାସିନ୍ଧୁ ପଣ୍ଡା ମନୋନୀତ ହୋଇଥିବା ବେଳେ ଉପସଭାପତି ଭାବେ ଗଙ୍ଗାଧର ମଙ୍ଗରାଜ, ସାଧାରଣ ସମ୍ପାଦକ ଭାବେ ବସନ୍ତ କୁମାର ଠାକୁର, ସହସଂପାଦକ ବାଳକୃଷ୍ଣ ସାହୁ, କୋଷାଧ୍ୟକ୍ଷ ଭାବେ ଧନିନ୍ଦ୍ର ନାଏକ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ମନୋଜ କୁମାର ମୁଣ୍ଡ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ନିର୍ବାଚିତ ସମସ୍ତ କର୍ମକର୍ତ୍ତାଙ୍କୁ ଓକିଲ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।

### ନୂଆପଡ଼ା: କ୍ଷିତିଶ ସଭାପତି, ପ୍ୟାରେଲାଲ ସମ୍ପାଦକ

ନୂଆପଡ଼ା (ମକାରୁ ବେମାଲ): ଶନିବାର ନୂଆପଡ଼ା ଜିଲା ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବାର୍ କାଉନସିଲ ପକ୍ଷରୁ ନୂଆପଡାର ଅଧିବକ୍ତା ନାରାୟଣ ଯୋଷୀଙ୍କୁ ନର୍ବାଚନ ଅଧିକାରୀ ରୂପେ ନିଯୁକ୍ତି ଦିଆଯାଇଥିଲା। ସଭାପତି ପଦ ପାଇଁ କ୍ଷିତିଶ ଅଶୋକ ବୋଧନକର ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଉପସଭାପତି ପାଇଁ ପୂର୍ବରୁ ରହିଥିବା ପ୍ରକାଶ ଚନ୍ଦ୍ର ସ୍ୱାଇଁ ଓ ଶଙ୍କର ସୁନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ ପ୍ରକାଶ ବିଜୟୀ ହୋଇ ନିଜ ପଦ ବଜାୟ ରଖିଛନ୍ତି। ସେହିପରି ସମ୍ପାଦକ ପଦ ପାଇଁ ପୂର୍ବରୁ ଥିବା ପୁରୁଷୋତ୍ତମ ସୋନି ଓ ପ୍ୟାରେଲାଲ ଦେବାଙ୍ଗନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ପ୍ୟାରେଲାଲ ବିଜୟୀ ହୋଇଛନ୍ତି।



କ୍ଷିତିଶ ବୋଧନକର



ପ୍ରକାଶ ସ୍ୱାଇଁ

### କୋକସରା: ମନୋଜ ସଭାପତି, ଲଳିତ ସମ୍ପାଦକ

କୋକସରା(ଦୁଷ୍ମନ୍ତ କୁମାର ପାଟଯୋଷୀ): କଳାହାଣ୍ଡି ଜିଲା କୋକସରା ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ମନୋଜ କୁମାର ନାଏକ, ଉପସଭାପତି ଲକ୍ଷ୍ମୀକାନ୍ତ ଖମାରୀ, ସମ୍ପାଦକ ଲଳିତ କୁମାର ଦାସ, ସହସମ୍ପାଦକ ଜଗା ପଟ୍ଟନାୟକ, କୋଷାଧ୍ୟକ୍ଷ ଭାବେ ପ୍ରିୟ ରଞ୍ଜନ ବେହେରା ମନୋନୀତ ହୋଇଛନ୍ତି। ଓକିଲ ଲକ୍ଷ୍ମୀଧର ମେହେର ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ସମସ୍ତ କର୍ମକର୍ତ୍ତାଙ୍କୁ ଫୁଲତୋଡା ଦେଇ ଓକିଲ ସଂଘର ସଦସ୍ୟ ସ୍ୱାଗତ ଜଣାଇଥିଲେ।

## ଡିଜିପି ଡିସ୍କରେ ସମ୍ମାନିତ ହେବେ ନୂଆପଡ଼ା ଏସ୍‌ପି

ନୂଆପଡ଼ା,୨୯।୩ (ମକାରୁ ବେମାଲ)

ପୋଲିସ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୂଆପଡା ଜିଲା ଆରକ୍ଷୀ ଅଧୀକ୍ଷକ ଜି ଆର୍ ରାଘବେନ୍ଦ୍ର ରାଜ୍ୟ ସରକାରଙ୍କ ତରଫରୁ ୨୦୨୪-୨୫ ବର୍ଷ ପାଇଁ ସମ୍ମାନଜନକ ଡିଜିପି ଡିସ୍କ ପାଇବା ପାଇଁ ମନୋନୀତ ହୋଇଛନ୍ତି। ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯିବ।



ସୂଚନାଯୋଗ୍ୟ, ଯୁବ ଆଇପିଏସ୍ ଅଧିକାରୀ ରାଘବେନ୍ଦ୍ରଙ୍କ ସୁଦକ୍ଷ ପରିଚାଳନାରେ ମାଓବାଦୀ ପ୍ରପୀଡ଼ିତ ଜିଲା ଏବେ ପ୍ରାୟତଃ ମାଓବାଦୀ ମୁକ୍ତ ହୋଇପାରିଛି। ଜିଲା ପ୍ରଶାସନ ସହ ତାଳମେଳ ରଖି ଜିଲାକୁ ପ୍ରଗତି ପଥରେ ଆଗେଇନେବାରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଛି। ଏହି ସମ୍ମାନ ସମଗ୍ର ଜିଲା ପାଇଁ ଗୌରବ ଆଣିଥିବାରୁ ଜିଲାପାଳ ମଧୁସୂଦନ ଦାଶଙ୍କ ସମେତ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ଜଣେ ଗିରଫ

**ରାଉରକେଲା,୨୯।୩(ସଙ୍ଗୀତା ଜେନା):** ପ୍ଲାଣ୍ଟ ସାଇଟ୍ ଥାନା ଅନ୍ତର୍ଗତ ବିଶ୍ରା ଛକ ବସ୍‌ଷ୍ଟପ୍ ଅଞ୍ଚଳରେ ପାଟ୍ରୋଲିଂ ବେଳେ ୧୬ ଗ୍ରାମ ୨୭ ମିଲିଗ୍ରାମ୍ ବ୍ରାଉନ ସୁଗାର ଜବତ ହୋଇଛି। ଏହି ଘଟଣାରେ ପଶ୍ଚିମବଙ୍ଗ ଖଡଗପୁରର ଏସ୍‌କେ ଜାକିର(୨୧)ଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନ ସୁଗାରର ବଜାର ଦର ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଅଭିଯୁକ୍ତଙ୍କଠାରୁ ମୋବାଇଲ ମଧ୍ୟ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୨୪/୨୫) ରୁଜୁ କରି ଶନିବାର ଅପରାହ୍ନ ୪ଟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଜାକିର ଅଭିଯୁକ୍ତ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ କୁଆଡେ ଏହି ନିଶା ସାମଗ୍ରୀ ବିକ୍ରୟ କରୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ପୋଲିସ ସୂଚନା ପାଇ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତଙ୍କୁ ଧରିଥିଲା।

### ମୋବାଇଲ ଟାୱାରରେ ନିଆଁ

**ରାଉରକେଲା,୨୯।୩(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ୱାର୍ଡ ନଂ–୧୩ ଗୋପବନ୍ଧୁପାଲୀ ଅଞ୍ଚଳରେ ଥିବା ଏକ ମୋବାଇଲ ଟାୱାରର ସେଲଟର ବକ୍ସରେ ଶନିବାର ଅପରାହ୍ନ ୨ଟାରେ ନିଆଁ ଲାଗିଥିଲା। ଶର୍ଟସର୍କିଟ ଯୋଗୁ ଏହି ନିଆଁ ଲାଗିଥିବା ଜଣାପଡିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ମୋବାଇଲ ସେବା ବ୍ୟାହତ ହୋଇଥିଲା। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ।

# ୧୧ ବର୍ଷ ବିତିଲା, ସରିଲାନି ପ୍ରକଳ୍ପ

**ରାଉରକେଲା,୨୯।୩(ସଙ୍ଗୀତା ଜେନା)**

ରାଉରକେଲା ମେନ୍‌ରୋଡ୍ ପାର୍ଶ୍ୱରେ ଥିବା ପୁରୁଣା ପରିବା ହୋଲ୍‌ସେଲ୍ ଡେଲିମାର୍କେଟ ଦିନକୁ ଦିନ ଗହଳି ହେଉଛି। ଅଣଓସାରିଆ ତଥା ସଙ୍କୀର୍ଣ୍ଣ ରାସ୍ତା, ବଜାର ଗହଳି ଯୋଗୁ ସହରବାସୀଙ୍କ ପାଇଁ ସମସ୍ୟା ହେଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ମାର୍କେଟକୁ ନୂତନ ରୂପରେଖ ପ୍ରଦାନ କରି ବାଲୁଘାଟକୁ ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏଥିପାଇଁ ଜିଲା ଖଣିଜ ପାଣ୍ଠିରୁ ମୋଟା ରାଶି ଯୋଗାଇ ଦିଆଯାଇ କାର୍ଯ୍ୟ ଆରମ୍ଭ ହେଲା। ଇତିମଧ୍ୟରେ ୧୧ବର୍ଷ ବିତିଯାଇଥିଲେ ମଧ୍ୟ ଆଜିଯାଏ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଲାନାହିଁ। ଏହି ବଜାର ହୋଇଥିଲେ ରାଜ୍ୟର ଦ୍ୱିତୀୟ ବଡ ହୋଲସେଲ୍ ମାର୍କେଟ ମାନ୍ୟତା ଲାଭ କରିବା ସହିତ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଥାନ୍ତା। ହେଲେ ଏହି ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡିରହିଛି। ଅପରପକ୍ଷେ ଆସନ୍ତା ୩ ମାସ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ରାଉରକେଲା ସହରର ବ୍ୟସ୍ତବହୁଳ ଡେଲି ମାର୍କେଟରେ ଉଭୟ ପନିପରିବା ଓ ଆମିଷ ବଜାର ରହିଛି। ପ୍ଲାଣ୍ଟସାଇଟ୍, ପୁରୁଣା ଷ୍ଟେଶନ ଏବଂ ଡେଲି ମାର୍କେଟ ପର୍ଯ୍ୟନ୍ତ ଏହି ବଜାର ବ୍ୟାପୀ ରହିଛି। ଫଳରେ ଅନ୍ୟ ରାଜ୍ୟରୁ ବିଭିନ୍ନ ସାମଗ୍ରୀ ଧରି ଏଠାକୁ ଦୈନିକ ବଡ ବଡ ଭାରିଯାନ ଆସିଥାଏ। ଏଥିଯୋଗୁ ଟ୍ରାଫିକ୍ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ଅଣାୟତ୍ତ ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜାତୀୟ ରାଜପଥ ପାର୍ଶ୍ୱ ପାନପୋଷ ବାଲୁଘାଟରେ ଏକ ଅଲଟ୍ରା ମଡର୍ନ ଭେଜିଟେବୁଲ ମାର୍କେଟ ତିଆରି ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ୨୦୧୪ ଫେବୃଆରୀ ୨୩ରେ ବାଲୁଘାଟରେ ଏହି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ପ୍ରକଳ୍ପ ପାଇଁ ବ୍ୟବହୃତ ପାଣ୍ଠିକୁ ଅଧେ କେନ୍ଦ୍ର ଓ ଅଧେ ରାଜ୍ୟ ସରକାର ଦେବେ ବୋଲି ନିଷ୍ପତ୍ତି ହୋଇଥିଲା। ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇ ସେଥିରେ ୫ ଶହ ଦୋକାନ, ପାର୍କିଂସ୍ଥଳୀ ଆଦି ଆନୁସଙ୍ଗିକ ବ୍ୟବସ୍ଥା କରାଗଲା। ପ୍ରଥମ ପର୍ଯ୍ୟାୟରେ ୯୮.୪୫ କୋଟି ଟଙ୍କା ମଧ୍ୟ ମଞ୍ଜୁର ହେଲା। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଦାନ ନ ମିଳିବାରୁ ମଞ୍ଜୁର ପାଣ୍ଠି ଫେରିଗଲା। ପରେ ଜିଲା ଖଣିଜ ପାଣ୍ଠିରୁ ଏହାକୁ ନିର୍ମାଣ କରିବା ପାଇଁ ସ୍ଥିର କରାଗଲା। ପୂର୍ତ୍ତ ଏବଂ ଗୃହ ନିର୍ମାଣ ବିଭାଗ ଜରିଆରେ ୬୦ କୋଟି ୮୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରି ଜିଲାପାଳଙ୍କୁ ହସ୍ତାନ୍ତର କରାଯାଇଥିଲା। ମାର୍କେଟର ପାଚେରି ନିର୍ମାଣ ପରେ ପ୍ରକଳ୍ପ ଆଉ ଆଗକୁ ବଢ଼ିପାରିନାହିଁ। ଫଳରେ ସ୍ଥାନୀୟ ବ୍ୟବସାୟୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜଣେ ବ୍ୟବସାୟୀଙ୍କ କହିବା ଅନୁଯାୟୀ, ମହାରାଷ୍ଟ୍ରର ନାସିକ, ପୁଣେ, ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟରୁ ଏଠାକୁ ଭାରିଯାନରେ ଆଳୁ ଓ ପିଆଜ ଆସୁଛି। ଦିନ ସମୟରେ ଅନଲୋଡ୍ ନ ହୋଇ ମାଲ୍ ପଡ଼ିରହୁଛି। ରାତିରେ ଦୋକାନ ବଜାରରେ ଗହଳି କମିଲେ ମାଲ୍ ଅନ୍‌ଲୋଡ୍ କରାଯାଉଛି। ଏଥିଯୋଗୁ ଅଧିକ ସମୟ ନଷ୍ଟ ହେବା ସହ ମାଲ୍ ମଧ୍ୟ ଖରାପ ହେବା ସମ୍ଭାବନା ରହିଛି। ବାଲୁଘାଟ ଅଲଟ୍ରା ମଡର୍ନ ଭେଜିଟେବୁଲ ମାର୍କେଟରେ ଅଧିକ ଯାଗା ଥିବାରୁ ଏଠାରେ ସମସ୍ତ ସୁବିଧା ମିଳିପାରନ୍ତା। ହେଲେ ଉକ୍ତ ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ ବୋଲି ବ୍ୟବସାୟୀ ଜଣଙ୍କ ପ୍ରକାଶ କରିଥିଲେ।



ପାଚେରିରେ ସୀମିତ ବାଲୁଘାଟ ଅଲଟ୍ରା ମଡର୍ନ ଭେଜିଟେବଲ ମାର୍କେଟ।

### ଅଲଟ୍ରା ମଡର୍ନ ଭେଜିଟେବୁଲ ମାର୍କେଟ

ଏ ସମ୍ପର୍କରେ ପାନପୋଷ ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ତଥା ପାନପୋଷ ଉପଜିଲାପାଳ ବିଜୟ ନାୟକଙ୍କୁ ପଚରାଯିବାରୁ ସେ କହିଲେ, ନିଶ୍ଚିତ ଭାବେ ପ୍ରକଳ୍ପ ବିଳମ୍ବ ହୋଇଛି। ବର୍ତ୍ତମାନ ଏ ସମ୍ପର୍କରେ ଆଲୋଚନା ପରେ ନାବାର୍ଡ ସହବନ୍ଧିତ ନାପକନ୍ କମ୍ପାନୀ ପକ୍ଷରୁ ଏହାର ସର୍ଭେ ଆରମ୍ଭ ହୋଇଛି। ଆଗାମୀ ୩ ମାସ ମଧ୍ୟରେ ପ୍ରକଳ୍ପ ଶେଷ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଜବରଦଖଲ ସମସ୍ୟା ସମ୍ପର୍କରେ ଆଲୋଚନା ଚାଲିଛି। ଏହା ଚୂଡାନ୍ତ ହୋଇଯିବ ବୋଲି ଉପଜିଲାପାଳ ନାୟକ କହିଥିଲେ।

# କୋଲ୍ଡ କ୍ୟାପିଟାଲ ମରାମତି ଓଭନରୁ କୋକ୍ ପୁଶିଂ ସଫଳ



କୋକ୍ ପୁଶିଂ ସଫଳ କରିଥିବା ଆର୍‌ଏସ୍‌ପି ଅଧିକାରୀ ଓ କର୍ମଚାରୀ।

**ରାଉରକେଲା,୨୯।୩(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିରେ ଶୁକ୍ରବାର କୋକ୍ ଓଭେନ ବ୍ୟାଟେରି–୫ବି ର ଓଭନ ନମ୍ବର ୨୯୪ରୁ ପ୍ରଥମ ହଟ୍ କୋକ୍ ପୁସିଂ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା କୋକ୍ ଓଭେନ ବ୍ୟାଟେରି–୫ରେ ୨୦ଟି ଓଭନ (ନମ୍ବର ୨୯୧ରୁ ୩୧୦)ରେ କୋଲ୍ଡ କ୍ୟାପିଟାଲ ମରାମତି କାର୍ଯ୍ୟ ସଫଳତା ସହ ସମାପ୍ତ କରିଛି। ଯାହାଦ୍ୱାରା ଆରଏସପିର କାର୍ଯ୍ୟକ୍ଷମ ଦକ୍ଷତାରେ ପ୍ରମୁଖ ଉନ୍ନତି ସାଧନ ହେବ। ଆର୍‌ଏସ୍‌ପି ସିଓ–ସିସି ବିଭାଗର ମୁଖ୍ୟ ମହାପ୍ରବନ୍ଧକ ରାକେଶ ଜୋଷୀଙ୍କ ଦ୍ୱାରା ବ୍ୟାଟେରି–୫ବି ର ପ୍ରଥମ କୋକ୍ ପୁସିଂ କରାଯାଇଥିଲା। ଏହି ଅବସରରେ କୋକ୍ ଓଭେନ ବିଭାଗର ଜିଏମ୍ କେ. ଶ୍ରୀନିବାସୁଲୁ, ରିପେୟାର ବିଭାଗର ଜିଏମ ବି. ମାରାଣ୍ଡି, ଭୀମସେନ ମାଝୀ, ହିଟିଂ ବିଭାଗ ମହାପ୍ରବନ୍ଧକ ତପନ ଦାସ, ଡିଜିଏମ ଏମ୍. ସେନାପତି, ଅପରେଶନ ବିଭାଗ ଡିଜିଏମ୍ ଭି. ମୀସାଲା, ରିପେୟାର ବିଭାଗ ଏଜିଏମ୍ ସମୀର ଖେସ,ଏଜିଏମ୍ ଅଭୟ ଚରଣ ସାହୁ, ଅପରେଶନ ବିଭାଗ ଡିଜିଏମ୍ ବି. କଶ୍ୟପ, ରାଜୀବ ରଞ୍ଜନ ଓ ଅପରେଶନ ବିଭାଗର ଡିଏମ୍ ବି. ପାଣିଗ୍ରାହୀ ଏବଂ ଅନ୍ୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

ଉଲ୍ଲେଖନୀୟ, ୪.୫ ମିଟର ଉଚ୍ଚତା ବିଶିଷ୍ଟ ବ୍ୟାଟେରି–୫ବି ୧୯୭୪ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା ଏବଂ ଶେଷ ଥର ପାଇଁ ୨୦୦୦ ମସିହାରେ ପୁନଃ ନିର୍ମିତ ହୋଇଥିଲା। ୨୯୧ରୁ ୩୧୦ ପର୍ଯ୍ୟନ୍ତ ଓଭେନର ପୂର୍ଣ୍ଣ କାନ୍ଥ ମରାମତି ୨୦୨୪ ଜାନୁଆରୀ ୨୩ରେ ଆରମ୍ଭ ହୋଇଥିଲା। ଯାନ୍ତ୍ରିକ ଏବଂ ରିଫ୍ରାକ୍ଟୋରୀ ଉପାଦାନଗୁଡିକର ସମାଧାନ ପାଇଁ ଓଭେନଗୁଡିକୁ ସୋଲ ସ୍ତର ପର୍ଯ୍ୟନ୍ତ ଖୋଲା ଯାଇଥିଲା। ଏହି ପଦକ୍ଷେପର ଲକ୍ଷ୍ୟ ଭବିଷ୍ୟତ ମରାମତି ପାଇଁ କାର୍ଯ୍ୟକ୍ଷମ ନମନୀୟତା ବୃଦ୍ଧି କରିବା, କୋକ ଚାହିଦା ପୂରଣ ସୁନିଶ୍ଚିତ କରିବା ଏବଂ ପରିବେଶର ମାନଦଣ୍ଡ ପାଳନ କରିବା ଥିଲା। ମେସର୍ସ ମନୀଷା କନଷ୍ଟ୍ରକଶନ ପ୍ରାଇଭେଟ ଲିମିଟେଡ୍‌ର ସହଭାଗିତାରେ କୋକ୍ ଓଭେନ ବିଭାଗର କ୍ୟାପିଟାଲ ମରାମତି ଏବଂ ରକ୍ଷଣାବେକ୍ଷଣ ଦଳ ଦ୍ୱାରା ଆହ୍ୱାନମୂଳକ ମରାମତି କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଲାଇଟ ଅପ୍ ହେବା ପରେ ନୂତନ ରିଫ୍ରାକ୍ଟୋରୀ ଲାଇନିଂ ପାଇଁ ନିୟନ୍ତ୍ରିତ ଗରମ ପ୍ରକ୍ରିୟା ପରେ ୨୦୨୫ ମାର୍ଚ୍ଚ ୨୭ ତାରିଖରେ କୋଇଲା ଚାର୍ଜିଂ କରାଯାଇଥିଲା। ଯାହା ମାର୍ଚ୍ଚ ୨୮ତାରିଖରେ ପ୍ରଥମ କୋକ୍ ପୁସିଂକୁ ସଫଳ କରିଥିଲା। ଏହି ସଫଳତା ୨୦୨୫–୨୬ ପାଇଁ ବାର୍ଷିକ ବ୍ୟବସାୟ ଯୋଜନା ଲକ୍ଷ୍ୟ ପୂରଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସୂଚନା ପ୍ରଦାନ କରାଯାଇଛି।

### ଆର୍‌ଏସ୍‌ପି କୋକ୍ ଓଭେନ ବ୍ୟାଟେରି-୫ବି

# ପରିବାରର ସଂସ୍କାର ପିଲାଙ୍କୁ ସଂସ୍କାରିତ କରିଥାଏ

**ରାଉରକେଲା,୨୯।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଉଦିତନଗରସ୍ଥିତ ସରକାରୀ ଅନ୍ୱେଷା ଛାତ୍ରାବାସ ତରଫରୁ ଶନିବାର ଅଭିଭାବିକା ଅଭିଭାବକ ପୂଜନ ଓ ମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନ୍ୱେଷା ଛାତ୍ରାବାସର ଆଦିବାସୀ ସମ୍ପ୍ରଦାୟର ଛାତ୍ରୀଛାତ୍ରମାନଙ୍କ ୪୮୭ ଜଣ ଅଭିଭାବିକା ଓ ଅଭିଭାବକ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲା ସିଟି ସ୍କୁଲର ପ୍ରିନ୍ସପାଲ ଦେବଜ୍ୟୋତି ରାଏ, ସାଇଭେଲି ୱାର୍ଲ୍ଡ ସ୍କୁଲର ପ୍ରିନ୍ସପାଲ ମମତା ନାଏକ, ଚିନ୍ମୟ ପବ୍ଲିକ ସ୍କୁଲର ପ୍ରିନ୍ସପାଲ ବିରେନ୍ଦ୍ର କୁମାର ସିଂ, ଅଭିଭାବକ ଯୋଶେଫ କୁଜୁର, ପି. କେରକେଟା, ଅଭିଭାବିକା ସୁମିତା ଟପ୍ପୋ, ସରିତା ଏକ୍କା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ପିଲାମାନଙ୍କର ପ୍ରଥମ ବିଦ୍ୟାଳୟ ହେଉଛି ନିଜ ଘର ଏବଂ ପ୍ରଥମ ଗୁରୁ ପିତାମାତା । ପରିବାରର ସଂସ୍କାର ହିଁ ପିଲାମାନଙ୍କୁ ସଂସ୍କାରିତ କରି ଶିକ୍ଷା ପ୍ରତି ଆବେଗ ବଢାଇଥାଏ ବୋଲି ଅତିଥିମାନେ କହିଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ନିଜ ନିଜ ଅଭିଭାବିକା ଅଭିଭାବକଙ୍କ ପୂଜାର୍ଚ୍ଚନା କରିବା ସହ ସେମାନଙ୍କଠାରୁ ଆଶିଷ ଗ୍ରହଣ କରିଥିଲେ। ଏହାପରେ ଛାତ୍ରାବାସର ସୁପରିଣ୍ଟେଣ୍ଡେଣ୍ଟ ସରସ୍ୱତୀ ମୁଣ୍ଡରୀ ଓ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ପ୍ରମୋଦ ପଟେଲ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଗଠନରେ ମାତାପିତାଙ୍କ ଅବଦାନ, ବିଭିନ୍ନ ସରକାରୀ ଜନକଲ୍ୟାଣ ଯୋଜନା ମାଧ୍ୟମରେ ଅବହେଳିତ ଓ ଆଦିବାସୀ ସମ୍ପ୍ରଦାୟର ଛାତ୍ରୀଛାତ୍ରଙ୍କ ଉଚ୍ଚତର ଶିକ୍ଷାଲାଭ ବ୍ୟବସ୍ଥା, ସ୍କୁଲ ଓ ଛାତ୍ରାବାସ ଏବଂ ଅଭିବାବକମାନଙ୍କ ମଧ୍ୟରେ ସମନ୍ୱୟ ବଜାୟ ରଖି ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରାବାସର ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବିକା ଅଭିଭାବକମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରମୋଦ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଭିଭାବିକା ଅଭିଭାବକ ପୂଜନ ଓ ମିଳନ ପର୍ବରେ ମତପ୍ରକାଶ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅଭିଭାବିକା ଅଭିଭାବକ।

# ସଦାନନ୍ଦ ସଭାପତି, ଦେବାନନ୍ଦ ସମ୍ପାଦକ



ବିଜୟୀ ହେବା ପରେ ନୂତନ କର୍ମକର୍ତ୍ତା ଉତ୍ସବ ପାଳନ କରୁଛନ୍ତି।

**ରାଉରକେଲା,୨୯।୩(ସଙ୍ଗୀତା ଜେନା)**

ରାଉରକେଲା ଓକିଲ ସଂଘର ସାଧାରଣ ନିର୍ବାଚନ ବିରଜାପାଲୀ ନୂତନ କୋର୍ଟ ପରିସରରେ ଶନିବାର ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଉକ୍ତ ନିର୍ବାଚନରେ ମୋଟ ୩ଟି ପଦବୀ ପାଇଁ ନିର୍ବାଚନ ହୋଇଥିଲା। ଚଳିତ ବର୍ଷ ସଭାପତି ଭାବେ ଆଇନଜୀବୀ ସଦାନନ୍ଦ ସାହୁ, ଉପସଭାପତି ଭାବେ ରାଜକିଶୋର ପ୍ରଧାନ ଏବଂ ସମ୍ପାଦକ ଭାବେ ଦେବାନନ୍ଦ ତନ୍ତୀ ବିଜୟୀ ହୋଇଛନ୍ତି। ସଭାପତି ଦୌଡ଼ରେ ଥିବା ସଦାନନ୍ଦଙ୍କୁ ୩୩୯, ଏମ୍. ମାଲେଶ୍ୱରମ୍‌ଙ୍କୁ ୫୩ ଏବଂ ବିସ୍ମୟ ଦାସଙ୍କୁ ୨୨୩ଖଣ୍ଡ ଭୋଟ ମିଳିଥିଲା। ୨ୟ ଥର ପାଇଁ ସଦାନନ୍ଦ ସାହୁ ସର୍ବାଧିକ ଭୋଟ୍ ପାଇ ବିଜୟୀ ହୋଇଥିଲେ। ସେହିପରି ଉପସଭାପତି ଦୌଡ଼ରେ ଥିବା ରାଜକିଶୋର ପ୍ରଧାନ ୩୪୧ ଖଣ୍ଡ, ଯୁଗଳ କିଶୋର ଆଚାର୍ଯ୍ୟ ୪୬ ଓ ରଙ୍ଗବାହାଦୁର ବାଗ ୨୨୯ ଖଣ୍ଡ ଭୋଟ ପାଇଥିଲେ। ଏଥିରେ ରାଜକିଶୋର ପ୍ରଧାନ ବିଜୟୀ ହୋଇଥିଲେ। ଅନୁରୂପ ଭାବେ ସମ୍ପାଦକ ଦୌଡରେ ଥିବା ଦେବାନନ୍ଦ ତନ୍ତୀ ୪୦୪ ଖଣ୍ଡ, ନିହାର ରଞ୍ଜନ ମହାନ୍ତି ୧୪୪ ଖଣ୍ଡ, ଶାନ୍ତନୁ ଦାସ ୬୨ ଖଣ୍ଡ ଭୋଟ ପାଇଥିଲେ। ଦେବାନନ୍ଦ ତନ୍ତୀ ବିଜୟୀ ହୋଇଥିଲେ। ମୋଟ ୮୦୭ ଭୋଟରଙ୍କ ମଧ୍ୟରୁ ଉକ୍ତ ନିର୍ବାଚନରେ ୬୨୯ଜଣ ଭୋଟ ଦେଇଥିଲେ। ନିର୍ବାଚନ ଅଧିକାରୀ ୱାଇ. ନବି ଓ ତାଙ୍କ ଟିମ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସକାଳ ସାଢ଼େ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ୍‌ଗ୍ରହଣ ହୋଇଥିଲା। ଅପରାହ୍ନ ୪ଟାରେ ଭୋଟ ଗଣତି ହୋଇ ସନ୍ଧ୍ୟା ସାଢେ ୬ଟାରେ ଫଳାଫଳ ଘୋଷଣା କରାଯାଇଥିଲା। ସେହିପରି ୩ଟି ପଦବୀ ବ୍ୟତୀତ ଯୁଗ୍ମ ସମ୍ପାଦକ(୧) ପଦବୀ ପାଇଁ ଲିଙ୍ଗମ୍ ଅନୁସୂରା ଡୋରା, ସହାୟକ ସମ୍ପାଦକ (୧) ତାପସ ପରିଡ଼ା, କୋଷାଧ୍ୟକ୍ଷ (୧) ଅକ୍ଷୟ ସିଂଦେଓ, ଲାଇବ୍ରେରୀ ସମ୍ପାଦକ/ ସହାୟକ(୧) ରାଜଶ୍ରୀ ମିଶ୍ର, ଏକ୍ଜିକ୍ୟୁଟିଭ୍ ସଦସ୍ୟ ୩୦ ବର୍ଷ(୨) ବ୍ରିଜେଶ ମିଶ୍ର, କୈଳାସ ଚନ୍ଦ୍ର ସାବତ, ୨୦ବର୍ଷ ସଦସ୍ୟ (୨) ଅନନ୍ତ ନାରାୟଣ ସାହୁ ଓ ଗଙ୍ଗାଧର ଦାସ, ୧୦ ବର୍ଷ ସଦସ୍ୟ(୨)ଝସକେତନ ପ୍ରସାଦ ମୁର୍ମୁ ଓ କାର୍ତ୍ତିକ ଓରାମ, ୭ ବର୍ଷ ସଦସ୍ୟ(୧) ଅଭିଷେକ ସିଂହ, ମହିଳା ସଦସ୍ୟ(୨) ମେରୀ ମାକ୍ସିମା ଏକ୍କା ଓ ସୁମିତା ନନ୍ଦ ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ସନ୍ଧ୍ୟା ୭ଟାରେ କୋର୍ଟ ପରିସରରେ ବିଜୟ ଉତ୍ସବ ପାଳନ କରାଯାଇଥିଲା।

### ରାଉରକେଲା ଓକିଲ ସଂଘ ନିର୍ବାଚନ

### କୋଇଲା ବୋଝେଇ ଟ୍ରେନରେ ନିଆଁ

**ରାଉରକେଲା,୨୯।୩(ସଙ୍ଗୀତା ଜେନା):** ରାଜଗାଙ୍ଗପୁରରୁ ରାଉରକେଲା ଆସୁଥିବା ଏକ କୋଇଲା ବୋଝେଇ ଟ୍ରେନ୍‌ରେ ଶନିବାର ନିଆଁ ଲାଗିଥିଲା। ଅପରାହ୍ନ ୨ଟା ସମୟରେ ଟ୍ରେନ୍(ଏସ୍‌ଇଆର୍ ୧୮୨୭୧୨୭)ର ଏକ ବଗିରେ ଧୂଆଁ ଉଠୁଥିବା ଦେଖି କଳୁଙ୍ଗା ଷ୍ଟେଶନ ନିକଟରେ ଟ୍ରେନକୁ ଅଟକାଯାଇ ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ଷ୍ଟେଶନରେ ବିଦ୍ୟୁତ୍ କଟାଯିବା ପରେ ଦମକଳବାହିନୀ ନିଆଁକୁ ଆୟତ୍ତ କରିଥିଲେ। କେଉଁ କାରଣରୁ ନିଆଁ ଲାଗିଥିଲା ତଦନ୍ତ କରାଯାଉଛି।

# ସ୍ୱଚ୍ଛତା ପାଇଁ ଜନସଚେତନତା

**ରାଉରକେଲା,୨୯।୩(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଚଳିତ ସ୍ୱଚ୍ଛତା ପକ୍ଷ–୨୦୨୫ ପାଳନ ଅବସରରେ ସ୍ୱଚ୍ଛତା ଓ ସଚେତନତା ଭିତ୍ତିକ ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି କ୍ରମରେ ମାର୍ଚ୍ଚ ୨୫ ତାରିଖରେ ବିଏଫ୍ ବିଭାଗର ସିଜିଏମ ସୁମିତ କୁମାର ବିଏଫ୍–୧ ବିଭାଗର ପ୍ରଶାସନିକ ଭବନ ନିକଟରେ ସ୍ୱଚ୍ଛତା ଅଭିଯାନର ନେତୃତ୍ୱ ନେଇ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ୨୬ତାରିଖରେ ସିପିପି–୧ ବିଭାଗର ଟର୍ବାଇନ ପ୍ରବେଶ ପଥ ନିକଟରେ ପାୱାର ବିଭାଗର ସିଜିଏମ୍ ଦୀପକ ରାୟ ଅନ୍ୟ ଏକ ସ୍ୱଚ୍ଛତା ଅଭିଯାନର ନେତୃତ୍ୱ ନେଇଥିଲେ। ୨୭ତାରିଖରେ କୋକ୍ ଓଭେନ ବିଭାଗର ଜିଏମ୍ ଜିତେନ ମହାନ୍ତିଙ୍କ ନେତୃତ୍ୱରେ କୋକ୍ ଓଭେନ ବ୍ୟାଟେରି–୬ରେ ସ୍ୱଚ୍ଛତା ଅଭିଯାନ ହୋଇଥିଲା। ୨୮ତାରିଖରେ ପାଇପ ପ୍ଲାଣ୍ଟ ବିଭାଗ ଜିଏମ୍ ଇନ୍‌ଚାର୍ଜ ମହମ୍ମଦ ମୋଇନଉଦ୍ଦିନ ଲସ୍କର ଏବଂ ସିଇଏସ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ପବନ ଗୁପ୍ତାଙ୍କ ନେତୃତ୍ୱରେ ସଫେଇ କରାଯାଇଥିଲା। ସେହିପରି ଟାଉନ ଇଞ୍ଜିନିୟରିଂ ବିଭାଗର ଜନସ୍ୱାସ୍ଥ୍ୟ ୟୁନିଟ୍ ମଧ୍ୟ ଇସ୍ପାତ ସହରାଞ୍ଚଳରେ ସ୍ୱାସ୍ଥ୍ୟ, ପରିମଳ ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ବ୍ୟାପକ ସଚେତନତା ସୃଷ୍ଟି କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଛି। ସେହିପରି ୨୮ ତାରିଖରେ ସେକ୍ଟର–୧୯ସ୍ଥିତ ମୁଣ୍ଡା ମାର୍କେଟ, ସେକ୍ଟର–୪ସ୍ଥିତ ଚାଇନା ଟାଉନ ମାର୍କେଟ ଏବଂ ୨୯ତାରିଖରେ ସେକ୍ଟର–୧୮ସ୍ଥିତ ସମଲେଶ୍ୱରୀ ବସ୍ତି , ସେକ୍ଟର–୧୬ସ୍ଥିତ ସୁବର୍ଣ୍ଣପଲ୍ଲୀ ବସ୍ତିରେ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇଥିଲା। ଏହି ଅବସରରେ ଟାଉନ ଇଞ୍ଜିନିୟରିଂ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବି. କେ ଜୋଜୋ, ଟାଉନ ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗ ଡେପୁଟି ସିଏମ୍‌ଓ ଡକ୍ଟର ଦୀପା ଲାଭାଙ୍ଗାରେ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦର୍ଶିତ ନାଟକ ଗୁଡିକ ମାଧ୍ୟମରେ ସ୍ୱାସ୍ଥ୍ୟ ଏବଂ ପରିବେଶ ଦୃଷ୍ଟିକୋଣରୁ ସ୍ୱଚ୍ଛତା, ପରିମଳ ଏବଂ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକର କୁପ୍ରଭାବ ଉପରେ ଆଲୋକପାତ କରାଯାଇଥିଲା। ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରସାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସରସ୍ୱତୀଙ୍କ କୃପା ରହିଲେ ସଙ୍ଗୀତ ହୃଦୟକୁ ଛୁଇଁଯାଏ

**ରାଉରକେଲା,୨୯।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରର ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ପାଇଁ ଶନିବାର ରାଉରକେଲା କ୍ଲବ୍‌ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାଇ ସରଗମ୍ ମ୍ୟୁଜିକାଲ ଆଣ୍ଡ ସୋସିଆଲ ଟ୍ରଷ୍ଟ ପକ୍ଷରୁ ଓଡ଼ିଶା ରାଗ୍ କି ସିତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କନିଷ୍ଠ ଓ ବରିଷ୍ଠ ବର୍ଗର ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଅନୁଷ୍ଠାନର ମୁଖ୍ୟ ଝୁନୁ ନାୟକ ସଭାପତିତ୍ୱ କରିଥିଲେ। ଶୁଭଶ୍ରୀ ଦାସ ଓ ଯଶୋବନ୍ତ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପିକା ଡ଼ କଲ୍ୟାଣୀ ମିଶ୍ର ମୁଖ୍ୟ ଅତିଥି, ପଦ୍ମିନୀ ପାଣିଗ୍ରାହୀ, ଏସ୍‌ଆଇ ଦୁର୍ଯ୍ୟୋଧନ ପ୍ରଧାନ, ମୁକ୍ତିକାନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଙ୍ଗୀତକୁ ଆମେ ସାଧନା ବୋଲି କହିଥାଉ। ସରସ୍ୱତୀଙ୍କ କୃପା ରହିଲେ ସଙ୍ଗୀତ ହୃଦୟକୁ ଛୁଇଁଯାଏ ବୋଲି ମୁଖ୍ୟ ଅତିଥି ମିଶ୍ର କହିଥିଲେ। ଏହି ଅବସରରେ କନିଷ୍ଠ ଓ ବରିଷ୍ଠ ବର୍ଗର ପ୍ରତିଯୋଗୀଙ୍କ ମଧ୍ୟରେ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ବିଚାରକ ଭାବେ ଭାସ୍କର ପୁହାଣ, ଅଜୟ ପାଣି ଓ ଆଶାଲତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ମୂଲ୍ୟାୟନ କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ସହ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ଓଲିଉଡ୍‌ର ପ୍ରଚ୍ଛଦପଟ ଗାୟକ ତଥା ଭଏସ ଅଫ୍ ଓଡ଼ିଶା ବିଜେତା ପୂର୍ଣ୍ଣଚନ୍ଦ୍ର ପଣ୍ଡା। ଏହି ଅବସରରେ ୱାଇ. ହେମଲତା, ପ୍ରଦୀପ ପଟ୍ଟନାୟକ, ବିଜୟ ସୁନ୍ଦରାୟ, କାର୍ତ୍ତିକ ରାଉତ, ପ୍ରଜ୍ଞା ପରିମିତା ଦାଶଙ୍କ ସହ ବିଭିନ୍ନ ଅନୁଷ୍ଠାନର ସଭାପତିଙ୍କୁ ସମ୍ମାନିତ କରାଯାଇଥିଲା। ସୌମ୍ୟରଞ୍ଜନ ମହାରଣା, ପ୍ରାଞ୍ଜଳୀ ନାଗ, କାମିନୀ ମହନ୍ତ, ମୁରଲୀ ମୋହନ, ଗ୍ରେସୀ ଡେଭିଡ, ଫିରୋଜ ଅହମ୍ମଦ ପ୍ରମୁଖ ସହଯୋଗ କରିଥିଲେ।

### ସାଇ ସରଗମ୍‌ର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରାଯାଉଛି।

# ଖଟାଲ ବସ୍ତିରେ ପାନୀୟ ଜଳ ସଙ୍କଟ

**ରାଉରକେଲା,୨୯।୩(ଦିନେଶ ମିଶ୍ର)**

ଗ୍ରୀଷ୍ମ ପ୍ରବାହ ଯୋଗୁ ବିଭିନ୍ନ ଜଳାଶୟ ଶୁଖି ଯାଇଥିବାବେଳେ ରାଉରକେଲା ମହାନଗର ନିଗମ ଅଧୀନ ମାଲଗୋଦାମ ସ୍ଥିତ ଖଟାଲ ବସ୍ତି ଅଞ୍ଚଳରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏହି ବସ୍ତିରେ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ବିଭିନ୍ନ ସମୟରେ ପାନୀୟ ଜଳ ସମସ୍ୟା ଦେଖା ଦେଉଥିବାରୁ ୱାଟକୋ ବିଭାଗ ପକ୍ଷରୁ ଖରାଦିନ ପୂର୍ବରୁ ଅମୃତ ଯୋଜନାରେ ପାଣିପାଇପ୍ ସଂଯୋଗୀକରଣ ସହ ବସ୍ତିର ବିଭିନ୍ନ ଲୋକଙ୍କ ଘର ଦୁଆର ମୁହଁରେ ପାଣିଟ୍ୟାପ୍ ସଂଯୋଗୀକରଣ କରାଯାଇଥିଲା। ଅମୃତ ଯୋଜନାରେ ବସ୍ତିବାସୀ ୨୪ ଘଣ୍ଟା ପାଣି ପାଇବାକୁ ନେଇ ସରକାରଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରାଯାଇଥିଲା। ତେବେ ବସ୍ତିର ବିଭିନ୍ନ ଘରକୁ ପାଇପ୍ ସଂଯୋଗ ହୋଇସାରିଥିବା ବେଳେ ଆଜିଯାଏ ବସ୍ତିବାସୀ ପାନୀୟ ଜଳ ପାଇ ନ ଥିବା ଅଭିଯୋଗ ହୋଇଛି। ବସ୍ତିବାସୀ ଘର ପାଖରେ ଥିବା ଏକ ନଳକୂପ ଉପରେ ପାଣି ପାଇଁ ନିର୍ଭର କରୁଛନ୍ତି। କିନ୍ତୁ ଏହି ନଳକୂପରୁ ଅଧିକାଂଶ ସମୟରେ ଲୁହାଗୁଣ୍ଡ ମିଶ୍ରିତ ପାଣି ବାହାରୁଥିବାରୁ ଏହା ପିଇବା ଉପଯୋଗୀ ହେଉନାହିଁ। ସରକାରଙ୍କ ପକ୍ଷରୁ ଅମୃତ ଯୋଜନାରେ ବସ୍ତିବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଆଜିକୁ ଦେଢ଼ ବର୍ଷ ତଳେ ପାଇପ୍ ସଂଯୋଗ ହୋଇଥିଲେ ମଧ୍ୟ ପାଣି ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଖରାଦିନରେ ସେମାନେ ପାଣି ପାଇଁ ଡହଳବିକଳ ହେଉଛନ୍ତି। ପାଣି ସମସ୍ୟା ନେଇ ୱାଟକୋ ବିଭାଗରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ସମାଜସେବୀ ସୁଷମା ପଣ୍ଡା, ଗୋପାଳ ସାହୁ, ସ୍ମିତା ନାୟକ, ଗୋବିନ୍ଦ ରାଉତ, ବାସନ୍ତୀ ରଣା, ଦୀନବନ୍ଧୁ ଦାଶ ପ୍ରମୁଖ ବସ୍ତିବାସୀ ଅଭିଯୋଗ କରିଛନ୍ତି। ଏ ନେଇ ୱାଟ୍‌କୋ ବିଭାଗ ଉପପ୍ରବନ୍ଧକ ଦୁଷ୍ମନ୍ତ ତରାଇଙ୍କୁ ପଚାରିବାରୁ ସେ କହିଥିଲେ, ଖଟାଲ ବସ୍ତିକୁ ପାଣି ଯୋଗାଇ ଦେବା ପାଇଁ ଅମୃତ ଯୋଜନାରେ ପାଇପ୍ ବିଛା କାର୍ଯ୍ୟ ଶେଷ ହୋଇସାରିଛି। ଆଗାମୀ ୭ ଦିନ ଭିତରେ ୱାଟକୋ ବିଭାଗର ମୁଖ୍ୟ ପାଣି ପାଇପ୍ ପଏଣ୍ଟରୁ ବସ୍ତିକୁ ଯାଇଥିବା ପାଇପ୍‌କୁ ସଂଯୋଗୀକରଣ କରାଯିବ। ଫଳରେ ବସ୍ତିବାସୀ ଖୁବ୍‌ଶୀଘ୍ର ପାଣି ପାଇବେ ବୋଲି ତରାଇ କହିଥିଲେ।



ଖଟାଲ ବସ୍ତିରେ ପାଣି ପାଇଁ ଧାଡ଼ି ଲାଗିଛି।

### ୭ ଦିନ ଭିତରେ ସମସ୍ୟା ଦୂର ହେବ: ୱାଟ୍‌କୋ

**ବାସନ୍ତିକ ନବରାତ୍ର ପୂଜନୋତ୍ସବର କଳସାଧିବାସ**

ସମ୍ବଲପୁର,(ବି.ଶଙ୍କର): ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ଭୁତାପଡା ମା' ମଙ୍ଗଳାଙ୍କ ମନ୍ଦିରରେ ବାସନ୍ତିକ ନବରାତ୍ର ପୂଜନୋତ୍ସବ ସକାଶେ ଶନିବାର କଳସାଧିବାସ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଶନିବାର ସ୍ଥାନୀୟ ମହାନଦୀ ଘାଟରୁ ଜଳପୂର୍ଣ୍ଣ କଳସ ଶୋଭାଯାତ୍ରାରେ ଆଣି ମନ୍ଦିରରେ ପହଞ୍ଚି ଥିଲା । ମଙ୍ଗଳା ମନ୍ଦିର କମିଟିର ରବୀନ୍ଦ୍ର ଜେନା, ଇଞ୍ଜିନିୟର ଯାଦବ ଦେହୁରୀ, ରସାନନ୍ଦ ବେହେରା, ହରିହର ପାଣିଗ୍ରାହୀ, ସୁଧାଂଶୁ ଶେଖର ମହାରଣା, ସାଧବ ପ୍ରଧାନ, ଓମ ପ୍ରକାଶ ଦାସ, ଅସିତ ବିଶ୍ୱାଳ, ବିଛନ୍ଦ ବେହେରା, ନିହାର କୁମାର ମାହାନା ସହଯୋଗ କରିଥିଲେ । ସରୋଜ ସାହୁ ଓ ସାଗରିକା ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଛନ୍ତି ।



# ପୂର୍ବତନ କ୍ୟାଶିୟର ଦୋଷୀ ସାବ୍ୟସ୍ତ

**ସମ୍ବଲପୁର ପୌରପରିଷଦ ଦୁର୍ନୀତି ମାମଲା**

ସମ୍ବଲପୁର,୨୯।୩(ଭବାନୀ ଶଙ୍କର ଭୋଇ)

ସରକାରୀ ପାଣ୍ଠି ଅପବ୍ୟବହାର ମାମଲାରେ ସମ୍ବଲପୁର ପୌରପରିଷଦର ପୂର୍ବତନ ବରିଷ୍ଠ ସହାୟକ ତଥା କ୍ୟାଶିୟର ଅବନୀକାନ୍ତ ନାୟକ ଶନିବାର ଭିଜିଲାନ୍ସ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କ ନାମରେ ତତ୍କାଳୀନ ପୌରପରିଷଦର ଚେକ୍‌ଗେଟଗୁଡିକରୁ ସଂଗ୍ରହ କରାଯାଇଥିବା ୪ ଲକ୍ଷ ଟଙ୍କା କାର୍ଯ୍ୟାଳୟରେ ଜମା ନ କରି ହଡପ କରିଥିବା ଅଭିଯୋଗ ହୋଇଥିଲା। ସମ୍ବଲପୁର ଭିଜିଲାନ୍ସ କୋର୍ଟ ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ତାଙ୍କ ପେନସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ବିଭାଗ ପକ୍ଷରୁ ଆବେଦନ କରାଯିବ ବୋଲି ଜଣାପଡିଛି। ସମ୍ବଲପୁର ଭିଜିଲାନ୍ସ ଡିଭିଜନର ପୂର୍ବତନ ନିରୀକ୍ଷକ କରମସାଇ କୁଅଁର ମାମଲାର ତଦନ୍ତ କରିଥିଲେ। ଭିଜିଲାନ୍ସ ଓକିଲ ଶୋଭନ ଆନନ୍ଦ ଗୁରୁ କୋର୍ଟରେ ମାମଲା ପରିଚାଳନା କରିଥିଲେ।

# ଜେଲରେ ରହି ନେଟ୍‌ୱର୍କ ଚଳାଉଥିଲେ

ସମ୍ବଲପୁର,୨୯।୩(ପ୍ରମୋଦ ବହିଦାର)

ସମ୍ବଲପୁର ସହରର ବ୍ୟସ୍ତବହୁଳ ବୁଢ଼ାରଜାର ମଣପୁରମ୍ ସୁନା ଋଣ ନାମକ ଏକ ଅର୍ଥଲଗାଣକାରୀ ସଂସ୍ଥା ଲୁଟ୍ ଘଟଣାରେ ଗିରଫ ମୁଖ୍ୟ ଅଭିଯୁକ୍ତ ସୁବୋଧ ସିଂ(୨୮)ଙ୍କ ନାମରେ ରହିଛି ୫ହତ୍ୟା ମାମଲା। ଏକ ହତ୍ୟା ଘଟଣାରେ ସେ କୋଲକାତାର ପ୍ରେସିଡେନ୍ସି ଜେଲରେ ବିଚାରାଧୀନ ବନ୍ଦୀଭାବେ ରହିଥିଲେ। ସମ୍ବଲପୁର ପୋଲିସ ତାଙ୍କୁ ସେଠାରୁ ଆଣିଛି। ୭ଦିନିଆ ରିମାଣ୍ଡରେ ନେଇ ତାଙ୍କୁ ପଚାରାଉଚରା କରୁଛି ପୋଲିସ। ପଚରାଉଚରା ବେଳେ ସେ ସୁନା ଲୁଟ୍ ସହିତ ହତ୍ୟା ଓ ବେଆଇନ୍ ଅସ୍ତ୍ରଶସ୍ତ୍ର କାରବାରରେ ସମ୍ପୃକ୍ତ ବୋଲି ସ୍ୱୀକାର କରିଛନ୍ତ। ପୋଲିସ ମୁଖ୍ୟାଳୟରେ ଶନିବାର ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲଙ୍କ ଉପସ୍ଥିତିରେ ଏହା ସୂଚନା ଦେଇଛନ୍ତି ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ।

ଭାମୁ କହିଛନ୍ତି, ରିମାଣ୍ଡରେ ନେଇ ମୁଖ୍ୟ ଅଭିଯୁକ୍ତ ସୁବୋଧ ସିଂଙ୍କୁ ପଚରାଉଚରା ବେଳେ ସେ ଅଦ୍ୟାବଧି ୨୮ଟି ଆପରାଧିକ ମାମଲାରେ ସମ୍ପୃକ୍ତ ବୋଲି ସ୍ୱୀକାର କରିଛନ୍ତି। ସେଥିମଧ୍ୟରେ ସେ ୧୨ଟି ସୁନା ଲୁଟ୍, ୫ଟି ହତ୍ୟା ଓ ଅବଶିଷ୍ଟ ୧୧ଟି ଅନ୍ୟାନ୍ୟ ମାମଲା ରହିଛି। ସେ ଏକ ବଡ଼ ରାକେଟ୍ ଜରିଆରେ ଦୀର୍ଘଦିନରୁ ସାରା ଦେଶରେ ଏଭଳି ଆପରାଧିକ କାର୍ଯ୍ୟ ଚଳାଇ ଆସୁଥିଲେ। ଏଥିରେ ତାଙ୍କୁ ଶଶାଙ୍କ ସିଂ ନାମକ ଅନ୍ୟତମ ଅଭିଯୁକ୍ତ ସହଯୋଗ କରୁଥିଲେ। ସେ ୨୦୧୬ରେ ମହାରାଷ୍ଟ୍ରର ନାଗପୁର, ରାଜସ୍ଥାନର ଜୟପୁର, ଓଡ଼ିଶାର ଭୁବନେଶ୍ୱର, ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନ ସହିତ ୨୦୧୭ ମସିହାରେ ସମ୍ବଲପୁରରେ ହୋଇଥିବା ସୁନା ଲୁଟ୍ ଘଟଣାରେ ମଧ୍ୟ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସୁବୋଧ ସୁନା ଲୁଟ୍ କରି ନେପାଳରେ ବିକ୍ରୟ କରି ମୋଟା ଅଙ୍କର ଅର୍ଥ ପାଉଥିଲେ। ତେବେ ଏହି ମାମଲାରେ ଏକାଧିକବାର ଗିରଫ ହୋଇଥିଲେ ହେଁ ତାଙ୍କଠାରୁ ମାତ୍ର ଥରେ ୧୫ କିଲୋ ସୁନା ଉଦ୍ଧାର ହୋଇଥିଲା। ସେ ଜେଲ୍‌ରେ ରହି ଏଭଳି କାର୍ଯ୍ୟକୁ ରୂପ ଦେଉଥିଲେ। ତାଙ୍କୁ ଏଥିରେ ଜେଲ୍ ସୁରକ୍ଷାକର୍ମୀଙ୍କ ସହଯୋଗକୁ ଅସ୍ୱୀକାର କରି ହେବ ନାହିଁ ବୋଲି କହିଛନ୍ତି ଆରକ୍ଷୀ ଅଧୀକ୍ଷକ ଭାମୁ। ଏନେଇ ତଦନ୍ତ ଓ ପଚରାଉଚରା ଜାରି ରହିଛି। ତେଣୁ ତଦନ୍ତର ଅଗ୍ରଗତି ସମ୍ପର୍କରେ ପରେ ସୂଚନା ଦିଆଯିବ ବୋଲି ସେ କହିଛନ୍ତି।


ମୁଖ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଉଛି ପୋଲିସ।

**ମଣପୁରମ୍ ଡକାୟତି ଘଟଣା**

- ଲୁଟ୍ ସୁନାକୁ ନେପାଳରେ ବିକ୍ରି କରୁଥିଲେ
- ମୁଖ୍ୟ ଅଭିଯୁକ୍ତଙ୍କ ନାମରେ ରହିଛି ୨୮ ଆପରାଧିକ ମାମଲା

ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ୩ରେ ସମ୍ବଲପୁର ବୁଢ଼ାରଜାସ୍ଥିତ ମଣପୁରମ ସୁନା ଋଣ ସଂସ୍ଥାରୁ ସଶସ୍ତ୍ର ଡକାୟତମାନେ ୩୦କେଜି ସୁନା ଓ ନଗଦ ପ୍ରାୟ ସାଢ଼େ ୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଅଇଁଠାପାଲି ପୋଲିସ ଗତ ଜାନୁଆରୀ ୧୬ରେ ବିହାର ହାଜିପୁରରୁ ପଙ୍କଜ ପାଶ୍ୱାନ(୨୬) ଓ ଅଜୟ ପାଶ୍ୱାନ(୨୪)ଙ୍କୁ ଏବଂ ଫେବୃଆରୀ ୧ରେ ଆସାମ ଗୁଆହାଟୀରୁ ବିହାର ହାଜିପୁର ଦିଘିକୋଲା ପଶ୍ଚିମର ଉମ ପାଶ୍ୱାନ(୨୨)ଙ୍କୁ ଗିରଫ କରିଥିଲା। ମାତ୍ର ଏପର୍ଯ୍ୟନ୍ତ ଲୁଟ୍ ସୁନା ବା ଟଙ୍କା ଉଦ୍ଧାର ହୋଇନାହିଁ।

# ୨ ପୂର୍ବତନ ସମବାୟ ସମ୍ପାଦକ ଗିରଫ

ସମ୍ବଲପୁର,୨୯।୩(ଭବାନୀ ଶଙ୍କର ଭୋଇ)

**୩୪ ଲକ୍ଷରୁ ଉର୍ଦ୍ଧ୍ୱ ଋଣ ଟଙ୍କା ଠକେଇ ମାମଲା**

୩୪ ଲକ୍ଷ ଟଙ୍କାରୁ ଅଧିକ ଋଣ ଠକେଇ ମାମଲାରେ ଶନିବାର ୨ ପୂର୍ବତନ ସମବାୟ ସମ୍ପାଦକଙ୍କୁ ସମ୍ବଲପୁର ଭିଜିଲାନ୍ସ ବିଭାଗ ଗିରଫ କରିଛି। ସେମାନେ ହେଲେ ସମ୍ବଲପୁର କତରବଗା ସମବାୟ ସମିତିର ପୂର୍ବତନ ସମ୍ପାଦକ ଭୁବନେଶ୍ୱର ସାହୁ ଏବଂ ତାଲବ ସମବାୟ ସମିତିର ପୂର୍ବତନ ସମ୍ପାଦକ ଭଗବାନ ପଟେଲ। ଉଭୟଙ୍କ ନାମରେ ଚାଷୀଙ୍କ ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟରୁ ଜମା ଟଙ୍କା ଉଠାଣ କରି ହେରଫେର ଅଭିଯୋଗ ହୋଇଥିଲା। ସମବାୟ ସମିତିର ଆକାଉଣ୍ଟଗୁଡ଼ିକୁ ହେରଫେର କରି ଚାଷୀଙ୍କ ୩୪ ଲକ୍ଷରୁ ଅଧିକ ଟଙ୍କା ଉଠାଇ ନେଇଥିବା କୁହାଯାଇଥିଲା। ଉଭୟଙ୍କୁ ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି।

# ପ୍ରଦୀପ ସଭାପତି, ପ୍ରଦ୍ୟୋତ ସାଧାରଣ ସମ୍ପାଦକ


ପ୍ରଦୀପ ବହିଦାର


ପ୍ରଦ୍ୟୋତ କୁମାର ଶର୍ମା


ଅରବିନ୍ଦ ନାଏକ

ସମ୍ବଲପୁର,୨୯।୩(ପ୍ରମୋଦ ବହିଦାର)

**ସମ୍ବଲପୁର ଓକିଲ ସଂଘ ନିର୍ବାଚନ**

ସମ୍ବଲପୁର ଜିଲା ଓକିଲ ସଂଘର ନିର୍ବାଚନ ସମ୍ପନ୍ନ ହୋଇଛି। ସମ୍ବଲପୁର ଓକିଲ ସଂଘ(ବାର ଆସୋସିଏଶନ) କାର୍ଯ୍ୟାଳୟ ପରିସରରେ ଶନିବାର ସକାଳ ସାଢ଼େ ୭ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା ମତଦାନ। ସଂଘରେ ମୋଟ ୬୩୮ ମତଦାତାଙ୍କ ମଧ୍ୟରୁ ପାଖାପାଖି ୯୦ ପ୍ରତିଶତ ହାରରେ ୫୬୯ ମତଦାତା ସେମାନଙ୍କ ମତ ସାବ୍ୟସ୍ତ କରିଥିବା ସୂଚନା ମିଳିଛି। ଚଳିତ ନିର୍ବାଚନରେ ସଭାପତି ଓ ସାଧାରଣ ସମ୍ପାଦକ ପଦବୀରେ ୩ଜଣ ଲେଖାଏ ପ୍ରାର୍ଥୀଙ୍କୁ ମିଶାଇ ବିଭିନ୍ନ ପଦବୀ ପାଇଁ ମୋଟ ୨୬ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ। ସେଥିମଧ୍ୟରେ ଗୋଟିଏ ଉପସଭାପତି ପଦବୀରେ ୨ପ୍ରାର୍ଥୀ, ଯୁଗ୍ମ ସମ୍ପାଦକ ପଦବୀରେ ସର୍ବାଧିକ ୫ ପ୍ରାର୍ଥୀ, ସହସମ୍ପାଦକ ପଦବୀରେ ୪ ଓ ୬ଟି ନିର୍ବାହୀ କମିଟି ସଦସ୍ୟ ପଦବୀ ପାଇଁ ୯ ଜଣ ପ୍ରାର୍ଥ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସଭାପତିଭାବେ ପ୍ରଦୀପ ବହିଦାର, ଉପସଭାପତିଭାବେ ଅରବିନ୍ଦ ନାଏକ, ସାଧାରଣ ସମ୍ପାଦକ ପ୍ରଦ୍ୟୋତ କୁମାର ଶର୍ମା, ଯୁଗ୍ମ ସମ୍ପାଦକ ମହେନ୍ଦ୍ର କୁମାର ବଢ଼େଇ, ସହ ସମ୍ପାଦକଭାବେ ପ୍ରଦୀପ ସୂପକାର ଓ ୬ ଜଣିଆ ନିର୍ବାହୀ କମିଟି ସଦସ୍ୟଭାବେ ତ୍ରିନାଥ ପଣ୍ଡା, ରେଣୁକା ସେଠ୍, ଶୁଭଦର୍ଶିନୀ ମହାନ୍ତି, ବସନ୍ତ କୁମାର ସ୍ୱାଇଁ, ପ୍ରତୀକ ମହାପାତ୍ର, ଶଙ୍କର ପ୍ରସାଦ ପାଢ଼ୀ ନିର୍ବାଚିତ ହୋଇଛନ୍ତି। ଓକିଲ ସଂଘର ନିର୍ବାଚନକୁ ବରିଷ୍ଠ ଓକିଲ ପ୍ରମୋଦ କୁମାର ଦଶଙ୍କ ନେତୃତ୍ୱରେ ଚିତ୍ରସେନ୍ ମିଶ୍ର, ଅତନୁ ଘୋଷ, ପ୍ରଫୁଲ୍ଲ ହୋତା, ଶଙ୍କର ଭଞ୍ଜ, ଆଶିଷ ପଣ୍ଡା, ବନ୍ଦିତାରାଣୀ ମିଶ୍ର, ସିଦ୍ଧାର୍ଥ ଶଙ୍କର ସାହୁ, ଦିଲୀପ ସିଂ, ଅକ୍ଷୟ କୁମାର ଦାଶ ଓ ପ୍ରଶାନ୍ତ କର ପ୍ରମୁଖ ସଦସ୍ୟ ନିର୍ବାଚନ ଅଧିକାରୀ ଭାବେ ପରିଚାଳନା କରିଥିଲେ।

# ବିଜାଡିହି ପ୍ରାଥମିକ ସ୍କୁଲ ବାର୍ଷିକ ଉତ୍ସବ

କୁଚିଣ୍ଡା,୨୯।୩(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ପଞ୍ଚାୟତର ବିଜାଡିହି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୟାନିଧି ଷଣ୍ଢ ଏଥିରେ ସଭାପତିତ୍ୱ କରି କରିଥିଲେ। କାର୍ଯ୍ୟକ୍ରମରେ ରାମକୃଷ୍ଣ ପଟେଲ ମୁଖ୍ୟଅତିଥି, ଆଇନଜୀବୀ ତୁଳାରାମ ବାଘ ମୁଖ୍ୟବକ୍ତା, ସିଆରସିସି ସଞ୍ଜୟ ନାଗ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଅଞ୍ଜଳୀ ପଲେଇ, ମିତ୍ରଭାନୁ ନାୟକ, ଭକ୍ତବନ୍ଧୁ ପରୁଆ, ହରେଷ ପରୁଆ, ବିଶ୍ୱାମିତ୍ର ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ପ୍ରାଥମିକ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଛାତ୍ରୀଛାତ୍ର ବଣମଲ୍ଲୀ ନ ହୋଇ ବଗିଚାର ମଲ୍ଲୀ ହେବାକୁ ପରାମର୍ଶ ଦେଇଥିଲେ। ସୁରେନ୍ଦ୍ର ବାଘ ସଭା ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ଫକୀର ମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅତିଥିମାନେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତିଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ସମ୍ବଲପୁର ପ୍ରିମିୟର ଲିଗ୍‌ରେ ଆଇପିଏସ୍ ସ୍କୁଲର ଖେଳାଳି


ଚୟନ ହୋଇଥିବା କ୍ଷେତରାଜପୁର ସ୍ଥିତ ଆଇପିଏସ ସ୍କୁଲର ଖେଳାଳିମାନେ।

ସମ୍ବଲପୁର,୨୯।୩(ବି.ଶଙ୍କର)

ସମ୍ବଲପୁର ପ୍ରିମିୟର କବାଡି ଲିଗ ସିଜନ-୨ର ଦଳ ନିଲାମି ପ୍ରକ୍ରିୟା ଆରମ୍ଭ ହୋଇଛି। ସିଜନ- ୨ରେ ସର୍ବମୋଟ ୧୨ଟି ଦଳର ପ୍ରବନ୍ଧକମାନେ ନିଜ ଦଳ ଗଠନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହିକ୍ରମରେ କ୍ଷେତରାଜପୁର ସ୍ଥିତ ଇଣ୍ଡିଆନ ପବ୍ଲିକ ସ୍କୁଲ (ଆଇପିଏସ୍)ର ୬ଜଣ ଖେଳାଳିଙ୍କୁ ଚୟନ କରାଯାଇଛି। ଚୟନ ହୋଇଥିବା ଖେଳାଳିମାନଙ୍କ ମଧ୍ୟରେ ଯୁକ୍ତ ୨କଳାର ତନ୍ମୟ ବାଗ, ବାଣିଜ୍ୟର ଅନୁରାଗ ଚୌରସୀୟା, ବିଜ୍ଞାନର ଶୋଭିତ ନାଗ, ନବମ ଶ୍ରେଣୀର ହରିଶ ଯାଦବ ଓ ପ୍ରେମ ଜୀତ କୁନୱର ଏବଂ ଅଷ୍ଟମ ଶ୍ରେଣୀର ଅଂଶୁମାନ ପଟେଲ, ଆଶୁ ମଲ୍ଲିକ ରହିଛନ୍ତି। ସମ୍ବଲପୁର କବାଡି ପ୍ରିମିୟର ଲିଗରେ ଏହି ଛାତ୍ରଙ୍କ ଚୟନ ହୋଇଥିବାରୁ ସ୍କୁଲର ପ୍ରଧାନ ଶିକ୍ଷକ ସଚିନ ପାଠକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀମାନେ ଶନିବାର ଶୁଭେଚ୍ଛା ଜଣାଇଛନ୍ତ। ପ୍ରଧାନ ଶିକ୍ଷକ ପାଠକ ସମସ୍ତ ଖେଳାଳୀମାନଙ୍କୁ ହାର୍ଦ୍ଦିକ ଶୁଭକାମନା ଦେଇ କହିଛନ୍ତି, ଜିଲାସ୍ତରୀୟ ପ୍ରତିଯୋଗିତା ଦ୍ୱାରା ପିଲାମାନଙ୍କ ଭିତରେ ବହୁତ ପରିବର୍ତ୍ତନ ଆଣିବ। ତାଙ୍କର ଭଲ ପ୍ରଦର୍ଶନ ଦ୍ୱାରା ନିଜ ସ୍କୁଲ ଓ ପରିବାର ଲୋକେ ଗୌରବାନ୍ୱିତ ମନେ କରିବେ। ଏଥିସହ ନିଜର ଭବିଷ୍ୟତ ଗଢିବାରେ ସହାୟକ ହେବ। ସୂଚନାଯୋଗ୍ୟ ଯେ, ଆଇପିଏସ ଦଳ ସମ୍ବଲପୁର ଜିଲାର ସ୍କୁଲସ୍ତରୀୟ କବାଡି ପ୍ରତିଯୋଗିତାର ବିଜେତା ରହିଛି। ଏହି ସ୍କୁଲର ଅନେକ ଜଣ ଖେଳାଳୀ ପ୍ରତିଭାଶାଳୀ ଅଟନ୍ତି। ଏହି ସକାଶେ ଦଳର ପ୍ରବର୍ତ୍ତକମାନେ ଏହି ସ୍କୁଲର ଖେଳାଳିମାନଙ୍କ ଉପରେ ଭରସା ରଖି ଚୟନ କରିଛନ୍ତି।

# ଅଭୟ ସଭାପତି, ଅନ୍ତର୍ଯ୍ୟାମୀ ସମ୍ପାଦକ ନିର୍ବାଚିତ

ରେଢାଖୋଲ,୨୯।୩(ଅଚ୍ୟୁତାନନ୍ଦ ପୁରୋହିତ)

**ରେଢାଖୋଲ ଓକିଲସଂଘ ନିର୍ବାଚନ**

ରେଢାଖୋଲ ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଅଭୟ କୁମାର ବୀର, ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ଉପସଭାପତି ଭବାନୀ ଶଙ୍କର ପଣ୍ଡା, ସହ ସମ୍ପାଦକ ଦେବାଶିଷ ପ୍ରଧାନ, ଯୁଗ୍ମ ସମ୍ପାଦକ ପରୀକ୍ଷିତ ଦାଶ, କୋଷାଧ୍ୟକ୍ଷ ଜନ୍ମେଜୟ ସାହୁ ଓ ଲାଇବ୍ରେରିଆନ ଭାବେ ସଂଗ୍ରାମ କେଶରୀ ନାୟକ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରିଣୀ ସଭ୍ୟଭାବେ ବରିଷ୍ଠ ଆଇନଜିବି ଶମ୍ଭୁପ୍ରସାଦ ପ୍ରଧାନ, ଶିବପ୍ରସାଦ ପ୍ରଧାନ, ବିମଳଚନ୍ଦ୍ର ପ୍ରଧାନ, ଦୟାସାଗର ପ୍ରଧାନ, ଗଣେଶ୍ୱର ପ୍ରଧାନ, ହାରୁନ ଖାନ, ନାରାୟଣ ତ୍ରିପାଠୀ, ସନ୍ତୋଷ କୁମାର ପୁରୋହିତ ଓ ଅଚ୍ୟୁତାନନ୍ଦ ପୁରୋହିତ ମନୋନୀତ ହୋଇଛନ୍ତି। ଅନୁଷ୍ଠିତ ନିର୍ବାଚନରେ କେବଳ ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଅଭୟ କୁମାର ବୀର ଓ ଉମାକାନ୍ତ ମହାନନ୍ଦଙ୍କ ମଧ୍ୟରେ ସଭାପତି ପଦ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଅଭୟ କୁମାର ୨୭ ଖଣ୍ଡ ଭୋଟ ପାଇଥିବାବେଳେ ଉମାକାନ୍ତ ମହାନନ୍ଦ ମାତ୍ର ୧୦ ଟି ଭୋଟ ପାଇଥିଲେ। ଓକିଲ ବିରାମ କୁମାର ପ୍ରଧାନ ନିର୍ବାଚନ ଅଧିକାରୀଭାବେ ନିର୍ବାଚନ ପରିଚାଳନା କରିଥିଲେ।


ଅଭୟ କୁମାର ବୀର


ଅନ୍ତର୍ଯ୍ୟାମୀ ସାହୁ

# ବ୍ୟାଙ୍କ ଅଫ୍ ବରୋଦା ଧନୁପାଲି ମହିଳା ଶାଖା ଉଦ୍‌ଘାଟିତ

ସମ୍ବଲପୁର,୨୯।୩(ବି.ଶଙ୍କର)

ବ୍ୟାଙ୍କ ଅଫ୍ ବରୋଦା ସମ୍ବଲପୁର କ୍ଷେତ୍ର ପକ୍ଷରୁ ଧନୁପାଲିଠାରେ ଏକ ମହିଳା ଶାଖା ଉଦ୍‌ଘାଟିତ ହୋଇଛି। ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ଦେବୀ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶାଖାର ଶୁଭ ଉଦ୍‌ଘାଟନ କରିଥିଲେ। ଏଥିସହ ସମସ୍ତ ଅଧିକାରୀ କର୍ମଚାରୀ ଏବଂ ଅଞ୍ଚଳର ଗ୍ରାହକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ଉପ କ୍ଷେତ୍ରୀୟ ମୁଖ୍ୟ କେଦାର ନାଥ ବେହେରା, ମୁଖ୍ୟ ପ୍ରବନ୍ଧକ ପାର୍ଥସାରଥୀ ମିଶ୍ର, ଆରବିଡିଏମ ଭୂଷଣ ଖେସ, ନୂତନ ଶାଖାର ମୁଖ୍ୟ ଉପାସନା ମହାପାତ୍ର ଓ ମୁଖ୍ୟ କ୍ୟାଶିୟର ସସ୍ମିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।


ଧନୁପାଲିଠାରେ ବ୍ୟାଙ୍କ ଅଫ ବରୋଦା ସମ୍ବଲପୁର କ୍ଷେତ୍ର ପକ୍ଷରୁ ମହିଳା ଶାଖାକୁ ଉଦ୍‌ଘାଟନ କରାଯାଉଛି।

# ପଚରାଉଚରା ପାଇଁ ରିମାଣ୍ଡରେ ଆଣିବ ପୋଲିସ

ସମ୍ବଲପୁର,୨୯।୩(ପ୍ରମୋଦ ବହିଦାର)

**ଜାଲ କାଗଜପତ୍ର କରି ମୃତକଙ୍କ ଜମି ବିକ୍ରି ମାମଲା**

ସମ୍ବଲପୁର ସହର ଦାନିପାଲରେ ବିହାର ଔରଙ୍ଗାବାଦର ବିନୋଦ କୁମାର ଗୁପ୍ତା ନାମକ ଜଣେ ମୃତ ବ୍ୟକ୍ତିଙ୍କ ନାମରେ ଥିବା ୨୧ ଡେସିମିଲ୍ ପରିମିତ ଜମିକୁ ଜାଲିଆତି କରି ବିକ୍ରି କରିବା ଅଭିଯୋଗରେ ପୋଲିସ ସମ୍ବଲପୁର ସବରେଜିଷ୍ଟ୍ରାର(ଉପନିବନ୍ଧକ) ସୂର୍ଯ୍ୟକାନ୍ତ ସାମଲ, ସବରେଜିଷ୍ଟ୍ରାର କାର୍ଯ୍ୟାଳୟର କର୍ମଚାରୀ ଚନ୍ଦ୍ର ପ୍ରସାଦ ଡୁଙ୍ଗୁରିଆ, ଟାଉନ ଥାନା ନିବାସୀ ଶ୍ରୀରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳର ଭେଙ୍କଟେଶ ବାଲାଜି ପାତ୍ର ଓ ସୁଜିତ କୁମାର ପାତ୍ରଙ୍କୁ ଗିରଫ କରିଛି। ସେମାନଙ୍କୁ ପଚରାଉଚରା ପାଇଁ ରିମାଣ୍ଡରେ ନେବା ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଆଗକୁ ଗିରଫଦାରୀ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି କହିଛନ୍ତି ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ। ଜଲା ପୋଲିସ ମୁଖ୍ୟାଳୟରେ ଶନିବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲଙ୍କ ଉପସ୍ଥିତିରେ ସେ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ମୃତ ଗୁପ୍ତା ସମ୍ବଲପୁରଠାରେ ଏକ ସରକାରୀ ମଦ ଦୋକାନରେ କାମ କରୁଥିଲେ। ଗତ ୨୦୦୧ରେ ତାଙ୍କର ମୃତ୍ୟୁ ପରେ ପରିବାର ଲୋକ ବିହାର ଚାଲିଯାଇଥିଲେ। ଏଠାରେ ରହଣୀ ସମୟରେ ସେ କ୍ରୟ କରିଥିବା ଦାନିପାଲିର ପ୍ରାୟ ୨୧ ଡେସିମିଲ୍ ଦୀର୍ଘଦିନ ଧରି ପଡ଼ି ରହିଥିଲା। ଗୋବିନ୍ଦତାଲାରେ ଅଜିତ ଜେନା ନାମକ ଜଣେ ବ୍ୟକ୍ତି କାଳିବାଡ଼ିର ରଘୁନାଥ ବାଘ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟର ଚନ୍ଦ୍ର ପ୍ରସାଦ ଡୁଙ୍ଗୁରିଆଙ୍କୁ ହାତ କରି ଏହି ଜମିକୁ ଜାଲ କାଗଜପତ୍ର ଜରିଆରେ ବିକ୍ରି କରିବାକୁ ଉପାୟ କରିଥିଲେ। ଏଥିରେ ସେମାନେ ଭୁବନେଶ୍ୱରର ପାତ୍ର ଭ୍ରାତା ଭେଙ୍କଟେଶ ବାଲାଜୀ ପାତ୍ର ଓ ସୁଜିତ ପାତ୍ରଙ୍କ ସହ ମିଶି ଉକ୍ତ ଜମିକୁ ବିକ୍ରୀ ପାଇଁ ଅନୈତିକ ଉପାୟ ଅବଲମ୍ବନ କରିଥିଲେ। ସେମାନେ କମ୍ପାରକଟାର ଗୋବିନ୍ଦ ମେହେରଙ୍କୁ ମୃତ ଗୁପ୍ତା ଦର୍ଶାଇ ତାଙ୍କ ଫଟୋ ଲଗାଇ ଏକ ଜାଲ ବିକ୍ରିନାମା ପ୍ରସ୍ତୁତ କରିଥିଲେ। ଏହାବାଦ ସରକାରୀ ଭାବେ ପ୍ରାୟ ୧.୪୪ କୋଟି ଟଙ୍କା ମୂଲ୍ୟର ଜମିକୁ ମାତ୍ର ୪୮ ଲକ୍ଷ ଟଙ୍କାରେ ବିକ୍ରୟ ପାଇଁ ଡିଲ୍ କରାଯାଇ ଗତ ୨୦୨୨ ସେପ୍ଟେମ୍ବର ୨୧ରେ ଗୋବିନ୍ଦ ମେହେରଙ୍କୁ ଉପନିବନ୍ଧକଙ୍କ ସମ୍ମୁଖରେ ହାଜର କରାଇ ଉକ୍ତ ଜମିକୁ ପାତ୍ର ଭ୍ରାତାଦ୍ୱୟଙ୍କୁ ବିକ୍ରି କରିଥିଲେ। ଏହି ଖବର ପାଇଲା ପରେ ବିନୋଦଙ୍କ ଭାଇ ମୁରାରୀ ଗୁପ୍ତା ସମ୍ବଲପୁର ଆସି ପ୍ରଥମେ ଉପନିବନ୍ଧକ ସୂର୍ଯ୍ୟକାନ୍ତ ସାମଲଙ୍କ ଦ୍ୱାରସ୍ଥ ହୋଇ ସମ୍ବଲପୁର ଉପଜିଲାପାଳଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। ଏହାବାଦ ସେ ୨୦୨୪ ଜୁନ ୬ରେ ଟାଉନଥାନାରେ ଏତଲା ଦେଇଥିଲେ। ଏହି ଆଧାରରେ ଟାଉନ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ୪୮ ଲକ୍ଷ ଟଙ୍କାରେ ବିକ୍ରି ପାଇଁ ଧାର୍ଯ୍ୟ ହୋଇଥିବା ଜମି ପାଇଁ ମାତ୍ର ୩ ଲକ୍ଷ ଟଙ୍କା ଦିଆଯାଇଥିବା ଜଣା ପଡ଼ିଥିଲା। ତଦନ୍ତ ଆରମ୍ଭ ହୋଇଥିବା ଜାଣି ପାତ୍ର ଭ୍ରାତା କ୍ରୟ ଜମିକୁ ଶ୍ୟାମ ଟ୍ରେଡର୍ସ ନାମକ ଏକ ସଂସ୍ଥାକୁ କାଗଜପତ୍ରରେ ପ୍ରାୟ ୧.୭୬ କୋଟି ଟଙ୍କାରେ ବିକ୍ରି କରି ୨୦୨୫ ଜାନୁଆରି ୧୭ର ବିକ୍ରୟ ପତ୍ର ହାତେଇଥିଲେ। ଅପରପକ୍ଷରେ ସମ୍ବଲପୁର ଉପନିବନ୍ଧକ ସାମଲ ନିଜକୁ ବଞ୍ଚାଇବା ପାଇଁ ପାତ୍ର ଭ୍ରାତାଙ୍କ ଧମକରେ ଭୟଭୀତ ହୋଇ ଜାଲ କାଗଜପତ୍ର ଜରିଆରେ ଉକ୍ତ ଜମି ବିକ୍ରୟ ପତ୍ର ପ୍ରସ୍ତୁତ କରି ତାଙ୍କୁ ଦେଇଥିଲେ ବୋଲି ଟାଉନ ଥାନାରେ ଗତ ମାର୍ଚ୍ଚ ୨୫ରେ ଉଭୟ ଭ୍ରାତାଙ୍କ ବିରୋଧରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଆଧାର କରି ଟାଉନ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ପୋଲିସ। ତେବେ ତଦନ୍ତ ବେଳେ ପୋଲିସ ଭୁବନେଶ୍ୱରରୁ ପାତ୍ର ଭ୍ରାତାଙ୍କ ସହିତ ସମ୍ବଲପୁରରୁ ଅନ୍ୟ ୩ଜଣଙ୍କୁ ମିଶାଇ ଏହି ମାମଲାରେ ମୋଟ ୫ ଜଣଙ୍କୁ ଗିରଫ କରିଛି।



ଗିରଫ ଉପନିବନ୍ଧକଙ୍କ ସହ ୫ ଅଭିଯୁକ୍ତ।

# ଅଇଁଠୁ ସଭାପତି, ଅସିତ ସମ୍ପାଦକ

କୁଚିଣ୍ଡା,୨୯।୩(ବିରଞ୍ଚି ଦର୍ଶୀ)

**କୁଚିଣ୍ଡା ଓକିଲ ସଂଘ ନିର୍ବାଚନ**

ସମ୍ବଲପୁର ଜିଲା କୁଚିଣ୍ଡାରେ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମସମ୍ପାଦକ, କୋଷାଧ୍ୟକ୍ଷ, ଗ୍ରାନ୍ଥଗାରିକ ଏବଂ କାର୍ଯ୍ୟକାରି କମିଟି ସଦସ୍ୟ ପାଇଁ ନିର୍ବାଚନ ହୋଇଥିଲା। ସମ୍ପାଦକ, କୋଷାଧ୍ୟକ୍ଷ ଓ ଗ୍ରାନ୍ଥଗାରିକ ପଦବୀ ନିମନ୍ତେ ଜଣେ ଲେଖାଏ ପ୍ରାର୍ଥୀପତ୍ର ଦାଖଲ କରି ପୂର୍ବରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସଭାପତି ପାଇଁ ୨ଜଣ, ଉପସଭାପତି ପାଇଁ ୨ଜଣ, ଯୁଗ୍ମ ସମ୍ପାଦକ ପାଇଁ ୨ଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବେଳେ ୫ ଜଣ କାର୍ଯ୍ୟକାରୀ କମିଟି ସଦସ୍ୟ ପାଇଁ ୬ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଓକିଲ ସଂଘର ସଭ୍ୟ ସଂଖ୍ୟା ୭୬ଜଣ ଥିବା ବେଳେ ୭୨ଜଣ ମତଦାନ କରିଥିଲେ। ସଭାପତି ପାଇଁ ୩ ଭୋଟ ଓ ଉପସଭାପତି ପାଇଁ ୧ଖଣ୍ଡ ଭୋଟ ନାକଚ ହୋଇଥିଲା। ପୂର୍ବାହ୍ନ ୮ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇ ସାଢେ ୩ଟାରେ ଫଳାଫଳ ଘୋଷଣା ହୋଇଥିଲା। ଅଇଁଠୁ ରାଉତ ସଭାପତି, ହୃଦାନନ୍ଦ ଶର୍ମା ଉପସଭାପତି, ଅସିତ କୁମାର ଗଙ୍ଗଦେବ ସମ୍ପାଦକ, ସଞ୍ଜୟ କୁମାର ବେହେରା ଯୁଗ୍ମ ସମ୍ପାଦକ, ଅଜିତ କୁମାର ପଟେଲ କୋଷାଧ୍ୟକ୍ଷ ଓ ଜୟନ୍ତ କୁମାର ପ୍ରଧାନ ଗ୍ରାନ୍ଥଗାରିକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ପାଇଁ ୬ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରୁ ପ୍ରଶାନ୍ତ କୁମାର କର, ଅଶୋକ କୁମାର ମହାପାତ୍ର, ନଳିନ୍ଦ୍ର କୁମାର କୁମାର ପଟେଲ, ପ୍ରଦୀପ୍ତ କୁମାର ଶର୍ମା ଓ ସଞ୍ଜୟ କୁମାର ପଟେଲ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ପ୍ରଶାନ୍ତ କୁମାର ପଣ୍ଡା ଓ ସହକାରୀ ନିର୍ବାଚନ ଅଧିକାରୀ ଭାବେ ପ୍ରତାପ କୁମାର ପରିଡା ଦାୟିତ୍ୱ ତୁଲାଇଥିଲେ।


ଅଇଁଠୁ ରାଉତ


ଅସିତ କୁମାର ଗଙ୍ଗଦେବ

# ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ

ଭୁବନେଶ୍ୱର,୨୯।୩(ରବିନାରାୟଣ ଜେନା)

## ନାରୀ ନ୍ୟାୟ ପାଇଁ ଗୃହ କମିଟି ଗଠନ ଦାବି

ରାଜ୍ୟରେ ମହିଳା ନିର୍ଯାତନା ବଢ଼ି ବଢ଼ି ଚାଲିଛି। ହେଲେ ରାଜ୍ୟ ସରକାର ନିଦାବିଷ୍ଟୁ ସାଜିଛନ୍ତି। ଏନେଇ ସଦସ୍ୟମାନେ ଗୃହ କମିଟି ଦାବି କରିବାରୁ ସରକାର ସମସ୍ତ ସଦସ୍ୟଙ୍କୁ ନିଲମ୍ବନ କରିଛନ୍ତି। ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ବୋଲି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଶନିବାର ଭକ୍ତଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧିଦଳ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ଭେଟି ଏନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ନାରୀ ନ୍ୟାୟ ପାଇଁ ଏକ ଗୃହକମିଟି ଗଠନ କରିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଅନୁରୋଧ କରିଥିଲେ।

ଏହି ଅବସରରେ ଭକ୍ତ କହିଥିଲେ, ଗତ ୧ ମାସ ଧରି ରାଜ୍ୟ କଂଗ୍ରେସର ସମସ୍ତ ବିଧାୟକ ଓ ପ୍ରଦେଶ କଂଗ୍ରେସ ନାରୀ ନ୍ୟାୟ ପାଇଁ କ୍ରମାଗତ ଭାବରେ ଆନ୍ଦୋଳନ ଜାରି ରଖିଛନ୍ତି। ମହିଳାମାନଙ୍କ ସୁରକ୍ଷା ଓ ତାଙ୍କ ପ୍ରତି ହେଉଥିବା ନିର୍ଯାତନା ବିରୋଧରେ ବିଧାନସଭାରେ କଂଗ୍ରେସ ନେତୃବୃନ୍ଦ ଗୃହ କମିଟି ଦାବି କରିଆସୁଥିବା ବେଳେ ସରକାରୀ ଦଳର ମନ୍ତ୍ରୀ ଓ ବିଧାୟକମାନେ କଂଗ୍ରେସ ବିଧାୟକମାନଙ୍କୁ ଆକ୍ରମଣ କରିବା ସହିତ ବିଧାନସଭାର ଅଧ୍ୟକ୍ଷାଙ୍କ ଉପରେ ଚାପ ପ୍ରୟୋଗ କରି କଂଗ୍ରେସ ବିଧାୟକଙ୍କୁ ଗୃହରୁ ନିଲମ୍ବନ କରିଛନ୍ତି। ଏନେଇ ଗୁରୁବାର ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ପୋଲିସ କଂଗ୍ରେସ ନେତୃବର୍ଗ ଓ କର୍ମୀମାନଙ୍କୁ ଅମାନୁଷିକ ଭାବରେ ଯେଉଁଭଳି ମାଡ଼ମାରି ଲହୁଲୁହାଣ କଲେ ତାହା ଅତ୍ୟନ୍ତ ନିନ୍ଦନୀୟ। ପୋଲିସର ଏଭଳି ହିଂସ୍ର ଆଚରଣ ଗଣତାନ୍ତ୍ରିକ ବ୍ୟବସ୍ଥାର ସମ୍ପୂର୍ଣ୍ଣ ପରିପନ୍ଥୀ। ପୋଲିସ ଡିଜି ଯେଉଁଭଳି ମନ୍ତବ୍ୟ ଦେଇଛନ୍ତି ତାହା ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଥିଲେ।

ଏହି ଅବସରରେ ରାଜ୍ୟରେ ୯ ମାସ ଭିତରେ ମହିଳାମାନଙ୍କ ପ୍ରତି ହୋଇଥିବା ଅତ୍ୟାଚାରର ସମ୍ପୂର୍ଣ୍ଣ ତଥ୍ୟ ରାଜ୍ୟପାଳଙ୍କ ନିକଟରେ ଏକ ସ୍ମାରକପତ୍ର ମାଧ୍ୟମରେ କଂଗ୍ରେସ ପକ୍ଷରୁ ପ୍ରଦାନ କରାଯାଇଛି। ରାଜ୍ୟପାଳ କଂଗ୍ରେସ ପ୍ରତିନିଧି ଦଳକୁ ଗୃହ କମିଟି ଗଠନ କରିବାପାଇଁ ପ୍ରତିଶ୍ରୁତି ଦେବା ସହିତ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଉପରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି କହିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ତାରାପ୍ରସାଦ ବାହିନୀପତି, ଅଶୋକ ଦାସ, ସୋଫିଆ ଫିର୍‌ଦୋସ ପ୍ରମୁଖ ଉପସ୍ଥିତ ଥିଲେ ।



ବିଧାନସଭା ଭିତରକୁ ନ ଛାଡ଼ିବା ପ୍ରତିବାଦରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ବିଧାୟକ ଅଶୋକ ଦାସ ବିଧାନସଭା ଫାଟକ ସମ୍ମୁଖରେ ଶନିବାର ଧାରଣା ଦେଇଛନ୍ତି।

# ସୂଚନା ଅଧିକାର ଆଇନ ଓ ବ୍ୟକ୍ତିଗତ ସୂଚନା

ସୂଚନା ଅଧିକାର ଆଇନ ନାଗରିକମାନଙ୍କୁ ଜନ କର୍ତ୍ତୃପକ୍ଷ ତଥା ସରକାରୀ କାର୍ଯ୍ୟାଳୟରୁ ସୂଚନା ପାଇବାର ଅଧିକାର ଦେଇଛି। ଏହାସହ ଆଇନରେ କେତେକ ତଥ୍ୟ ସୂଚନା ପ୍ରକଟନରୁ ବାଦ୍ ଦିଆଯିବାର ବ୍ୟବସ୍ଥା ରହିଛି। ଆଇନର ଧାରା ୮ (୧) ଅନୁଯାୟୀ ନାଗରିକଙ୍କୁ ୧୦ ପ୍ରକାର ତଥ୍ୟ ପ୍ରଦାନ କ୍ଷେତ୍ରରେ ପ୍ରତିବନ୍ଧକ ରଖାଯାଇଛି। କେତେକ ତଥ୍ୟ ଆଦୌ ଦିଆଯାଇ ପାରିବ ନାହିଁ, ଆଉ କିଛି ତଥ୍ୟ ପ୍ରତିବନ୍ଧକ ସତ୍ତ୍ୱେ ଜନସ୍ୱାର୍ଥ ଦୃଷ୍ଟିରୁ ପ୍ରକଟନ କରାଯିବାର ବ୍ୟବସ୍ଥା ରହିଛି। ଏଥିମଧ୍ୟରୁ ବ୍ୟକ୍ତିଗତ ବ୍ୟାପାର ସମ୍ପର୍କିତ ସୂଚନା ଅନ୍ୟତମ। ସୂଚନା ଅଧିକାର ଆଇନର ଧାରା ୮ (୧) (ଜେ) ଅନୁଯାୟୀ, ଯଦି ଆବେଦନକାରୀ ଚାହୁଁଥିବା ସୂଚନା ବ୍ୟକ୍ତିଗତ ବ୍ୟାପାର ସମ୍ପର୍କିତ ହୋଇଥିବ, ଯାହାର ପ୍ରକଟନ ସହ ସର୍ବସାଧାରଣ କାର୍ଯ୍ୟ କିମ୍ବା ସ୍ୱାର୍ଥ ସହିତ ସମ୍ପର୍କ ନ ଥିବ ଅଥବା ଯାହାର ପ୍ରକଟନ (DISCLOSURE) ଦ୍ୱାରା ବ୍ୟକ୍ତିର ଏକାନ୍ତତା ଉପରେ ଅବାଞ୍ଛିତ ହସ୍ତକ୍ଷେପ ହେଉଥିବା ସେ କ୍ଷେତ୍ରରେ ଜନସୂଚନା ଅଧିକାରୀ ତଥ୍ୟ ଦେବାକୁ ମନା କରିପାରିବେ। ପୁଣି ଯଦି ଜନସୂଚନା ଅଧିକାରୀ ମନେକରନ୍ତି ଯେ, ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏତାଦୃଶ ତଥ୍ୟ ପ୍ରକାଶ କରାଯିବା ଉଚିତ, ତେବେ ସେ ଉକ୍ତ ତଥ୍ୟ ପ୍ରଦାନ କରିପାରିବେ। ପୁଣି ଏହା ସୂଚିତ ହୋଇଛି ଯେ, ଯେଉଁ ସୂଚନା ପ୍ରକଟନରୁ ସଂସଦ ବା ବିଧାନସଭାକୁ ଦିଆଯାଇପାରିବ, ଉକ୍ତ ତଥ୍ୟ ନାଗରିକମାନଙ୍କୁ ମଧ୍ୟ ଦିଆଯାଇପାରିବ।

ସୂଚନା ଆଇନରେ ବ୍ୟକ୍ତିଗତ ସୂଚନା କ'ଣ ତାହାର ସଂଜ୍ଞା ନିରୂପଣ କରାଯାଇନାହିଁ। ଫଳରେ କେଉଁ ସୂଚନା ବ୍ୟକ୍ତିଗତ ଓ କେଉଁଟି ବ୍ୟକ୍ତିଗତ ନୁହେଁ, ତାହାକୁ ନେଇ ସର୍ବଦା ଦ୍ୱନ୍ଦ୍ୱ ଜାରି ରହିଛି। ଏକ୍ଷେତ୍ରରେ ସୂଚନା କମିଶନ, ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ଦ୍ୱାରା ହୋଇଥିବା ବ୍ୟାଖ୍ୟାନକୁ ଭିତ୍ତିକରି କେଉଁ ସୂଚନା ବ୍ୟକ୍ତିଗତ ସୂଚନା, ତାହାକୁ ଧରିନିଆଯାଏ।

ବ୍ୟକ୍ତିଗତ ସୂଚନା ସମ୍ପର୍କରେ ସୁପ୍ରିମକୋର୍ଟ କରିଥିବା ବ୍ୟାଖ୍ୟା ସମ୍ପର୍କିତ କିଛି ପ୍ରମୁଖ କେସ୍ ଏଠାରେ ଉପସ୍ଥାପନ କରାଯାଇପାରେ। ଗିରିଶ ରାମଚନ୍ଦ୍ର ଦେଶପାଣ୍ଡେ ନାମକ ଜଣେ ବ୍ୟକ୍ତି ୨୦୦୮ରେ ରିଜିଓନାଲ ପ୍ରୋଭିଡେଣ୍ଟ ଫଣ୍ଡ କମିଶନରଙ୍କ କାର୍ଯ୍ୟାଳୟକୁ କେତେଜଣ କର୍ମଚାରୀଙ୍କ ଦରମା, ଭତ୍ତା, ସେମାନଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତାଲିକା, ସେମାନଙ୍କୁ ହୋଇଥିବା କାରଣ ଦର୍ଶାଅ ନୋଟିସ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ହୋଇଥିବା ପ୍ରୋସିଡିଂ, ସେମାନଙ୍କ ଦାଖଲ କରିଥିବା ଆୟକର ରିଟର୍ନ ସମ୍ପର୍କିତ ତଥ୍ୟ ମାଗିଥିଲେ। ଜନସୂଚନା ଅଧିକାରୀ ବ୍ୟକ୍ତିଗତ ସୂଚନା ଦର୍ଶାଇ ଦରଖାସ୍ତକୁ ଖାରଜ କରିଦେବାରୁ ଆବେଦନକାରୀ କେନ୍ଦ୍ରୀୟ ସୂଚନା କମିଶନଙ୍କ ନିକଟରେ ଅପିଲ କରିଥିଲେ।

**ନୀତି**

ସୂଚନା କମିଶନ ଅନୁରୂପ ଭାବେ ଏହା କର୍ମଚାରୀଙ୍କ ବ୍ୟକ୍ତିଗତ ସୂଚନା ଏବଂ ଏହି ସୂଚନାର ପ୍ରକଟନ ଜନସ୍ୱାର୍ଥ ସମ୍ବଳିତ ହୋଇ ନ ଥିବାରୁ ଉକ୍ତ ତଥ୍ୟ ପ୍ରଦାନ କରାଯାଇପାରିବ ନାହିଁ ବୋଲି ଦର୍ଶାଇଥିଲେ। ଏହାପରେ ଆବେଦନକାରୀ ସୁପ୍ରିମକୋର୍ଟରେ ସ୍ପେଶାଲ ଲିଭ୍ ପିଟିଶନ (ସିଭିଲ ନଂ. ୨୭୭୩୪/୨୦୧୨) ଦାଖଲ କରିଥିଲେ। ୩।୧୦।୨୦୧୨ରେ ସୁପ୍ରିମକୋର୍ଟ ଏହି କେସ୍‌ର ଚୂଡ଼ାନ୍ତ ଶୁଣାଣିକରି କର୍ମଚାରୀମାନଙ୍କ ଉପରୋକ୍ତ ସୂଚନା ସେମାନଙ୍କ ବ୍ୟକ୍ତିଗତ ହୋଇଥିବାରୁ ତଥ୍ୟ ଦିଆଯାଇପାରିବ ନାହିଁ ବୋଲି ଦର୍ଶାଇଥିଲେ।

ସେହିପରି ସୁପ୍ରିମକୋର୍ଟ ଅନ୍ୟ ଏକ ମାମଲା ସିଭିଲ ଅପିଲ ନଂ. ୯୦୫୨/୨୦୧୨ (ବିହାର ପବ୍ଲିକ୍ ସର୍ଭିସ୍ କମିଶନ ବନାମ ସାୟିଦ ହୁସେନ ଆବାସରିଜି)ରେ ଅନୁରୂପ ରାୟ ଦେଇଥିଲେ। ଆବେଦନକାରୀ ନିଜେ ଦେଇଥିବା ଏକ ଇଣ୍ଟରଭ୍ୟୁରେ ଉପସ୍ଥିତ ଥିବା ପ୍ରଶ୍ନକର୍ତ୍ତାଙ୍କ ନାମ ଓ ଠିକଣା ବିହାର ପବ୍ଲିକ୍ ସର୍ଭିସ୍ କମିଶନ ନ ଦେବାରୁ ସେ ବିହାର ସୂଚନା କମିଶନରେ ଅପିଲ କରିଥିଲେ। କମିଶନ ତାଙ୍କ ଅପିଲ ଖାରଜ କରିବାରୁ ସେ ବିହାର ହାଇକୋର୍ଟରେ କେସ୍ କରିଥିଲେ। ହାଇକୋର୍ଟ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ବିହାର ପବ୍ଲିକ୍ ସର୍ଭିସ୍ କମିଶନ ସୁପ୍ରିମକୋର୍ଟରେ ଅପିଲ କରିଥିଲେ। ସୁପ୍ରିମକୋର୍ଟ ଉକ୍ତ ତଥ୍ୟ ମାଗିବା ପଛରେ ପରୀକ୍ଷାର୍ଥୀଙ୍କ ମନ୍ଦ ଉଦ୍ଦେଶ୍ୟ ଅଛି ଓ ପ୍ରଶ୍ନକର୍ତ୍ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତଥ୍ୟ ଦେବାକୁ ମନା କରିଥିଲେ।

ସେହିପରି କେନ୍ଦ୍ରୀୟ ସୂଚନା କମିଶନ ଏକ ଅପିଲ ନଂ.– CIC/AT/A/୨୦୦୮/୦୦୦୬୨୮ (ମିଲାପ ଚିରାରିଆ ବନାମ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ)ର ଶୁଣାଣିକରି ୧୫।୦୬।୨୦୦୯ରେ ଆୟକର ଦାଖଲ ସମ୍ପର୍କିତ ତଥ୍ୟ ଜଣେ ବ୍ୟକ୍ତିର ବ୍ୟକ୍ତିଗତ ସୂଚନା । ତେଣୁ ଉକ୍ତ ତଥ୍ୟ ଆଇନର ଧାରା ୮ (୧) (ଜେ) ଅନୁଯାୟୀ ଦିଆଯାଇପାରିବ ନାହିଁ ବୋଲି ଦର୍ଶାଇଥିଲେ।

ତେବେ ଓଡ଼ିଶାରେ ରାଜ୍ୟ ସୂଚନା କମିଶନ ଅନେକ ଅପିଲ ଶୁଣାଣି କରି ଶିକ୍ଷକ ବା କର୍ମଚାରୀଙ୍କ ନିଯୁକ୍ତି, ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା, ଜାତିଗତ ପ୍ରମାଣପତ୍ର ଇତ୍ୟାଦି ବ୍ୟକ୍ତିଗତ ସୂଚନା ହୋଇଥିଲେ ମଧ୍ୟ ସର୍ବସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ତାହାର ପ୍ରକଟନ ହେବା ଜରୁରୀ ଦର୍ଶାଇ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ତେଣୁ ଅନେକ ତଥ୍ୟ ଜଣେ ସରକାରୀ କର୍ମଚାରୀଙ୍କ ବ୍ୟକ୍ତିଗତ ବ୍ୟାପାର ହୋଇଥିଲେ ମଧ୍ୟ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ତଥ୍ୟ ପ୍ରକଟନ କରାଯାଇପାରିବ। ସେଥିପାଇଁ ଆବେଦନକାରୀଙ୍କୁ ଯଥେଷ୍ଟ ପ୍ରମାଣ ଦେଇ ଯୁକ୍ତି ଉପସ୍ଥାପନ କରିବାକୁ ପଡ଼ିବ। କିନ୍ତୁ ସୂଚନା ଅଧିକାର ଆଇନର ଏହି ପ୍ରମୁଖ ବ୍ୟବସ୍ଥାକୁ ହଟାଇଦେବା ପାଇଁ କେନ୍ଦ୍ର ସରକାର ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ୍ ଆକ୍ଟ ମାଧ୍ୟମରେ ଏକ ସଂଶୋଧନ ପ୍ରସ୍ତାବ ଆଣୁଛନ୍ତି। ଏହି ଧାରା ୮ (୧) (ଜେ)କୁ ସମ୍ପୂର୍ଣ୍ଣ ଉଠାଇଦେବାର ବ୍ୟବସ୍ଥା କରାଯାଇଛି, ଯାହା ବିରୋଧରେ ଦେଶବ୍ୟାପୀ ବିରୋଧ କରାଯିବା ସହ ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଏହାର ପ୍ରତ୍ୟାହାର ପାଇଁ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ଏହି ସଂଶୋଧନ ଦ୍ୱାରା ସୂଚନା ଅଧିକାର ଆଇନରେ ଯାହା କିଛି ବି ତଥ୍ୟ ମିଳୁଥିଲା, ତାହା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ଯେହେତୁ ସୂଚନା ଆଇନର ଧାରା ୮ (୧) (ଜେ)ରେ ବ୍ୟକ୍ତିଗତ ସୂଚନା ପ୍ରକଟନ କ୍ଷେତ୍ରରେ ପ୍ରତିବନ୍ଧକ ଅଛି ଏବଂ ଉକ୍ତ ତଥ୍ୟ ସ୍ଥଳବିଶେଷ ବା ବୃହତ୍ତର ଜନସ୍ୱାର୍ଥ ଦୃଷ୍ଟିରୁ କେବଳ ପ୍ରକଟନ କରାଯିବାର ବ୍ୟବସ୍ଥା ରହିଛି। ତେଣୁ ଉକ୍ତ ଧାରାକୁ ବ୍ୟକ୍ତିଗତ ସୂଚନା ସୁରକ୍ଷା ନାମରେ ଡିଜିଟାଲ ଡାଟା ପ୍ରୋଟେକ୍ସନ ଆଇନ ମାଧ୍ୟମରେ ସଂଶୋଧନ କରିବା ଆବଶ୍ୟକ ନାହିଁ। ଏପରି କରାଗଲେ ନିଶ୍ଚିତ ଭାବେ ନାଗରିକଙ୍କର ସୂଚନା ପାଇବାର ଅଧିକାର ସଙ୍କୁଚିତ ହେବ।

**ପ୍ରଦୀପ ପ୍ରଧାନ**
**ଓଡ଼ିଶା ସୂଚନା ଅଧିକାର ଅଭିଯାନ**
**ମୋ–୯୯୩୭୮୪୩୪୮୨**

# ୧୨ରେ ଓଡ଼ିଶା ଗସ୍ତରେ ଆସିବେ ଜେ.ପି. ନଡ୍ଡା

ଭୁବନେଶ୍ୱର, ୨୯।୩(ସୁନିତ୍ ମିଶ୍ର)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଜେ.ପି ନଡ୍ଡା ଆସନ୍ତା ୧୨ ତାରିଖରେ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଭାଜପାର କିଛି ସାଙ୍ଗଠନିକ କାର୍ଯ୍ୟରେ ସେ ଏହି ଅବସରରେ ଯୋଗଦେବେ ବୋଲି ଦଳର ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଆସନ୍ତା ମାସରେ ରାଜ୍ୟ ଭାଜପା ସଭାପତିଙ୍କ ନାମ ମଧ୍ୟ ଘୋଷଣା ହୋଇପାରେ ବୋଲି ଶୁଣିବାକୁ ମିଳୁଛି। ୬ ତାରିଖରେ ଭାଜପାର ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏନେଇ ଶନିବାର ଦଳର ରାଜ୍ୟ କାର୍ଯ୍ୟାଳୟ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଅନ୍ୟପଟେ ଭାଜପାର ଜଣେ ବରିଷ୍ଠ ନେତାଙ୍କ ସୂତ୍ରରୁ ଜଣାପଡ଼ିଛି, ନଡ୍ଡା ଆସନ୍ତା ୧୧ କିମ୍ବା ୧୨ ତାରିଖରେ ଓଡ଼ିଶା ଗସ୍ତରେ ଆସିପାରନ୍ତି। ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି। ସରକାରଙ୍କ ପକ୍ଷରୁ ଏନେଇ ଜନତା ମଇଦାନ ବୁକ୍ କରାଯାଇଛି। ହେଲେ ନିର୍ଦ୍ଦିଷ୍ଟ ଭାବେ ସେ କେଉଁ କାର୍ଯ୍ୟକ୍ରମରେ ଯୋଗଦେବେ ସେକଥା କିଛି ସ୍ପଷ୍ଟ ହୋଇ ନାହିଁ।


## OFFICE OF THE SUPERINTENDING ENGINEER (AGRIL.) SOUTHERN ZONE, BERHAMPUR

No.L-215

(E-mail : seagrilsz@gmail.com)

**Notice No. 627/SE(Agril.)** **Date : 28.03.2025**

Tender Ref. No. - Se (Agril.), SZ 07/2024-25
Tender Title - Construction of New CDAO office Building at Bhawanipatna, Kalahandi
Tender ID - 2025_AGRIL_111377_1
Corrigendum Title - Cancellation of Tender

**CANCEL CORRIGENDUM**

The work titled "Construction of New CDAO office Building at Bhawanipatna, Kalahandi" floated vide this office Tender Call Notice No. 07/2024-25 is hereby cancelled due to technical error.

**Sd./- Superintending Engineer (Agril.)**
**OIPR-01504/11/0011/2425** **Southern Zone, Berhampur**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE : BALANGIR

Mail ID : sepwdbalangir@gmail.com

**e-Procurement Notice**

**Bid Identification No. : CCE(R&B) BGR/06/2024-25**

**Letter No. - 650** **Dtd. : 27.03.2025**

No.B-1112 : The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from **"B" "A" & "Special" Class** Contractors registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1. | Nature of Work | : | Building work |
| 2. | No. of tender | : | Building work - 8 Nos. |
| 3. | Tender Cost | : | Rs. 10,000/- |
| 4. | Class of Contractor | : | "B" "A" & "Special" |
| 5. | Date & Time of sale & Receipt of Bids | : | From Dt. 08.04.2025, 10.00 A.M. to Dt. 22.04.2025 up to 05.00 P.M. |
| 6. | Date of opening Bid | | Dt. 23.04.2025 at 11.00 A.M. |
| 7. | The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendum will be available on ONLINE MODE only. | | |

**Sd./- Chief Costruction Engineer,**
**OIPR-34131/11/0006/2425** **Balangir (R&B) Circle, Balangir**

## ZILLA PARISHAD, MALKANGIRI

Dist. : Malkangiri - 764048, Phone No. : 06861-230409,
Fax No. : 06861-230279, E-Mail : ori-dmalkangiri@nic.in

**Letter No. 1787/XXV-11/25 RH** **Date : 27.03.2025**

**TENDER CALL NOTICE**

**No.CAD-2980** : Sealed quotations are invited from interested reputed Travel Agencies/Tour Operators or private individuals for providing 01(One) number of petrol/Diesel driven, new/latest model, AC vehicle having a sitting capacity not more than 07(Seven), including driver. The quotation should be super-scribed as **"Quotation for Providing vehicle on hire basis"** on the cover and sealed quotation should reach to the undersigned **on or before 05.04.2025 by 4:00 P.M by Speed Post /Regd. Post** and shall be opened on 07.04.2025 at 11.00 A.M. in the presence of the bidder or their authorized representatives at Zilla Parishad Conference Hall Malkangiri. Quotation received after the scheduled date and time shall not be accepted.

The application form of quotation containing **Terms and Conditions (Annexure-A) & General Information (Annexure-B)** for hiring of vehicle will be available at Zilla Parishad, Malkangiri from **27.03.2025 to 05.04.2025** or can be downloaded from Malkangiri District Website **https://malkangiri.odisha.gov.in/** from **dt. 27.03.2025 to 05.04.2025**.

The undersigned reserves the right to reject all or any of the tender/ Quotation without assigning any reason thereof.

**Sd./- Chief Development Officer-Cum-E.O,**
**OIPR-19401/11/0015/2425** **Zilla Parishad, Malkangiri**

## କଟକ ଉନ୍ନୟନ କର୍ତ୍ତୃପକ୍ଷ

CDA

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ–୧୨
ସଂଖ୍ୟା ନଂ......./କଉକ/ତାରିଖ.........

**ସୂଚନା**

No.CAD-2951:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ଥିବା ପେରିଫେରି ମାର୍କେଟ କମ୍ପ୍ଲେକ୍ସ, ବକ୍ସିବଜାରସ୍ଥିତ ଦୋକାନ ଘର ନଂ–ସି–୩୬ (ପ୍ରଥମ ମହଲା)ଟିକୁ ଶ୍ରୀମତୀ କରୁଣା ବୋଷ, ସ୍ୱାମୀ–ପ୍ରଶେନଜିତ୍ ବୋଷ, ପୋଷ୍ଟ–ଚାନ୍ଦିନୀଚୌକ, ଥା–ଲାଲ୍‌ବାଗ, ଜିଲ୍ଲା–କଟକଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଉକ୍ତ ଦୋକାନ ଗୃହଟିକୁ ତୃତୀୟପକ୍ଷ ସୂତ୍ରରେ ରାମ ଶଙ୍କର ଦାସ, ପିତା–ସ୍ୱର୍ଗତ ତାରାକାନ୍ତ ମହାନ୍ତି, ସା–ବରାହି ଲେନ୍, କେଶରପୁର, ପୋଷ୍ଟ–ବକ୍ସି ବଜାର, ଥା–ଦରଘା ବଜାର, ଜିଲ୍ଲା–କଟକ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି ।
ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ ପ୍ରକାଶନର 15 (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା./–ସଚିବ
**OIPR-13037/11/0212/2425** କଟକ ଉନ୍ନୟନ କର୍ତ୍ତୃପକ୍ଷ

## ODISHA PUBLIC SERVICE COMMISSION, CUTTACK

**NOTICE**

**No. 2103/P.S.C., Dt. 28.03.2025**

(1R-36-2024/25) (DR-V)

**No.D-** : It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Mining Engineering,** pursuant to Advertisement No.32 of 2023-24 shall be held on **17.04.2025** as per the following programme in the office of the Commission at 19, Dr. P. K. Parija Road, Cuttack — 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 17.04.2025 | 2.30 P.M. | P230113918 & P240310409 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification :-

1. The hard copies of **online application forms** indicating their **PPSAN at the top right hand corner**.
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio- data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board/Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M.Tech./M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board/ Council/University/Institution.
9. Research Papers.
10. Research Publications.
11. Experience Certificate in support of having minimum 8 years of experience in teaching/research/industry (level 10, entry pay 57770).
12. Experience Certificate in support of having minimum of 02 years of post Ph.D. experience.
13. Caste Certificate wherever applicable.
14. **No Objection Certificate** from the competent authorities in case of Government Servants.
15. Any proof of identity.
16. Any other documents as mentioned in para-09 of Advt. No.32 of 2023-24.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Note :** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**OIPR-12002/11/0178/2425** **Sd./- Secretary**

## ODISHA PUBLIC SERVICE COMMISSION, CUTTACK

**NOTICE**

**No. 2098/P.S.C., Dt. 28.03.2025**

(1R-31-2024/25) (DR-V)

**No.D-** : It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Electronics Engineering,** pursuant to Advertisement No.32 of 2023-24 shall be held on **16.04.2025 & 17.04.2025** as per the following programme in the office of the Commission at 19, Dr. P. K. Parija Road, Cuttack — 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 16.04.2025 | 10.30 A.M. | P230172719, P240234906, P240301838 & P240301898 = **04 Candidates** |
| | 2.30 P.M. | P240302158, P240304121, P240304384 & P240305167 = **04 Candidates** |
| 17.04.2025 | 10.30 A.M. | P240306662, P240308837, P240310254, P240310442 & P240311047 = **05 Candidates** |

The candidates are required to submit the following documents (both original & one set of photo-copies) at the time of verification :-

1. The hard copies of **online application forms** indicating their **PPSAN at the top right hand corner**.
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio- data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board/Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M.Tech./M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board/Council/ University/Institution.
9. Research Papers.
10. Research Publications.
11. Experience Certificate in support of having minimum 8 years of experience in teaching/research/industry (level 10, entry pay 57770).
12. Experience Certificate in support of having minimum of 02 years of post Ph.D. experience.
13. Caste Certificate wherever applicable.
14. **No Objection Certificate** from the competent authorities in case of Government Servants.
15. Any proof of identity.
16. Any other documents as mentioned in para-09 of Advt. No.32 of 2023-24.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Note :** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**OIPR-12002/11/0180/2425** **Sd./- Secretary**

## GOVT. OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION, SONEPUR

**2nd Corrigendum**

**Letter No. 1698** **Dtd.26.03.2025**

No. O-1673: In continuation to this office tender Identification No. SNPR/Online 18 of 2024-25 invited vide this office Letter No. 1327 Dtd.05.03.2025, under partial modification Date & Time of TCN has been made as follows.

| Sl. No. | Tender Identification No. | Items | Date & time Schedule as per original TCN | Date & time Schedule as per 1st Corrigendum Notice | Date & Time Schedule as per 2nd Corrigendum Notice |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Bid Identification SNPR/Online-18 of 2024-25 | Availability of Tender Online for Bidding | 12.03.2025 at 11.00 A.M. to 25.03.2025 upto 5.00 A.M. | 12.03.2025 at 11.00 A.M. to 29.03.2025 upto 5.00 A.M. | 02.04.2025 at 11.00 A.M. to 15.04.2025 upto 5.00 A.M. |
| 2 | | Date & time of seeking tender clarification | 24.03.2025 upto 4.00 P.M. | 28.03.2025 upto 4.00 P.M. | 11.04.2025 upto 4.00 P.M. |
| 3 | | Date & time of opening of tender | 26.03.2025 at 11.00 A.M. | 02.04.2025 at 11.00 A.M. | 16.04.2025 at 11.00 A.M. |

**OIPR-25054/11/0029/2425** **Sd./- Executive Engineer, Rural Works Division, Sonepur**

## PANCHAYAT SAMITI OFFICE, HEMGIR, DIST.: SUNDARGARH

**RE-TENDER CALL NOTICE - 04/2024-25**

**No. 1345** **Date: 28.03.2025**

No. i-594: Tender is hereby invited vide re-tender Call Notice No. 04 of 2024-25 from eligible contractors for the following work. The details documents will be downloaded from district website **www.sundargarh.odisha.gov.in** w.e.f. 29.03.2025 to 10.04.2025.

| Sl. No. | Name of the Work | Amount put to Tender in Rs. (Excluding GST) | Cost of Tender Paper (Non-refundable) in Rs. | Bid Security/ EMD (1%) | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional Classroom at Govt. UP School, Masina, Kanaktura GP | 15,40,900/- | 6,000/- | 15,409/- | Nine Months | 'D' & 'C' Class |
| 2 | Construction of Additional Classroom at Govt. UP School, Bandhapali, Laikera GP | 15,40,900/- | 6,000/- | 15,409/- | Nine Months | 'D' & 'C' Class |
| 3 | Construction of Additional Classroom at Govt. High School, Kanaktura GP | 17,08,400/- | 6,000/- | 17,084/- | Nine Months | 'D' & 'C' Class |
| 4 | Construction of Additional Classroom at Kuchedega UG High School, Kuchedega GP | 17,08,400/- | 6,000/- | 17,084/- | Nine Months | 'D' & 'C' Class |

1. Date and time for download Tender Paper: From Dt.29.03.2025 to 10.04.2025.
2. Last date of receipt of Tender Paper: Dt.10.04.2025 (1.00 P.M.)
3. Date of Opening of Tender Paper: Dt.11.04.2025 (10.00 A.M.)

**OIPR-19104/11/0008/2425** **Sd./- Block Development Officer, Hemgir**

## ପୌର ପରିଷଦ ହିଞ୍ଜିଳିକାଟୁ
## HINJILICUT MUNICIPAL COUNCIL

ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ, ପିନ୍ – ୭୬୧୧୦୨, ଦୂରଭାଷ: ୦୬୮୧୧–୨୮୦୦୨୫, ଟୋଲ୍ ଫ୍ରି: ୧୮୦୦୧୨୩୦୦୪୫୬୭
**At: Hinjilicut, Dist.: Ganjam, PIN - 761102, Contact: 06811-280025, Toll Free No.: 1800 123 004 567**
**Email: hinjilicutmunicipality@gmail.com, hinjilimunicipality@gmail.com, Facebook: Hinjilicut Municipality, Twitter: Hinjilicutmunicipality**

ପତ୍ର ନଂ. ୭୮୦/୨୦୨୫ ତା: ୨୭।୦୩।୨୫

**ବିଜ୍ଞାପନ**

No. C-2027: ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ. ୧୨, ସିନେମା ହଲ୍ ଛକ ନିକଟରେ ଅବସ୍ଥିତ କବିରାଜ ମାର୍କେଟ୍‌ରେ ନିଲାମ ପରେ କୌଣସି ଆବେଦନ ପ୍ରାପ୍ତି ହୋଇନଥିବା ଯୋଗୁ, ଖାଲିଥିବା ନିମ୍ନଲିଖିତ ଦୋକାନ ଗୃହକୁ ପୁନଃ ନିଲାମ ମାଧ୍ୟମରେ ଆବଣ୍ଟନ କରାଯିବ। ଯେଉଁ ବ୍ୟକ୍ତିବିଶେଷ ଉକ୍ତ ବଜାର ଦୋକାନ ଗୃହରେ ବ୍ୟବସାୟ କରିବା ପାଇଁ ଇଚ୍ଛୁକ ଅଟନ୍ତି, ସେମାନେ ପୌରପରିଷଦ କାର୍ଯ୍ୟାଳୟରୁ ଆବେଦନ ଫର୍ମ ଟ.୨୦୦/– (ଦୁଇ ଶହ ଟଙ୍କା)ରେ କ୍ରୟ କରି ଧାର୍ଯ୍ୟ ତାରିଖ ମଧ୍ୟରେ ଆବେଦନ କରିପାରିବେ।

**ସର୍ତ୍ତାବଳୀ:**

୧. ଆବେଦନକାରୀଙ୍କ ବୟସ ୧୮ବର୍ଷରୁ ଊର୍ଦ୍ଧ୍ୱ ୬୦ବର୍ଷରୁ କମ୍ ହୋଇଥିବା ଆବଶ୍ୟକ।
୨. ଆବେଦନକାରୀ ପୌର ପରିଷଦ ହିଞ୍ଜିଳିକାଟୁର ସ୍ଥାୟୀ ବାସିନ୍ଦା ହୋଇଥିବେ। (ଟେଣ୍ଡର ପକାଇବା ସମୟରେ ନିଜର ଭୋଟର ପରିଚୟ ପତ୍ର/ଆଧାର କାର୍ଡ଼/ପାନକାର୍ଡ଼ ଓ ଡ୍ରାଇଭିଂ ଲାଇସେନ୍ସ୍‌ର ପ୍ରମାଣ ପତ୍ରର ଅବିକଳ ନକଲ ଆବେଦନ ପତ୍ରରେ ସଂଲଗ୍ନ କରିବେ।)
୩. ଜଣେ ଆବେଦନକାରୀ ଏକାଧିକ ଆବେଦନ ଫର୍ମ ଗୋଟିଏ ଦୋକାନ ଗୃହ ନିମନ୍ତେ କ୍ରୟ କରିପାରିବେ ନାହିଁ।
୪. ସମସ୍ତ ନିଲାମ ଦରଖାସ୍ତ ମଧ୍ୟରୁ ସର୍ବୋଚ୍ଚ ଟେଣ୍ଡର ଦରକୁ ଉକ୍ତ ଦୋକାନ ଗୃହ ନିମନ୍ତେ ଗ୍ରହଣ କରାଯିବ।
୫. ଆବେଦନକାରୀ ପରିଷଦ ତରଫରୁ ଧାର୍ଯ୍ୟ ହୋଇଥିବା ଅମାନତ ରାଶିକୁ ବୃଦ୍ଧି କରି ଟେଣ୍ଡର ଦର ଧାର୍ଯ୍ୟ କରିବେ ଓ ନିଲାମ ଦରଖାସ୍ତରେ ପ୍ରଦାନ କରିଥିବା ସର୍ବୋଚ୍ଚ ଦରକୁ ଅନୁମୋଦନ ହେବାର ୧୫ଦିନ ମଧ୍ୟରେ ପରିଷଦର ସମୁଦାୟ ଟଙ୍କା ଦାଖଲ କରିବେ।
୬. ନିଲାମ ରାଶିର ୫୦% ଅର୍ଥ ଅଣ ଫେରସ୍ତ ଭାବେ ଗ୍ରହଣ କରାଯାଇ ନିଲାମକୁ ସ୍ୱୀକୃତ କରାଯିବ। ଯେଉଁ ବ୍ୟକ୍ତିମାନେ ପୂର୍ବରୁ ପରିଷଦ ତରଫରୁ ଦୋକାନ ଗୃହ ଭଡ଼ା ସୂତ୍ରରେ ପାଇଛନ୍ତି ସେମାନେ ଆବେଦନ କରିପାରିବେ ନାହିଁ।
୭. ପୌରପରିଷଦ କର୍ତ୍ତୃପକ୍ଷ ଆବଶ୍ୟକସ୍ଥଳେ ବିନା କାରଣ ଦର୍ଶାଇ ସର୍ବୋଚ୍ଚ ନିଲାମକୁ ଗ୍ରହଣ, ଖାରଜ ଓ ନିଲାମକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଅଛି।

ଟେଣ୍ଡର ଫର୍ମ ବିକ୍ରି ତାରିଖ ଓ ଟେଣ୍ଡର ପକାଇବା ତାରିଖ ଓ ସମୟ : ୦୨।୦୪।୨୦୨୫ଠାରୁ ୧୬।୦୪।୨୦୨୫, ସନ୍ଧ୍ୟା ୫.୦୦ଘ. ପର୍ଯ୍ୟନ୍ତ (ଟେଣ୍ଡର ବାକ୍ସ/ସ୍ପିଡ୍ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ ଧାର୍ଯ୍ୟ ତାରିଖ ମଧ୍ୟରେ ଗ୍ରହଣଯୋଗ୍ୟ)
ଟେଣ୍ଡର ଖୋଲିବା ତାରିଖ :

| ଦୋକାନ ଗୃହ ଅବସ୍ଥିତ ଅଞ୍ଚଳର ନାମ | ଟେଣ୍ଡର ହେବାକୁ ଥିବା ଗୃହ ନଂ. | ସର୍ବନିମ୍ନ ଅମାନତ ମୂଲ୍ୟ | ଦରଖାସ୍ତ ସହ ବଇନା ରାଶି ନଗଦ/ଯେ କୌଣସି ଜାତୀୟ ବ୍ୟାଙ୍କ ମାଧ୍ୟମରେ Demand Draft କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସପକ୍ଷରେ ପ୍ରଦାନ କରିବେ | ମାସିକ ଲାଇସେନସ୍ ଫି |
|---|---|---|---|---|
| କବିରାଜ ମାର୍କେଟ୍ | ଦୋକାନ ଗୃହ ନଂ. – ୨ (ତଳ ମହଲାର ପଛ ଭାଗ) | ଟ.୧,୩୨,୦୦୦/– | ଟ.୨୫,୦୦୦/– | ଟ.୧୦୦୦/– |
| | ଦୋକାନ ଗୃହ ନଂ. – ୧, ୨, ୩ (ଉପର ମହଲାର ପଛ ଭାଗ) | ଟ.୧,୩୨,୦୦୦/– | ଟ.୨୫,୦୦୦/– | ଟ.୧୦୦୦/– |

**OIPR-13105/11/0013/2425** ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ, ହିଞ୍ଜିଳିକାଟୁ

# ସିଜିୟୁ ସହ ଜେଏସ୍‌ପିର ବୁଝାମଣା




ଏମ୍‌ଓୟୁ ଅବସରରେ ଉଭୟ ସିଜିୟୁ ଏବଂ ଜେଏସ୍‌ପିର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୨୯।୩**

ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ) ଏବଂ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ସ୍କିଲ୍ ଇଣ୍ଡିଆ ମିଶନକୁ ସମଗ୍ର ଦେଶରେ କାର୍ଯ୍ୟକାରୀ କରିବା ପାଇଁ ଉଭୟ ପ୍ରତିଷ୍ଠାନ ମଧ୍ୟରେ ଏହି ବୁଝାମଣା ହୋଇଛି। ଅପରପକ୍ଷରେ ଜେଏସ୍‌ପିର ଅଧ୍ୟକ୍ଷ ତଥା ସାଂସଦ ନବୀନ ଜିନ୍ଦଲଙ୍କ ପରିକଳ୍ପନାକୁ ଆଉ ଏକ ପାଦ ଆଗକୁ ନେବା ସହ କମ୍ପାନୀର 'ଦକ୍ଷତା' କାର୍ଯ୍ୟକ୍ରମ ଅଧୀନରେ କର୍ମଚାରୀମାନଙ୍କ କୌଶଳ ବୃଦ୍ଧି ପାଇଁ ସିଜିୟୁ ସହ ଜେଏସ୍‌ପି ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି।

ସେହିଭଳି ଏହି ବୁଝାମଣାପତ୍ର ଅନୁଯାୟୀ ଜେଏସ୍‌ପି ଏବଂ ସିଜିୟୁ ମିଳିତ ଭାବେ ଜେଏସ୍‌ପିର ଅନୁଗୋଳ ସ୍ଥିତ ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟର ଏବଂ ସିଜିୟୁ-ଓଡ଼ିଶାର ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ)ରେ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରିବେ। ୱେଲ୍ଡିଂ, ଫେବ୍ରିକେଶନ ଏବଂ ଇଲେକ୍ଟ୍ରିସିଆନ୍ ଆଦି କ୍ଷେତ୍ର ସହ ଅନ୍ୟାନ୍ୟ ଭବିଷ୍ୟ-ଉପଯୋଗୀ ଦକ୍ଷତା ବୃଦ୍ଧି ଉପରେ ଏହି ପ୍ରଶିକ୍ଷଣରେ ଗୁରୁତ୍ୱ ଦିଆଯିବ। ଏହାସହ ଶିଳ୍ପ ଅଟୋମେଶନରେ ବିଶେଷ ଦକ୍ଷତା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଯେଉଁଥିରେ ପିଏଲ୍‌ସି, ଏଚ୍‌ଏମ୍‌ଆଇ, ସ୍କାଡା, ଡିସିଏସ୍, ହାଇଡ୍ରୋଲିକ୍ସ, ନ୍ୟୁମେଟିକ୍ସ ଆଦି କ୍ଷେତ୍ର ସହ ଉନ୍ନତ ୱେଲ୍ଡିଂ, ଉନ୍ନତ ମେସିନିଂ, ସିମୁଲେସନ ଏବଂ ମଡେଲିଂ ଆଦି କ୍ଷେତ୍ର ରହିବ। ଏହି ପରିପ୍ରେକ୍ଷୀରେ ଜେଏସ୍‌ପି ଅନୁଗୋଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ ଏବଂ ସିଜିୟୁର ପ୍ରୋ ଭାଇସ୍ ଚାନ୍ସେଲର ଡ. ଜି. ଶ୍ରୀଦେବୀ ଏହି ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଜେଏସ୍‌ପିର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ କୁମାର ସିହ୍ନା, ଭାଇସ୍ ପ୍ରେସିଡେଣ୍ଟ (ମାନବ ସମ୍ବଳ) ସୁଭାଷ ଚନ୍ଦ୍ରଙ୍କ ସମେତ ସିଜିୟୁର ପ୍ରଫେସର ଅଫ୍ ପ୍ରାକ୍ଟିସ୍ ଅମୂଲ୍ୟ ମହାପାତ୍ର, ୱେଲ୍ଡିଂ ସିଓଇ ମୁଖ୍ୟ ଦେବାଶିଷ ମହାପାତ୍ର ଏବଂ ଅଟୋମେଶନ ସିଓଇ ମୁଖ୍ୟ ରଜତ ସାମନ୍ତରାୟ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଜେଏସ୍‌ପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅନୁଗୋଳ) ପଙ୍କଜ ମଲହାନ କହିଛନ୍ତି, ଭାରତର ଭବିଷ୍ୟତର ଆବଶ୍ୟକତା ପୂରଣ କରିବା ନିମନ୍ତେ ଏକ ଉଚ୍ଚ କୁଶଳୀ କର୍ମଚାରୀ ଗୋଷ୍ଠୀ ସୃଷ୍ଟିକରିବା ପାଇଁ ଆମର ପ୍ରତିବଦ୍ଧତାକୁ ଏହି ସହଭାଗିତା ପ୍ରଦର୍ଶନ କରିବ।

# ପିଏଫ୍‌ଏଲ୍‌ର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୨୯।୩**

ପୁନାୱାଲା ଫିନ୍‌କର୍ପ ଲିମିଟେଡ୍ (ପିଏଫ୍‌ଏଲ୍)ର ନୂତନ ଉତ୍ପାଦ 'ବାଣିଜ୍ୟିକ ଯାନ ଋଣ ବ୍ୟବସାୟ'ର ଶୁଭାରମ୍ଭ କରାଯାଇଛି। ଏପରିକି ଗ୍ରାମୀଣ ଭାରତକୁ ଦୃଷ୍ଟିରେ ରଖି କମ୍ପାନୀ ବାଣିଜ୍ୟିକ ଯାନ ପାଇଁ ସିକ୍ୟୁଓର୍ଡ ଋଣ ବ୍ୟବସାୟ ଆରମ୍ଭ କରିଛି। ଏହା ଜରିଆରେ କମ୍ପାନୀ ଦେଶର ବାଣିଜ୍ୟିକ ଯାନ ଅପରେଟରମାନଙ୍କ ଦକ୍ଷତା ବଢ଼ାଇ ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳ କ୍ଷେତ୍ରକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ପୁନାୱାଲା ଫିନ୍‌କର୍ପର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଅରବିନ୍ଦ କପିଲ କହିଛନ୍ତି, ବାଣିଜ୍ୟିକ ପରିବହନ କ୍ଷେତ୍ର ଆମର ବର୍ଦ୍ଧିତ ଅର୍ଥନୀତିର ମେରୁଦଣ୍ଡ ହୋଇ ରହିଛି।

# ସିଲ୍କ ଶାଢ଼ି ଉପରେ ଆକର୍ଷଣୀୟ ଅଫର

**ଭୁବନେଶ୍ୱର,୨୯।୩**



ଦେଶର ପ୍ରମୁଖ ସିଲ୍କ ବ୍ରାଣ୍ଡ ତଥା ତାମିଲନାଡୁର ଗଣେଶ ସିଲ୍କ ପକ୍ଷରୁ ଚଳିତ ବର୍ଷର ଇଦ୍ ଉପଲକ୍ଷେ ଆକର୍ଷଣୀୟ ରିହାତି ସାଙ୍ଗକୁ ସିଲ୍କ ଶାଢ଼ି ଉପରେ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସିଲ୍କ ଶାଢ଼ି ସମ୍ଭାର ଉପରେ ୩୦% ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଜାତୀୟ ସ୍ତରୀୟ ହସ୍ତତନ୍ତ୍ର ମେଳାରେ ତାମିଲନାଡୁର ପ୍ରମୁଖ ଗାର୍ମେଣ୍ଟସ ବ୍ରାଣ୍ଡ ଗଣେଶ ସିଲ୍କ ସାମିଲ ହୋଇଛି। ଏପରିକି ମେଳାର ପ୍ରଥମ ଗ୍ୟାଲେରିର ୧୧ନଂ. ଷ୍ଟଲ୍‌ରେ ଗଣେଶ ସିଲ୍କର ଏକ୍ସକ୍ଲୁସିଭ ଷ୍ଟଲ ଖୋଲାଯାଇଛି। ଏହି ଷ୍ଟଲ ଜରିଆରେ ବ୍ରାଣ୍ଡ ବିଭିନ୍ନ ବର୍ଗର ପ୍ରିମିୟମ ସିଲ୍କ ଶାଢ଼ି ବିକ୍ରି କରୁଛି। ଅପରପକ୍ଷରେ ୨୦୦୦ ଟଙ୍କାରୁ ପ୍ରାୟ ୩ ଲକ୍ଷ ଟଙ୍କା ମୂଲ୍ୟର ହସ୍ତତନ୍ତ୍ର ଏବଂ ସିଲ୍କ ବ୍ରାଣ୍ଡର ଶାଢ଼ି ଉପଲବ୍ଧ। ସେହିଭଳି ଗଣେଶ ସିଲ୍କରେ ମହୀଶୂର, କାଞ୍ଚିଭରମ, ପଞ୍ଚମପଲ୍ଲୀ, ଇକତ, ଧରମପୁର ଭଳି ପ୍ରିମିୟମ ବର୍ଗର ଆକର୍ଷଣୀୟ କଲେକ୍ସନ ଆଦି ରହିଛି। ସେହିପରି ଏଠାରେ ସମସ୍ତ ବର୍ଗର ସିଲ୍କ ଶାଢ଼ି ଏବଂ ହସ୍ତତନ୍ତ୍ର ଶାଢ଼ି ସହିତ ସ୍ୱତନ୍ତ୍ର ଭାବେ ଡିଜାଇନିଂ କରାଯାଇଥିଲା। ବିବାହ ସଂଗ୍ରହ (ୱେଡ଼ିଂ କଲେକ୍ସନ)ର ବ୍ୟାପକ ଶାଢ଼ି ସମ୍ଭାର ମଧ୍ୟ ଉପଲବ୍ଧ ରହିଛି।

# ଭାରତ ଇଣ୍ଟରଫେସ୍ ଫର୍ ମନି ୩.୦ର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୯।୩**

ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ)ର ସମ୍ପୂର୍ଣ୍ଣ ସହାୟକ କମ୍ପାନୀ ଏନ୍‌ପିସିଆଇ ଭିମ୍ ସର୍ଭିସେସ୍ ଲିମିଟେଡ୍ ପକ୍ଷରୁ ଭାରତ ଇଣ୍ଟରଫେସ୍ ଫର୍ ମନି (ଭିମ୍) ୩.୦ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏନ୍‌ପିସିଆଇର ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ସ୍ୱାଧୀନ ନିର୍ଦ୍ଦେଶକ ଅଜୟ କୁମାର ଚୌଧୁରୀଙ୍କ ଉପସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିବେକ ଦୀପ ଭିମ୍ ୩.୦ର ଆପ୍ଲିକେଶନ ଓ ସେବାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି। ଏପରିକି ନୂଆ ଭିମ୍ ୩.୦ ଆପ ଗ୍ରାହକ ମିତବ୍ୟୟୀ ଓ ଅଧିକ ଭଲ ଅନୁଭବ ପ୍ରଦାନ କରୁଛି। ଭିମ୍ ୩.୦ ରେ ୧୫ରୁ ଅଧିକ ଭାରତୀୟ ଭାଷାର ସମର୍ଥନ ରହିଛି। ଇଣ୍ଟରନେଟ୍ ଦୁର୍ବଳ ଓ ଅସ୍ଥିର ଥିବା ଅଞ୍ଚଳରେ ମଧ୍ୟ ଏହା ଭଲ ଭାବେ କାର୍ଯ୍ୟ କରୁଛି। ଏ ସମ୍ପର୍କରେ ଏନ୍‌ପିସିଆଇର ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ସ୍ୱାଧୀନ ନିର୍ଦ୍ଦେଶକ ଅଜୟ କୁମାର ଚୌଧୁରୀ କହିଛନ୍ତି, ପ୍ରତିଟି ଭାରତୀୟଙ୍କ ପାଇଁ ଡିଜିଟାଲ ପେମେଣ୍ଟକୁ ସୁରକ୍ଷିତ ଓ ସହଜ କରିବାରେ ଭିମ ପ୍ରମୁଖ ଭୂମିକା ତୁଲାଉଛି।

# ପ୍ରଥମ ବ୍ୟବସାୟରେ ବିଫଳତା ହତୋତ୍ସାହିତ କରିପାରି ନ ଥିଲା

**୧୯୬୭ରେ ଜନ୍ମ ହୋଇଥିଲେ ଭୁବନେଶ୍ୱରରେ ଗୀତାଞ୍ଜଳି ଆୱାର୍ଡସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ କ୍ରିଷ୍ଣମୋହନ ଟାଟା। ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ପାଠପଢ଼ା ସରିବା ପରେ ପରିବାର ଲୋକେ ଚାହୁଁଥିଲେ ସେ ଚାକିରି କରନ୍ତୁ। ସେ ସେପରି ମଧ୍ୟ କରିଥିଲେ। ମାତ୍ର ଉଦ୍ୟୋଗୀଭାବେ ନିଜକୁ ପ୍ରତିଷ୍ଠିତ କରିବାର ତାଙ୍କର ଯେଉଁ ଲକ୍ଷ୍ୟ ଥିଲା ତାହା ତାଙ୍କର ଚାକିରି ଜୀବନ ଅଟକାଇପାରି ନ ଥିଲା। ବନ୍ଧୁଙ୍କ ସହ ମିଶି ସେ ବ୍ୟବସାୟ ଜଗତରେ ପାଦ ଦେଇଥିଲେ ଏବଂ ସଫଳତାର ସହ ଆଗକୁ ବଢ଼ିଚାଲିଛନ୍ତି। କ୍ରିଷ୍ଣମୋହନଙ୍କ ସହ ତାଙ୍କର ବ୍ୟବସାୟିକ ଯାତ୍ରା ସମ୍ପର୍କରେ ଧରିତ୍ରୀର ସ୍ୱତନ୍ତ୍ର ବାର୍ତ୍ତାଳାପ...**

**ପ୍ର- ଆୱାର୍ଡ ଓ ଟ୍ରଫି ପ୍ରସ୍ତୁତି ଭଳି ନିଆରା ଶିଳ୍ପରେ କିପରି ପ୍ରବେଶ କଲେ?**

ଉ- କୌଣସି ବ୍ୟକ୍ତି କଠିନ ପରିଶ୍ରମ କରି ନିଜର ଲକ୍ଷ୍ୟ ହାସଲ କରିବା ପରେ ଯେତେବେଳେ ବିଭିନ୍ନ ମହଲରେ ପ୍ରଶଂସିତ ହୁଅନ୍ତି ତାହା ତାଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ। ମୁଁ ଓ ମୋର ବନ୍ଧୁ ବୁଦ୍ଧ ପ୍ରକାଶ ମହାପାତ୍ରଙ୍କ କ୍ଷେତ୍ରରେ ମଧ୍ୟ ତାହା ହୋଇଥିଲା। ଆମେ ଦୁହେଁ କର୍ପୋରେଟ୍ ସେକ୍ଟରରେ କାମ କରୁଥିବାବେଳେ ଉଦ୍ୟୋଗୀ ହେବାର ନିଶା ଆମକୁ ଘାରିଥିଲା। ଆମେ ପ୍ରଥମେ ପ୍ଲାଷ୍ଟିକ୍ ହାଉସ୍ ୱେୟାର ହୋଲସେଲିଂ ଆରମ୍ଭ କରିଥିଲୁ। ମାତ୍ର ସଫଳ ହୋଇ ନ ଥିଲୁ। ପ୍ରଥମ ବ୍ୟବସାୟରେ ବିଫଳତା ଆମକୁ ହତୋତ୍ସାହିତ କରିପାରି ନ ଥିଲା। ଏହାପରେ ଆମେ ଗୀତାଞ୍ଜଳି ଆୱାର୍ଡ ନାମରେ ବିଭିନ୍ନ ପ୍ରକାରର ଆୱାର୍ଡ, ଟ୍ରଫି, ସ୍ମରଣିକା, ଉପହାର, ଉତ୍ପାଦନ ଓ ବିକ୍ରୟ ସହ ଏହି ଶିଳ୍ପରେ ପ୍ରବେଶ କରିଥିଲୁ।

**ପ୍ର- କେତେ ଟଙ୍କାରୁ ଏହି ବ୍ୟବସାୟିକ ଯାତ୍ରା ଆରମ୍ଭ କରିଥିଲେ, ବର୍ତ୍ତମାନ କିଭଳି ସ୍ଥିତି ରହିଛି?**

ଉ- ୨୦ ବର୍ଷ ପୂର୍ବେ ମାତ୍ର ୩୦ରୁ ୪୦ ହଜାର ଟଙ୍କାରେ ଏକ ଛୋଟ ବଖରାରେ ଆମେ ୨ଜଣ ବ୍ୟବସାୟ ଆରମ୍ଭ କରିଥିଲୁ। ବର୍ତ୍ତମାନ ବାର୍ଷିକ ଟର୍ନଓଭର ୫ କୋଟିରୁ ଅଧିକ ରହୁଛି। ସେତେବେଳେ ବାହାଘର, ଜନ୍ମଦିନ, ଭାଲେଣ୍ଟାଇନ୍ସ ଡେ', ଗୁରୁଦିବସ ଆଦି ପାଇଁ ଆକ୍ରିଲିକ୍‌ରେ ଉପହାର ପ୍ରସ୍ତୁତ କରୁଥିଲୁ। କୌଣସି କ୍ରୀଡ଼ାଉତ୍ସବ, ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ, ନୃତ୍ୟୋତ୍ସବ, ସମ୍ମିଳନୀ, ବନ୍ଧୁମିଳନ ଆଦି ପାଇଁ ଗ୍ରାହକ ଆୱାର୍ଡ, ଟ୍ରଫି ଏବଂ ମେମେଣ୍ଟୋ ନେଇଥା'ନ୍ତି। ପୂର୍ବରୁ ଏ ସମସ୍ତ ଉତ୍ସବ ପାଇଁ ମାତ୍ର ଗୋଟିଏ ପ୍ରକାର ପୁରସ୍କାର ମିଳୁଥିବାବେଳେ ଆମେ ଭିନ୍ନ ଭିନ୍ନ ଉତ୍ସବ ପାଇଁ ଭିନ୍ନ ପୁରସ୍କାର ପ୍ରସ୍ତୁତ କରିଆସୁଛୁ। ଆଇଆଇଟି ହାଇଦ୍ରାବାଦର ଡିଜାଇନ୍ ବିଭାଗ ସହ ମିଳିତ ଭାବେ ଆମେ ସମ୍ମାନଜନକ ଏନ୍‌ଆଇଆର୍‌ଏଫ୍ ଟ୍ରଫି, ସର୍ଜନ ଆୱାର୍ଡ, ହକି ୱାର୍ଲ୍ଡ କପ୍ ପ୍ଲାକ୍ୟୁ, ବିଜୁ ପଟ୍ଟନାୟକ ସ୍ପୋର୍ଟସ୍ ଆୱାର୍ଡ, ଧରିତ୍ରୀ ବିଜନେଶ୍ ଏମିନେନ୍ସ ଆୱାର୍ଡ ସହ ଅନ୍ୟାନ୍ୟ ସମ୍ମାନଜନକ ଟ୍ରଫି ଆଦି ଆମେ ପ୍ରସ୍ତୁତ କରିଛୁ।

**ପ୍ର- ଆପଣଙ୍କ ଉତ୍ପାଦ ଓ ସେବାର କ'ଣ ବିଶେଷତ୍ୱ ରହିଛି? ଆଗକୁ ବ୍ୟବସାୟ ସମ୍ପ୍ରସାରଣ ନେଇ କ'ଣ ଯୋଜନା ରହିଛି?**

ଉ- ଆମ ପାଖକୁ ଆସୁଥିବା ଗ୍ରାହକ ଆମଠାରୁ କ'ଣ ଆଶା ରଖୁଛନ୍ତି ତାହ ବୁଝିବା ଗୁରୁତ୍ୱପୂର୍ଣ୍ଣ। ଉତ୍ସବ ଓ ଗ୍ରାହକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଆମେ ଆକ୍ରିଲିକ୍, କାଠ, ମେଟାଲ ତିଆରି ଉତ୍ପାଦ ଓ ସେବା ପ୍ରଦାନ କରିଥାଉ। ଆମେ ଆମର ଟ୍ରେଡ ମାର୍କ ପଞ୍ଜୀକୃତ କରିଛୁ ଏବଂ ଆମର କିଛି ଡିଜାଇନ ପେଟେଣ୍ଟ କରିବାକୁ ଯୋଜନା କରୁଛୁ। ସମୟକ୍ରମେ ଟେକ୍ନୋଲୋଜି ସହିତ ଆମ ୱାର୍କଶପ୍‌କୁ ଅପଗ୍ରେଡ୍ କରୁଛୁ। ଆମ ଉତ୍ପାଦ ଓ ସେବାରେ ସର୍ବଦା ଉତ୍ତମମାନ ବଜାୟ ରଖୁ। ନୂତନ ଡିଜାଇନ ଉପଲବ୍ଧ କରାଉଛୁ। କୋଭିଡ୍ ସମୟରେ ବ୍ୟବସାୟ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏଥିରେ ସୁଧାର ଆସିଛି। ଶହୀଦନଗରରେ ଆମର ଆଉ ଏକ ନୂଆ ଷ୍ଟୋର ଖୋଲିବାକୁ ଯାଉଛି। ଆମ ୱେବସାଇଟ୍‌କୁ ମଧ୍ୟ ଅପଗ୍ରେଡ୍ କରାଯାଉଛି, ତାହା ସମଗ୍ର ରାଜ୍ୟ ତଥା ରାଜ୍ୟ ବାହାରର ଗ୍ରାହକଙ୍କୁ ଆମ ସହ ନିକଟବର୍ତ୍ତୀ କରାଇବ। ଆଗକୁ ଗୀତାଞ୍ଜଳି ଆୱାର୍ଡ ଫ୍ରାଞ୍ଚାଇଜ୍ ଆରମ୍ଭ କରିବା ଯୋଜନା ରହିଛି।

**ପ୍ର-ବ୍ୟବସାୟ ଭିତରେ ବ୍ୟକ୍ତିଗତ ରୁଚି କିପରି ପୂରଣ କରନ୍ତି?**

ଉ- ବ୍ୟବସାୟରେ ମୋ ବନ୍ଧୁ ପାର୍ଟନର ଥିବାରୁ ମୋର ବ୍ୟକ୍ତିଗତ ରୁଚି ପୂରଣରେ କେବେ ଅସୁବିଧା ହୁଏନି। ସେ ମୋତେ ସବୁଥିରେ ପ୍ରୋତ୍ସାହିତ କରନ୍ତି। ମୁଁ ଲେଖାଲେଖି କରିବାକୁ ଭଲ ପାଏ। 'ଜାର ଅଫ୍ ପିବେଲସ୍' ନାମକ ଏକ ପୁସ୍ତକ ପ୍ରକାଶ ପାଇଛି। ଆଗକୁ ମଧ୍ୟ ପୁସ୍ତକ ପ୍ରକାଶ କରିବାକୁ ଯୋଜନା ରହିଛି। ବନ୍ଧୁ ତଥା ପାର୍ଟନରଙ୍କ ସହଯୋଗ ନ ଥିଲେ ତାହା ସମ୍ଭବ ହୁଅନ୍ତାନି।

**ପ୍ର- ଏହି ଶିଳ୍ପରେ ଭବିଷ୍ୟତ ଗଢ଼ିବା ସହଜ କି? ଯୁବୋଦ୍ୟୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ଅନ୍ୟ ବ୍ୟବସାୟ ଭଳି ଏହି ଶିଳ୍ପରେ ମଧ୍ୟ ଅନେକ ଜଟିଳତା ଅଛି ଏବଂ ଏହି କ୍ଷେତ୍ରକୁ ପ୍ରବେଶ କରୁଥିବା ବ୍ୟକ୍ତିଙ୍କୁ ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ। ଧୈର୍ଯ୍ୟର ସହ ଅନ୍ତର୍ନିହିତ ଜ୍ଞାନର ଉପଯୋଗ, ସକାରାତ୍ମକ ମନୋଭାବ ଏବଂ ନିଷ୍ଠା ଥିଲେ ସଫଳତା ନିଶ୍ଚୟ ମିଳିବ।

-ସାକ୍ଷାତ୍କାର:
**ଅନୁରାଧା ମହାରଣା,**
ଭୁବନେଶ୍ୱର



କ୍ରିଷ୍ଣମୋହନ ଟାଟା

## ଅନ୍ୟାନ୍ୟ ଖବର




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁ ଯେତେ ବୋଲିବୁ ବୋଲ**
**ମୋ ଦିହଟା ଯାକ ପୋଲ ।**

ଅଲାଜୁକ ବ୍ୟକ୍ତିଙ୍କ ମୁହଁରେ କିଛି ଲାଜ ସରମ ନ ଥାଏ। ଏପରି ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋର ଦେଖି**
**ମୋର ଡାହାଣ ଆଖି।**

ଅନ୍ୟର ଭଲ ଦେଖିଲେ କେତେ ଲୋକଙ୍କ ମନ ହାଇଁପାଇଁ ହୋଇଯାଏ। ଏପରି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରିପାରି ନ ଥାନ୍ତି କି ବରଦାସ୍ତ ବା ଗ୍ରହଣ କରିପାରି ନ ଥାନ୍ତି। ଅନ୍ୟର ଉନ୍ନତି ଦେଖି ଲାଳାୟିତ ହେଉଥିବା ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

ପ୍ରଥମ ପୃଷ୍ଠାରୁ...

## କୋଟିଆରେ ପୁଣି ...

ଜଣାପଡ଼ିଛି। ଏହି ଅଞ୍ଚଳରେ ଆଧାର କେୱାଇସି ହୋଇପାରୁ ନ ଥିବାରୁ ମହିଳାମାନେ ପୂର୍ବରୁ ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ଚାପରେ ରହିଥିବାବେଳେ ବର୍ତ୍ତମାନ ଆନ୍ଧ୍ର କର୍ମଚାରୀ ଅନୁପ୍ରବେଶ କରି ଇ-କେୱାଇସି କରାଇବା ସ୍ଥାନୀୟ ପ୍ରଶାସନ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏ ନେଇ କୋଟିଆ ସରପଞ୍ଚ ଲିଉ ଗେମେଲଙ୍କୁ ପଚାରିବାରୁ ସେ କହିଛନ୍ତି, ଆନ୍ଧ୍ର ସୀମାନ୍ତ ଗ୍ରାମବାସୀଙ୍କୁ ବିଭିନ୍ନ ସରକାରୀ ଯୋଜନାକୁ ନେଇ କାର୍ଯ୍ୟକରି ଲୋଭ ଦେଖାଇଚାଲିଛି। ଆନ୍ଧ୍ରର ଏହିପରି ଅନୁପ୍ରବେଶ ହେଉ ବା କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା ଉପରେ ଓଡ଼ିଶା ଜିଲା ଓ ବ୍ଲକ୍ ପ୍ରଶାସନ ଦୃଷ୍ଟିଦେବା ଉଚିତ। ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁ ଆନ୍ଧ୍ର ବାରମ୍ବାର ଅନୁପ୍ରବେଶ କରିବାକୁ ସୁଯୋଗ ପାଉଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣା ନାୟକଙ୍କୁ ପଚାରିବାରୁ ଏ ନେଇ ଅବଗତ ରହିଛୁ। ଆନ୍ଧ୍ର ପକ୍ଷରୁ କେବଳ ଆଧାର ସଂଶୋଧନ କରାଯାଉଛି। ଆଗାମୀ ଦିନରେ ଆମେ ମଧ୍ୟ ଇ-କେୱାଇସି କରାଇବୁ। ସୁଭଦ୍ରା ଯୋଜନାରୁ ବଞ୍ଚିତ ମହିଳାମାନଙ୍କ ମଧ୍ୟରୁ ୬୧୮ଜଣଙ୍କୁ ସାମିଲ କରାଯାଇଛି। ସେମାନେ ଏହି ଯୋଜନାରୁ ଉପକୃତ ହେବେ ବୋଲି ସେ କହିଛନ୍ତି। ସୂତ୍ରରୁ ଆହୁରି ଜଣାପଡ଼ିଛି ଯେ,ଛାତ୍ରୀଛାତ୍ର ଓ ଅନ୍ୟ ଅଧିକାରୀମାନଙ୍କୁ ୧୫,୦୦୦ ଟଙ୍କାର ଆର୍ଥିକ ସହାୟତା ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଆନ୍ଧ୍ର ଯୋଜନା ଅଧୀନରେ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯିବ ବୋଲି କହିଛନ୍ତି। ପୂର୍ବରୁ କୋଟିଆ ଅଞ୍ଚଳକୁ ନେଇ ଦୁଇ ପଡ଼ୋଶୀ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ଶନିବାର ଆନ୍ଧ୍ର ଅଧିକାରୀଙ୍କ ଅନୁପ୍ରବେଶ ସୀମା ବିବାଦ ବୃଦ୍ଧିର କାରଣ ହୋଇପାରେ ବୋଲି ଅନେକେ କହୁଛନ୍ତି। କୋଟିଆକୁ ଏହା ଆନ୍ଧ୍ରର ପ୍ରଥମ ଅନୁପ୍ରବେଶ ନୁହେଁ। ପୂର୍ବରୁ ମଧ୍ୟ ସେମାନେ ଅନେକ ଥର ଆସି ସମ୍ପୃକ୍ତ ଅଞ୍ଚଳରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଚାଲିଥିବା ଭିତ୍ତିଭୂମି ନିର୍ମାଣ ଓ ପ୍ରକଳ୍ପ କାର୍ଯ୍ୟରେ ବାଧାସୃଷ୍ଟି କରିଥିଲେ। ଏପରି କି ରାଜ୍ୟ ସରକାରଙ୍କ ବିଦ୍ୟୁତ୍ ସବ୍‌ଷ୍ଟେଶନ୍ ନିର୍ମାଣକୁ ଅଟକାଇ ଦେଇଥିଲେ। ବିଦ୍ୟୁତୀକରଣ ପାଇଁ ଓଡ଼ିଶାର ପଦକ୍ଷେପରେ ସେମାନେ ବାଧା ଦେବା ଏହି ବିବାଦୀୟ ଅଞ୍ଚଳକୁ ନିଜ ରାଜ୍ୟକୁ ଟାଣିନେବା ସକାଶେ ଉଦ୍ଦିଷ୍ଟ ବୋଲି ସ୍ପଷ୍ଟ ହୋଇଥିବାବେଳେ ଏପଟୁ ବିଶେଷ କାର୍ଯ୍ୟକ୍ରମ ହାତକୁ ନିଆ ନ ଯିବା ଦୁର୍ଭାଗ୍ୟଜନକ। ତେବେ ସଦ୍ୟ ଘଟଣାକୁ ନେଇ ଓଡ଼ିଶାର କୌଣସି ବରିଷ୍ଠ ପଦାଧିକାରୀଙ୍କ ପକ୍ଷରୁ କିଛି ପ୍ରତିକ୍ରିୟା ଆସିନାହିଁ।

## ଭିଆର୍‌ଏସ୍ ନେଲେ ...

ସରକାରଙ୍କ କାର୍ମିକ ଓ ତାଲିମ ବିଭାଗ (ଡିଓପିଟି) ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହୋଇଛି। ଡିଓପିଟି ଅନୁସଚିବ ଭୂପିନ୍ଦର ପାଲ ସିଂହ ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କୁ ସୁଜାତା ଚଳିତମାସ ୧୩ରେ ସ୍ୱେଚ୍ଛାକୃତ ଅବସର ଲାଗି ଆବେଦନ କରିଥିଲେ। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର(୨୭ ମାର୍ଚ୍ଚ)ରେ ସୁପାରିସ କରାଯାଇଥିଲା। ଏହାକୁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ, ସୁଜାତା କାର୍ତ୍ତିକେୟନ ୨୦୦୦ ମସିହା ପରଠାରୁ ନବରଙ୍ଗପୁର ଉପଜିଲାପାଳରୁ ଆରମ୍ଭ କରି ପରବର୍ତ୍ତୀ ସମୟରେ ସେ ମିଶନ ଶକ୍ତିର ନିର୍ଦ୍ଦେଶିକା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ମିଶନ ଶକ୍ତି ନୂଆ ବିଭାଗ ହେବା ପରେ ସେ ସେହି ବିଭାଗର କମିଶନର ତଥା ସଚିବ ଭାବେ ଦାୟିତ୍ୱ ତୁଲାଇଥିଲେ। ପରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ସଚିବ ତଥା କମିଶନର ଦାୟିତ୍ୱ ସାଙ୍ଗକୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱ ମଧ୍ୟ ନିର୍ବାହ କରିଥିଲେ। ୨୦୨୪ରେ ତାଙ୍କ ନେତୃତ୍ୱରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସଫଳତାର ସହ ଆୟୋଜନ କରିଥିଲା। ୨୫ ବର୍ଷର ଆଇଏଏସ୍ କ୍ୟାରିଅର ପରେ ବ୍ୟକ୍ତିଗତ କାରଣ ଯୋଗୁ ସେ ଆଗୁଆ ଅବସର ଗ୍ରହଣ କରିଛନ୍ତି। ତେବେ ତାଙ୍କ ଅବସରକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ସୁଜାତା ବିଜେଡିର ମଙ୍ଗ ଧରିବାକୁ ଯାଉଥିବାରୁ ସେ ଅବସର ନେଇଥିବା କୁହାଯାଉଛି।

## ୨ ବର୍ଷରେ ତୁଟିବ ...

ମଧ୍ୟରୁ ୧୨ହଜାର ୨୫୯ ଏକର 'ଆରଓଆର' ପାଇଛୁ। ଖଣି ଅଞ୍ଚଳର ବିଶେଷ ତଥ୍ୟ ନାହିଁ। ଓଡ଼ିଶା ବାହାରେ ଥିବା ଜଗନ୍ନାଥଙ୍କ ଜମିର ବନ୍ଦୋବସ୍ତ କରାଯିବ। ବିଜେଡି ସଦସ୍ୟ ମନୋହର ରନ୍ଧାରୀ ପ୍ରଶ୍ନ କରିଥିଲେ, କେବିକେ ତଥା ନବରଙ୍ଗପୁର ଅଞ୍ଚଳରେ ମହାପ୍ରଭୁଙ୍କ କେତେ ଜମି ଅଛି ଏବଂ କେତେ ଜବରଦଖଲରେ ଅଛି? ମନ୍ତ୍ରୀ କହିଛନ୍ତି, କୋରାପୁଟ ଜିଲାରେ ଜଗନ୍ନାଥ ଜମି ଯେଉଁଠି ଜବରଦଖଲ ହୋଇଥିଲା ତାକୁ ଜବରଦଖଲ ମୁକ୍ତ କରାଯାଇଛି। ସେଠାରେ ୨୭ ହଜାର ୪୧୦ ଏକର ଜଗନ୍ନାଥ ଜମି ଚିହ୍ନଟ ହୋଇଛି। ବିଜେଡିର ବରିଷ୍ଠ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରଶ୍ନ କରିଥିଲେ, ବେଦାନ୍ତ ଜମିର ସ୍ଥିତାବସ୍ଥା କ'ଣ ? ସୁପ୍ରିମକୋର୍ଟଙ୍କ ରାୟ ପରେ ଜମିହରାଙ୍କୁ ତାଙ୍କ ଜମି ମିଳିଲାଣି କି? କେତେ ଜଣ ପାଇଲେଣି ତା'ର ତଥ୍ୟ ଆଇନ ମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀ ଗୃହକୁ ଜଣାଇବେ କି? ଉତ୍ତରରେ ଆଇନ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ବେଦାନ୍ତ ଜମି ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଯେଉଁ ଜମି ମାଲିକମାନେ ପୂର୍ବରୁ ଜମି ବାବଦରେ ଟଙ୍କା ପାଇଛନ୍ତି ସେମାନେ ଫେରାଇଲେ ତାଙ୍କ ଜମି ପାଇପାରିବେ। ସେ କହିଛନ୍ତି ଯେ, ବିଶ୍ୱର ଏଭଳି କୌଣସି ବିଶ୍ୱବିଦ୍ୟାଳୟ ନାହିଁ, ଯାହାର ୬ହଜାର ଏକର ଜମିର ଆବଶ୍ୟକତା ରହିଛି। ହେଲେ ଅନିଲ ଅଗ୍ରୱାଲଙ୍କ ବିଶ୍ୱବିଦ୍ୟାଳୟକୁ ପୂର୍ବ ସରକାର କିଭଳି ଏତେ ପରିମାଣର ଜମି ଦେଲେ ତାହା ଏକ ବିରାଟ ପ୍ରଶ୍ନ। ଏ ନେଇ ପ୍ରଥମେ ହାଇକୋର୍ଟ ଓ ପରେ ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ବିଜେଡି ସଦସ୍ୟ ପ୍ରଦୀପ ସାହୁ ନିଜ ଅଞ୍ଚଳରେ ରାସ୍ତା ପାଇଁ ଜଗନ୍ନାଥଙ୍କ ଜମି ବ୍ୟବହାର ଉପରେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି ଯେ, ସ୍ଥିତି ଦେଖି ବିଚାର କରାଯିବ।

## ଦୁଇଦିନରେ ୨ ...

ଜିଲାକୁ ସତର୍କ କରାଯାଇଛି। ସେହିପରି ୩୧ ତାରିଖ ସୋମବାର ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ଜିଲାକୁ ପ୍ରବଳ ଖରା ଓ ଗୁଳୁଗୁଳି ନେଇ ୟେଲୋ ୱାର୍ନିଂ ରହିଛି। ଏପ୍ରିଲ୨ରୁ ୪ ତାରିଖ ବିଭିନ୍ନ ଜିଲାରେ କାଳବୈଶାଖୀର ସମ୍ଭାବନା ରହିଛି। ଏହାପରେ ତାପମାତ୍ରା ୨ରୁ ୩ଡିଗ୍ରୀ ହ୍ରାସ ପାଇପାରେ। ତେବେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ର କିଛି ସ୍ଥାନରେ ବର୍ଷା ହେବାକୁ ଥିବାବେଳେ ଅନ୍ୟାନ୍ୟ ଜିଲାଗୁଡ଼ିକରେ ପାଗ ପ୍ରାୟତଃ ଶୁଖିଲା ରହିବ ବୋଲି ସୂଚନା ଦିଆଯାଇଛି।

## ଗୋପାଳ ପଟ୍ଟନାୟକ ...

ତୁଲାଇବେ। ଉଲ୍ଲେଖଯୋଗ୍ୟ, ଫେବୃଆରୀ ୨୮ରେ ପୂର୍ବତନ ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ ନିଜ ପଦରୁ ଅବ୍ୟାହତି ନେଇଥିଲେ। ତେବେ 'ରେରା'ରେ ଅଧ୍ୟକ୍ଷଙ୍କୁ ମିଶାଇ ତିନୋଟି ପଦ ରହିଛି। ଗୋପାଳ ଚନ୍ଦ୍ର ପଟ୍ଟନାୟକ ନ୍ୟାୟିକ ସଦସ୍ୟ ଥିବାବେଳେ ପ୍ରଦୀପ ବିଶ୍ୱାଳ ପ୍ରଶାସନିକ ସଦସ୍ୟ ରହିଛନ୍ତି। ଆସନ୍ତା ଏପ୍ରିଲ ୩୦ରେ ବିଶ୍ୱାଳଙ୍କ ଅବସର ଥିବାବେଳେ ଗୋପାଳ ପଟ୍ଟନାୟକଙ୍କର ମେ' ୮ରେ ଅବସର ରହିଛି। ନିୟମ ଅନୁଯାୟୀ ସରକାର ବରିଷ୍ଠଙ୍କୁ ଏହି ଦାୟିତ୍ୱ ଦେବାର କଥା। ମାତ୍ର ବିଜ୍ଞପ୍ତିକୁ ନେଇ କେତେକ ବିଲ୍ଡର ପ୍ରଶ୍ନ ଉଠାଇଛନ୍ତି।

# ଫ୍ୟାଶନ,ବୟନ ଶିଳ୍ପରେ ଶୂନ୍ୟ ଅପଚୟକୁ ଗୁରୁତ୍ୱ

**ଅନ୍ତର୍ଜାତୀୟ ଶୂନ୍ୟ ଅପଚୟ ଦିବସ**




ପ୍ରତିବର୍ଷ ମାର୍ଚ୍ଚ ୩୦ରେ ଅନ୍ତର୍ଜାତୀୟ ଶୂନ୍ୟ ଅପଚୟ (ଜିରୋ ୱେଷ୍ଟ) ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି 'ଫ୍ୟାଶନ ଏବଂ ବୟନ ଶିଳ୍ପରେ ଶୂନ୍ୟ ଅପଚୟ'। ଫ୍ୟାଶନ ଏବଂ ବୟନ ଶିଳ୍ପ କ୍ଷେତ୍ରରେ ଅପଚୟ ହ୍ରାସକୁ ଗୁରୁତ୍ୱ ଦିଆଯିବାର କାରଣ ଏକ୍ଷେତ୍ରରେ ଆର୍ଥିକ ସ୍ଥିତିକୁ ଦୃଢ଼ କରିବା। ସୂଚନାଯୋଗ୍ୟ ମିଳିତ ଜାତିସଂଘ ସାଧାରଣସଭା୩୦ମାର୍ଚ୍ଚକୁଅନ୍ତର୍ଜାତୀୟଶୂନ୍ୟଅପଚୟଦିବସଭାବରେପାଳନ ଲାଗି ୨୦୨୨ ମସିହା ଡିସେମ୍ବର ୧୪ରେ ଘୋଷଣା କରିଥିଲା। ୨୦୨୩ରୁ ପାଳିତ ହୋଇଆସୁଥିବା ଏହି ଦିବସ ଅବସରରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଏବଂ ଶୂନ୍ୟ-ଅପଚୟ କ୍ଷେତ୍ରରେ ସଚେତନତା ବୃଦ୍ଧି କରାଯାଇଥାଏ। ତେବେ ଏହି ଦିବସ ପାଳନକୁ ୟୁଏନ୍‌ଇପି(ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ) ଏବଂ ୟୁଏନ୍ ହାବିଟାଟ (ଜାତିସଂଘ ମାନବ ବସତି କାର୍ଯ୍ୟକ୍ରମ) ଦ୍ୱାରା ମିଳିତ ଭାବରେ ସହାୟତା କରାଯାଉଛି।

# କଂଗ୍ରେସର ବିକ୍ଷୋଭବେଳେ ହିଂସା ଘଟଣାରେ ଜଣେ ଗିରଫ

**ଭୁବନେଶ୍ୱର,୨୯।୩**
**(ସୂର୍ଯ୍ୟକାନ୍ତ ବେହେରା)**

ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ଦାବି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ବିକ୍ଷୋଭ ସମାବେଶ ଓ ବିଧାନସଭା ଘେରାଉ ବେଳେ ହିଂସା ଘଟଣାରେ ସମ୍ପୃକ୍ତ ଜଣଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ପାହାଳ ଥାନା ଅନ୍ତର୍ଗତ ହରିଦାସପୁରର ମିରଜା ଇସ୍‌ଲାମ ବେଗ(୨୯)। ତାଙ୍କୁ କୋର୍ଟ ଚାଲାଣ ପରେ ବିଚାରା ବିଭାଗୀୟ ହାଜତକୁ ପଠାଇଯାଇଛି। ଅଭିଯୁକ୍ତ ଜଣକ ଘଟଣା ଦିନ ଏହି ହିଂସାକାଣ୍ଡର ନେତୃତ୍ୱ ନେଇଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଶନିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଡିସିପି କହିଛନ୍ତି, ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ପାହାଳ ଥାନାରେ ଏକ ମାମଲା ରହିଥିବା ବେଳେ ଶନିବାର ମଧ୍ୟ ଆଉଏକ ଠକେଇ ମାମଲା ରୁଜୁ ହୋଇଛି। ଜଣେ ମହିଳାଙ୍କୁ ୧ କୋଟିରୁ ଅଧିକ ଟଙ୍କା ଠକେଇ କରିଛନ୍ତି। ତେଣୁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ତାଙ୍କ ଆପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରାଯିବ ବୋଲି ଡିସିପି ମୀନା କହିଛନ୍ତି।

**ଅଭିଯୁକ୍ତଙ୍କ ନାମରେ ରହିଛି କୋଟିଏ ଟଙ୍କାର ଠକେଇ ମାମଲା**



ମିରଜା ଇସ୍‌ଲାମ ବେଗ

# ଜବ୍ ଇଣ୍ଟରଭ୍ୟୁ...



ଭଲ ଜବ୍‌ଟିଏ ପାଇବାକୁ କିଏ ବା ନ ଚାହେଁ ! ଆଉ ଏଥିପାଇଁ ଅନେକେ ବହୁତ ପରିଶ୍ରମ ବି କରନ୍ତି । ହେଲେ ରିଟିନ୍ ଟେଷ୍ଟ ରେଜଲ୍ଟ ଭଲ ହୋଇଥିଲେ ବି ଶେଷ ମୁହୂର୍ତ୍ତରେ କେତେକଙ୍କୁ ବିଫଳ ହେବାକୁ ପଡ଼ିଥାଏ। ଏହାର କାରଣ ହେଉଛି ଜବ୍ ଇଣ୍ଟରଭ୍ୟୁରେ ଭଲ ପ୍ରଦର୍ଶନ କରି ନ ପାରିବା । କାରଣ ଏହା ହିଁ ଆବେଦନକାରୀଙ୍କ ଲାଗି ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମୟ, ଯାହାର ଫଳାଫଳ ଉପରେ ନିର୍ଭର କରିଥାଏ ଭବିଷ୍ୟତ । ତେଣୁ ଜବ୍ ଇଣ୍ଟରଭ୍ୟୁ ଲାଗି ଯାଉଥିଲେ ଭଲ ଭାବେ ପୂର୍ବପ୍ରସ୍ତୁତି ସହ କେତେକ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ...

**ପୂର୍ବ ପ୍ରସ୍ତୁତି ଜରୁରୀ:** କୌଣସି ଜବ୍ ଇଣ୍ଟରଭ୍ୟୁକୁ ଯିବା ପୂର୍ବରୁ ଭଲ ଭାବେ ପ୍ରସ୍ତୁତ ହୁଅନ୍ତୁ । ସାଧାରଣଜ୍ଞାନ ସହିତ ଯେଉଁ ଫିଲ୍ଡରେ ଜବ୍ ଚାହୁଁଛନ୍ତି, ସେ ସମ୍ବନ୍ଧରେ ଭଲ ଭାବେ ପଢ଼ନ୍ତୁ, ବିଶେଷକରି ସମ୍ଭାବ୍ୟ ପ୍ରଶ୍ନଗୁଡ଼ିକୁ ଭଲ ଭାବେ ପଢ଼ିନିଅନ୍ତୁ, ଯେପରି ଯେଉଁ ପ୍ରଶ୍ନ ପଚରାଗଲେ ନ ଡରି ଉତ୍ତର ଦେଇପାରିବେ । ପୂର୍ବରୁ ଉକ୍ତ ଫିଲ୍ଡରେ ଜବ୍ କରୁଥିବା କର୍ମଚାରୀଙ୍କଠାରୁ ସହଯୋଗ ନେଇପାରନ୍ତି । ବର୍ତ୍ତମାନ ଅନେକ କୋଚିଂ ସେଣ୍ଟରରେ ଏଥିପାଇଁ ତାଲିମ ମଧ୍ୟ ଦିଆଯାଉଛି । ତେଣୁ ଭଲ ଭାବେ ପୂର୍ବପ୍ରସ୍ତୁତି ପାଇଁ କୋଚିଂ ନେଇପାରିବେ ।

**ଛାଡ଼ନ୍ତୁ ଭୟ:** ଭୟ ଏଭଳି ଏକ ଭାବନା, ଯାହାକି ମଣିଷକୁ ପଛକୁ ପଛକୁ ଟାଣେ । ଲକ୍ଷ୍ୟ ପଥରେ ଆସୁଥିବା ଚ୍ୟାଲେଞ୍ଜକୁ ଥରେ ସାମ୍ନା କରିବାକୁ ଭୟ କଲେ ଏହା ମାନସିକ ସ୍ତରରେ ଦୁର୍ବଳ କରିଦିଏ, ଯଦ୍ଦ୍ୱାରା ଜଣେ ଏଥିରୁ ନିଜକୁ ଦୂରେଇବା ଖୁବ୍ କଷ୍ଟକର ହୋଇପଡ଼େ । ଉଦାହରଣ ସ୍ୱରୂପ ସବୁପାଠ ଜାଣିଥିଲେ ବି କେତେକ ଛାତ୍ରୀଛାତ୍ର କ୍ଲାସ୍‌ରୁମ୍‌ରେ ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ଉତ୍ତର ଦେବାକୁ ଡରନ୍ତି । ଧୀରେ ଧୀରେ ଏହି ଡର ମନରେ ରହିଯାଏ । ଫଳରେ ଜବ୍ ଇଣ୍ଟରଭ୍ୟୁ ବେଳେ ଅସୁବିଧା ହୋଇଥାଏ । ତେଣୁ ବାରମ୍ବାର ଚେଷ୍ଟା କରିବା ଦ୍ୱାରା ହିଁ ମନରୁ ଭୟ ଦୂର କରିହେବ । ଏଥିପାଇଁ ମିରର୍ ଆଗରେ କିମ୍ବା ପରିବାର ସଦସ୍ୟ, ସାଙ୍ଗସାଥୀଙ୍କ ସମ୍ମୁଖରେ କହିବା ଅଭ୍ୟାସ କରନ୍ତୁ ।

**କମ୍ୟୁନିକେଶନ୍ ସ୍କିଲ୍:** ଆପଣ ଯେତେ ଆଟ୍ରାକ୍ଟିଭ୍ ଦେଖାଯାଆନ୍ତୁ ଅବା ଯେତେ ଅଧିକ ପାଠ ପଢ଼ିଥାଆନ୍ତୁ, ଯଦି ଅନ୍ୟ ସମ୍ମୁଖରେ ଭଲ ଭାବେ ଦୁଇ ପଦ କଥା ହୋଇ ନ ପାରନ୍ତି, ତେବେ ଏହା ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ତେଣୁ ସର୍ବଦା ନିଜର କମ୍ୟୁନିକେଶନ୍ ସ୍କିଲ୍ ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ । ଆବଶ୍ୟକ ସ୍ଥଳେ ଏଥିପାଇଁ ଶର୍ଟଟର୍ମ କୋର୍ସ କରି ମଧ୍ୟ ଉପକୃତ ହୋଇପାରିବେ ।

**ଆଇ କଣ୍ଟାକ୍ଟ ରଖନ୍ତୁ:** ନିଯୁକ୍ତିଦାତାଙ୍କ ପ୍ରଶ୍ନର ଉତ୍ତର ଦେବା ବେଳେ ଡରି ଡରି ତଳକୁ କିମ୍ବା ଏଣେତେଣେ ଚାହିଁବା ଅବା ଡରରେ ବାରମ୍ବାର ଝାଳ ପୋଛିବା, ପାଟି ଶୁଖିବା ଆଦିକୁ ଦୂରେଇବାକୁ ଚେଷ୍ଟା କରନ୍ତୁ । ନ ଡରି ଆତ୍ମବିଶ୍ୱାସର ସହିତ ଆଇ କଣ୍ଟାକ୍ଟ ରଖି ଉତ୍ତର ଦିଅନ୍ତୁ । କାରଣ ସ୍ମାର୍ଟନେସ୍ ମଧ୍ୟ ଜଣେ ଦକ୍ଷ ମଣିଷର ପରିଚୟ ।

**ପାଖରେ ରଖନ୍ତୁ ଡକ୍ୟୁମେଣ୍ଟ:** ଯଦିଓ ବର୍ତ୍ତମାନ ଅଧିକାଂଶ ଜବ୍ ପାଇଁ ଅନ୍‌ଲାଇନ୍ ଆବେଦନ ସମୟରେ ଡକ୍ୟୁମେଣ୍ଟ ଦିଆଯାଉଛି ତଥାପି ଇଣ୍ଟରଭ୍ୟୁ ବେଳେ ପାଖରେ ଏକ ଫୋଲ୍ଡରରେ ସମସ୍ତ ଜରୁରୀ ଡକ୍ୟୁମେଣ୍ଟର ହାର୍ଡ କପି ରଖନ୍ତୁ । କାରଣ ବେଳେ ବେଳେ ସଫ୍ଟକପି ବଦଳରେ ନିଯୁକ୍ତିଦାତା ଇଣ୍ଟରଭ୍ୟୁ ସମୟରେ ଏସବୁ ଦେଖିବାକୁ ମାଗିଥାନ୍ତି ।

**ଗେଟ୍‌ଅପ୍ ପ୍ରତି ଦିଅନ୍ତୁ ବିଶେଷ ଧ୍ୟାନ:** ଇଣ୍ଟରଭ୍ୟୁ ପାଇଁ ଯିବାବେଳେ ଆପଣଙ୍କ ଡ୍ରେସ୍ ଯେପରି ଜାକିଜୁକି କିମ୍ବା ମଇଳା ହୋଇ ନ ଥାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ସଫା ଏବଂ ଆଇରନ୍ ଦିଆହୋଇଥିବା ପୋଷାକ ଆପଣଙ୍କ ପ୍ରତି ଅନ୍ୟମାନଙ୍କ ମନରେ ଏବଂ ସକାରାତ୍ମକ ଭାବନା ସୃଷ୍ଟି କରିବ । ଆଉ ଏକ କଥା ମନେରଖନ୍ତୁ, ଆବଶ୍ୟକତାଠାରୁ ଅଧିକ ଗର୍ଜିଅସ୍ କିମ୍ବା ଟ୍ରାଡିଶନାଲ୍ ପୋଷାକ ଇଣ୍ଟରଭ୍ୟୁରେ ପିନ୍ଧିବା ପାଇଁ ବାଛନ୍ତୁ ନାହିଁ । ରେଡ୍, ପିଙ୍କ୍, ୟେଲୋ ଭଳି ବୋଲ୍ଡ କଲର ପରିବର୍ତ୍ତେ ହ୍ୱାଇଟ୍, ବ୍ଲୁ, ବ୍ଲାକ୍, ଗ୍ରେ ଭଳି ଫର୍ମାଲ କଲର ପୋଷାକ ଆପଣଙ୍କୁ ଏକ ପ୍ରଫେସନାଲ୍ ଲୁକ୍ ଦେବ । ନିଜ ଡ୍ରେସ୍‌କୁ ସୁଟ୍ କରିବା ଭଳି ଫୁଟ୍‌ୱେର୍ ବାଛନ୍ତୁ । ପର୍‌ଫେକ୍ଟ ଦିଶିବା ନିଶାରେ ଅଧିକ ଷ୍ଟାଇଲିଶ୍ ଡ୍ରେସ୍ କିମ୍ବା ଜୋତା ପିନ୍ଧନ୍ତୁ ନାହିଁ, କାରଣ ପର୍ସନାଲିଟିକୁ ସୁଟ୍ କରୁ ନ ଥିବା ପୋଷାକ ବି ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ମନେରଖନ୍ତୁ, କୌଣସି ବି ଫିଲ୍ଡରେ ଇଣ୍ଟରଭ୍ୟୁ ଥିଲେ ଆବଶ୍ୟକତାଠାରୁ ଅଧିକ ମେକ୍ ଅପ୍, ଜୁଏଲେରି ଏମିତିକି ଅଧିକ ସୁଗନ୍ଧଯୁକ୍ତ ପର୍‌ଫ୍ୟୁମ୍ ବ୍ୟବହାର ନ କରିବା ଭଲ ।





**ରୁହନ୍ତୁ ପରିଷ୍କାର ପରିଚ୍ଛନ୍ନ:** ଏକ ଉତ୍ତମ ବ୍ୟକ୍ତିତ୍ୱର ମାପକାଠି ହୋଇଥାଏ ପର୍ସନାଲ୍ ହାଇଜିନ୍ । ତେଣୁ ଜବ୍ ଇଣ୍ଟରଭ୍ୟୁ ପାଇଁ ଯାଉଥିଲେ ପୋଷାକ, ଜୋତା, ବ୍ୟାଗ୍ ଆଦିଠାରୁ ଆରମ୍ଭ କରି ନିଜ ନଖ, କେଶ ଆଦି ପର୍ଯ୍ୟନ୍ତ ପରିଷ୍କାର ରଖନ୍ତୁ । କାରଣ ଏହା ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ ଏବଂ ଅନ୍ୟମାନଙ୍କ ମନରେ ଆପଣଙ୍କ ପ୍ରତି ଏକ ସକାରାତ୍ମକ ଭାବନା ସୃଷ୍ଟି କରିଥାଏ ।





## ଏ ସପ୍ତାହର ପ୍ରଶ୍ନ

୧– ସାଇନ୍ ଲାଙ୍ଗୁଏଜ୍ ମାଧ୍ୟମରେ ବିଧାନସଭା ଖବର ପ୍ରସାରିତ କରିଥିବା ପ୍ରଥମ ଭାରତୀୟ ରାଜ୍ୟ ......... ?

୨– ପେନ୍‌ସନ୍ ଫଣ୍ଡ ରେଗୁଲେଟୋରି ଆଣ୍ଡ ଡେଭେଲପ୍‌ମେଣ୍ଟ ଅଥରିଟି .......... ଦ୍ୱାରା ପରିଚାଳିତ ହୋଇଥାଏ ?

୩– ଜୋମି ଜନଜାତି ମୁଖ୍ୟତଃ ଭାରତର .............. ଆଦି ରାଜ୍ୟରେ ଦେଖାଯାଆନ୍ତି ?

୪– ନ୍ୟାଶନାଲ ୱାଇଲ୍ଡ ଲାଇଫ୍ ହେଲ୍‌ଥ ପଲିସି ............. ଦ୍ୱାରା ପରିଚାଳିତ ହୋଇଥାଏ ?

୫– .......... ଖେଳରେ ଡିସିଜନ୍ ରେଫରାଲ୍ ସିଷ୍ଟମ୍ ବ୍ୟବହାର କରାଯାଏ ?

## ଗତ ଥରର ଉତ୍ତର

୧ ରାଜସ୍ଥାନ

୨ ମାର୍ଚ୍ଚ ୧୬ ତାରିଖ

୩ ଗୁଆଟେମାଲା

୪ ଥାନେ

୫ ଅଷ୍ଟ୍ରିଆର ଭିଏନା

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ପ୍ରଦୀପ କୁମାର ନାଏକ, ବଲାଙ୍ଗୀର


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

## ଟପ୍ ୧୦

### ପୃଥିବୀର ସର୍ବାଧିକ ଜନସଂଖ୍ୟା ଥିବା ସହର(୨୦୨୪)

୧– ଟୋକିଓ, ଜାପାନ.................................. ୩୭,୧୧୫,୦୩୫
୨– ଦିଲ୍ଲୀ, ଭାରତ .................................. ୩୩,୮୦୭,୪୦୩
୩– ସାଙ୍ଘାଇ, ଚାଇନା .................................. ୨୯, ୮୬୭, ୯୧୮
୪– ଢାକା, ବାଂଲାଦେଶ .................................. ୨୩,୯୩୫,୬୫୨
୫– ସାଓ ପାଉଲୋ, ବ୍ରାଜିଲ୍ .................................. ୨୨,୮୦୬,୭୦୪
୬– କାଇରୋ, ଇଜିପ୍ଟ .................................. ୨୨,୬୨୩, ୮୭୪
୭– ମେକ୍ସିକୋ ସିଟି, ମେକ୍ସିକୋ .................................. ୨୨, ୫୦୫, ୩୧୫
୮– ବେଜିଂ, ଚାଇନା.................................. ୨୨, ୧୮୯, ୦୮୨
୯– ମୁମ୍ବାଇ, ଭାରତ .................................. ୨୧, ୬୭୩, ୧୪୯
୧୦– ଓସାକା, ଜାପାନ .................................. ୧୮, ୯୬୭, ୪୫୯

## ୟୁଥ୍ ଆଲର୍ଟ

# ହାଇଡ୍ରେଟ୍ ରଖିବ ଫଳ

ଧୀରେ ଧୀରେ ଖରାର ପ୍ରକୋପ ବଢ଼ୁଛି। ଏ ସମୟରେ ଅନେକଙ୍କଠାରେ ଡିହାଇଡ୍ରେଶନ୍ ସମ୍ବନ୍ଧିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ। ଏମିତିରେ ଶରୀରକୁ ହାଇଡ୍ରେଟ୍ ଓ ସୁସ୍ଥ ରଖିବା ଲାଗି କେତେକ ଖାଦ୍ୟ ବେଶ୍ ଲାଭଦାୟକ...

**କାକୁଡ଼ି:** କାକୁଡ଼ିରେ ପ୍ରାୟ ୯୬% ପାଣି ରହିଥାଏ । ତେଣୁ ଏହା ଖରାଦିନେ ଖାଇବା ସବୁଠୁ ଲାଭଦାୟକ । ପ୍ରତିଦିନ ଏହାକୁ ଖାଇଲେ ଶରୀର ହାଇଡ୍ରେଟ୍ ରହିଥାଏ ଏବଂ ତ୍ୱଚା ମଧ୍ୟ ସୁନ୍ଦର ରହିଥାଏ ।

**ମୂଳା:** ମୂଳାରେ ମଧ୍ୟ କାକୁଡ଼ି ଭଳି ଅଧିକ ଅର୍ଥାତ୍ ପ୍ରାୟ ୯୫% ପାଣି ରହିଥାଏ । ଏଥିରେ ଭରପୂର ମାତ୍ରାରେ ଭିଟାମିନ୍ ସି ଏବଂ ଫାଇବର୍ ଭରି ରହିଛି । ତେଣୁ ଖରାଦିନେ ଶରୀରକୁ ହାଇଡ୍ରେଟ୍ ରଖିବା ଲାଗି ଏହାକୁ ସାଲାଡ୍ ଆକାରରେ ଖାଇଲେ ଖୁବ୍ ଭଲ । ଭଜା, ତରକାରି ଆଦିରେ ମଧ୍ୟ ଏହାକୁ ଖାଇପାରିବେ ।

**ତରଭୁଜ:** ଗରମରେ ତରଭୁଜ ଖାଇବା ସବୁଠୁ ଅଧିକ ଉପକାରୀ ହୋଇଥାଏ । ଏଥିରେ ପାଣିର ମାତ୍ରା ପ୍ରାୟ ୯୨% ରହିଥାଏ, ଯାହାକି ଶରୀରର ଜଳୀୟାଂଶ ଠିକ୍ ରଖିବାରେ ସାହାଯ୍ୟ କରିଥାଏ । ଏଥିରେ ପୋଷକତତ୍ତ୍ୱ ପ୍ରଚୁର ପରିମାଣରେ



ଭରି ରହିଛି, ଯାହାକି ଶରୀରକୁ ବିଭିନ୍ନ ପ୍ରକାର ରୋଗରୁ ରକ୍ଷା କରିଥାଏ ।

**ଟମାଟୋ:** ଯଦିଓ ବର୍ଷର ଅନ୍ୟ ସବୁ ଋତୁରେ ଆମେ ଟମାଟୋ ଖାଇଥାଉ, ହେଲେ ଖରାଦିନେ ଏହା ଶରୀର ପାଇଁ ଅଧିକ ଲାଭଦାୟକ । ଏଥିରେ ୯୪% ପାଣି ଥିବା ବେଳେ ଲାଇକୋପିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ଆମ ଶରୀରର କୋଷଗୁଡ଼ିକୁ ନଷ୍ଟ ହେବାରୁ ରକ୍ଷା କରିଥାଏ ଏବଂ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

## ଜାଣନ୍ତୁ ଦୁନିଆ

# ବ୍ଲୁ ସିଟି ଅଫ୍ ଇଣ୍ଡିଆ

ରାଜସ୍ଥାନର ଯୋଧପୁର ସହର ନା କେବଳ ଏହାର ବାସ୍ତୁକଳା ଏବଂ ସଂସ୍କୃତିକୁ ନେଇ ପରିଚିତ ବରଂ ଏଠାକାର ନୀଳ ରଙ୍ଗ କୋଠାଗୁଡ଼ିକର ଦୃଶ୍ୟ ଏହାକୁ ଦି ବ୍ଲୁ ସିଟି ଅଫ୍ ଇଣ୍ଡିଆ ଭାବେ ପ୍ରସିଦ୍ଧ କରାଇଛି। ଜାଣିବା ଏହି ସହର ସମ୍ପର୍କରେ କିଛି ତଥ୍ୟ...

⏭ଏହି ସହରରେ ପ୍ରାୟ ସବୁ ଘରର ରଙ୍ଗ ବ୍ଲୁ, ଯାହାକି ଭାରତର ଅନ୍ୟ କୌଣସି ସହରରେ ଦେଖିବାକୁ ମିଳି ନ ଥାଏ ।

⏭କୁହାଯାଏ ଏହି ସହରରେ ପୂର୍ବରୁ ବ୍ରାହ୍ମଣ ଜାତିର ଲୋକେ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଭାବେ ଜଣାପଡ଼ିବା ଲାଗି ନିଜ ଘରକୁ ନୀଳ ରଙ୍ଗ ଦେଉଥିଲେ । ଧୀରେ ଧୀରେ ଏହା ଯୋଧପୁରର ଏକ ପରମ୍ପରା ଭଳି ସବୁ ଜାତିର ଲୋକେ ବି ଘରକୁ ନୀଳ ରଙ୍ଗ କରିବା ଆରମ୍ଭ କରିଦେଲେ ।

⏭ଏହା ବ୍ୟତୀତ କେହି କେହି ଏହା ପଛରେ ଅନ୍ୟ ଏକ କାରଣ ଥିବା ମଧ୍ୟ କୁହନ୍ତି । ଯୋଧପୁରର ଜଳବାୟୁ ଅତ୍ୟନ୍ତ ଗରମ ହୋଇଥିବାରୁ ଘରେ ନୀଳ ରଙ୍ଗ ଲଗାଇଲେ ସୂର୍ଯ୍ୟକିରଣର ପ୍ରଭାବ କମ୍ ରହିଥାଏ ଏବଂ ଘର ଥଣ୍ଡା ରହିଥାଏ । ତେଣୁ ସମସ୍ତେ ଘରକୁ ଏହି ରଙ୍ଗ ଦେଉଥିବା ବି ଶୁଣିବାକୁ ମିଳେ ।



⏭ତା'ଛଡ଼ା ଉଇ ଏବଂ ମଶାଦାଉରୁ ଘରକୁ ସୁରକ୍ଷା ଦେବା ପାଇଁ ନୀଳ ରଙ୍ଗ ଭଲ ବୋଲି ମଧ୍ୟ ସେଠାକାର ବାସିନ୍ଦା ବିଶ୍ୱାସ ରଖୁଥିବାରୁ ଘରକୁ ଏହି ରଙ୍ଗ ଦେଇଥାନ୍ତି ।

⏭ଏହି ସହରରେ ରାଜସ୍ଥାନ ରାଜ ପରିବାରର ଅନେକ ବଡ଼ ଓ ଭବ୍ୟ କିଲ୍ଲା, ମହଲ ଏବଂ ଐତିହାସିକ ସ୍ଥାପତ୍ୟ ରହିଛି । ତେଣୁ ଏଠାକାର ନୀଳ ରଙ୍ଗ ଏହି ରାଜକୀୟ ପରିଚୟକୁ ଅଧିକ ଖାସ୍ କରିଥାଏ ।

⏭ଯୋଧପୁରରେ ସୂର୍ଯ୍ୟାସ୍ତ ସମୟ ସବୁଠୁ ମନୋହର । କାରଣ ଏହି ସମୟରେ ସୂର୍ଯ୍ୟଙ୍କ ତିର୍ଯ୍ୟକ୍ ନାରଙ୍ଗୀ କିରଣ ପଡ଼ି ନୀଳ ରଙ୍ଗ ଅଧିକ ଆକର୍ଷଣୀୟ ଦେଖାଯାଇଥାଏ । ସେଠାରେ ଥିବା ମେହରାନଗଡ଼ କିଲ୍ଲା ଉପରୁ ଏହି ସହରକୁ ଦେଖିଲେ ଏକ ନୀଳ ସମୁଦ୍ର ଭଳି ସୁନ୍ଦର ଦେଖାଯାଇଥାଏ । ଯାହାକୁ ଦେଖିବା ପାଇଁ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକ ଏଠାକୁ ଆସିଥା'ନ୍ତି ।



⏭ଯୋଧପୁରରେ ଥିବା ଉମ୍ମେଦ ଭବନ ପ୍ୟାଲେସ୍ ଦୁନିଆର ସବୁଠୁ ଭବ୍ୟ ରାଜପ୍ରାସାଦଗୁଡ଼ିକ ମଧ୍ୟରେ ଗଣାଯାଏ । ଏହାର ସୁନ୍ଦର ଓ ଅପୂର୍ବ କାରୁକାର୍ଯ୍ୟ ପର୍ଯ୍ୟଟକଙ୍କୁ ଦେଖାଇବା ଲାଗି ଏହାକୁ ଏକ ପଞ୍ଚତାରକା ହୋଟେଲ୍ ଏବଂ ମ୍ୟୁଜିୟମ୍‌ରେ ପରିଣତ କରାଯାଇଛି । ଏହାବ୍ୟତୀତ ଯୋଧପୁରରେ ଥିବା ଯଶବନ୍ତ ଥଡ଼ା, ମଣ୍ଡୋର ଗାର୍ଡେନ୍ ଇତ୍ୟାଦି ସ୍ଥାନ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରଥମ ଦିନିକିଆରେ ନ୍ୟୁଜିଲାଣ୍ଡ ବିଜୟୀ

**ନାପିଏର (ନ୍ୟୁଜିଲାଣ୍ଡ), ୨୯।୩ (ଏପି)**

ପାକିସ୍ତାନ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡ ୭୩ ରନରେ ବିଜୟ ହାସଲ କରିଛି।

ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଆଗୁଆ ହୋଇପାରିଛି। ଶନିବାର ସ୍ଥାନୀୟ ମ୍ୟାକ୍‌ଲିନ୍ ପାର୍କଠାରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଏକଦା ୧୩ତମ ଓଭର ବେଳକୁ ୫୦ରନରେ ଏହାର ୩ଟି ଉଇକେଟ ହରାଇ ସାରିଥିଲା। ମାତ୍ର ମାର୍କ ଚାପମ୍ୟାନ (୧୧୧ବଲ୍‌ରୁ ୧୩୨ରନ) ଓ ଡେରିଲ ମିଚେଲ (୭୬ରନ)ଙ୍କ ମଧ୍ୟରେ ୧୯୯ରନର ଗୁରୁତ୍ୱପୂର୍ଣ୍ଣ ପାର୍ଟନରଶିପ୍ ଯୋଗୁ ଘରୋଇ ଦଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୩୪୪ ରନ କରିଥିଲା। ନ୍ୟୁଜିଲାଣ୍ଡ ଇନିଂସରେ ବଡ଼ ଅବଦାନ ରଖିଥିବା ଅନ୍ୟ ଜଣେ ଖେଳାଳି ହେଲେ ପାକିସ୍ତାନରେ ଜନ୍ମିତ ମହମ୍ମଦ ଆବାସ। ସେ ମାତ୍ର ୨୪ ବଲ୍‌ରୁ ୫୦ ରନ ସଂଗ୍ରହ କରିଥିଲେ। ଏହାଦ୍ୱାରା ଅନ୍ତର୍ଜାତୀୟ ଦିନିକିଆରେ ଏକ ପଦାର୍ପଣ ମ୍ୟାଚରେ ସେ ଦ୍ରୁତ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର ହେବାର ଗୌରବ ଅର୍ଜନ କରିଛନ୍ତି। ଜବାବରେ ପାକିସ୍ତାନ ଭଲ ଆରମ୍ଭ କରିଥିଲେ ମଧ୍ୟ ୪୪.୧ ଓଭରରେ ୨୭୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବାବର ଆଜମ ୭, ସଲମନ ଆଘା ୫୮ ଓ ଉସମାନ ଖାନ୍ ୩୯ ରନ କରିଥିଲେ। ନ୍ୟୁଜିଲାଣ୍ଡର ସଫଳ ବୋଲର ନାଥାନ ସ୍ମିଥ ୬୦ ରନ ବିନିମୟରେ ୪ଉଇକେଟ ଅକ୍ତିଆର କରିଥିଲେ। ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଦିନିକିଆ ମ୍ୟାଚ ବୁଧବାର ହାମିଲଟନଠାରେ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ଇନିଂସ: ୫୦ ଓଭରରେ ୩୪୪/୯ (ମାର୍କ ଚାପମ୍ୟାନ-୧୩୨, ଡେରିଲ ମିଚେଲ-୭୬, ମହମ୍ମଦ ଆବାସ-୫୨; ଇରଫାନ୍ ଖାନ୍-୩/୫୧, ହାରିସ ରୌଫ୍-୨/୩୮, ଆକିଭ ଜାଭେଦ-୨/୫୫)। ପାକିସ୍ତାନ ଇନିଂସ: ୪୪.୧ ଓଭରରେ ୨୭୧/ଅଲଆଉଟ (ବାବର ଆଜମ-୭୮, ସଲମନ ଆଘା-୫୮, ଉସ୍‌ମାନ ଖାନ୍-୩୯; ନାଥାନ ସ୍ମିଥ୍-୪/୬୦, ଜାକବ ଡୁଫି-୨/୫୭)।

# ସମ୍ବଲପୁର-ଏ ଓ ବି, ଝାରସୁଗୁଡ଼ା, ରାଉରକେଲା, ବାଲେଶ୍ୱର ବିଜୟୀ


ପ୍ରଶାନ୍ତ ଠକ୍କର


ଚିରାଗ ସୋନୀ

**ଭୁବନେଶ୍ୱର, ୨୯।୩ (ତପନ ସ୍ୱାଇଁ)**

**କଳାହାଣ୍ଡି କପ୍**

କଟକ ଓ ଭୁବନେଶ୍ୱରର ୯ ଭେନ୍ୟୁରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ (ଦ୍ୱିତୀୟ ପର୍ଯ୍ୟାୟ)ର ଶନିବାର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର-ଏ, ରାଉରକେଲା, ପୁରୀ, ବାଲେଶ୍ୱର, ସମ୍ବଲପୁର-ଏ ଓ ବି, ଝାରସୁଗୁଡ଼ା, ଗଞ୍ଜାମ ଓ ଢେଙ୍କାନାଳ ଦଳ ବିଜୟ ହାସଲ କରିଛି। ଡ୍ରିମ୍ସ ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ୭୧ ରନରେ ବଲାଙ୍ଗୀରକୁ ହରାଇଛି। ବଲାଙ୍ଗୀରର ଚିରାଗ ସୋନୀ ୫ ଉଇକେଟ ସଫଳତା ପାଇଛନ୍ତି। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ରାଉରକେଲା ୧୪୪ ରନରେ ଅନୁଗୋଳକୁ ଓ ଗ୍ରାଉଣ୍ଡ-୧ରେ ପୁରୀ ୬ ଉଇକେଟରେ ଦେବଗଡ଼କୁ ପରାସ୍ତ କରିଛି। ଖୋର୍ଦ୍ଧା ପଡ଼ିଆରେ ବାଲେଶ୍ୱର ୮ ଉଇକେଟରେ କେନ୍ଦ୍ରାପଡ଼ାକୁ, ଜଟଣୀ ରେଲୱେ ଗ୍ରାଉଣ୍ଡରେ ସମ୍ବଲପୁର-ଏ ୧୫୫ ରନରେ ସୋନପୁର, ସନ୍‌ସାଇନ୍ ଗ୍ରାଉଣ୍ଡରେ ଝାରସୁଗୁଡ଼ା ୪ ଉଇକେଟରେ ମାଲକାନଗିରି, ଏମ୍‌ଜିଏମ୍ ଗ୍ରାଉଣ୍ଡରେ ସମ୍ବଲପୁର-ବି ୪୩ ରନରେ ଭଦ୍ରକକୁ ହରାଇ ଦେଇଛି। ସମ୍ବଲପୁର-ଏ'ର ପ୍ରଶାନ୍ତ ଠକ୍କର ୨୬ ରନଦେଇ ୫ ଉଇକେଟ ନେଇଛନ୍ତି। ସେହିପରି ଅଡ଼ଶପୁର ପଡ଼ିଆରେ ଗଞ୍ଜାମ ୭ ଉଇକେଟରେ କଟକ-ବି, ରେଲୱେ ଷ୍ଟାଡିୟମରେ ଢେଙ୍କାନାଳ ୧୬୧ ରନରେ ରାୟଗଡ଼ାକୁ ପରାସ୍ତ କରିଛି।

# ଏନ୍‌ସିଏ କ୍ୟାମ୍ପ ପାଇଁ ୪ ମନୋନୀତ


ମହେଶ ସାହୁ


ପନକାଲା ମୋକ୍ଷିତ


ରାଜ ଯାଦବ


ସୌରଭ ମିଶ୍ର

**ଭୁବନେଶ୍ୱର, ୨୯।୩ (ତପନ ସ୍ୱାଇଁ)**

ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ୧୬ ବର୍ଷରୁ କମ୍ ବାଳକ ଏଲିଟ୍ କ୍ୟାମ୍ପ ପାଇଁ ଓଡ଼ିଶାର ୪ ଖେଳାଳି ମନୋନୀତ ହୋଇଛନ୍ତି। ଏହି କ୍ୟାମ୍ପ ଏପ୍ରିଲ ୧୮ରୁ ମେ ୧୪ ପର୍ଯ୍ୟନ୍ତ ବିଭିନ୍ନ ଭେନ୍ୟୁରେ ଚାଲିବ। ବିସିସିଆଇ ଘରୋଇ ସିଜନ ୨୦୨୪-୨୫ର ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଉନ୍ନତ ପ୍ରଦର୍ଶନ ପାଇଁ ଏହି ୪ ଖେଳାଳିଙ୍କୁ ଏନ୍‌ସିଏ କ୍ୟାମ୍ପ ପାଇଁ ସୁଯୋଗ ମିଳିଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସୂତ୍ରରୁ ପ୍ରକାଶ। ଟିମ୍-ଏ ପାଇଁ ମନୋନୀତ ହୋଇଥିବା ମହେଶ ସାହୁ ସାଲେମ କ୍ୟାମ୍ପରେ ଯୋଗଦେବେ। ଟିମ୍-ବି'ରେ ସୁଯୋଗ ପାଇଥିବା ପନକାଲା ମୋକ୍ଷିତ ଜୟପୁରରେ ଏବଂ ଟିମ୍-ସି'ରେ ପାଇଥିବା ସ୍ୱାଗତ ସୌରଭ ମିଶ୍ର ଓ ରାଜ ଯାଦବ ପୁଣେରେ ଟ୍ରେନିଂ ନେବେ। ଏନ୍‌ସିଏ କ୍ୟାମ୍ପ ପାଇଁ ମନୋନୀତ ହୋଇଥିବାରୁ ଉକ୍ତ ୪ ଖେଳାଳିଙ୍କୁ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

# କାର୍ଯ୍ୟନିର୍ବାହୀ କମିଟିରେ ୪ ଖେଳାଳି ରହିବେ

**ନୂଆଦିଲ୍ଲୀ, ୨୯।୩ (ପି.ଟି.)**

**ଏଆଇଏଫ୍‌ଏଫ୍ ସମ୍ବିଧାନ ଚିଠା**

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଏହାର ସମ୍ବିଧାନରେ ବ୍ୟାପକ ପରିବର୍ତ୍ତନ କରିବାକୁ ଚାହୁଁଛି। ଏଥିପାଇଁ ପ୍ରସ୍ତୁତ କରାଯାଇଥିବା ସମ୍ବିଧାନ ଚିଠାରେ ୧୪ଜଣିଆ କାର୍ଯ୍ୟନିର୍ବାହୀ କମିଟିରେ ଅତିକମ୍‌ରେ ୪ଜଣ ପୂର୍ବତନ ଜାତୀୟ ଖେଳାଳିଙ୍କୁ ସ୍ଥାନ ଦେବା ଓ ଅନାସ୍ଥା ପ୍ରସ୍ତାବ ଜରିଆରେ କର୍ମକର୍ତ୍ତାଙ୍କୁ ବହିଷ୍କାର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବମାନ ରହିଛି। ଜଣେ ଅବସରପ୍ରାପ୍ତ ବିଚାରପତି ଏଲ୍ ନାଗେଶ୍ୱର ରାଓଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବିଧାନ ଚିଠା ସୁପ୍ରିମ କୋର୍ଟରେ ଉପସ୍ଥାପନ କରାଯାଇଛି। ଜଷ୍ଟିସ ପି.ଏସ୍ ନରସିଂହା ଓ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାର୍ଚ୍ଚ ୨୫ରେ ଏହି ବିଷୟର ଚୂଡ଼ାନ୍ତ ଶୁଣାଣି ଆରମ୍ଭ କରିଛନ୍ତି। କୋର୍ଟରେ ଯୁକ୍ତି ଉପସ୍ଥାପନ ପରେ ରାୟ ଏପ୍ରିଲ ୨ରେ ପ୍ରକାଶ ପାଇବ।

# ଅଷ୍ଟ୍ରେଲିଆ ନାଗରିକ ହେଲେ କାସାଟକିନା

**ମେଲବୋର୍ନ, ୨୯।୩ (ଏପି)**



ରୁଷିଆରେ ଜନ୍ମିତ ଟେନିସ ଖେଳାଳି ଡାରିଆ କାସାଟକିନା ଅଷ୍ଟ୍ରେଲିଆ ନାଗରିକତ୍ୱ ଗ୍ରହଣ କରିଛନ୍ତି। ଅଷ୍ଟ୍ରେଲିଆରେ ସ୍ଥାୟୀ ବସବାସ କରିବା ଲାଗି ସେ ଆଗ୍ରହୀ। ଏଥିଲାଗି ତାଙ୍କୁ ଅନୁମତି ଦେବା ପାଇଁ ସେ କରିଥିବା ଅନୁରୋଧକୁ ଅଷ୍ଟ୍ରେଲିଆ ସରକାର ଗ୍ରହଣ କରିଛନ୍ତି। ୨୭ବର୍ଷୀୟ କାସାଟକିନା ୨୦୨୨ ଫ୍ରେଞ୍ଚ୍ ଓପନ ସେମିଫାଇନାଲିଷ୍ଟ। ବର୍ତ୍ତମାନ ର୍‍ୟାଙ୍କିଂ ତାଲିକାରେ ସେ ୧୨ତମ ସ୍ଥାନରେ ରହିଛନ୍ତି। ୮ଥର ଡବ୍ଲ୍ୟୁଟିଏ ସିଙ୍ଗଲ୍ସ ଚାମ୍ପିୟନଙ୍କ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଂ ୮ମ ସ୍ଥାନ ରହିଛି। ୨୦୨୨ରେ ୟୁକ୍ରେନ୍ ଉପରେ ମସ୍କୋର ଆକ୍ରମଣ ପରେ ରୁଷିଆ ଓ ବେଲାରୁଷ ପକ୍ଷରୁ ଖେଳାଳିମାନେ ସେମାନଙ୍କ ଦେଶର ପତାକା ଅଧୀନରେ କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ ଉପରେ କଟକଣା ଜାରି କରାଯାଇଛି। ଫଳରେ ଏହାପରଠାରୁ କାସାଟକିନା ଟୁର୍‌ରେ ଜଣେ ନିରପେକ୍ଷ ଆଥଲେଟ ଭାବେ ଭାଗ ନେଇ ଆସୁଥିଲେ। ଅଷ୍ଟ୍ରେଲିଆ ନାଗରିକତ୍ୱ ମିଳିଥିବାରୁ ସେ ବହୁତ ଖୁସି ବୋଲି କାସାଟକିନା ତାଙ୍କର ଏକ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ କହିଛନ୍ତି। ଟେନିସ ଅଷ୍ଟ୍ରେଲିଆ କହିଛି, କାସାଟକିନା ବର୍ତ୍ତମାନ ଅଷ୍ଟ୍ରେଲିଆ ନାଗରିକ ହୋଇଥିବାରୁ ସେ ଏଣିକି ଅଷ୍ଟ୍ରେଲିଆରୁ ପ୍ରତିନିଧିତ୍ୱ କରିପାରିବେ।


# Classified Everyday
0674-2580101, 9692975378




## BRIDE WANTED

ବୟସ 29, Private ଚାକିରୀ କରୁଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7077016578. D-75374

## GROOM WANTED

Tall, Handsome Brahmin boy 1989 born, 5'10" MBA (IB) & LLB, Lawyer in Puri earning 7Lacs per Annum invites suitable Brahmin proposals. Contact: 7978626462. D-3466



## AUTOMOBILE SALE

Tata Ultra 41 Seater Bus for Sale. Contact Details: 7077714312. D-3476

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D-76254



## REAL ESTATE SALE

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

**Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226.** D-3125

Personal plot 60x80=4800sqft. Nearer to Phulanakhara, 11K.M. from Bhubaneswar, @1500/- Persft. with big Compoundwall, beautiful road, Touching to a Building. 7809525425. D-76433

**44 Dcml. (1920sqft.) Gharabadi boundary wall plot SALE at Bhaktamadhu Nagar, near ITER College, Jagamara. Price 95 lakh, negotiable. Only Genuine Buyer call for details: 9438220432/8144658008.** D-3412

**Duplex sale with gated Society near AIIMS Hospital, Bhubaneswar. 9777433701.** D-76253

**1792sqft. plot inside a gated community near Physiotherapy Hospital at Olatapur, side of Phulanakhara-Niali Highway for sale. 7008071631.** D-3416



## CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-3219

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly constructed commercialarea2000sqft. at BHARATPUR, BHUBANESWAR main road from Studio Chhak to Chandaka for Banks Malls Showroom. Contact: 7978609834, 7978578341. D-71599




All types hair cutting, body massage by smart lady room services available. Contact: 7077240328. D-71396

Newly open Jyoti SPA positively health benefits (Expert therapist). 8458067955. D-76904

**Newly opened spa in puri. Professional body massage available. 9861984834.** D-3394

## AFFIDAVIT

By virtue of an affidavit sworn before dated 27.03.2025, I, Subash Chandra Khillo, At- Kulabir, P.O.- Padua, Dist.- Koraput, I have changed my son's name Kamesh Khilla to Kabir Khillo. Today onwards he will be known as Kabir Khillo for all purposes.
Subash Chandra Khilla
D-3460

I, Priti Priyadarsini, D/o of Prasanta Kumar Behera, At- MIG11, H.B. Colony, P.O./P.S./Dist.- Khordha-752055, I declare by this affidavit No.-842, dated on 28.3.2025 that now onwards I shall be known as Priti Priyadarshini for all purpose. D-75384

By virtue of an affidavit sworn before Magistrate, Kujang, dt- 26.03.2025, I, Basanta Dalai, Address: At- Nuaratnapur, P.O.- Kunjakothi, P.S.-Erasama, Dist.- Jagatsinghpur, declare that I have changed my son's name from Son Dalai (old name) to Sahil Kumar Dalai (new name). Henceforth, he shall be known as Sahil Kumar Dalai (new name) for all purposes.
Basanta Dalai
D-3470

By virtue of an affidavit sworn before the Executive Magistrate, Saintala, dt. 29.03.2025, I, Shashidhar Behera, S/o- Ranjit Behera, R/o-Village- Bargaon, P.O.- Bhadra, P.S.- Saintala, Dist.- Balangir (Odisha), PIN- 767032 declare that now I have changed my son's name from Samya Ranjan Behera to Soumya Ranjan Behera. Henceforth, my son shall be known as Soumya Ranjan Behera for all purposes.
Shashidhar Behera
D- 3469

By virtue of an affidavit sworn before Executive Magistrate, dated 17th March 2025 I, Ganesh Himirika, Address: Village- Jhodia Street, Katlaguda, P.O.- Halua, Dist.- Rayagada, Odisha, 765002, declare that I have changed my daughter's name from Mammali Himirika to Mili Kumari Himirika. Henceforth, she shall be known as Mili Kumari Himirika for all purposes.
Ganesh Himirika
D-3468

By virtue of an affidavit sworn before Executive Magistrate, Angul, dated 28.03.2025, I, Tapi Majhi, Address: At- Talataila, P.O.- Kuio, P.S.- Angul sadar, Dist- Angul, PIN- 759123, Declare that I have changed my name from Tapi Majhi to Taapoiee Majhi. Henceforth, I shall be known as Taapoiee Majhi for all purposes.
Taapoiee Majhi
D-3467

# ମନେ ପଡ଼ନ୍ତି

### ମନେ ପଡ଼ନ୍ତି



**୰ଅନ୍ୱେଷା ଧରାଶ୍ରୀ ଜେନା (ଲାଡ୍‌ଲି)**
ହଣ୍ଡପା, ଅନୁଗୋଳ
ଆବିର୍ଭାବ- ୨୩.୦୪.୨୦୦୯
ତିରୋଧାନ- ୩୦.୦୩.୨୦୧୨
ତୁ ଆମକୁ କନ୍ଦାଇ ସବୁଦିନ ପାଇଁ ଆରପାରିକୁ ଚାଲିଗଲୁ। ତୁ ଯୋଉଠି ବି ଥା' ଭଲରେ ଥାଆ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଜେନା ପରିବାରବର୍ଗ।
ଧ-୩୪୭୪

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ରମେଶ ଚନ୍ଦ୍ର ସ୍ୱାଇଁ**
ଦିହୁଡ଼ା, ଗୋପ, ପୁରୀ
ଆବିର୍ଭାବ: ୧୩।୦୪।୧୯୬୫
ତିରୋଧାନ: ୨୧।୦୩।୨୦୨୫
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ରିଧିକାନ୍ତ, ରତିକାନ୍ତ, ବନ୍ଧୁ ଓ ପରିବାରବର୍ଗ।
ଧ-୩୪୭୧

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



**୰ସବିତା ମହାନ୍ତି (ନିଲୁ)**
ତିରୋଧାନ: ୨୫ ମାର୍ଚ୍ଚ ୨୦୨୦
ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର: ବଦ୍ରି, ଝିଅ, ଜ୍ୱାଇଁ, ନାତୁଣୀ।
ଧ-୩୪୭୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରବୀନ୍ଦ୍ର ନାଥ ତ୍ରିପାଠୀ**
ଚନ୍ଦନ ନଗର ୫ମ ଗଳି, ଲାଞ୍ଜିପଲ୍ଲୀ, ବ୍ରହ୍ମପୁର
ଆବିର୍ଭାବ: ୨୩।୧୦।୧୯୩୮
ତିରୋଧାନ: ୦୯।୦୪।୨୦୨୪
ଆପଣ ଆମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ହଠାତ୍ ଚାଲିଗଲେ। ଆଜି ଏହି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ- ସୁକାନ୍ତି, ପୁଅ- ନୃସିଂହନାଥ, ଦିବ୍ୟସିଂହ, ସରୋଜ, ବୋହୂ- ମୋହର, ପୂର୍ବାସା, ସୁଜାତା,ଝିଅ- ସୁଜାତା, ସସ୍ମିତା, ରଶ୍ମିତା, ଜ୍ୱାଇଁ- ବୁଲୁ, ମନ୍ମଥ, ନିଲୁ, ବିଟୁନ୍, ଚନ୍ଦନ, ସାହିଲ, କୁସୁମ, ଖୁସୁବ, ସରନ୍ୟା, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୩୪୭୩

### ଶ୍ରଦ୍ଧାଞ୍ଜଳି



**୰ସୂର୍ଯ୍ୟକାନ୍ତ ମହାନ୍ତି (ବାବୁଲା)**
ସର୍ବୋଦୟ ନଗର, ଗୁଣ୍ଡିଚା ବିହାର ହୃଦାନନ୍ଦ କଲୋନୀ, ପୁରୀ-୨
ଆବିର୍ଭାବ: ୨୦।୦୨।୧୯୫୮
ତିରୋଧାନ: ୦୧।୦୪।୨୦୨୨
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଆପଣଙ୍କ: ଭଉଣୀ, ଭିଣୋଇ, ଭାଇ, ଭାଇବୋହୂମାନେ, ଭଣଜା, ଭାଣିଜୀ, ପୁତୁରା, ଝିଆରୀ ଏବଂ ପରିବାରବର୍ଗ।
ଧ-୭୫୬୨୦

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


"M.B.K."
Great Eastern® RETAIL
ଗ୍ରୀଷ୍ମ ଚାହେଁ ଏସି
ମନ କୁହେ ଗ୍ରେଟ୍ ଇଷ୍ଟର୍ଣ୍ଣ ରିଟେଲ
upto ₹7000 EXCHANGE VALUE*
upto ₹45000 CASH BACK*
0 DOWN PAYMENT* COST EMI*
5 YEARS COMPREHENSIVE WARRANTY*
FREE STANDARD INSTALLATION*
FREE EXPRESS DELIVERY*
OPENING SOON AT Tonk Pani Road, Near Sai Mandir, Bhubaneswar
LLOYD upto 58% OFF
1.5 T 3* Inverter AC MRP ₹55990 EFFECTIVE PRICE ₹23490* ₹72/Day*
1.5 T 5* Inverter AC MRP ₹67990 EFFECTIVE PRICE ₹29490* ₹89/Day*
Godrej upto 54% OFF
1.5 T 3* Inverter AC MRP ₹45900 EFFECTIVE PRICE ₹20990* ₹65/Day*
1.5 T 5* Inverter AC MRP ₹54900 EFFECTIVE PRICE ₹25490* ₹78/Day*
VOLTAS upto 62% OFF
1.5 T 3* Inverter AC MRP ₹64990 EFFECTIVE PRICE ₹24490* ₹75/Day*
1.5 T 5* Inverter AC MRP ₹75990 EFFECTIVE PRICE ₹30490* ₹92/Day*
LG upto 65% OFF
1.5 T 3* Inverter AC MRP ₹78990 EFFECTIVE PRICE ₹27990* ₹85/Day*
1.5 T 5* Inverter AC MRP ₹85990 EFFECTIVE PRICE ₹33990* ₹81/Day*
Carrier upto 66% OFF
1.5 T 3* Inverter AC MRP ₹78990 EFFECTIVE PRICE ₹26990* ₹82/Day*
1.5 T 5* Inverter AC MRP ₹78490 EFFECTIVE PRICE ₹32490* ₹97/Day*
HITACHI upto 61% OFF
1.5 T 3* Inverter AC MRP ₹64850 EFFECTIVE PRICE ₹25490* ₹78/Day*
1.5 T 5* Inverter AC MRP ₹75850 EFFECTIVE PRICE ₹34990* ₹104/Day*
DAIKIN upto 54% OFF
1.5 T 3* Inverter AC MRP ₹58400 EFFECTIVE PRICE ₹26990* ₹82/Day*
1.5 T 5* Inverter AC MRP ₹67200 EFFECTIVE PRICE ₹35990* ₹107/Day*
Panasonic upto 59% OFF
1.5 T 3* Inverter AC MRP ₹59900 EFFECTIVE PRICE ₹24490* ₹75/Day*
1.5 T 5* Inverter AC MRP ₹67900 EFFECTIVE PRICE ₹34490* ₹103/Day*
Whirlpool upto 63% OFF
1.5 T 3* Inverter AC MRP ₹62200 EFFECTIVE PRICE ₹24490* ₹75/Day*
1.5 T 5* Inverter AC MRP ₹71900 EFFECTIVE PRICE ₹26490* ₹81/Day*
GENERAL upto 24% OFF
1.5 T 3* Inverter AC MRP ₹55790 EFFECTIVE PRICE ₹42490* ₹125/Day*
1.5 T 5* Inverter AC MRP ₹70520 EFFECTIVE PRICE ₹53990* ₹157/Day*
LLOYD upto 52% OFF MRP ₹47990 1.5 T 3* Inverter AC EFFECTIVE PRICE ₹22990* ₹71/Day*
Godrej upto 47% OFF MRP ₹41900 1.5 T 3* Inverter AC EFFECTIVE PRICE ₹21990* ₹68/Day*
Carrier upto 49% OFF MRP ₹45090 1.5 T 3* Inverter AC EFFECTIVE PRICE ₹22990* ₹71/Day*
upto 35% OFF 184 L Single Door MRP ₹17260 EFFECTIVE PRICE ₹11190* ₹31/Day*
upto 35% OFF 235 L Double Door MRP ₹30690 EFFECTIVE PRICE ₹19790* ₹55/Day*
upto 48% OFF 596L Side By Side + 24L OTG MRP ₹101990 EFFECTIVE PRICE ₹52890* ₹110/Day*
upto 40% OFF HAVELLS Desert Cooler MRP ₹22390 EFFECTIVE PRICE ₹13490* ₹37/Day*
upto 36% OFF USHA Air Cooler MRP ₹13190 EFFECTIVE PRICE ₹8490* ₹24/Day*
upto 27% OFF 230L Deep Freezer MRP ₹32890 EFFECTIVE PRICE ₹23990* ₹67/Day*
BRING HOME THE GAME
upto 59% OFF 32 (81.28cm) Smart TV MRP ₹28390 EFFECTIVE PRICE ₹11490* ₹32/Day*
upto 55% OFF 43 (109.7cm) Smart TV MRP ₹50490 EFFECTIVE PRICE ₹22490* ₹62/Day*
upto 49% OFF 55 (139.7cm) UHD TV MRP ₹66990 EFFECTIVE PRICE ₹34490* ₹103/Day*
upto 45% OFF 65 (165.1cm) Google TV MRP ₹101990 EFFECTIVE PRICE ₹55790* ₹162/Day*
upto 55% OFF 75 (190.5cm) UHD TV MRP ₹199900 EFFECTIVE PRICE ₹89990* ₹178/Day*
SAMSUNG LG Panasonic SONY LLOYD Haier Whirlpool Godrej IFB BOSCH VOLTAS DAIKIN HITACHI GENERAL BLUE STAR HAVELLS EUREKA FORBES Livpure KUTCHINA hindware FABER Sunflame USHA
UP TO 5% INSTANT DISCOUNT* SBI card
#Min. Trxn.: ₹25,000; Max. Discount: ₹3,500 per card; Also valid on EMI Trxns.; Validity: 15 Mar - 13 Apr 2025. T&C Apply.
SCAN FOR MORE OFFERS
Widest Range Of Products*
Extended Warranty*
Easy Finance Available HDB FINANCIAL SERVICES BAJAJ FINSERV EMI IDFC FIRST Bank
www.greateasternretail.com | Great Eastern Retail | HELPLINE 033 4037 2000
ଭୁବନେଶ୍ୱର ବାପୁଜୀ ନଗର 9853945074 | ରାଉରକେଲା ଜାମୁନାନାକି 8984831218
କଟକ ଯୋବ୍ରା ରୋଡ 8908972713 | ବାଲେଶ୍ୱର ବିବେକାନନ୍ଦ ମାର୍ଗ 9658806880 | ସିଡିଏ 95836 47161
ଯାଜପୁର ରୋଡ଼ ଚୋର୍ଦା ବାଇପାସ୍ 7978077155 | ପଟିଆ 9853933698 | ବ୍ରହ୍ମପୁର ଦଳୁଆ ସାହି 9938668181
ODISHA | DELHI | HARYANA | WEST BENGAL | RAJASTHAN | UTTAR PRADESH | ANDHRA PRADESH | 90+ STORES
*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands. Exchange value applicable for working 1 to 2 years old Air Conditioner based on physical condition and submission of original invoice. 6 hrs delivery applicable only on Air Conditioners.
virtual frame

ଧରିତ୍ରୀ DHARITRI 51 Years

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩୦/୨୦୨୫ Bhubaneswar, Sunday, March 30/ 2025

# ମୁମ୍ବାଇକୁ ହରାଇଲା ଗୁଜରାଟ



ଶଟ୍ ଖେଳିବା ଅବସରରେ ସାଇ ସୁଦର୍ଶନ।

**ଅହମଦାବାଦ,୨୯।୩**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶନିବାର ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟନ୍ସ ୩୬ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ସାଇ ସୁଦର୍ଶନଙ୍କ ଅର୍ଦ୍ଧଶତକ ସହାୟତାରେ ଗୁଜରାଟ ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୯୬ ରନ କରିଥିଲା। ୧୯୭ ରନ ବିଜୟ ଲକ୍ଷ୍ୟରେ ମୁମ୍ବାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୬୦ ରନ କରି ପାରିଥିଲା। ରୋହିତ ଶର୍ମା ପୁଣି ଫେଲ୍ ମାରିଥିବାବେଳେ ସୂର୍ଯ୍ୟକୁମାର ଯାଦବଙ୍କ ଦ୍ରୁତ ୪୮ (୨୮ ବଲ, ୧ ଚୌକା, ୪ ଛକା) ଓ ତିଲକ ବର୍ମାଙ୍କ ୩୯ ରନ ପର୍ଯ୍ୟାପ୍ତ ହୋଇ ନ ଥିଲା। ଗୁଜରାଟ ବୋଲରଙ୍କ ମଧ୍ୟରେ ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ୨ଟି ଲେଖାଏ ଉଇକେଟ ନେଇଥିଲେ। ୨ ମ୍ୟାଚରୁ ଗୁଜରାଟ ପ୍ରଥମ ବିଜୟ ହାସଲ କରି ପଏଣ୍ଟ ଖାତା ଖୋଲିଛି। ଅନ୍ୟ ପକ୍ଷରେ ମୁମ୍ବାଇ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ନିଜର ପ୍ରଥମ ମ୍ୟାଚରେ ଏହି ଦଳ ଚେନ୍ନାଇ ସୁପର କିଙ୍ଗ୍ସଠାରୁ ହାରିଥିଲା।

ଟସ୍ ଜିତି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ସାଇ ସୁଦର୍ଶନ ଓ ଅଧିନାୟକ ଶୁବମନ ଗିଲ୍‌ଙ୍କ ଓପନିଂ ଯୋଡ଼ିରେ ୫୧ ବଲ୍‌ରୁ ୭୮ ରନ ଯୋଗ କରି ଭଲ ଆରମ୍ଭ କରିଥିଲା। ଗିଲ୍ ୩୮ (୨୭ ବଲ୍, ୪ ଚୌକା, ୧ ଛକା) ରନକରି ଆଉଟ ହେବାପରେ ଜୋସ ବଟଲର ୨୪ ବଲ୍‌ରୁ ୩୯ (୫ ଚୌକା, ୧ ଛକା) ରନର ଉପଯୋଗୀ ଇନିଂସ ଖେଳିଥିଲେ। ବ୍ୟାଟିଂ କ୍ରମରେ ଉପରେ ଆସିଥିଲେ ହେଁ ଶାହରୁଖ ଖାଁ (୯) ଏହାର ଫାଇଦା ନେଇପାରି ନ ଥିଲେ। ଦଳର ବ୍ୟାଟିଂ ମେରୁଦଣ୍ଡ ସାଜିଥିବା ସୁଦର୍ଶନ ସର୍ବାଧିକ ୬୩ (୪୧ ବଲ, ୪ ଚୌକା, ୨ ଛକା) ରନ ସ୍କୋର କରିଥିଲେ। ମୁମ୍ବାଇ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୯୬/୮ (ସାଇ ସୁଦର୍ଶନ-୬୩, ଜୋସ ବଟଲର-୩୯, ଶୁବମନ ଗିଲ-୩୮, ହାର୍ଦ୍ଦିକ ପାଣ୍ଡ୍ୟା-୨/୨୯, ଟ୍ରେଣ୍ଟ ବୋଲ୍ଟ-୧/୩୪, ଦୀପକ ଚହର-୧/୩୯, ମୁଜିବ ଉର ରହମନ-୧/୨୮, ସତ୍ୟନାରାୟଣ ରାଜୁ-୧/୪୦)। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୬୦/୬ (ସୂର୍ଯ୍ୟକୁମାର ଯାଦବ-୪୮, ତିଲକ ବର୍ମା-୩୯, ମହମ୍ମଦ ସିରାଜ-୨/୩୪, ପ୍ରସିଦ୍ଧ କ୍ରିଷ୍ଣା-୨/୧୮, ରବିଶ୍ରୀନିବାସନ ସାଇ କିଶୋର-୧/୩୭, କାଗିଶୋ ରାବାଡ଼ା-୧/୪୨)।

### ଆଇପିଏଲ୍ କାର୍ଯ୍ୟସୂଚୀ

**(ଆଜିର ମ୍ୟାଚ)**

**ଦିଲ୍ଲୀ ବନାମ ହାଇଦ୍ରାବାଦ**

ସ୍ଥାନ: ବିଶାଖାପାଟଣା
ସମୟ: ଅପରାହ୍ଣ ୩.୩୦

**ରାଜସ୍ଥାନ ବନାମ ଚେନ୍ନାଇ**

ସ୍ଥାନ: ଗୁଆହାଟୀ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୨ | ୨ | ୦ | ୪ | +୨.୨୬୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୨ | ୧ | ୧ | ୨ | +୦.୯୬୩ |
| ଗୁଜରାଟ ଟାଇଟନ୍ସ | ୨ | ୧ | ୧ | ୨ | +୦.୬୨୫ |
| ପଞ୍ଜାବ କିଙ୍ଗ୍ସ | ୧ | ୧ | ୦ | ୨ | +୦.୫୫୦ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧ | ୧ | ୦ | ୨ | +୦.୩୭୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୨ | ୧ | ୧ | ୨ | -୦.୧୨୮ |
| କୋଲକାତା ନାଇଟ ରାଇଡର୍ସ | ୨ | ୧ | ୧ | ୨ | -୦.୩୦୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୨ | ୧ | ୧ | ୨ | -୧.୦୧୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୨ | ୦ | ୨ | ୦ | -୧.୧୬୩ |
| ରାଜସ୍ଥାନ ରୟାଲ୍ସ | ୨ | ୦ | ୨ | ୦ | -୧.୮୮୨ |



ଜାତୀୟ ପାରା ଫେନ୍‌ସିଂର ପ୍ରଥମ ଦିବସରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ମୁକାବିଲା। (ଫଟୋ: ବିକାଶ ନାୟକ)

## ବ୍ରାଜିଲ ଫୁଟ୍‌ବଲ କୋଚ୍ ଡୋରିଭାଲ ବହିଷ୍କୃତ

**ସାଓପାଉଲୋ, ୨୯।୩ (ଏପି)**

ବ୍ରାଜିଲ ଫୁଟ୍‌ବଲ କୋଚ୍ ଡୋରିଭାଲ ଜୁନିୟର ତାଙ୍କ ପଦବୀରୁ ବହିଷ୍କୃତ ହୋଇଛନ୍ତି। ଜାତୀୟ ଦଳର ଖରାପ ପ୍ରଦର୍ଶନ ପାଇଁ ନିଯୁକ୍ତିର ୧୪ ମାସ ପରେ ତାଙ୍କୁ ବିଦା ହେବାକୁ ପଡ଼ିଛି। ବୁଏନସଏରିଜ୍‌ରେ ଅନୁଷ୍ଠିତ ବିଶ୍ୱକପ୍ କ୍ୱାଲିଫାୟର୍ସରେ ପ୍ରତିଦ୍ୱନ୍ଦ୍ୱୀ ବ୍ରାଜିଲଠାରୁ ୪-୧ ଗୋଲ୍‌ରେ ପରାଜୟ ବରଣ କରିବାର ୩ ଦିନ ପରେ ଜୁନିୟର ବ୍ରାଜିଲିଆନ ଫୁଟ୍‌ବଲ କନ୍‌ଫେଡେରେଶନ ସଭାପତି ଏଡ୍‌ନାଲ୍‌ଡୋ ରୋଡ୍ରିଗ୍ସଙ୍କ ଦ୍ୱାରା ବହିଷ୍କୃତ ହୋଇଛନ୍ତି। ଦଳ ପାଇଁ ନୂଆ କୋଚ୍ ଖୋଜା ଚାଲିଛି। ୨୦୨୬ ବିଶ୍ୱକପ୍ ପାଇଁ ସାଉଥ ଆମେରିକାନ କ୍ୱାଲିଫାଇଂରେ ବ୍ରାଜିଲ ୫ମ ସ୍ଥାନ ଅଧିକାର କରିଛି। ପ୍ରତିଯୋଗିତାରୁ ଶ୍ରେଷ୍ଠ ୬ଟି ଦଳ ଆପେ ଯୋଗ୍ୟତା ଅର୍ଜନ କରିବେ। ୬୨ବର୍ଷୀୟ ଜୁନିୟରଙ୍କ ଅଧୀନରେ ବ୍ରାଜିଲ ୭ଟି ମ୍ୟାଚରେ ବିଜୟ ଲାଭ କରିଥିବା ବେଳେ ଅନ୍ୟ ୭ଟି ଡ୍ର ରଖିଛି। ଦଳ ଦୁଇଟି ମ୍ୟାଚରେ ପରାଜୟ ବରଣ କରିଛି। କିନ୍ତୁ ଦଳ ଏହାର ଗତ ୪ଟି ମ୍ୟାଚରେ ଗୋଟିଏ ବିଜୟ ଲାଭ କରିଛି। ଦଳ ୨୫ ଗୋଲ୍ ସ୍କୋର କରିଥିବା ବେଳେ ୧୭ଟି ଗୋଲ୍ ବରଣ କରିଛି। ଗତବର୍ଷ କୋପା ଆମେରିକାରେ ବ୍ରାଜିଲ କ୍ୱାର୍ଟରଫାଇନାଲରେ ପେନାଲ୍ଟି ଜରିଆରେ ଉରୁଗୁଏଠାରୁ ପରାଜିତ ହୋଇଥିଲା। ସୂଚନାଯୋଗ୍ୟ, ରୋଡ୍ରିଗ୍ସ ଗତ ସୋମବାର କନ୍‌ଫେଡେରେଶନ ମୁଖ୍ୟ ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ତାଙ୍କ କାର୍ଯ୍ୟକାଳ ୨୦୩୦ ପର୍ଯ୍ୟନ୍ତ ରହିବ।

## ଜୋକୋଭିଚ୍ ଫାଇନାଲରେ

**ମାୟାମି ଗାର୍ଡେନ୍ସ, ୨୯।୩ (ଏପି):** ନୋଭାକ ଜୋକୋଭିଚ୍ ତାଙ୍କ କ୍ୟାରିୟରରେ ଆଉ ଏକ ମାୟାମି ଓପନ ଟାଇଟଲର ନିକଟତର ହୋଇଛନ୍ତି। ସ୍ଥାନୀୟ ହାର୍ଡ ରକ୍ ଷ୍ଟାଡିୟମରେ ଶୁକ୍ରବାର ରାତିରେ ଅନୁଷ୍ଠିତ ସେମିଫାଇନାଲରେ ୧୪ତମ ସିଡ୍ ଗ୍ରିଗୋର୍ ଦିମିତ୍ରୋଭଙ୍କୁ ୬-୨, ୬-୩ରେ ପରାସ୍ତ କରି ସେ ମାୟାମି ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଟାଇଟଲ ମୁକାବିଲାରେ ସେ ଅଣସିଡ୍ ତଥା ୧୯ବର୍ଷୀୟ ଜାକବ ମେନ୍‌ସିକ୍‌ଙ୍କୁ ଭେଟିବେ। ମେନ୍‌ସିକ୍ ଅନ୍ୟ ଏକ ସେମିଫାଇନାଲରେ ୩ୟ ସିଡ୍ ଟେଲର ଫ୍ରିଜ୍‌ଙ୍କୁ ୭-୬ (୭-୪), ୪-୬, ୭-୬ (୭-୪)ରେ ହରାଇ ଦେଇଛନ୍ତି। ସୂଚନାଯୋଗ୍ୟ, ୩୭ ବର୍ଷୀୟ ଜୋକୋଭିଚ୍ ଟୁର୍ନାମେଣ୍ଟର ପୂର୍ବ ଭେନ୍ୟୁ କି' ବିସ୍‌କେନିଠାରେ ୬ଥର ଚାମ୍ପିୟନ ହୋଇଛନ୍ତି।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ